ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୧/୨୦୧୯ (୧୬ ପୃଷ୍ଠା) | Bhubaneswar, Friday, October 11/2019 | ★★★★

୪୫ଶ ଭାଗ ୩୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-


# ପ୍ଲାଷ୍ଟିକ୍ ଖାଦକ ବ୍ୟାକ୍ଟେରିଆ ଆବିଷ୍କୃତ

## ଭାରତୀୟ ବୈଜ୍ଞାନିକଙ୍କ ସଫଳତା



ନୂଆଦିଲ୍ଲୀ,୧୦।୧୦(ପି.ଟି.)

ଭାରତୀୟ ବୈଜ୍ଞାନିକମାନେ ଗ୍ରେଟର ନଏଡାର ଆର୍ଦ୍ରଭୂମିରୁ ପ୍ଲାଷ୍ଟିକ୍ ଖାଦକ ବ୍ୟାକ୍ଟେରିଆର ସନ୍ଧାନ ପାଇଛନ୍ତି। ପ୍ଲାଷ୍ଟିକ୍ ବର୍ଜ୍ୟ ଏବେ ସାରା ବିଶ୍ୱ ପାଇଁ ସମସ୍ୟା ସୃଷ୍ଟି କରିଥିବାବେଳେ ଏହାକୁ ନଷ୍ଟ କରିବା ଦିଗରେ ଭାରତୀୟ ବୈଜ୍ଞାନିକମାନଙ୍କ ଏହି ଆବିଷ୍କାର ସହାୟକ ହୋଇପାରିବ। ପ୍ଲାଷ୍ଟିକ୍ ବର୍ଜ୍ୟ ନଷ୍ଟ କରିବାରେ ଏହା ପରିବେଶ ଅନୁକୂଳ ବିକଳ୍ପ ହେବ ବୋଲି କୁହାଯାଉଛି।

ଗ୍ରେଟର ନଏଡାସ୍ଥିତ ଶିବ ନାଦର ବିଶ୍ୱବିଦ୍ୟାଳୟର ଗବେଷକମାନେ ଉଦ୍ଭାବନ କରିଥିବା ଏହି ବ୍ୟାକ୍ଟେରିଆର ପଲିଷ୍ଟିରିନ୍ ବିଘଟନ କ୍ଷମତା ରହିଛି। ଗୋଟିଏ ଥର ବ୍ୟବହୃତ ପ୍ଲାଷ୍ଟିକ୍‌ର ମୁଖ୍ୟ ଉପାଦାନ ହେଉଛି ପଲିଷ୍ଟିରିନ୍। ବିଶ୍ୱବିଦ୍ୟାଳୟ ନିକଟରେ ଥିବା ଆର୍ଦ୍ରଭୂମିରୁ ମିଳିଥିବା ଏହି ବ୍ୟାକ୍ଟେରିଆର ନାଁ ଏକ୍ସିଗୁବ୍ୟାକ୍ଟେରିୟମ୍ ସିବିରିକମ୍ ଷ୍ଟ୍ରେନ୍ ଡିଆର୍୧୧ ଏବଂ ଏକ୍ସିଗୁବ୍ୟାକ୍ଟେରିୟମ୍ ଅନ୍‌ଡାଏ ଷ୍ଟ୍ରେନ୍ ଡିଆର୍୧୪ ରଖାଯାଇଛି। ରୟାଲ ସୋସାଇଟି ଅଫ୍ କେମେଷ୍ଟ୍ରି (ଆର୍‌ଏସ୍‌ସି) ଆଡଭାନ୍ସେସ୍ ପତ୍ରିକାରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ, ପଲିଷ୍ଟିରିନ୍‌ର ଉଚ୍ଚ ଆଣବିକ ଗୁରୁତ୍ୱ ଓ ଦୀର୍ଘ ଶୃଙ୍ଖଳ ପଲିମର ବିନ୍ୟାସ ଯୋଗୁ ଏହା ବିଘଟନ ହୋଇ ନ ଥାଏ। ଫଳରେ ଏହା ପରିବେଶ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଛି। ପଲିଷ୍ଟାଇରିନ୍‌ର ମାତ୍ରାଧିକ ଉତ୍ପାଦନ ଓ ବିଭିନ୍ନ ସେକ୍ଟରରେ ଏହାର ବ୍ୟାପକ ବ୍ୟବହାର ପରିବେଶ ପାଇଁ ବିପଦ ସୃଷ୍ଟି କରିବା ସହ ବର୍ଜ୍ୟ ପରିଚାଳନା ଦିଗରେ ସମସ୍ୟା ଭାବେ ଉଭା ହୋଇଥିବା ଗବେଷକମାନେ ଉଲ୍ଲେଖ କରିଛନ୍ତି। ଆବିଷ୍କୃତ ବ୍ୟାକ୍ଟେରିଆ ପଲିଷ୍ଟିରିନ୍‌କୁ ନଷ୍ଟ କରିବାରେ ସକ୍ଷମ ଏବଂ ଏହାକୁ ପ୍ଲାଷ୍ଟିକ୍‌ଜନିତ ପରିବେଶ ପ୍ରଦୂଷଣ ରୋକିବାରେ ବ୍ୟବହାର କରାଯାଇପାରିବ ବୋଲି ଶିବ ନାଦର ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ରିଚା ପ୍ରିୟଦର୍ଶିନୀ କହିଛନ୍ତି।

ଆର୍ଦ୍ରଭୂମି ଅନେକ ଅଣୁଜୀବଙ୍କ ବାସସ୍ଥାନ ହୋଇଥିଲାବେଳେ ଏହା ପ୍ରାୟତଃ ଅନାବିଷ୍କୃତ ରହିଆସିଛି। ସେଠାରୁ ପରିବେଶ ଉପଯୋଗୀ ତଥା ବାୟୋଟେକ୍‌ନୋଲୋଜି କ୍ଷେତ୍ରରେ ବ୍ୟବହାରଯୋଗ୍ୟ ବ୍ୟାକ୍ଟେରିଆକୁ ବାହାର କରିବାକୁ ହେବ ବୋଲି ରିଚା କହିଛନ୍ତି। ସ୍କୁଲ୍ ଅଫ ନାଚୁରାଲ ସାଇନ୍ସେସ୍‌ର ଜୀବବିଜ୍ଞାନ ବିଭାଗରେ କାର୍ଯ୍ୟରତ ଟିମ୍ ସହ ସେ ଏହି ବ୍ୟାକ୍ଟେରିଆକୁ ଆବିଷ୍କାର କରିଛନ୍ତି।

ଶିଳ୍ପ ବିଭାଗର ଆକଳନ ଅନୁଯାୟୀ ଭାରତରେ ବର୍ଷକୁ ପ୍ରାୟ ୧୬.୫ ନିୟୁତ ଟନ୍ ପ୍ଲାଷ୍ଟିକ୍ ବ୍ୟବହୃତ ହେଉଛି। ଅଖିଳ ଭାରତୀୟ ପ୍ଲାଷ୍ଟିକ୍ ଉତ୍ପାଦନକାରୀ ସଂଘର ଆକଳନ ଅନୁଯାୟୀ ବର୍ଷକୁ ପାଖାପାଖି ୧୪ ନିୟୁତ ଟନ୍ ପଲିଷ୍ଟିରିନ୍ ଉତ୍ପାଦନ ହେଉଛି ଯାହା ଜୈବିକ ଉପାୟରେ ବିଘଟିତ ହୋଇ ନ ଥାଏ। ଦୀର୍ଘ ୪୫୦ବର୍ଷ ହେଲା ଜମାହୋଇ ରହିଥିବା ପ୍ଲାଷ୍ଟିକ୍ ଉଭୟ ସ୍ଥଳ ଓ ଜଳଜୀବଙ୍କ ଲାଗି ବିପଦ ସୃଷ୍ଟି କରିଥିବା ଗବେଷକ କହିଛନ୍ତି। ପ୍ଲାଷ୍ଟିକ୍ ଖାଦକ ବ୍ୟାକ୍ଟେରିଆ ଏକ ଉଲ୍ଲେଖନୀୟ ଆବିଷ୍କାର। ପ୍ରାକୃତିକ ଉପାୟରେ ପ୍ଲାଷ୍ଟିକ୍‌କୁ ନଷ୍ଟ କରିବା ବହୁଦିନର ସ୍ୱପ୍ନ ଥିଲା ଯାହାର ସମାଧାନ ହୋଇପାରିଛି ବୋଲି ଶିବ ନାଦର ବିଶ୍ୱବିଦ୍ୟାଳୟର କୁଳପତି ରୂପାମଞ୍ଜରୀ ଘୋଷ କହିଛନ୍ତି।

# ଓଲ୍‌ଗା, ପିଟରଙ୍କୁ ସାହିତ୍ୟରେ ନୋବେଲ



ଓଲ୍‌ଗା ଟୋକାରଜୁକ୍ | ପିଟର ହାଣ୍ଡକେ

**ଷ୍ଟକ୍‌ହୋମ,୧୦।୧୦(ଏଏଫ୍‌ପି):** ପୋଲାଣ୍ଡ ଲେଖକ ଓଲ୍‌ଗା ଟୋକାରଜୁକ୍ ଏବଂ ଅଷ୍ଟ୍ରିଆର ଔପନ୍ୟାସିକ ପିଟର ହାଣ୍ଡକେଙ୍କୁ ଯଥାକ୍ରମେ ୨୦୧୮ ଓ ୨୦୧୯ ବର୍ଷ ଲାଗି ସାହିତ୍ୟରେ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଓଲ୍‌ଗା ହେଉଛନ୍ତି ତାଙ୍କ ସମୟର ଶ୍ରେଷ୍ଠ ଔପନ୍ୟାସିକା। ଜୀବନଶୈଳୀକୁ ନେଇ ଓଲ୍‌ଗାଙ୍କର ବିସ୍ତୃତ ତଥ୍ୟଭିତ୍ତିକ ଆବେଗଭରା ପରିକଳ୍ପନା ପାଇଁ ତାଙ୍କୁ ଏହି ଶ୍ରେଷ୍ଠ ପୁରସ୍କାରରେ ସମ୍ମାନିତ କରାଯାଇଛି। ଅନ୍ୟପକ୍ଷରେ ହାଣ୍ଡକେଙ୍କୁ ତାଙ୍କର ପ୍ରଭାବଶାଳୀ ସାହିତ୍ୟ ସୃଷ୍ଟି ଲାଗି ଏହି ପୁରସ୍କାର ମିଳିବାକୁ ଯାଉଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ହାଣ୍ଡକେ ୟୁରୋପରେ ନିଜକୁ ସବୁଠୁ ପ୍ରଭାବଶାଳୀ ସାହିତ୍ୟିକ ଭାବେ ପ୍ରତିଷ୍ଠିତ କରାଇପାରିଥିଲେ। ତାଙ୍କ ସୃଜନଶୀଳତା ଦୃଢ଼ ଇଚ୍ଛାଶକ୍ତିରେ ପୂର୍ଣ୍ଣ, ଯାହାକୁ ନୂତନ ସାରସ୍ୱତ ଅଭିବ୍ୟକ୍ତି ଜୀବନ୍ତ କରିଥାଏ। ଉଭୟ ସାହିତ୍ୟିକଙ୍କୁ ପୁରସ୍କାର ବାବଦରେ ୯ ନିୟୁତ କ୍ରୋନର (ପାଖାପାଖି ୯୧୨,୦୦୦ ଡଲାର) ମିଳିବ। ଏହି ସମ୍ମାନଜନକ ପୁରସ୍କାର ପାଇବାରେ ଓଲ୍‌ଗା ହେଉଛନ୍ତି ୧୫ତମ ମହିଳା। ୧୯୦୧ରୁ ସାହିତ୍ୟରେ ଏପର୍ଯ୍ୟନ୍ତ ୧୧୬ ଜଣଙ୍କୁ ନୋବେଲ ପୁରସ୍କାର ମିଳିଛି। ଗତବର୍ଷ ଏକ ଯୌନ ନିର୍ଯାତନା ମାମଲାକୁ ନେଇ ଏହି ପୁରସ୍କାର ଘୋଷଣା ବିଳମ୍ବିତ ହୋଇଥିଲା।


ଆଜିର ସମ୍ପାଦକୀୟ
ନୈରାଶ୍ୟଜନକ



Taste the difference! Vencobb Fresh CHICKEN

10.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 67 | 115 | 125 |
| CTC | 66 | 114 | 124 |
| DKL | 66 | 114 | 124 |
| BDK | 66 | 114 | 124 |
| BLS | 68 | 116 | 126 |
| ANG | 67 | 115 | 125 |
| BHM | 64 | 111 | 121 |

*Conditions Apply

Issued in the Interest of Consumers






## ବିଲେଇ ମାରି ୯,୧୫୦ ଜରିମାନା ଦେଲେ

ଗତବର୍ଷ ଚେମ୍ବୁରରେ ଏକ ବିଲେଇକୁ ନିର୍ମମ ଭାବେ ମାଡ଼ମାରି ଜୀବନରେ ଶେଷ କରିଦେଇଥିବା ଜଣେ ଯୁବକଙ୍କୁ ମୁମ୍ବାଇର ଏକ କୋର୍ଟ ୯,୧୫୦ ଟଙ୍କା ଜରିମାନାଦେଶ କରିଛନ୍ତି। ଅଭିଯୁକ୍ତ ସଞ୍ଜୟ ଗାଡ଼େଙ୍କୁ ଆଇପିସିର ୪୨୮ ଧାରାରେ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ଆର.ପି. ପଜଙ୍କର ଏହି ଦଣ୍ଡ ଶୁଣାଇଛନ୍ତି।

# 'ବାଲା' ଟ୍ରେଲର ରିଲିଜ୍

## ଚନ୍ଦା ଆୟୁଷ୍ମାନ୍‌ଙ୍କ ସହ ୟାମି ଓ ଭୂମିଙ୍କ ଦମ୍‌ଦାର କମେଡି



**ମୁମ୍ବାଇ:** ଶେଷରେ ବହୁ ପ୍ରତୀକ୍ଷିତ ଫିଲ୍ମ 'ବାଲା'ର ଟ୍ରେଲର ରିଲିଜ୍ ହୋଇଛି। ବଲିଉଡ୍ ଭର୍ସାଟାଇଲ୍ ଆକ୍ଟର ଆୟୁଷ୍ମାନ୍ ଖୁରାନା, ଭୂମି ପାଡନେକର୍ ଓ ୟାମି ଗୌତମଙ୍କ ଅଭିନୀତ ଏହି ଫିଲ୍ମର ଟ୍ରେଲର ସୋସିଆଲ ମିଡିଆରେ ଟ୍ରେଣ୍ଡ୍ କରୁଛି। ପ୍ରତିଥର ଭଳି ଏଥର ମଧ୍ୟ ଆୟୁଷ୍ମାନ୍‌ଙ୍କ ଦମ୍‌ଦାର ଅଭିନୟ ସହ ଭରପୂର କମେଡି ଦେଖିବାକୁ ମିଳିଛି ଟ୍ରେଲରରେ। ଆୟୁଷ୍ମାନ୍‌ଙ୍କ ଡାଏଲଗ୍ ମଧ୍ୟ କିଛି ଏଭଳି ହୋଇଛି, ଯାହାକୁ ଶୁଣି ଆପଣ ନିଜ ହସ ରୋକିପାରିବେ ନାହିଁ। ଖାସ୍ ଏଇଥିପାଇଁ ୨.୪୭ ମିନିଟ୍‌ର ଏହି ଟ୍ରେଲରକୁ ନେଇ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି ମଜାଦାର ମିମ୍ସ। ଫିଲ୍ମରେ ଆୟୁଷ୍ମାନ୍ ଜଣେ ଏଭଳି ବ୍ୟକ୍ତିଙ୍କ ଚରିତ୍ରରେ ନଜରକୁ ଆସିବେ, ଯିଏ ନିଜ ଚନ୍ଦାପଣ ସମସ୍ୟା ଯୋଗୁ ଚିନ୍ତାରେ ଥାଆନ୍ତି। ଆୟୁଷ୍ମାନ୍ ହୋଇଯାଇଛନ୍ତି ଚନ୍ଦା। ତେବେ ଏହି ଚନ୍ଦାପଣ ଯୋଗୁ ସେ ସମାଜରେ କିଭଳି ହାସ୍ୟାସ୍ପଦ ହୁଅନ୍ତି ଏବଂ ତାଙ୍କୁ ନେଇ ଲୋକଙ୍କ ମାନସିକତା କ'ଣ ରହିଛି ତାହା ହିଁ ଫିଲ୍ମର ବିଷୟବସ୍ତୁ। ଆୟୁଷ୍ମାନ୍‌ଙ୍କ ପ୍ରାୟ ସବୁ ଫିଲ୍ମ ସମାଜର ଅକୁହା ସତ୍ୟ କାହାଣୀ ଉପରେ ଆଧାରିତ। 'ବାଲା' ମଧ୍ୟ ଚନ୍ଦାପଣର ଶିକାର ଜଣେ ଯୁବକଙ୍କ କାହାଣୀ। ବର୍ତ୍ତମାନ ପିଢ଼ିରେ ଚନ୍ଦାପଣ ଏକ ସାଧାରଣ ସମସ୍ୟା ହୋଇ ଉପୁଜି ଥିବାବେଳେ ଆୟୁଷ୍ମାନ୍‌ଙ୍କ ଏଭଳି ଫିଲ୍ମ ଯୁବପିଢ଼ିଙ୍କୁ ବିଶେଷ ଭାବେ ପସନ୍ଦ ଆସିଛି। ପୂରା ଟ୍ରେଲରରେ ଆୟୁଷ୍ମାନ୍‌ଙ୍କ ଦମ୍‌ଦାର ଅଭିନୟ ଦେଖିବାକୁ ମିଳିଛି। ଏହାସହ ଭୂମି ଓ ୟାମି ମଧ୍ୟ ନଜରକୁ ଆସିଛନ୍ତି। ଆୟୁଷ୍ମାନ୍ ନିଜ ମୁଣ୍ଡରେ ପୁଣି କେଶ ଫେରି ପାଇବାକୁ ନାନା ଉପାୟ ଅବଲମ୍ବନ କରୁଥିବା ଟ୍ରେଲରରେ ଦେଖିବାକୁ ମିଳିଛି। ଏପରି କି ଘରୋଇ ଚିକିତ୍ସାଠାରୁ ଆରମ୍ଭ କରି ବାବାଙ୍କ ସହାୟତା ନେବା ଓ ହେୟାର ଟ୍ରାନ୍ସପ୍ଲାଣ୍ଟ କରିବାକୁ ମଧ୍ୟ ନିଷ୍ପତ୍ତି ନିଅନ୍ତି। କିନ୍ତୁ ସବୁ ଉପାୟ ଫେଲ୍ ମାରିବା ପରେ ଶେଷରେ ନିଜ ଆତ୍ମବିଶ୍ୱାସକୁ ଫେରାଇ ଆଣିବାକୁ ସାରା ଜୀବନ ୱିଗ୍ ପିନ୍ଧିବା ଲାଗି ସିଦ୍ଧାନ୍ତ କରନ୍ତି ଆୟୁଷ୍ମାନ୍। ଏପରି ଏକ ସାଧାରଣ ମଣିଷର ସାଧାରଣ ସମସ୍ୟାକୁ ନେଇ ପ୍ରସ୍ତୁତ ଫିଲ୍ମ 'ବାଲା' ଆସନ୍ତା ନଭେମ୍ବର ୭ରେ ରିଲିଜ୍ ହେବ।

# ଆଜିର ବାଳିକା: ସୁରକ୍ଷିତ ଜୀବନ ଓ ଅଧିକାର ଅପେକ୍ଷାରେ

କନ୍ୟାରତ୍ନ, କହିବା ଯେତିକି ସହଜ ତାହାକୁ ରତ୍ନ ଭଳି ଆଦର କରିବା ସେତିକି କଷ୍ଟ ମନେକରୁଛି ଆଜିର ସମାଜ। ଝିଅ-ପୁଅ ସମାନ ସ୍ଲୋଗାନ୍‌କୁ ନେଇ ଲୋକମାନଙ୍କୁ ସଚେତନ କରାଯାଉଛି, କିନ୍ତୁ ଝିଅମାନଙ୍କ ସହ ଭେଦଭାବ ଥମିବାର ନାଁ ଧରୁନି। କେବଳ ଭାରତରେ ନୁହେଁ, ସାରା ବିଶ୍ୱରେ ଏହି ସମସ୍ୟା ପରିଲକ୍ଷିତ ହେଉଛି। ବାଳିକାମାନଙ୍କ ପ୍ରତି ଅନ୍ୟାୟ ହେଉଛି। ଏହି କଥାକୁ ଗମ୍ଭୀରତାର ସହ ଉପଲବ୍ଧି କରି ମିଳିତ ଜାତିସଂଘ ପକ୍ଷରୁ ବାଳିକାଙ୍କ ସଶକ୍ତୀକରଣ ପାଇଁ ପ୍ରତିବର୍ଷ ଅକ୍ଟୋବର ୧୧ରେ 'ଆନ୍ତର୍ଜାତିକ ବାଳିକା ଦିବସ' ପାଳନ କରାଯାଉଛି। ୧୯ ଡିସେମ୍ବର ୨୦୧୧ରେ ଜାତିସଂଘ ସାଧାରଣ ପରିଷଦରେ ଏହି ଦିବସ ପାଳନ କରାଯିବା ପାଇଁ ଘୋଷଣା କରାଯିବା ପରେ ୨୦୧୨ରେ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା। ବାଳିକାମାନଙ୍କୁ ସମାନତାର ଅଧିକାର ଦେବା ତଥା ସେମାନଙ୍କ ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ୨୦୧୯ରେ ଏହି ଦିବସର ସ୍ଲୋଗାନ୍ 'ଗର୍ଲ ଫୋର୍ସ: ଅନ୍‌ସ୍କ୍ରିପ୍‌ଟେଡ୍ ଆଣ୍ଡ୍ ଅନ୍‌ଷ୍ଟପେବଲ' ବା 'ବାଳିକାଙ୍କ ଶକ୍ତି: ଅପ୍ରକାଶିତ ଓ ଅଜେୟ'ବୋଲି ରଖାଯାଇଛି। ବାଳିକାମାନଙ୍କ ପ୍ରତି କୌଣସି ଭେଦଭାବ ନକରିବା ପାଇଁ ବାର୍ତ୍ତା ଦିଏ ଏହି ଦିବସ। ଏକ ମହତର ଜୀବନ ବଞ୍ଚିବା ଲାଗି ସେମାନଙ୍କ ଅଧିକାର ରହିଛି ବୋଲି ଲୋକମାନଙ୍କୁ ଏହି ଦିବସରେ ସଚେତନ କରାଯାଏ। ଆଜି ବି ବାଳିକାମାନେ ସବୁ କ୍ଷେତ୍ରରେ ଉପେକ୍ଷିତ । ନା ମିଳୁଛି ସେମାନଙ୍କୁ ସମାନ ଶିକ୍ଷା,ନା ପୋଷଣ ଓ ନା ମିଳୁଛି କାମ କରିବାର ସୁଯୋଗ। ଏଣୁ ସେମାନଙ୍କ ପାଇଁ ବି ଏକ ସୁରକ୍ଷିତ ପରିବେଶର ଆବଶ୍ୟକତା ରହିଛି। ସେମାନଙ୍କ ପ୍ରତି ହେଉଥିବା ହିଂସା ଶେଷ କରିବାର ଏବର ଏକ ବଡ଼ ଆହ୍ୱାନ। ଏହା ସହ ବାଲ୍ୟ ବିବାହ, ଭ୍ରୁଣହତ୍ୟା ରୋକିବାର ଆବଶ୍ୟକତା ରହିଛି। ଏହି ସବୁ ସମସ୍ୟାକୁ ସମାଧାନ କରିବା ଲାଗି ଆନ୍ତର୍ଜାତିକ ବାଳିକା ଦିବସର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏକ ଆକଳନରୁ ଜଣାପଡିଛି ଯେ,ବିଶ୍ୱରେ ୬୨ ମିଲିୟନରୁ ଅଧିକ ବାଳିକା ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ୧୮ ବର୍ଷ ହେବା ପୂର୍ବରୁ ୪ ଜଣରେ ଜଣେ ବିବାହ କରୁଛନ୍ତି। ଦୁର୍ଭାଗ୍ୟର କଥା, ଭାରତରେ ଏବେ ବି କେତେକ ରାଜ୍ୟରେ ବାଳିକାଙ୍କ ପ୍ରତି ଭେଦଭାବ ରହିଥିବାରୁ ସେହି ସବୁ ରାଜ୍ୟରେ ବାଳିକାମାନଙ୍କ ସଂଖ୍ୟା କମ୍ ରହିଛି। ଏହି ସମସ୍ୟାକୁ ସୁଧାରିବା ପାଇଁ ଭାରତ ସରକାର 'ବେଟୀ ବଚାଓ, ବେଟୀ ପଢାଓ' ଆରମ୍ଭ କରିଛନ୍ତି। ଆଜିର ବାଳିକା ଭବିଷ୍ୟତର କର୍ମକର୍ତ୍ତା,ମାତା,ପରାମର୍ଶଦାତା, ପରିବାରର ମୁଖିଆ ଓ ରାଜନୈତିକ ନେତା ଭାବେ ନିଜକୁ ଠିଆ କରିବାର କ୍ଷମତା ରଖେ। ଏଣୁ ଆନ୍ତର୍ଜାତିକ ବାଳିକା ଦିବସ ପାଳନ ବାଳିକାଙ୍କ ଜୀବନକୁ ସୁରକ୍ଷିତ, ଶିକ୍ଷା ଓ ଭଗୀଦାରିକୁ ସୁନିଶ୍ଚିତ କରିବା ପାଇଁ ପ୍ରମୁଖ ଭୂମିକା ନେଇଆସୁଛି।




# ସଚିନଙ୍କ ଲୋମ ଟାଙ୍କୁରି ଉଠିଥିଲା

ଗାଜିଆବାଦ: ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ବାୟୁସେନାର ୮୭ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଗାଜିଆବାଦରେ ହିଣ୍ଡୋନ ଏୟାର ବେସ୍‌ରେ ପହଞ୍ଚିଥିଲେ। ଏହି ଅବସରରେ ପାକିସ୍ତାନର ଏଫ-୧୬ ଯୁଦ୍ଧ ବିମାନକୁ ଖସାଇ ଦେଇଥିବା ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନ ମଧ୍ୟ ନିଜ ଯୁଦ୍ଧ କୌଶଳ ପ୍ରଦର୍ଶନ କରିଥିଲେ। ଅଭିନନ୍ଦନଙ୍କୁ ଦେଖି ସଚିନଙ୍କ ଲୋମ ଟାଙ୍କୁରି ଉଠିଥିଲା। ଏହାର ଏକ ଭିଡିଓ ଟୁଇଟରରେ ଅପ୍‌ଲୋଡ କରି ସେ ଏହା କହିଛନ୍ତି। ଅଭିନନ୍ଦନ ଏୟାର ଫୋର୍ସ କାର୍ଯ୍ୟକ୍ରମରେ ଭାଗନେଇ ମିଗ-୨୧ ବିସୋନ ଯୁଦ୍ଧ ବିମାନ ଉଡ଼ାଇଥିଲେ। ତାଙ୍କ ସହ ୩ଟି ମିରାଜ୍-୨୦୦୦ ଓ ଦୁଇଟି ସୁଖୋଇ ଏସୟୁ-୩୦ଏମ୍‌କେଆଇ ମଧ୍ୟ ଆକାଶରେ ନିଜର ଯାଦୁ ଦେଖାଇଥିଲେ। ସୂଚନାଯୋଗ୍ୟ,୨୦୧୦ରେ ସଚିନଙ୍କୁ ଏୟାରଫୋର୍ସରେ ଗ୍ରୁପ୍ କ୍ୟାପ୍ଟେନ୍ ର୍ୟାଙ୍କ୍ ଦିଆଯାଇଥିଲା।



# ସଫଳତା ସାଉଁଟୁଛି 'ଜୋକର'

**ମୁମ୍ବାଇ:** ଗାନ୍ଧୀ ଜୟନ୍ତୀ ଅବସରରେ ସିନେମା ଘରେ ମୁକ୍ତିଲାଭ କରିଥିବା ହଲିଉଡ୍ ଫିଲ୍ମ 'ଜୋକର' ମଧ୍ୟ ବକ୍ସ ଅଫିସ୍‌ରେ ଜବରଦସ୍ତ କଲେକ୍ସନ କରିଛି। ଟୋଡ୍ ଫିଲିପ୍ସ ନିର୍ଦ୍ଦେଶନାରେ ନିର୍ମିତ ଫିଲ୍ମ 'ଜୋକର'ରେ ଜୋକ୍ୱିନ୍ ଫୋଏନିକ୍ସ ମାନସିକ ରୋଗରେ ପୀଡ଼ିତ ଅସଫଳ ଷ୍ଟାଣ୍ଡଅପ୍ କମେଡିଆନ ଆର୍ଥର ଫ୍ଲେକ୍ସଙ୍କ ଭୂମିକାରେ ନଜର ଆସିଛନ୍ତି। ଭାରତର ମେଟ୍ରୋ ସିଟିର କେତେକ ହଲ୍‌ରେ ଏହା ରିଲିଜ୍ ହୋଇଥିବାବେଳେ ପ୍ରଥମ ସପ୍ତାହରେ ଫିଲ୍ମଟି ୩୨.୭ କୋଟି ଟଙ୍କାର ବ୍ୟବସାୟ କରିଛି। ପ୍ରଥମ ଦିନରେ ଏହା ୫.୧୫ କୋଟି ଟଙ୍କା ଆୟ କରିଥିଲା। ଜୋକ୍ୱିନ୍‌ଙ୍କ ବ୍ୟତୀତ ରବର୍ଟ ଡି ନିରୋ, ବିଲ୍ କାମ୍ପ, ଫ୍ରାନ୍ସେସ୍ କୋନରଏ, ବ୍ରିଟ୍ କଲେନ୍, ଗ୍ଲନ୍ ଫ୍ଲେସଲର, ମାର୍କ ମାରୋନ୍ ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଅନ୍ୟପଟେ ପ୍ରଥମ ସପ୍ତାହରେ ବକ୍ସ ଅଫିସ୍‌ରେ ଜୋର୍‌ଦାର ରୋଜଗାର କରିଛି ହ୍ରିତିକ୍ ରୋଶନ ଓ ଟାଇଗର ସ୍ରଫ୍‌ଙ୍କ ଅଭିନୀତ ଫିଲ୍ମ ୱାର୍। ଭାରତରେ ୪ ହଜାର ସ୍କ୍ରିନ୍‌ରେ ରିଲିଜ୍ ହୋଇଥିବା ଏହି ଫିଲ୍ମ ୮ ଦିନ ଭିତରେ ୨୧୬.୬୫ କୋଟି ଟଙ୍କା ରୋଜଗାର କରିଛି। ଯଶ୍‌ରାଜ ବ୍ୟାନରରେ ନିର୍ମିତ ଏହି ଫିଲ୍ମରେ ସିଦ୍ଧାର୍ଥ ଆନନ୍ଦ ନିର୍ଦ୍ଦେଶନା ଦେଇଛନ୍ତି। ପ୍ରି ସେଲିଂରେ ଏହା ୩୦ କୋଟିରୁ ଊର୍ଦ୍ଧ୍ୱ ଆୟ କରିଥିବାବେଳେ ରିଲିଜର ପ୍ରଥମ ଦିନରେ ଫିଲ୍ମଟି ୫୧.୬୦ କୋଟି ଟଙ୍କା କଲେକ୍ସନ କରିଥିଲା। ଏଥିସହ ଚଳିତବର୍ଷ ରିଲିଜ ହୋଇଥିବା ସମସ୍ତ ବଲିଉଡ୍ ଫିଲ୍ମ ମଧ୍ୟରୁ ଅଧିକ ଆୟ କରି ହ୍ରିତିକ୍-ଟାଇଗରଙ୍କ ମୁଭି 'ୱାର୍' ରେକର୍ଡ ସୃଷ୍ଟି କରିଛି। ଆକ୍ସନ, ଥ୍ରୀଲର ଓ ସସ୍‌ପେନ୍ସକୁ ନେଇ ନିର୍ମିତ ଏହି ଫିଲ୍ମରେ ଟାଇଗର ହ୍ରିତିକ୍‌ଙ୍କ ଶିଷ୍ୟ ଭୂମିକାରେ ନଜର ଆସିଛନ୍ତି।

## ୩୦୦ କୋଟି କ୍ଲବରେ ସାମିଲ ହେବ 'ୱାର୍'




## କନ୍ୟା ବିବାହ ଯୋଜନାରେ ଅଭିନବ ସର୍ତ୍ତ

# ଶୌଚାଳୟ ସହ ସେଲ୍ଫି ଦେବେ ବର

**ଭୋପାଳ:** ସ୍ୱଚ୍ଛ ଭାରତ ଅଭିଯାନକୁ ପ୍ରୋତ୍ସାହିତ କରିବା ପାଇଁ କନ୍ୟା ବିବାହ ଯୋଜନାରେ ଏକ ଅଭିନବ ସର୍ତ୍ତ ରଖିଛନ୍ତି ମଧ୍ୟପ୍ରଦେଶ ସରକାର। କନ୍ୟା ବିବାହ ଯୋଜନାରେ ୫୧ହଜାର ଟଙ୍କାର ପ୍ରୋତ୍ସାହନ ରାଶି ରଖିଛନ୍ତି ସେଠାକାର ସରକାର। ତେବେ ଏହି ରାଶି ପାଇବାକୁ ଆବେଦନ କରିବା ପାଇଁ ବରକୁ ଘରେ ଥିବା ଶୌଚାଳୟ ଆଗରେ ସେଲ୍ଫି ନେଇ ତାହାକୁ ଦାଖଲ କରିବାକୁ ହେବ। ବରମାନଙ୍କ ପାଇଁ ଏହା ଏଭଳି ଏକ ପ୍ରି-ୱେଡିଂ ଫଟୋ-ଶୁଟ୍ ଯାହାକୁ ବିବାହ ପରେ ହୁଏତ କେହି ମନେ ରଖି ନ ପାରନ୍ତି। କିନ୍ତୁ ବିବାହ ପୂର୍ବରୁ ଏହା ଜରୁରୀ ନିଶ୍ଚୟ। ସରକାରୀ କର୍ମଚାରୀ ଶାଶୁ ଘରେ ଶୌଚାଳୟ ଅଛି କି ନାହିଁ, ତାହା ତଦାରଖ କରିବା ପାଇଁ ସବୁ ଜାଗାକୁ ଯାଇପାରିବା ସମ୍ଭବ ନୁହେଁ। ତେଣୁ ଏଭଳି ସେଲ୍ଫି ପନ୍ଥା ଆପଣାଇଛନ୍ତି ସରକାର। ଏଭଳି ନିୟମରେ ଏକ କୋହଳ ସର୍ତ୍ତ ମଧ୍ୟ ରଖାଯାଇଛି। ଆଉ ତାହା ହେଉଛି କନ୍ୟା ବିବାହ ଯୋଜନାର ପ୍ରୋତ୍ସାହନ ରାଶିର ଲାଭ ଉଠାଇବାକୁ ହେଲେ ବର ବିବାହର ମାସକ ଭିତରେ ଶୌଚାଳୟ ନିର୍ମାଣ କରିବେ। ଉଲ୍ଲେଖଯୋଗ୍ୟ ଯେ, ଭୋପାଳରୁ ୯୦ କିମି ଦୂର ସିଲୱାନୀରେ ଏକ ବିବାହ ପ୍ରମାଣପତ୍ର ପାଇଁ ସରକାରୀ କର୍ମଚାରୀ ଅନୁମୋଦନ ଦେଇ ନ ଥିଲେ। ଯେହେତୁ ବର ନିଜ ଘରର ଶୌଚାଳୟ ଆଗରେ ସେଲ୍ଫିର ପ୍ରମାଣ ଦେଇ ନ ଥିଲେ। ଆର୍ଥିକ ସ୍ତରରେ ପଛୁଆ ବର୍ଗଙ୍କ ପାଇଁ ଏହି କନ୍ୟା ବିବାହ ଯୋଜନା ରହିଛି।



# ସ୍କୁଲ ପାଠପଢ଼ା ବେଳୁ ଥିଲା ସାହିତ୍ୟ ପ୍ରତି ଆକର୍ଷଣ


ପିଟର ହାଣ୍ଡ୍‌କେ

**ଭିଏନା:** ଅଷ୍ଟ୍ରିଆର ପିଟର ହାଣ୍ଡ୍‌କେଙ୍କୁ ୨୦୧୯ ବର୍ଷ ଲାଗି ସାହିତ୍ୟରେ ନୋବେଲ ପୁରସ୍କାର ଲାଗି ମନୋନୀତ କରାଯାଇଛି। ସାହିତ୍ୟ ପ୍ରତି ତାଙ୍କର ରହିଥିବା ଅହେତୁକ ରୁଚି ସ୍କୁଲରେ ପାଠପଢ଼ିବା ବେଳୁ ରହିଆସିଛି। ଜର୍ମାନ୍ ଭାଷାରେ ସେ ଅନେକ ସାହିତ୍ୟ ରଚନା କରିଥିବାବେଳେ ଅନେକ ସମ୍ମାନର ମଧ୍ୟ ଅଧିକାରୀ ହୋଇପାରିଛନ୍ତି। ୧୯୪୨ ଡିସେମ୍ବର ୬ରେ ଜନ୍ମଗ୍ରହଣ କରିଥିବା ହାଣ୍ଡ୍‌କେ କ୍ୟାଥୋଲିକ ବୋର୍ଡିଂ ସ୍କୁଲରେ ପାଠପଢ଼ିଥିଲେ। ସ୍କୁଲ ମାଗାଜିନରେ ପ୍ରଥମ ଥର ଲାଗି ତାଙ୍କର ଲେଖା ପ୍ରକାଶ ପାଇଥିଲା। ପରେ ସେ ବିଭିନ୍ନ ଯୁବ ଲେଖକଙ୍କ ସଂସ୍ପର୍ଶରେ ଆସି ନିଜ ଲେଖାକୁ ଶାଣିତ କରିଥିଲେ। ୧୯୭୧ରେ ମା'ଙ୍କ ଆତ୍ମହତ୍ୟା ତାଙ୍କୁ ଗଭୀର ଆଘାତ ଦେଇଥିଲେ ହେଁ କେବେ ସେ ଲେଖାଠାରୁ ଦୂରେଇ ରହି ନ ଥିଲେ। ସ୍ୱଲିଖିତ 'ଦ ହର୍ନେଟ୍ସ' ଏବଂ ନାଟକ 'ଅଫେଣ୍ଡିଂ ଦ ଅଡିଏନ୍ସ' ବେଶ୍ ଚର୍ଚ୍ଚିତ ଥିଲା। ୧୯୯୬ରେ ତାଙ୍କର 'ଏ ଜର୍ନି ଅଫ୍ ଦ ରିଭର: ଜଷ୍ଟିସ ଫର୍ ସର୍ବିୟା' ଝଡ଼ ସୃଷ୍ଟି କରିଥିଲା। ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ହାଣ୍ଡକେଙ୍କ ଲେଖା ଓ ମାନବୀୟ ଅଭିଜ୍ଞତା ତାଙ୍କୁ ବଳିଷ୍ଠ କରିପାରିଥିବା ସ୍ୱିଡିଶ୍ ଏକାଡେମୀ ପକ୍ଷରୁ କୁହାଯାଇଛି। ବିଭିନ୍ନ ଗଳ୍ପ, ଉପନ୍ୟାସ ଆଦି ଲେଖିବା ସହ ଜର୍ମାନ ନିର୍ଦ୍ଦେଶକ ତଥା ବନ୍ଧୁ ୱିମ୍ ୱେଣ୍ଡର୍ସଙ୍କୁ ନେଇ ସେ ଫିଲ୍ମ ସ୍କ୍ରିପ୍ଟ ଲେଖିବା ଆରମ୍ଭ କରିଥିଲେ। ଏମିତିକି ଅନେକ ଫିଲ୍ମରେ ସେ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି।

# ସାହିତ୍ୟ ଲାଗି ହତ୍ୟା ଧମକ ମିଳିଥିଲା

**ୱାର୍ସ:** ପୋଲାଣ୍ଡ ଜନ୍ମିତ ଔପନ୍ୟାସିକ ଓଲ୍‌ଗା ଟୋକାରଜୁକ(୫୭)ଙ୍କୁ ୨୦୧୮ ବର୍ଷ ଲାଗି ସାହିତ୍ୟରେ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଜଣେ ନିରାମିଷାଶୀ ଓ ପରିବେଶବିତ୍ ଭାବେ ସେ ବେଶ୍ ଜଣାଶୁଣା। ଜଣେ ରାଜନୈତିକ ସମୀକ୍ଷକ ଭାବେ ଆଇନଗତ ତ୍ରୁଟିକୁ ସେ ଲେଖା ମାଧ୍ୟମରେ ଲୋକଲୋଚନକୁ ଆଣୁଥିଲେ। ତାଙ୍କର ବିଭିନ୍ନ କବିତା, ସମାଲୋଚନାମୂଳକ ଲେଖା ପ୍ରକାଶ ପାଇଥିଲା। ଫଳରେ ୨୦୧୫ରେ ତାଙ୍କୁ ହତ୍ୟା ଧମକ ମିଳିଥିଲା। ଟୋକାରଜୁକ ଡଜନରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିଥିବାବେଳେ ଅନେକ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ପୋଲାଣ୍ଡର ନାଇକ୍ ଲିଟରାରି ଆୱାର୍ଡ, ବ୍ରିଟେନର ମ୍ୟାନ୍ ବୁକର ପ୍ରାଇଜ୍ ଭଳି ଅନେକ ପୁରସ୍କାର ତାଙ୍କୁ ମିଳିଛି। ତାଙ୍କର ଅନେକ ଲେଖା ନାଟକ ଓ ଫିଲ୍ମ ମାଧ୍ୟମରେ ପରିପ୍ରକାଶ ହୋଇଛି। ହିନ୍ଦୀ, ଜାପାନିଜ୍ ଭଳି ୨୫ ଭାଷାରେ ତାଙ୍କ ଲେଖା ପ୍ରକାଶ ପାଇଛି। ୧୯୬୨ରେ ଜନ୍ମଗ୍ରହଣ କରିଥିବା ଟୋକାରଜୁକ ୱାର୍ସ ବିଶ୍ୱବିଦ୍ୟାଳୟରେ ମନୋବିଜ୍ଞାନରେ ସ୍ନାତକୋତ୍ତର ପାସ୍ କରିଥିଲେ ହେଁ ସାହିତ୍ୟ ପ୍ରତି ତାଙ୍କର ଦୁର୍ବଳତା ରହିଥିଲା। ତାଙ୍କର ପ୍ରଥମ ଉପନ୍ୟାସ 'ଦ ଜର୍ନି ଅଫ୍ ଦ ପିପୁଲ ଅଫ୍ ଦ ବୁକ୍' ୧୯୯୩ରେ ଓ 'ଫ୍ଲାଇଟ୍' ୨୦୦୭ରେ ରିଲିଜ୍ ହୋଇଥିଲା। ୨୦୧୮ରେ ସେ ମ୍ୟାନ୍ ବୁକର ପ୍ରାଇଜ୍ ପାଇଥିଲେ। କେବଳ ସେତିକି ନୁହେଁ, ସେ ଅନେକ ସମ୍ମାନର ଅଧିକାରୀ। ନୋବେଲ ପୁରସ୍କାର ତାଙ୍କ ସାହିତ୍ୟ ରୁଚିକୁ ଅଧିକ ସୁଗମ କରିବାରେ ସାହାଯ୍ୟ କରିବ ବୋଲି କୁହାଯାଉଛି।


ଓଲ୍‌ଗା ଟୋକାରଜୁକ

## ବିଳମ୍ବରେ ପହଞ୍ଚିଲା ଆମ୍ବୁଲାନ୍ସ

# ଆଖିବୁଜିଲେ ମୁଖ୍ୟମନ୍ତ୍ରୀଙ୍କ ଭାଇ

**ଅହମଦାବାଦ:** ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀଙ୍କ ମାଉସୀ ପୁଅ ଭାଇ ଅନିଲଭାଇ ସାଙ୍ଗଭିଙ୍କ ରାଜକୋଟରେ ପରଲୋକ ହୋଇଯାଇଛି। ଏଥିଲାଗି ୧୦୮ ଆମ୍ବୁଲାନ୍ସ ଆସିବାରେ ହୋଇଥିବା ଅହେତୁକ ବିଳମ୍ବକୁ ଦୋଷ ଦିଆଯାଇଛି। ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ହସ୍ପିଟାଲକୁ ନେବା ଲାଗି ଆମ୍ବୁଲାନ୍ସକୁ ଫୋନ ଯୋଗେ ଡ଼କାଯାଇଥିଲା। ବହୁ ବିଳମ୍ବରେ ଆମ୍ବୁଲାନ୍ସ ପହଞ୍ଚିବା ପୂର୍ବରୁ ଅନିଲଭାଇ ଆଖି ବୁଜିଦେଇଥିଲେ। ଘଟଣାଟି ଗତ ୪ ତାରିଖରେ ଘଟିଥିବାବେଳେ ରାଜ୍ୟରେ ସ୍ୱାସ୍ଥ୍ୟାବସ୍ଥା ଓ ଏହାର ଭିତ୍ତିଭୂମିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟିକରିଛି। ଏନେଇ ପରିବାର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ରାଜକୋଟ ଜିଲାପାଳ ରେମ୍ୟା ମୋହନ ପ୍ରକାଶ କରିଛନ୍ତି। ସୌରାଷ୍ଟ୍ର କଳାକେନ୍ଦ୍ର ସୋସାଇଟି ନିକଟ ଅନିଲଭାଇଙ୍କ ଘର ନିକଟରେ ଆମ୍ବୁଲାନ୍ସ ପହଞ୍ଚିବା ଲାଗି ୩୯ ମିନିଟ ଲାଗିଥିବା ଜଣାପଡ଼ିଛି। ଘର ଠିକଣା ଖୋଜିବାରେ ବିଳମ୍ବ କାରଣରୁ ଆମ୍ବୁଲାନ୍ସ ପହଞ୍ଚିବାରେ ସମସ୍ୟା ସୃଷ୍ଟି ହୋଇଥିବା ଘଟଣା ପଦାକୁ ଆସିଛି। ରାଜକୋଟ ସ୍ୱାସ୍ଥ୍ୟ ବିଭାଗର ଆଞ୍ଚଳିକ ଉପନିର୍ଦ୍ଦେଶକ ଘଟଣାର ତଦନ୍ତ କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଅସ୍ୱାସ୍ଥ୍ୟକର ନୀତିକୁ ସମାଲୋଚନା କରାଯାଉଥିବାବେଳେ ଏଭଳି ବ୍ୟବସ୍ଥା କେବେ ସୁଧୁରିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏମିତି ଗୋଟାଏ ପେର ଗୋଟାଏ ଜୀବନ ପାଣିଫୋଟକା ପରି ଚାଲିଯାଉଥିବାବେଳେ ଆମ୍ବୁଲାନ୍ସ ସୁବିଧା ଆଉକେତେଦିନ ଲୋକଙ୍କ ପାଇଁ ସାତସପନ ହୋଇ ରହିଥିବ?









# ଏଣିକି ଅପରାହ୍ନ ୪ଟାରେ ବାନା ବନ୍ଧା

**ପୁରୀ ଅଫିସ, ୧୦।୧୦**

ଋତୁ ଚକ୍ରର ପରିବର୍ତ୍ତନରେ ଏବେ ଶୀତ ଋତୁର ଆଗମନ ହେବ। ସାଧାରଣତଃ କାର୍ତ୍ତିକ ମାସରୁ ଶୀତଋତୁ ଆରମ୍ଭ ହୋଇଥାଏ। କୁମାର ପୂର୍ଣ୍ଣିମା ଡାଲାରେ ଶୀତ ଆସେ ବୋଲି ଲୋକମୁଖରେ ରହିଛି। ଶୀତଦିନେ ଶୀଘ୍ର ସନ୍ଧ୍ୟା ହେଉଥିବାରୁ ଗୁରୁବାରଠାରୁ ଶ୍ରୀମନ୍ଦିର ନୀଳଚକ୍ରରେ ବାନା ବନ୍ଧା ସମୟ ପରିବର୍ତ୍ତନ କରାଯାଇଛି। ଏଣିକି ପ୍ରତିଦିନ ଅପରାହ୍ନ ୪ଟାରେ ବାନା ବନ୍ଧାଯିବ। ଚୂନରା ସେବକମାନେ ଅପରାହ୍ନ ୩ଟାରେ ଶ୍ରୀମନ୍ଦିର ଚୂଡ଼ାକୁ ଚଢି ୪ଟାରେ ବାନା ବାନ୍ଧିବେ ବୋଲି ସ୍ଥିର ହୋଇଛି।

ଶ୍ରୀମନ୍ଦିର ନୀଳଚକ୍ରରେ ପ୍ରତ୍ୟହ ବାନା ବନ୍ଧାଯାଇଥାଏ। ଗ୍ରୀଷ୍ମଦିନେ ଅପରାହ୍ନ ୪ଟାରେ ଚୂନରା ସେବକମାନେ ଶ୍ରୀମନ୍ଦିର ଚୂଡ଼ାରେ ଚଢି ୫ଟାରେ ବାନା ବାନ୍ଧିଥାନ୍ତି। ସେହିପରି ଶୀତଦିନେ ଅପରାହ୍ନ ୩ଟାରେ ଚଢି ୪ଟାରେ ବାନା ବାନ୍ଧିଥାନ୍ତି। ସୂର୍ଯ୍ୟାସ୍ତକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଥାଏ। ଏ ସମ୍ପର୍କରେ ଚୂନରା ନିଯୋଗ ସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଶୀତଋତୁ ଯୋଗୁ ଶୀଘ୍ର ସନ୍ଧ୍ୟା ହୋଇଯିବ। ତେଣୁ ଗୁରୁବାରଠାରୁ ଅପରାହ୍ନ ୪ଟାରେ ବାନା ବନ୍ଧାଯିବା ଆରମ୍ଭ ହୋଇଛି। ଏହି ସମୟ ଆସନ୍ତା ଫେବୃୟାରୀ ଶେଷ ପର୍ଯ୍ୟନ୍ତ ରହିବ। ଏହାପରେ ପୁନଶ୍ଚ ସମୟ ପରିବର୍ତ୍ତନ ହୋଇ ୫ଟାରେ ବାନା ବନ୍ଧାଯିବ। ସେହିପରି ଶ୍ରୀମନ୍ଦିର କାର୍ଯ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି, ଅଦ୍ୟାବଧି ଅପରାହ୍ନ ୪ଟା ସୁଦ୍ଧା ଭକ୍ତମାନେ ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟରେ ଧ୍ୱଜା ଦାଖଲ କରୁଥିଲେ। ମାତ୍ର ଶୁକ୍ରବାରଠାରୁ ଅପରାହ୍ନ ୩ଟା ସୁଦ୍ଧା ଧ୍ୱଜା ଦାଖଲ କରିବେ।




ଡ. ସୌମ୍ୟା ମହାପାତ୍ରଙ୍କ ସହ ଆଲୋଚନା

ଦେଖନ୍ତୁ ଭିଡିଓ

YouTube /dharitrilive

# ଭୁବନେଶ୍ୱର ଦେଇ ବିଶାଖାପାଟଣାରୁ ଆଲ୍ଲାହାବାଦ ଆଉ ଏକ ସ୍ପେଶାଲ ଟ୍ରେନ

**ଭୁବନେଶ୍ୱର, ୧୦।୧୦(ବ୍ୟୁରୋ):** ବିଶାଖାପାଟଣାରୁ ଆଲ୍ଲାହାବାଦକୁ ଆଉ ଏକ ସ୍ୱତନ୍ତ୍ର ଟ୍ରେନ ଭାୟା ଭୁବନେଶ୍ୱର ଦେଇ ଚଳାଚଳ ଆରମ୍ଭ କରିଛି। ଶୀତଋତୁ ଓ ପୂଜା ସମୟରେ ଗହଳି କମାଇବା ପାଇଁ ପ୍ରତି ମଙ୍ଗଳବାର ବିଶାଖାପଟଣା-ସୁବେଦାରଗଞ୍ଜ (ଆଲ୍ଲାହାବାଦ) ସୁବିଧା ସ୍ପେଶାଲ (୮୨୫୦୭-୮୨୫୦୮) ଚଳାଚଳର ବ୍ୟବସ୍ଥା କରାଯାଇଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।




ଏହି ଟ୍ରେନ ୨୧ ନଭେମ୍ବର ପର୍ଯ୍ୟନ୍ତ ସେବା ପ୍ରଦାନ କରିବ। ବିଶାଖାପାଟଣାରୁ ମଙ୍ଗଳବାର ରାତି ୧୧ଟା ୫୦ ବାହାରି ବୁଧବାର ସକାଳ ୭ଟାରେ ଭୁବନେଶ୍ୱରରେ ପହଞ୍ଚିବ। ସେହିଭଳି ସୁବେଦାରଗଞ୍ଜରୁ ପ୍ରତି ଗୁରୁବାର ପୂର୍ବାହ୍ନ ୧୦ଟା ୧୦ରେ ବାହାରି ଭୁବନେଶ୍ୱରରେ ଶୁକ୍ରବାର ସକାଳ ୯ଟା ୧୦ରେ ପହଞ୍ଚିବ। ୫ ମିନିଟ୍ ରହି ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା କରିବ। ଏହି ଟ୍ରେନରେ ଗୋଟିଏ ଦ୍ୱିତୀୟ ଶ୍ରେଣୀ ଏସି, ୩ ତୃତୀୟ ଶ୍ରେଣୀ ଏସି, ୭ ଶୟନଯାନ, ୨ ଦ୍ୱିତୀୟ ଶ୍ରେଣୀ ଚେୟାର କାର ଓ ୨ ଗାର୍ଡ ତଥା ଲଗେଜ କାର ରହିଛି। ଉଭୟ ଦିଗରୁ ବିଜୟନଗରମ୍, ଶ୍ରୀକାକୁଲମ୍, ପଲାସା, ବ୍ରହ୍ମପୁର, ଖୋର୍ଦ୍ଧାରୋଡ, ଭୁବନେଶ୍ୱର, ନରାଜ, ଭଦ୍ରକ, ବାଲେଶ୍ୱର, ହିଜ୍‌ଲି, ମିଦନାପୁର, ବଙ୍କୁଡ଼ା, ଆଦ୍ରା, ଗୋମୋହ, କୋଦର୍ମା, ଗୟା, ସାସାରାମ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜଙ୍କ୍‌ଶନ, ମିର୍ଜାପୁର ଏବଂ ଆଲ୍ଲାହାବାଦ ଷ୍ଟେଶନରେ ଏହି ଟ୍ରେନ ଅଟକୁଛି।

# ସମୁଦ୍ରରେ ବୁଡ଼ିଯାଉଥିବା ମହିଳା ଉଦ୍ଧାର

**ପୁରୀ ଅଫିସ,୧୦।୧୦:** ସମୁଦ୍ରରେ ଗୁରୁବାର ସ୍ନାନ ବେଳେ ବୁଡ଼ି ଯାଉଥିବା ଜଣେ ମହିଳାଙ୍କୁ ଲାଇଫଗାର୍ଡମାନେ ଉଦ୍ଧାର କରିଛନ୍ତି। ସେ ହେଲେ ଭଦ୍ରକର ନିଳାବତୀ ସାହୁ (୩୬)। ସେ ଭୋର ସାଢେ ୬ଟା ସମୟରେ ପରିବାର ଲୋକଙ୍କ ସହ ସ୍ୱର୍ଗଦ୍ୱାର ସମ୍ମୁଖ ସମୁଦ୍ରରେ ସ୍ନାନ କରୁଥିଲେ। ଏହି ସମୟରେ ଲହଡ଼ି ମାଡ଼ରେ ଗଭୀରକୁ ଚାଲିଯାଇଥିଲେ। ତେବେ ପରିବାର ଲୋକଙ୍କ ଡାକ ଶୁଣି ସେଠାରେ ଥିବା ଲାଇଫଗାର୍ଡମାନେ ସଙ୍ଗେସଙ୍ଗେ ତାଙ୍କୁ ଉଦ୍ଧାର କରିଥିଲେ।

DADLS - 37





ରାଜ୍ୟସ୍ତରୀୟ
ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ
ଓ ଶହୀଦ ବାଜି ରାଉତଙ୍କ ଶ୍ରାଦ୍ଧ ଦିବସ

୧୧ ଅକ୍ଟୋବର, ୨୦୧୯

ସମୟ ସକାଳ ୯ ଘଟିକା
ସ୍ଥାନ : ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ।

ସାଧାରଣ ସଭା
ସମୟ – ସନ୍ଧ୍ୟା ଘ.୬.୩୦ ମି. ସ୍ଥାନ – ଜୟଦେବ ଭବନ

ମୁଖ୍ୟଅତିଥି : ଶ୍ରୀଯୁକ୍ତ ରଘୁନନ୍ଦନ ଦାସ
ମାନ୍ୟବର ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ
ସମ୍ମାନିତ ଅତିଥି : ଶ୍ରୀଯୁକ୍ତ ଅମର ପ୍ରସାଦ ଶତପଥୀ
ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ
ଗଣମାଧ୍ୟମ ପରାମର୍ଶଦାତା, ସୂଚନା ଓ ଲୋକସମ୍ପର୍କ ବିଭାଗ
ମୁଖ୍ୟବକ୍ତା : ଡକ୍ଟର ସୌରୀବନ୍ଧୁ କର
ବିଶିଷ୍ଟ ସାହିତ୍ୟିକ ଓ ଲେଖକ
ସମ୍ମାନିତ ବକ୍ତା : ଡକ୍ଟର ଉଦ୍ଧବ ଚରଣ ନାୟକ
ବିଶିଷ୍ଟ ଲେଖକ

କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।

'ଶ୍ରୁତି' ଅନୁଷ୍ଠାନର ବିଶିଷ୍ଟ କଣ୍ଠଶିଳ୍ପୀ ହରପ୍ରିୟା ସ୍ୱାଇଁ ଓ ସାଥୀ କଳାକାରମାନଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯିବ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜୟପ୍ରକାଶ ନାରାୟଣ ଅର୍ଥନୀତି ଓ ସାମାଜିକ ଅଧ୍ୟୟନ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0059/1920

ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ
ଭାରତ ସରକାର



ସମସ୍ତଙ୍କୁ ଶିକ୍ଷା
ଉତ୍ତମ ଶିକ୍ଷା

କେନ୍ଦ୍ରୀୟ ବିଦ୍ୟାଳୟ, ଜଗତସିଂହପୁର
ଜିଲ୍ଲା- ଜଗତସିଂହପୁର, ଓଡ଼ିଶା
ବିଦ୍ୟାଳୟ ଭବନର ଶିଳାନ୍ୟାସ ସମାରୋହ
ଅକ୍ଟୋବର ୧୧, ୨୦୧୯ ମଧ୍ୟାହ୍ନ ୧୨ ଘଣ୍ଟା
ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ ଜଗତସିଂହପୁର, ଜିଲ୍ଲା – ଜଗତସିଂହପୁର

ପ୍ରମୁଖ ବିଶେଷତା
ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ୬.୧୨ ଏକର ଜମିରେ ୨୪.୨୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ସମସ୍ତ ପ୍ରକାର ଆଧୁନିକ ସୁବିଧା ସୁଯୋଗ ଉପଲବ୍ଧ ୪୫ କୋଠରୀ ବିଶିଷ୍ଟ ବିଦ୍ୟାଳୟ, ଏ ଅଞ୍ଚଳର ୧୨୦୦ ବିଦ୍ୟାର୍ଥୀଙ୍କ କଲ୍ୟାଣାର୍ଥେ ଉତ୍ସର୍ଗୀକୃତ ।

ମୁଖ୍ୟ ଅତିଥି
ରମେଶ ପୋଖରିୟାଲ "ନିଶଂକ"
ମାନ୍ୟବର କେନ୍ଦ୍ରୀୟ ମାନବ ସମ୍ବଳ ବିକାଶ ମନ୍ତ୍ରୀ

ସ୍ୱତନ୍ତ୍ର ଅତିଥି
ରାଜଶ୍ରୀ ମଲ୍ଲିକ – ମାନ୍ୟବର ସାଂସଦ, ଜଗତସିଂହପୁର
ପ୍ରଶାନ୍ତ କୁମାର ମୁଦୁଲି – ମାନ୍ୟବର ବିଧାୟକ, ଜଗତସିଂହପୁର

ଉଦଘାଟନ – (ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ)

ସମସ୍ତଙ୍କୁ ସାଦର ନିମନ୍ତ୍ରଣ

କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ
୧୮, ସଂସ୍ଥାଗତ ଅଞ୍ଚଳ, ଶହୀଦ ଜୀତ ସିଂହ ମାର୍ଗ, ନୂଆଦିଲ୍ଲୀ – ୧୧୦୦୧୬
www.kvsangathan.nic.in

**କିଛି ତଥ୍ୟ**
ଚଳିତ ଆର୍ଥିକ ବର୍ଷ ପ୍ରଥମ ପାଞ୍ଚ ମାସରେ ଦେଶର ଚାଉଳ ରପ୍ତାନି ୨୭% ହ୍ରାସ ଘଟି ୩.୮ ନିୟୁତ ଟନ୍ ରହିଛି।
– କୃଷି ମନ୍ତ୍ରଣାଳୟ

**ଆଜିର ମନ୍ତବ୍ୟ**
ଉତ୍ତରପ୍ରଦେଶ ଏବେ ରାମରାଜ୍ୟ ନୁହେଁ, ନାଥୁରାମ ଗଡ୍‌ସେଙ୍କ ରାଜ୍ୟ।
–ଅଖିଳେଶ ଯାଦବ, ଏସ୍‌ପି ଅଧ୍ୟକ୍ଷ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ସ୍ୱର୍ଣ୍ଣଭ ଏବଂ ସମ୍ୟମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୧୫୦ ଟ୍ରେନ୍‌ର ଘରୋଇକରଣ ପ୍ରକ୍ରିୟା ଆରମ୍ଭ

- ଟାସ୍କଫୋର୍ସ ଗଠନ
- ବିଶ୍ୱସ୍ତରୀୟ ହେବ ୫୦ ଷ୍ଟେଶନ

ନୂଆଦିଲ୍ଲୀ,୧୦।୧୦

ରେଲୱେ ପକ୍ଷରୁ ୧୫୦ ଟ୍ରେନର ଘରୋଇକରଣ ନେଇ ଯୋଜନା ରଖାଯାଇଛି। ଏହାବାଦ ଦେଶର ୫୦ ରେଳ ଷ୍ଟେଶନକୁ ବିଶ୍ୱସ୍ତରୀୟ କରି ଗଢି ତୋଳିବା ଲାଗି ରେଳ ମନ୍ତ୍ରଣାଳୟ ଲକ୍ଷ୍ୟ ରଖିଛି। ଏହି ଧାରାକୁ ଆଗେଇ ନେବା ପାଇଁ ଏକ ଟାସ୍କ ଫୋର୍ସ ଗଠନ ହୋଇଥିବା ଜଣାପଡିଛି। ରେଳ ଷ୍ଟେଶନ ଆଧୁନିକୀକରଣ ଏବଂ ୧୫୦ ଟ୍ରେନ ପରିଚାଳନା ଲାଗି ଘରୋଇ ଯାତ୍ରୀବାହୀ ଟ୍ରେନ ଅପରେଟରଙ୍କୁ ଅନୁମତି ଦେବା ଲାଗି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବା ଦିଗରେ ଏହି ଟାସ୍କ ଫୋର୍ସ କାର୍ଯ୍ୟ କରିବ। ଏହି କାର୍ଯ୍ୟକୁ ଆଗେଇ ନେବା ଲାଗି ଏକ ଏମ୍ପାୱାର୍ଡ ଗ୍ରୁପ ଗଠନ ନେଇ ରେଳ ବୋର୍ଡ ଅଧ୍ୟକ୍ଷ ଭି.କେ. ଯାଦବଙ୍କୁ ନୀତି ଆୟୋଗ ସିଇଓ ଅମିତାଭ କାନ୍ତ ଚିଠି ଲେଖିଛନ୍ତି। ଏହି ଗ୍ରୁପରେ ଯାଦବଙ୍କ ବ୍ୟତୀତ ନୀତି ଆୟୋଗ ସିଇଓ, ଅର୍ଥନୈତିକ ବ୍ୟାପାର ବିଭାଗ ସଚିବ, ବାସଗୃହ ଏବଂ ସହର ବ୍ୟାପାର ସଚିବ ଏବଂ ରେଲୱେର ଫାଇନାନସିଆଲ କମିଶନର ରହିବେ।

ଏହାବାଦ ରେଳ ବୋର୍ଡର ଇଞ୍ଜିନିୟରିଂ ସଦସ୍ୟ, ଟ୍ରାଫିକ ସଦସ୍ୟ ମଧ୍ୟ ଉକ୍ତ ଗ୍ରୁପରେ ସାମିଲ ରହିବେ। ବିଡିଂ ଧାରାକୁ ଏହି ଗ୍ରୁପ ମଞ୍ଜୁରୀ ପ୍ରଦାନ କରିବ। ଏହା ମଧ୍ୟରେ ଆର୍‌ଏଫ୍‌ପି, ଆର୍‌ଏଫ୍‌କ୍ୟୁ ଏବଂ କନସେସନ ଚୁକ୍ତି ଭଳି ବିଡ୍ ଦସ୍ତାବିଜ ରହିବ। ବିଡିଂ ଧାରାକୁ ଦେଖାଶୁଣା, ଠିକ୍ ସମୟରେ ପ୍ରକଳ୍ପ ପ୍ରଦାନ କରାଗଲା କି ନାହିଁ ସେ ନେଇ ଗ୍ରୁପ ନିଶ୍ଚିତ କରିବ। ପ୍ରାଥମିକତା ଭିତ୍ତିରେ ୫୦ ଷ୍ଟେଶନର ଘରୋଇକରଣ ହେବାର ଆବଶ୍ୟକତା ରହିଥିବା ଚିଠିରେ ଉଲ୍ଲେଖ କରାଯାଇଛି। ଦିଲ୍ଲୀ–ଲକ୍ଷ୍ନୌ ମଧ୍ୟରେ ଚଳିତ ମାସ ୪ରୁ ଚାଲୁଥିବା ତେଜସ ଏକ୍ସପ୍ରେସ ଅଣରେଳ ଅପରେଟରଙ୍କ ଦ୍ୱାରା ପରିଚାଳିତ ପ୍ରଥମ ଟ୍ରେନ। ଏହା ରେଲୱେର ନିଜସ୍ୱ ସହଯୋଗୀ କମ୍ପାନୀ ଆଇଆର୍‌ସିଟିସି ଦ୍ୱାରା ପରିଚାଳନା କରାଯାଉଛି।



ପୁରୀଠାରେ ୩୯ତମ ବିଶ୍ୱ କବି ସମ୍ମିଳନୀର ଆଧ୍ୟାତ୍ମିକ କବିତା ସମାରୋହରେ କବି ଓ ଜ୍ୟୋତିର୍ବିଦ୍ ଡ. ପ୍ରଦୀପ କୁମାର ଚୌଧୁରୀଙ୍କ ଇଂରାଜୀ କବିତା ସଂକଳନ 'କିଙ୍ଗ ଅଫ୍ ଦି କିଙ୍ଗ୍‌ସ' ଉନ୍ମୋଚିତ ହୋଇଛି। ଏହି କବି ସମ୍ମିଳନୀରେ ସମ୍ମାନିତ ଅତିଥିଭାବେ ଉତ୍ତରପ୍ରଦେଶ ବାଚସ୍ପତି ହୃଦୟ ନାରାୟଣ ଦୀକ୍ଷିତ, ବିଶ୍ୱ କଳା ଓ ସଂସ୍କୃତି ପରିଷଦର ପ୍ରଥମ ଉପସଭାପତି ପ୍ରଫେସର ଅର୍ନେଷ୍ଟୋ କାହାନ, ସଚିବ ଡ. ମାରିଆ ଇଉଗେନିଆ ସୋବେରନିସ, ବିଶ୍ୱ କବି ସମ୍ମିଳନୀର ସଭାପତି ଡ. ମୋରିସ ୟଙ୍ଗ୍, ପୂର୍ବତନ ସାଂସଦ ତଥା ବିଶିଷ୍ଟ କବି ଡ. ପ୍ରସନ୍ନ କୁମାର ପାଟଶାଣୀ ଏବଂ ଇଏଫ୍‌ଏଲ୍‌ୟୁ ହାଇଦ୍ରାବାଦର ପ୍ରଫେସର ଡ. ଦିଲ୍ଲୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୪ ଆଇଏଫ୍‌ଏସ୍ ଅଫିସରଙ୍କୁ ପଦୋନ୍ନତି

ଭୁବନେଶ୍ୱର,୧୦।୧୦(ବ୍ୟୁରୋ)

ରାଜ୍ୟରେ କାର୍ଯ୍ୟରତ ୪ ଭାରତୀୟ ବନ ସେବା(ଆଇଏଫ୍‌ଏସ୍) ଅଧିକାରୀ ଅତିରିକ୍ତ ପିସିସିଏଫ୍ ପଦବୀକୁ ଗୁରୁବାର ଉନ୍ନୀତ ହୋଇଛନ୍ତି। ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଅଧିକାରୀମାନେ ହେଉଛନ୍ତି– ୧୯୮୯ ବ୍ୟାଚ୍‌ର ସୁଶାନ୍ତ ନନ୍ଦ ଏବଂ ଓମ୍‌ପ୍ରକାଶ ସିଂ, ୧୯୯୦ ବ୍ୟାଚ୍‌ର ସୁରେଶ ପନ୍ଥ ଏବଂ ୧୯୯୧ ବ୍ୟାଚ୍‌ର ଲିଙ୍ଗରାଜ ଓତା। ସେହିପରି କେନ୍ଦ୍ରୀୟ ଡେପୁଟେଶନରେ କାର୍ଯ୍ୟରତ ୧୯୮୯ ବ୍ୟାଚ୍‌ର ସଞ୍ଜୀବ କୁମାର ଚଢ଼ା ପ୍ରଚଳିତ ପ୍ରଥା ଅନୁଯାୟୀ ଅତିରିକ୍ତ ପିସିସିଏଫ୍ ପଦକୁ ଉନ୍ନୀତ ହୋଇଛନ୍ତି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ସ୍ୱୟଂଶ୍ରୀ ପୃଷ୍ଟି



ସ୍ନେହାଶିଷ ମହାନ୍ତି

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ପୋଲିସର ଜୁଆଖେଳ ଭିଡିଓ ଭାଇରାଲ

ବୁଗୁଡା,୧୦।୧୦(ଡି.ଏନ.ଏ.)

ପରମ୍ପରା ନାଁରେ ପାର୍ବଣରେ ଚାଲିଛି ଜୁଆଖେଳ। ସର୍ବସ୍ୱ ହରାଉଛନ୍ତି ଜୁଆଡି। ଏହା ଉପରେ ରୋକ ଲଗାଇବାକୁ ବିଭିନ୍ନ ଜୁଆଆଡ୍ଡା ଉପରେ ପୋଲିସ ଚଢାଉ କରି ଲକ୍ଷାଧିକ ଟଙ୍କା ଜବତ କରିବା ସହ ଜୁଆଡିଙ୍କୁ ଗିରଫ କରୁଛି। ମାତ୍ର ଗଞ୍ଜାମ ଜିଲା ବୁଗୁଡା ଅଞ୍ଚଳରେ ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଛି। ଜଣେ କନଷ୍ଟେବଳ ଜୁଆ ଖେଳୁଥିବା ଭିଡିଓ ଭାଇରାଲ ପରେ ଏସ୍‌ପି ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ସେ ହେଲେ ବୁଗୁଡା ଥାନାର କନଷ୍ଟେବଳ କାଲୁଚରଣ ପାଢ଼ୀ।

ପ୍ରକାଶ ଯେ, କନଷ୍ଟେବଳ କାଲୁ ଜୁଆ ଖେଳୁଥିବାର ଏକ ଭିଡିଓ ଗୁରୁବାର ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ତାଙ୍କ ଘର ପୋଲସରା ଥାନା କଣିହାପଲ୍ଲୀ ଗ୍ରାମରେ। ସେ ବର୍ତ୍ତମାନ ବୁଗୁଡା ଥାନାରେ କାର୍ଯ୍ୟରତ।



କନଷ୍ଟେବଳ କାଲୁ ଜୁଆ ଖେଳୁଛନ୍ତି।

ବୁଧବାର ତାଙ୍କ ନିଜ ଗ୍ରାମ କଣିହାପଲ୍ଲୀରେ ଅନ୍ୟମାନଙ୍କ ସହ ସାଦା ପୋଷାକରେ ଜୁଆ ଖେଳୁଥିଲେ। ଏହି ସମୟରେ କେହି ଜଣେ ଭିଡିଓ ଉତ୍ତୋଳନ କରି ଗୁରୁବାର ସୋସିଆଲ ମିଡିଆରେ ଛାଡିଦେଇଥିଲା। ପରେ ଏହା ଭାଇରାଲ ହୋଇଯାଇଥିଲା। ଗୁରୁବାର ସନ୍ଧ୍ୟାରେ ତାଙ୍କୁ ଛତ୍ରପୁର ଏସ୍‌ପି ବ୍ରିଜେଶ କୁମାର ରଏ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଏଥିସହ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଯୋଗବେଳେ କହିଛନ୍ତି। ଘଟଣାର ତଦନ୍ତ ପାଇଁ ଭଞ୍ଜନଗର ଏସ୍‌ଡିପିଓଙ୍କୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟ ସରକାରଙ୍କ ୫–ଟିର ସଦୁପଯୋଗ କରିବାକୁ ଗୁରୁତ୍ୱ ଦେଉଥିବାବେଳେ ଜଣେ ପୋଲିସ କର୍ମଚାରୀଙ୍କ ଏଭଳି ଜୁଆଖେଳ ପୋଲିସ ପ୍ରଶାସନର ଚିନ୍ତା ବଢାଇ ଦେଇଥିବାବେଳେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

### ନିଲମ୍ବିତ କଲେ ଏସ୍‌ପି, ତଦନ୍ତ ନିର୍ଦ୍ଦେଶ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଏକାଦଶ ଚନ୍ଦ୍ର ଯୋଗୁ ପ୍ରତ୍ୟେକ ଦିଗରୁ ମନ ଖୁସି ରହିବ, କାମଗୁଡିକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ନିକଟ ସମ୍ପର୍କୀୟମାନଙ୍କ ସହାନୁଭୂତି ଲାଭ କରିବେ। କଳ କାରଖାନା, ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ ହେବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବୃଷ** ସାମାଜିକ ସ୍ତରରେ ବନ୍ଧୁଙ୍କ ନିକଟରୁ ଯାହା ଓ ଯେତିକି ପାଉଛନ୍ତି ତାହାକୁ ଆଦରର ସହିତ ଗ୍ରହଣ କରିବା ଭଲ ହେବ। ପାରିବାରିକ କ୍ଷେତ୍ରରେ ନିଜର ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହେବେ ଓ କାର୍ଯ୍ୟସିଦ୍ଧି ଅବଶ୍ୟ ଘଟିବ। ରାହୁ ପ୍ରଭାବରେ ଦୂରଦର୍ଶିତା ଅଭାବରୁ କୌଣସି କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ** ରବି ଓ ମଙ୍ଗଳଜନିତ କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ରରେ ସମସ୍ୟା ରହିଛି ଓ ରହିବ ତଥାପି କୌଣସି ଦୃଢ଼ ପଦକ୍ଷେପ ନେଲେ ଝମେଲା ଅଧିକ ବଢ଼ି ଯାଇପାରେ। ଜମିଜମା ବିବାଦ କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିପାରିବେ।

**କର୍କଟ** ରାହୁ ଦ୍ୱାଦଶସ୍ଥ ଯୋଗୁ ପୂର୍ବରାଗ ଶୁଝାଇବାକୁ ଯାଇ ହଠାତ୍ ସହକର୍ମୀ ହଇରାଣରେ ପକାଇବାକୁ ଚେଷ୍ଟା କରିବେ, କିନ୍ତୁ କିଛି କରିପାରିବେ ନାହିଁ। ପାରିବାରିକ କ୍ଷେତ୍ରରେ କେହି ଜଣେ ବିନା କାରଣରେ କିଛି ଅଭିଯୋଗ ଆଣିପାରନ୍ତି। ଘର କଥାନେଇ ସ୍ତ୍ରୀଙ୍କ ସହ ଆଲୋଚନା କରିବେ, ଅବଶ୍ୟ ଆପଣଙ୍କ ଆଶଙ୍କା ଦୂର ହୋଇଯିବ।

**ସିଂହ** ଧନସ୍ଥାନସ୍ଥ ଗ୍ରହ ପ୍ରଭାବରେ ଆର୍ଥିକ ପରିସ୍ଥିତି କ୍ରମଶଃ ବଦଳି ଯିବାରୁ ସମସ୍ୟା ସୃଷ୍ଟି ହୋଇପାରେ। କିନ୍ତୁ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ, ଯାହାକି ସମସ୍ୟା ବୃଦ୍ଧି କରିପାରେ। ବାଧ୍ୟବାଧକତାରେ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। କଳା, ସାହିତ୍ୟ, ସଂଗଠନ, ପ୍ରଶାସନିକ ସ୍ଥିତି ପ୍ରାୟତଃ ଭଲ ରହିବ।

**କନ୍ୟା** ଚନ୍ଦ୍ରଙ୍କ ପ୍ରଭାବରୁ ସକାଳୁ ଶୁଭ ଖବର ପାଇ ମନ ଖୁସି ହୋଇଯିବ। ଦିନଟି ଯଦିଓ ପୂର୍ଣ୍ଣତଃ ମନ୍ଦ ନୁହେଁ ତଥାପି ବୁଝିବିଚାରି କାମ କରନ୍ତୁ ନତୁବା ସମସ୍ୟାକୁ ଡାକି ଆଣିଲା ଭଳି କାମ ହେବ। ବନ୍ଧୁଙ୍କଠାରୁ ସାହାଯ୍ୟ ସହଯୋଗ ବ୍ୟତୀତ ଶୁଖିଲା ଉପଦେଶ ଶୁଣି ମନରେ ବିରକ୍ତି ଆସିବ। ବହୁତ ଦିନ ହେଲା ଇଚ୍ଛା କରୁଥିବା ଜିନିଷଟି ପାଇଯିବେ।

**ତୁଳା** କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଦୀର୍ଘ ଦିନରୁ ରହିଥିବା ସମସ୍ୟାର ସମାଧାନ ହୋଇଯିବ। ହଠାତ୍ ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବା ଫଳରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ସାମାଜିକ ସ୍ତରରେ ଥିବା ସମସ୍ୟା ସମାଧାନ କରିବାରେ ସଫଳ ହେବେ।

**ବିଛା** ଚତୁର୍ଥଚନ୍ଦ୍ର ଯୋଗୁ ଦୀର୍ଘଦିନ ହେଲା ଆପଣ ଯାହାକୁ ଭଲ ଭାବୁଛନ୍ତି ସେହି ବ୍ୟକ୍ତିଟି ନିଜର ଫାଇଦା ହାସଲ କରିବା ସକାଶେ ସର୍ବଦା ଚେଷ୍ଟିତ ରହିବା ହିଁ ସମସ୍ୟାର କାରଣ ହେବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ସହ ମତାନ୍ତର ଘଟିବ। କଳା, ସାହିତ୍ୟ, ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତି ସହ ପ୍ରତିଷ୍ଠା ମିଳିବ।

**ଧନୁ** ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ଚଳିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। କିଛି ଗୁପ୍ତକଥା, କଳାଧନ, କଚେରି ମାମଲା, ଅନ୍ୟମାନଙ୍କ ଘରୋଇ କଥାର ଆଲୋଚନା ସମ୍ପର୍କିତ ଅଯଥା ଚିନ୍ତା କରିପାରନ୍ତି। ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡିଥିବା ସମ୍ପର୍କ ପୁଣି ଯୋଡିବା ସକାଶେ ପ୍ରଯତ୍ନ କରିପାରନ୍ତି।

**ମକର** ଆପଣ ଖର୍ଚ୍ଚାନ୍ତ ହେବେ ସିନା କାମ ଅଟକିବ ନାହିଁ ଏବଂ ଅତି କମ୍ ସମୟରେ ତାହା ସୁବିଧାରେ ସମ୍ପନ୍ନ ହୋଇପାରିବ। ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ଯାତ୍ରାରେ ସଫଳତା ମିଳିବ ଏବଂ ଅଟକି ଥିବା କାମଟି ସହଜରେ ହାସଲ କରିବେ।

**କୁମ୍ଭ** ପାପଗ୍ରହ ପ୍ରଭାବରେ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ,ଏଣୁ ସତର୍କ ରହିବା ଭଲ। କଠିନଶ୍ରମଜନିତ ସାମୟିକ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ମୀନ** ଆଜି ଆପଣଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନିଶ୍ଚିତ ପୂରଣ ହୋଇପାରିବ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା କାରଣରୁ ମନ ହାଲୁକା ହୋଇଯିବ। ଗତକାଲି ରାତିରେ ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ। ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ କିନ୍ତୁ ଆର୍ଥିକ ସ୍ଥିତିରେ ସୁଧାର ଆସିବ।

ଆଜି ଆଶ୍ୱିନ ଶୁକ୍ଳ ତ୍ରୟୋଦଶୀ ଶୁକ୍ରବାର, ଅକ୍ଟୋବର ୧୧ ତାରିଖ, ବିଶ୍ୱ କନ୍ୟାସନ୍ତାନ ଦିବସ, ଅନ୍ତର୍ଜାତୀୟ ବାଳିକା ଦିବସ, ବାଜି ରାଉତ ଶହୀଦ ଦିବସ, ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ, ରାଶି ନକ୍ଷତ୍ର–ପୂର୍ବଭାଦ୍ରପଦ୍/କୁମ୍ଭ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୩୧ମି. ମଧ୍ୟେ ଘ୭।୧୭ମି. ଗତେ, ଘ୯।୩୬ମି. ମଧ୍ୟେ ଘ୧୧।୫୪ମି. ଗତେ, ଘ୨।୫୯ମି. ମଧ୍ୟେ ଅମୃତବେଳା। ଦିବା ଘ୭।୧୧ମି. ଗତେ ଘ୮।୩୮ମି. ମଧ୍ୟେ, ଘ୧୧।୩୨ମି. ଗତେ ଘ୧।୦୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୦୬ମି. ଗତେ ଘ୧୧।୩୩ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। 9178660666. D-14666

ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952. D-66774

Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826. D-14430

ଭୁବନେଶ୍ୱର ପାତ୍ରପଡ଼ା NH side Amber ପଛପଟେ 3200 sqft. gharabari yellowzone plot boundary ଥାଇ sqft. 2650/-ରେ ମିଳୁଅଛି। 7894207092. D-66794

ପଟିଆ ବିଗ୍‌ବଜାର ପାଖରେ 1 Acre plot ବିକ୍ରିହେବ। Contact: 9778928492. D-65697

ସତ୍ୟନଗରରେ ଘରବାରି plot 19,000 sqft. plot ବିକ୍ରିହେବ। Contact: 9778928492. D-65698

Gita College ପାଖରେ ଘରବାରି plot 3000 sqft. plot ବିକ୍ରିହେବ– 9937910363. D-65699

ଭୁବନେଶ୍ୱର Patrapada BDA yellowzone plot ଏବଂ Tamandoରେ plot କିଣନ୍ତୁ, 9348767829. D-66795

4BHK duplex with gated community at Balianta (land-1400, construction- 2200@ 55lakhs/ 2600@ 65lakhs) Mplanets: 9938219397, 9861022055. D-14645

Gated plotting project near Sum Hospital and Janla Infovally square. 7008818121. D-66796

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**PURCHASE**

Residential flat required, Bhubaneswar. Contact- Dash & Co. Chartered Accountant. 9438194381. D-65700

**to-let**

Open space 12000sqft for rent at Puri bypass, 7500 RCC godown at canal road Hanspal, 9437002484, 9348236615. D- 14635

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-14523

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Refresh your mind and soul with best therapy at Orchid Salon/ Spa. 9937287222. D-66972

Monalisa Massage Club: All types body massage with hiprofile smart lady rooms service available- 9708545108. D-14703

Full body herbal massage with refreshment expert therapist. 7381239385, 06742540855. D-68128

Experience full body massage with us (expert). Call: 7377048581, 06742597822. D-68129

Herbal full body massage by smart / expert therapist. Contact: 8338067247. D-68130

Summer special mesmerizing offer expert therapeutic refreshing massage appointment. 9668374480. D-68131

Newly open full body massage by ladies, gents therapist. 8018656899 D-60842

Ayurvedic full body massage by ladies, gents therapist. 7008773793 D-60843

**AFFIDAVIT**

I Sudhira Kumar Beura declare that my mothers name wrongly mention Sitarani Beura in my service record. The correct name of my mother is Sitabala Beura. D-14694

ମୁଁ ମମତା ରାଣୀ ମିଶ୍ର, ମୋର ନାମକୁ ମମତା ମିଶ୍ର ବୋଲି ସଂଶୋଧନ କରିଅଛି। ଏଥିପାଇଁ ମୁଁ ନୋଟାରୀ ରାଜକୁମାର ଦାଶ, ଭୁବନେଶ୍ୱରଙ୍କ ନିକଟରେ ତା୩୧।୦୭।୨୦୧୯ରିଖରେ ଶପଥପାଠ କରିଅଛି। ଧ–୧୪୭୦୫

ମୁଁ ରୋଜାଲିନ୍ ପଣ୍ଡା, ସ୍ୱା– ଦ୍ୱିତୀକୃଷ୍ଣ ମହାପାତ୍ର, ଗ୍ରାମ/ ପୋ. ବଂଗିଦା, ପୋ.ଷ୍ଟେସନ– ଖୋର୍ଦ୍ଧା, ଜିଲ୍ଲା– ଖୋର୍ଦ୍ଧା ସତ୍ୟପାଠ କରି ତା୪।୧୦।୨୦୧୯ରିଖ ମୋର ପୂର୍ବନାମ ରୋଜାଲିନ ପଣ୍ଡାକୁ ବଦଳାଇ ଆଜିଠାରୁ ରୋଜାଲିନ ମହାପାତ୍ର ନାମରେ ପରିଚିତ ହେବି। ଧ–୧୪୭୦୪


**ଜନ୍ମଦିନ ଶୁଭେଚ୍ଛା**



ସ୍ୱର୍ଣ୍ଣଭ ଏବଂ ସମ୍ୟମ

ତୁମ ଦୁହିଁଙ୍କ ଜନ୍ମଦିନରେ ଅନେକ ଶୁଭେଚ୍ଛା, ବାବା ସାଇରାମ ତୁମ ଦୁଇଜଣଙ୍କୁ ଆଶୀର୍ବାଦ ପ୍ରଦାନ କରିବାକୁ ପ୍ରାର୍ଥନା କରୁଛୁ।
ଶୁଭେଚ୍ଛା ସହ
ତୁମର ଡେଡି, ମା', ବଡବାବା, ବଡମାମା, ବାବା, ମାମା, ପୀଉସା, ପିଉସୀ, ମାମୁ, ମାଈଁ, ମଉସା, ମାଉସୀ, ଦିଦି, ଭାଇ ଓ ସମସ୍ତେ।
ଧ–୫୩୨୨୪

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କେନ୍ଦ୍ର ଯୋଜନାକୁ ହଡ଼ପ କରୁଛନ୍ତି ରାଜ୍ୟ ସରକାର



ରାଜଭବନ ସମ୍ମୁଖରେ ଗୁରୁବାର ଭାଜପା ପକ୍ଷରୁ ଦିଆଯାଇଥିବା ଧାରଣାରେ ଉପସ୍ଥିତ ନେତୃମଣ୍ଡଳୀ।

ଭୁବନେଶ୍ୱର,୧୦।୧୦(ବ୍ୟୁରୋ)

- ରାଜଭବନ ସମ୍ମୁଖରେ ଭାଜପାର ଧାରଣା ଓ ପ୍ରତିବାଦ ସଭା
- ପିସି ନେଇ ଘର ଦେଉଛନ୍ତି ଶାସକ ଦଳ ନେତା

କେନ୍ଦ୍ରୀୟ ଯୋଜନାକୁ ନିଜ ନାଁରେ କରି ରାଜ୍ୟ ସରକାର ହଡପ କରୁଥିବା ଅଭିଯୋଗରେ ଗୁରୁବାର ଭାଜପା ପକ୍ଷରୁ ରାଜଭବନ ସମ୍ମୁଖରେ ଧାରଣା ଦିଆଯାଇଛି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଭାଜପା ନେତୃବୃନ୍ଦ ଧାରଣା ଓ ପ୍ରତିବାଦ ସଭା କରିଥିଲେ। ଭାଜପା ଅଭିଯୋଗ କରିଛି ଯେ ରାଜ୍ୟ ସରକାର ଚଞ୍ଚକତା କରି ବିଭିନ୍ନ କେନ୍ଦ୍ରୀୟ ଯୋଜନା ହଡପ କରି ଚାଲିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ହାଉସିଂ ଫର ଅଲ୍ ୨୦୨୨' ଘୋଷଣା କରିଥିଲେ। ଏହି ଲକ୍ଷ୍ୟ ହାସଲ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସମସ୍ତଙ୍କୁ ପକ୍କାଘର ଯୋଗାଇଦେବେ ବୋଲି କହିଛନ୍ତି। ଏହି ଯୋଜନାରେ ରାଜ୍ୟରେ ୧୬ ଲକ୍ଷରୁ ଅଧିକ ପକ୍କାଘର ନିର୍ମାଣ ହେବା ପରେ ମଧ୍ୟ ରାଜ୍ୟ ସରକାର ଅନୈତିକ ଓ ଅଗଣତାନ୍ତ୍ରିକ ଭାବେ ଯୋଜନାର ନାମ ପରିବର୍ତ୍ତନ କରି ମୋ ଆବାସ ନାମରେ ଠକି ଚାଲିଛନ୍ତି। ଏହାକୁ ବିରୋଧ କରି ଭାଜପା ନେତୃବୃନ୍ଦ ରାଜଭବନ ଆଗରେ ଧାରଣା ଓ ପ୍ରତିବାଦ ସଭା କରିଛନ୍ତି। ଦଳର ମୁଖପାତ୍ର ଗୋଲକ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ଦଳର ବହୁ ନେତା ରାଜ୍ୟ ସରକାରଙ୍କ ଚଞ୍ଚକତା ଓ ଭ୍ରଷ୍ଟାଚାର ବିରୋଧରେ ପ୍ରତିବାଦ କରିଛନ୍ତି।

ଏହି ଅବସରରେ ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ୭୦ ଜଣିଆ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟପାଳ ଏହି ଘଟଣାରେ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ନାଁ କାଟି ରାଜ୍ୟ ସରକାର ବିଜୁ ପକ୍କାଘର କହି ରାଜ୍ୟବାସୀଙ୍କୁ ଭ୍ରମିତ କରୁଛନ୍ତି। ୨୦୧୮ ସର୍ଭେ ଅନୁଯାୟୀ ୪ ଲକ୍ଷ ଘରର କାର୍ଯ୍ୟାଦେଶ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନାଁରେ ବଣ୍ଟନ କରି ଏହି ଯୋଜନାର ଫଳକ ଲଗାଯିବାର ଆବଶ୍ୟକତା ରହିଛି। ମାତ୍ର ରାଜ୍ୟ ସରକାର ଏହାକୁ ନିଜସ୍ୱ ବିଜୁ ପକ୍କାଘର ନାଁରେ ଫଟୋ ଲଗାଇ ମୋ ଆବାସ ଲେଖି କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି। ସେହିପରି ଘର ଦେବା ଲାଗି ଯେଉଁ ସର୍ଭେ ଚାଲିଛି ସେଥିରେ ମଧ୍ୟ ଚଞ୍ଚକତା ଚାଲିଛି। ଘର ଦେବା ଲାଗି ଯେଉଁମାନଙ୍କ ନାମ ତାଲିକାରେ ରହୁଛି ସେମାନଙ୍କଠାରୁ ମୋଟା ଅଙ୍କର ପିସି ଆଦାୟ କରାଯାଉଛି। ଏହାସହ ଦଳୀୟ ଭିତ୍ତିରେ ପକ୍କାଘର କାର୍ଯ୍ୟାଦେଶ ବଣ୍ଟନ କରାଯାଉଥିବା ଭାଜପା ଅଭିଯୋଗ କରିଛି। ସମାନ ଅନିୟମିତତା ବିରୋଧରେ ଗତ ୨୭ ତାରିଖରେ ଭାଜପା ପକ୍ଷରୁ ରାଜ୍ୟବ୍ୟାପୀ ବିକ୍ଷୋଭ କରାଯାଇଥିଲା। ଏହାସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ଏହାପରେ ମଧ୍ୟ ରାଜ୍ୟ ସରକାର ଏଭଳି ଅନିୟମିତତା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଭାଜପା ବିକ୍ଷୋଭ କରିଥିବା ସୂଚନା ଦେଇଛି।

# ମୋର କିଛି କହିବାର ନାହିଁ, ମୁଁ କିଏ

ଅଶୋକ ପାଣିଗ୍ରାହୀ



ବରଗଡ଼ ଜିଲା ବିଜେପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଅଶୋକ କୁମାର ପାଣିଗ୍ରାହୀ। ଛାତ୍ର ଜୀବନରୁ ସେ ରାଜନୀତିକୁ ଆସିଥିଲେ। ୨୦୦୦ ସାଧାରଣ ନିର୍ବାଚନରେ ଅଶୋକ ବିଜେଡି ଟିକେଟ୍‌ରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ହେଲେ ୨୦୦୪ ସାଧାରଣ ନିର୍ବାଚନରେ ସେ କଂଗ୍ରେସ ପ୍ରାର୍ଥୀ ସୁବଳ ସାହୁଙ୍କଠାରୁ ପରାସ୍ତ ହେବା ପରେ ବିଜେଡି ଆଉ ତାଙ୍କୁ ସୁଯୋଗ ଦେଇ ନ ଥିଲା। ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନରେ ତାଙ୍କୁ ଟିକେଟ୍ ପାଇଁ ହତାଶ ହେବାକୁ ପଡିଥିଲା। ସେଥିପାଇଁ ସେ ୨୦୧୪ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇ ୧୮, ୨୨୨ଖଣ୍ଡ ଭୋଟ୍ ପାଇଥିଲେ। ଅଶୋକଙ୍କ ଏହି ଭୋଟ ହିଁ ସେତେବେଳେ ବିଜେଡି ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ପରାଜୟରେ ଟର୍ନିଂ ପଏଣ୍ଟ ଥିଲା। ପ୍ରସନ୍ନଙ୍କୁ ସେହି ନିର୍ବାଚନରେ ମାତ୍ର ୪୫୮ ଖଣ୍ଡ ଭୋଟ୍‌ରେ ହାରିବାକୁ ପଡ଼ିଥିଲା। ତେବେ ତତ୍କାଳୀନ କଂଗ୍ରେସ ବିଧାୟକ ସୁବଳ ସାହୁଙ୍କ ଦେହାନ୍ତ ପରେ ୨୦୧୮ରେ ହୋଇଥିବା ଉପନିର୍ବାଚନରେ ବିଜେଡି ସୁବଳଙ୍କ ସ୍ତ୍ରୀ ରୀତା ସାହୁଙ୍କୁ ଦଳରେ ମିଶାଇ ପ୍ରାର୍ଥୀ କରିଥିଲା। ଏହାପରେ ଅଶୋକ ବିଜେଡି ଛାଡ଼ି ଭାଜପାରେ ମିଶିଥିଲେ ଏବଂ ଦଳୀୟ ପ୍ରାର୍ଥୀ ମଧ୍ୟ ହୋଇଥିଲେ। ଏହାସତ୍ତ୍ୱେ ବି ଅଶୋକଙ୍କୁ ପରାସ୍ତର ସ୍ୱାଦ ଚାଖିବାକୁ ପଡିଥିଲା। ଏହା ପରଠାରୁ ବିଜେଡି ଭଳି ଭାଜପା ମଧ୍ୟ ୨୦୧୯ ସାଧାରଣ ନିର୍ବାଚନରୁ ଏଥର ଉପନିର୍ବାଚନ ପର୍ଯ୍ୟନ୍ତ ତାଙ୍କୁ ଦଳୀୟ ପ୍ରାର୍ଥିତ୍ୱରୁ ବଞ୍ଚିତ କରି ଆସିଛି। ଏହାକୁ ନେଇ ସେ ଗଣମାଧ୍ୟମରେ ନିଜ ଅସନ୍ତୋଷ ବ୍ୟକ୍ତ କରିସାରିଲେଣି। ଏହି ପରିପ୍ରେକ୍ଷୀରେ ଅଶୋକଙ୍କୁ ଭେଟିଥିଲେ ଆମ ଖବରଦାତା। ତାଙ୍କ ପ୍ରତିକ୍ରିୟାକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା...

**ଆପଣ ବିଜେଡିରୁ ଆସି ଭାଜପାରେ ମିଶିଥିବା ଯୋଗୁ ଦଳ ପକ୍ଷରୁ ସେତେଟା ଗୁରୁତ୍ୱ ଦିଆଯାଉନି ବୋଲି ଭାବୁଛନ୍ତି କି ?**

-କେବଳ ଏଥର ନୁହେଁ, ଗତ ସାଧାରଣ ନିର୍ବାଚନରୁ ମୋତେ ଅଣଦେଖା କରାଯାଉଛି। କେଉଁଥିପାଇଁ ମୋ ପ୍ରତି ଅଣଦେଖା କରାଯାଉଛି, ମୁଁ କହିପାରିବି ନାହିଁ। ତାହା ଦଳୀୟ ନେତୃତ୍ୱ ହିଁ କହିପାରିବେ। କିନ୍ତୁ ମୁଁ ଦଳରେ ଅଛି। ଦଳ ଯେଉଁ କାମ ଦେବ, ତାକୁ ଦଳର ଜଣେ ସାଧାରଣ କର୍ମୀ ଭାବେ କରିବି।

**୨୦୧୮ ବିଧାନସଭା ଉପନିର୍ବାଚନରେ ଆପଣଙ୍କ ବିଜୟ ସମ୍ଭାବନା ଥିଲା। ଏହା ଦେଖି ଭାଜପା ଆପଣଙ୍କୁ ଦଳୀୟ ପ୍ରାର୍ଥୀ କରିଥିଲା। ତଥାପି ଆପଣ ହାରିଗଲେ। ସେହି ଦୃଷ୍ଟିରୁ ୨୦୧୯ ସାଧାରଣ ନିର୍ବାଚନ ଏବଂ ଏବେ ଉପନିର୍ବାଚନରେ ଆପଣଙ୍କୁ ପ୍ରାର୍ଥୀ କରାଗଲା ନାହିଁ। ଏ ସମ୍ପର୍କରେ କ'ଣ କହିବେ ?**

-ମୁଁ ସେ ସମ୍ପର୍କରେ କିଛି କହିପାରିବି ନାହିଁ। ଦଳୀୟ ନେତୃତ୍ୱ ତା'ର ଉତ୍ତର ଦେବେ। ଦଳର ସଂସଦୀୟ କମିଟି ହିଁ ସେହି ଉତ୍ତର ରଖି ପାରିବ।

**ଏଭଳି ଦୋଦୁଲ୍ୟମାନ ସ୍ଥିତିରେ ଆପଣଙ୍କ ଭବିଷ୍ୟତ ରଣନୀତି କ'ଣ ରହିବ ?**

-ବର୍ତ୍ତମାନ ଦଳରେ ଅଛି। କର୍ମୀଙ୍କ ମତକୁ ମୁଁ ସବୁବେଳେ ଅଗ୍ରାଧିକାର ଦେଇ ଆସିଛି। କର୍ମୀ ଓ ସମର୍ଥକଙ୍କ ମତାମତକୁ ନେଇ ଯାହା କିଛି ନିଷ୍ପତ୍ତି ନେବି।

**ଏଥର ଦଳୀୟ(ଭାଜପା) ପ୍ରାର୍ଥୀଙ୍କ ସମ୍ପର୍କରେ ଆପଣଙ୍କ ମତ ?**

- କିଛି କହିବାର ନାହିଁ। ଭୋଟର ତା'ର ନିଷ୍ପତ୍ତି ନେବେ। ମୁଁ କିଏ ?

– ପ୍ରେମାନନ୍ଦ ଖମାରୀ

## ଜିଲା ଚିଠି
## ବରଗଡ଼



# ଦୁର୍ନୀତିର ମଣ୍ଡି

ବରଗଡ଼ ଜିଲାକୁ ରାଜ୍ୟର ଭାତହାଣ୍ଡି କୁହାଯାଏ। ଜିଲାରେ ସର୍ବାଧିକ ଧାନ ଉତ୍ପାଦନ ଏହି ଜିଲାରେ ହୁଏ। ଏଠାକାର ଉତ୍ପାଦିତ ଚାଉଳ ରାଜ୍ୟ ତଥା ରାଜ୍ୟ ବାହାରକୁ ଯାଇଥାଏ। ଏହି ଦୃଷ୍ଟିରୁ ଜିଲାକୁ ଏଭଳି ଆଖ୍ୟା ଦିଆଯାଇଛି। ହେଲେ ଭାତହାଣ୍ଡିରେ ଏବେ ଦୁର୍ନୀତିର ଗନ୍ଧ। ଧାନ ସଂଗ୍ରହ ପାଇଁ ଜିଲାରେ ଯେଉଁସବୁ ଧାନକ୍ରୟ କେନ୍ଦ୍ର ରହିଛି, ତହିଁରୁ ଏକାଧିକ ଦୁର୍ନୀତିର ମଣ୍ଡି ପାଲଟିଛି। ତେବେ ଏହା ନୂଆ ନୁହେଁ, ଧାନ କିଣାବିକାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି ବୋଲି ପ୍ରଶାସନ ବାହାସ୍ଫୋଟ ମାରୁଥିଲେ ସୁଦ୍ଧା ମଣ୍ଡି ତଥା ଭାତହାଣ୍ଡିର ସେହି ଦୁର୍ନୀତି ଗନ୍ଧ ଆପେ ବାରି ହୋଇ ପଡୁଛି। ନିକଟ ଅତୀତରେ ତୋରା ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)ରେ ହୋଇଥିବା ଧାନ କିଣାବିକା ଦୁର୍ନୀତି ପଦାକୁ ଆସିଛି। ରେଳପଥ, ଜଳାଶୟ, ରାସ୍ତାଘାଟ ଭଳି ଅଣଚାଷ ଜମିକୁ ଚାଷଜମିଭାବେ ଦର୍ଶାଇ ପରିଚୟ ପତ୍ର ପ୍ରସ୍ତୁତ ସହିତ ଧାନ କିଣାବିକା ହୋଇଥିବା ଜଣାପଡ଼ିଛି। ତେବେ କଥା ସେତିକିରେ ସରି ନାହିଁ, ସେଭଳି ଅନିୟମିତତାରେ କିଣାଯାଇଥିବା ଧାନକୁ ମଣ୍ଡିଗୁଡ଼ିକରେ ଫଲ୍ସ ଏଣ୍ଟ୍ରି କରାଯିବା ସହିତ ସେ ବାବଦକୁ କ୍ରୟଧାନର ପ୍ରାପ୍ୟରାଶି ବିଭିନ୍ନ ବ୍ୟାଙ୍କ ଜରିଆରେ ଉଠାଣ ମଧ୍ୟ ସରିଛି। ହେଲେ ଏଭଳି ଏକ ମହାଦୁର୍ନୀତିର ପର୍ଦ୍ଦାଫାଶ ହେବାର ପ୍ରାୟ ଦୁଇମାସ ବିତିଯାଇ ଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଶୂନ। କେବଳ ଡାଟା ଏଣ୍ଟ୍ରି ଅପରେଟର ଭଳି ଜଣେ ତଳିଆ କର୍ମଚାରୀଙ୍କୁ ହଟାଇ ଦିଆଯାଇଛି ଏବଂ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଯୁଗ୍ମ କମିଟିର ତଦନ୍ତ କାଗଜକଲମରେ ହିଁ ସୀମିତ ରହିଛି। ଏଭଳି ଦୁର୍ନୀତିରେ ପରିଚୟ ପତ୍ର ଜାଲିଆତିଠାରୁ ଆରମ୍ଭ କରି ବ୍ୟାଙ୍କରୁ ଟଙ୍କା ଉଠାଣ ପର୍ଯ୍ୟନ୍ତ କାର୍ଯ୍ୟ ସରିଯାଇଛି। ଅଥଚ ଧାନ ସଂଗ୍ରହ ପ୍ରକ୍ରିୟାରେ ରାଜସ୍ୱ ବିଭାଗଠାରୁ ଆରମ୍ଭ କରି ସମବାୟ, ଯୋଗାଣ, ନିୟନ୍ତ୍ରିତ ବଜାର କମିଟି ଭଳି ବିଭାଗ ଗୁଡ଼ିକର ପ୍ରମୁଖ ଭୂମିକା ରହିଥିବା ସତ୍ତ୍ୱେ ରେଳପଥ, ଜଳାଶୟ, ରାସ୍ତାଘାଟ କିଭଳି ଚାଷଜମି ପାଲଟିଲା ଏବଂ ସେଠାରୁ ଧାନ ଅମଳ ହେଲା, ତାହା କୌଣସି ବିଭାଗର ନଜରରେ ପଡ଼ି ନାହିଁ। ଏହି କ୍ରମରେ ସବୁ ବିଭାଗର ସଲାସୁତରାରେ ତାହା ଚାଲିଥିଲା କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ। ସେହିପରି ସେହି ଧାନସବୁ କେଉଁଠୁ ଆସିଲା ଏବଂ କେଉଁ ରାଇସ୍ ମିଲ୍‌କୁ କଷ୍ଟମ ମିଲିଂ ପାଇଁ ତାକୁ ଯୋଗାଣ ବିଭାଗ କିଭଳି ଦେଲା, ତାହା ମଧ୍ୟ ତଦନ୍ତସାପେକ୍ଷ। ମାତ୍ର ସରକାର ଏବେ ୫-ଟିକୁ ଗୁରୁତ୍ୱ ଦେଉଥିବା ସତ୍ତ୍ୱେ ଏହି ଧାନ କିଣାବିକା ଦୁର୍ନୀତିରେ ସମ୍ପୃକ୍ତ ବଡ଼ବଡ଼ିଆଙ୍କୁ ଖସାଇବା ମସୁଧା ଚାଲିଛି। ଏଥିରେ ତଳିଆ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଯୋଜନା ପ୍ରସ୍ତୁତ ହୋଇଛି। ଅନ୍ୟପକ୍ଷେ ଉକ୍ତ ଘଟଣାରେ ପ୍ୟାଚ୍‌ଅପ୍ ମାରିବାକୁ ସବୁ ବିଭାଗ ତରଫରୁ ଉଦ୍ୟମ ଚାଲିଛି। ଯାହା ସରକାରଙ୍କ ୫-ଟିକୁ ପଦାରେ ପକାଇ ଦେଇଛି।

– ପ୍ରେମାନନ୍ଦ ଖମାରୀ

- ୫-ଟି ସଚିବଙ୍କ ରାୟଗଡ଼ା ଗସ୍ତ

# ରୋଗୀଙ୍କ ସମସ୍ୟା ପଚାରି ବୁଝିଲେ



୫-ଟି କାର୍ଯ୍ୟକ୍ରମ ସଚିବ ଓ ଅନ୍ୟ ଅଧିକାରୀମାନେ ଜିଲା ଚିକିତ୍ସାଳୟ ବୁଲି ଦେଖୁଛନ୍ତି।

**ରାୟଗଡ଼ା ଅଫିସ,୧୦।୧୦:** ୫-ଟି କାର୍ଯ୍ୟକ୍ରମ ସଚିବ ଭି.କେ. ପାଣ୍ଡିଆନ ଗୁରୁବାର ରାୟଗଡ଼ା ଗସ୍ତ କରିଛନ୍ତି। ସେ କଳାହାଣ୍ଡିରୁ ଏକ ହେଲିକପ୍ଟର ଯୋଗେ ଆସି ରାୟଗଡ଼ାର ଜିସିଡ଼ି ଖେଳପଡ଼ିଆରେ ଓହ୍ଲାଇଥିଲେ। ତାଙ୍କ ସହ ଜାତୀୟ ଗ୍ରାମୀଣ ମିଶନର ପରିଚାଳନା ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଫିସର ମୁଖ୍ୟ ଉପଦେଷ୍ଟା ଆର. ବାଲକ୍ରିଷ୍ଣାନ ଗସ୍ତ କରିଛନ୍ତି। ସେ ଜିଲା ମୁଖ୍ୟଚିକିତ୍ସାଳୟକୁ ଯାଇ ବିଭିନ୍ନ ୱାର୍ଡ଼ ବୁଲି ଦେଖିଥିଲେ। ପରେ ରୋଗୀ ଓ ସମ୍ପର୍କୀୟଙ୍କୁ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ରୋଗୀ ସେବା ନେଇ ଡାକ୍ତରଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ପାଣ୍ଡିୟାନ ଡାଏଲିସିସ୍ ୱାର୍ଡକୁ ଯାଇ କିଡ୍‌ନୀ ରୋଗୀଙ୍କ ସମସ୍ୟା ବୁଝିଥିଲେ। ଏହି ୱାର୍ଡ଼ର କାନ୍ଥ ବର୍ଷା ପାଣିରେ ନଷ୍ଟ ହୋଇଯାଇଥିବା ଦେଖି ବିରକ୍ତି ପ୍ରକାଶ କରିଥିଲେ। ତୁରନ୍ତ ମରାମତି କରିବାକୁ କହିଥିଲେ। ଚିକିତ୍ସାଳୟକୁ ସଫାସୁତୁରା ରଖିବା ସହ ଆବଶ୍ୟକ ଯନ୍ତ୍ରପାତିର ଉପଯୋଗ କରିବା, ଡାକ୍ତର ପଦବୀ ପୂରଣ, ଲୋକେ ଯେପରି ଦଲାଲଙ୍କ ଶିକାର ନ ହେବେ ସେ ନେଇ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମୋ ସରକାର ଯୋଜନା ତୃଣମୂଳ ସ୍ତରରେ କିପରି କାର୍ଯ୍ୟ କରୁଛି ତାହାର ଯାଞ୍ଚ କରିଥିଲେ। ପ୍ରଶାସନକୁ ଅଧିକ ଉତ୍ତରଦାୟୀ ,ଲୋକାଭିମୁଖୀ ଏବଂ ଦାୟିତ୍ୱବାନ ହେବାକୁ କହିଥିଲେ। ୫-ଟି ସଚିବଙ୍କ ଗସ୍ତ ସମୟରେ ଜିଲାପାଳ ପ୍ରମୋଦ କୁମାର ବେହେରା, ଆରକ୍ଷୀ ଅଧୀକ୍ଷକ ଡ଼. ଶ୍ରବଣ ବିବେକ ଏମ୍, ସିଡିଏମଓ ଆର୍ତ୍ତବନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ଦୁର୍ନୀତିଖୋର ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧୦।୧୦(ବ୍ୟୁରୋ)

- ୩ ଅଧିକାରୀଙ୍କୁ ଚାକିରିରୁ ବିଦା
- ଆୟ ବହିର୍ଭୂତ ସମ୍ପତ୍ତି ଠୁଳ, ଲାଞ୍ଚ ନେବା ଡିଏଫଓ, ଇଞ୍ଜିନିୟରଙ୍କୁ ମହଙ୍ଗା ପଡ଼ିଲା

ଦୁର୍ନୀତିରେ ଜଡିତ ତଥା ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ୩ ଜଣ ଅଧିକାରୀଙ୍କୁ ରାଜ୍ୟ ସରକାର ଶୁକ୍ରବାର ଚାକିରିରୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ସେମାନେ ହେଲେ କଟକ ଜିଲା ଆଠଗଡ଼ ବନଖଣ୍ଡର ନିଲମ୍ବିତ ଡିଏଫ୍ଓ ସୁଧାଂଶୁ ଶେଖର ମିଶ୍ର, ପୂର୍ତ୍ତ ବିଭାଗର ରୁରାଲ ୱାର୍କସ୍ କ୍ୱାଲିଟି କଣ୍ଟ୍ରୋଲ ଡିଭିଜନର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପ୍ରାଣ କୃଷ୍ଣ ପ୍ରସାଦ ଏବଂ ସୋନପୁର ଜିଲାର ଡୁଙ୍ଗୁରା (ଆର ଆଣ୍ଡ ବି) ଡିଭିଜନ-୧ର ଡେପୁଟି ଇଞ୍ଜିନିୟର ଉମେଶ ଚନ୍ଦ୍ର ତ୍ରିପାଠୀ।

ଓଡ଼ିଶା ଫରେଷ୍ଟ ସର୍ଭିସ(ଓଏଫଏସ) ସୁଧାଂଶୁ ଶେଖର ମିଶ୍ର ୨୦୧୬ରେ ଆଠଗଡ଼ ବନଖଣ୍ଡରେ ଡିଏଫ୍ଓ ଭାବେ ନିଯୁକ୍ତି ପାଇଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ସେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ୨୦୧୬ ଫେବୃୟାରୀ ୨୫ ତାରିଖରେ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା। ତାଙ୍କ ନିକଟରୁ ଆୟ ବହିର୍ଭୂତ ୫ କୋଟି ୬୮ ଲକ୍ଷ ୯୨ ହଜାର ୭୫୧ ଟଙ୍କାର ସମ୍ପତ୍ତି ଜବତ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଥିଲା। ସେହିପରି ପୂର୍ତ୍ତ ବିଭାଗର ରୁରାଲ ୱାର୍କସ୍ କ୍ୱାଲିଟି କଣ୍ଟ୍ରୋଲ ଡିଭିଜନର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପ୍ରାଣ କୃଷ୍ଣ ପ୍ରସାଦ ଲାଞ୍ଚ ନେଉଥିବାବେଳେ ଦୁଇଥର ଭିଜିଲାନ୍ସ ଦ୍ୱାରା ଧରା ପଡ଼ିଥିଲେ। ସୋନପୁର ଜିଲାର ଡୁଙ୍ଗୁରା (ଆର ଆଣ୍ଡ ବି) ଡିଭିଜନ-୧ର ଡେପୁଟି ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ବିରୋଧରେ ସରକାରୀ ସମ୍ପତ୍ତି ହେରଫେର କରିବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ୪ଟି ମାମଲା ରୁଜୁ କରାଯାଇଥିଲା। ତାଙ୍କୁ ପୂର୍ତ୍ତ ବିଭାଗର ଦୁର୍ନୀତିଖୋର ଓ ଅପାରଗ ଅଧିକାରୀ ଦର୍ଶାଇ ଚାକିରିରୁ ବାଧ୍ୟତାମୂଳକ ଅବସର ଦିଆଯାଇଛି।

- ବ୍ରାହ୍ମଣଙ୍କ ଆଶୀର୍ବାଦ ଦେବାର ନୂଆ ତରିକା

# ହାତ ବଦଳରେ ମୁଣ୍ଡ, ପିଠିରେ ଥୋଇଲେ ଗୋଡ଼



ମୁଣ୍ଡରେ ଗୋଡ଼ ଥୋଇ ଯଜମାନଙ୍କୁ ଆଶୀର୍ବାଦ କରୁଛନ୍ତି ବ୍ରାହ୍ମଣ।

**ଖୋର୍ଦ୍ଧା ଅଫିସ, ୧୦।୧୦:** ଆଶୀର୍ବାଦ କରିବାର ନୂଆ ତରିକା ଆପଣେଇ ବିବାଦରେ ପଡିଛନ୍ତି ବ୍ରାହ୍ମଣ। ହାତ ବଦଳରେ ଯଜମାନଙ୍କ ମୁଣ୍ଡ ଓ ପିଠିରେ ବ୍ରାହ୍ମଣ ଗୋଡ଼ ରଖିଲେ। ଗୋଡ଼ରେ ଯଜମାନଙ୍କୁ ଦେଲେ ଆଶୀର୍ବାଦ। ଆଶୀର୍ବାଦ ସମୟର ଦୃଶ୍ୟ ମୋବାଇଲରୁ ମୋବାଇଲକୁ ଭାଇରାଲ ହେବାରେ ଲାଗିଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଖୋର୍ଦ୍ଧା ଜିଲା ବାଣପୁର ଥାନା ବାଣପୁର ଛାୟା ମଣ୍ଡପ ନିକଟରେ। ସୋମବାର ବାବା ବ୍ରହ୍ମେଶ୍ୱର ମୋଟର ସଂଘ ପକ୍ଷରୁ ଯାନବାହନ ପୂଜା ସ୍ଥାନୀୟ ବାଣପୁର ଚିଆଁଗସାହିର ରାମଚନ୍ଦ୍ର ସାମନ୍ତରାୟ ନାମକ ଜଣେ ବ୍ରାହ୍ମଣ କରିଥିଲେ। ଗାଡି ପୂଜା ପରେ ଆଶୀର୍ବାଦ ଅପେକ୍ଷାରେ ଧାଡି ହୋଇଥିବା ଯଜମାନଙ୍କୁ ବ୍ରାହ୍ମଣ ଗୋଡ ଲଦି ମନ୍ତ୍ର ପଢ଼ି ଥିଲେ। ହେଲେ ଆଶୀର୍ବାଦ ସମୟରେ କେହି ଭିଜୁଆଲ କରି ଭାଇରାଲ କରି ଦେଇଛନ୍ତି। ତେବେ ଏ ନେଇ ଜଜମାନଙ୍କର ପ୍ରତିବାଦ କି ଅଭିଯୋଗ ନାହିଁ। ଏ ନେଇ ବାଣପୁର ଚିଆଁଗସାହିର ପଣ୍ଡିତ ରାମଚନ୍ଦ୍ର କୁହନ୍ତି, ମୁଣ୍ଡ ଓ ପିଠି ଉପରେ ଗୋଡ଼ ରଖି ଆଶୀର୍ବାଦ ଦେଇ ମୁଁ କିଛି ଭୁଲ କରିନାହିଁ। ଯିଏ ଭାଇରାଲ କରିଛି, ସିଏ ପୂଜା ଓ ଆଶୀର୍ବାଦ ସମ୍ପର୍କରେ କିଛି ଜାଣିନି। ପୂର୍ବ ପୁରୁଷରୁ ଏହି ପରମ୍ପରା ଚାଲି ଆସିଛି। ଆପଣଙ୍କର ପାଦ ରେଣୁ ମସ୍ତକରେ ଦିଅନ୍ତୁ ଓ କାନ୍ଧରେ ପକାନ୍ତୁ। ଯଜମାନ କହିବା ପରେ ମୁଁ ଆଶୀର୍ବାଦ କରିଛି। ଯଜମାନ ଅନୁମତି ଦେଇ ନ ଥିଲେ ଜଣକ ପରେ ଜଣଙ୍କ ମୁଣ୍ଡ ଓ ପିଠି ଉପରେ ମୁଁ କ'ଣ ଗୋଡ ରଖି ଆଶୀର୍ବାଦ କରି ପାରିଥାନ୍ତି। ମୁଁ ଯଦି ସେମାନଙ୍କୁ ଗୋଇଠା ମାରିଥିଲି ସେମାନେ ତ ମୋତେ ସେଠାରେ ହିଁ ଆକ୍ରମଣ ଅଥବା ମାରପିଟ କରିଥାନ୍ତେ। ଯଜମାନ ଏହାର ପ୍ରତିବାଦ କି ବିରୋଧ କରି ନାହାନ୍ତି। ଯଜମାନ ଯଦି ବିରୋଧ କରିବେ ମୁଁ ଏପରି କରିବି ନାହିଁ। ସବୁ କିଛି ଯଜମାନଙ୍କ ଉପରେ ନିର୍ଭର କରିବାକୁ ପଡିଥାଏ।







## ODISHA JOINT ENTRANCE EXAMINATION-2019 (OJEE - 2019)

No: OJEE-19/0516 Date: 09.10.2019

**Detailed Schedule for Spot Round Counselling for BAMS/BHMS Courses**

The Spot Counselling for admission to BAMS/BHMS courses in the academic session 2019-20 is scheduled to be held at OJEE CELL, Gandamunda, Bhubaneswar on **14.10.2019.**

All the registered/ unregistered **'All India NEET' qualified rank holders,** irrespective of their admission status, who are interested to take part in spot round counselling have to report as per the time table given below.

| VENUE | DATE | REPORTING TIME | CATEGORY | ALL INDIA NEET RANK |
|---|---|---|---|---|
| OJEE CELL, Gandamunda, Bhubaneswar | 14-10-2019 | 9:00AM TO 10:00AM | ALL ST, SC and ES Category Candidates | ALL ST, SC and ES Candidates |
| | | 11:00AM TO 12 NOON | GENERAL (including Green card and EWS Category) | 1- 262194 |
| | | 2:00PM TO 3:00PM | | 262195-404191 |
| | | 3:00PM TO 4:00PM | | 404192-556316 |
| | | 4:00PM TO 5:00PM | | 556317 and above |

**The candidates, who get admission in Spot Round, shall report to the respective institutions immediately by submitting a copy of the allotment-cum-admission letter duly signed by OJEE authority.**

**Admission will be declared closed as and when seats are exhausted.**

**For detailed instructions and modalities, please visit www.ojee.nic.in**

**Sd/-**
**CHAIRMAN, OJEE 2019**

❝ କୁତ୍ସିତ ଓ କଦର୍ଯ୍ୟ ମଧରେ– ଅମଙ୍ଗଳ ମଧରେ ରହିଛନ୍ତି ଯେଉଁ ସୌନ୍ଦର୍ଯ୍ୟମୟ ଭଗବାନ– ତାଙ୍କୁ ଭଲପାଇବା ଓ ଅନୁଭବ କରିବା ସଙ୍ଗେ ସଙ୍ଗେ କୁତ୍ସିତ, କଦର୍ଯ୍ୟ ଓ ଅମଙ୍ଗଳକୁ ନିରାମୟ କରିବା ପାଇଁ ପୂର୍ଣ୍ଣପ୍ରେମରେ ବ୍ୟାକୁଳ ହେବା– ଏହା ହିଁ ଯଥାର୍ଥ ଧର୍ମ ଓ ନୀତି।

–ଶ୍ରୀଅରବିନ୍ଦ



# ନୈରାଶ୍ୟଜନକ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପର୍ଯ୍ୟାୟକ୍ରମେ ଗତ ଫେବୃୟାରୀରୁ ଚଳିତ ଅକ୍ଟୋବର ମଧରେ ରେପୋ ରେଟ୍ (ଯେଉଁ ସୁଧ ହାରରେ ଆର୍‌ବିଆଇ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ଋଣ ଦିଏ) ମୋଟ ୧୩୫ ବେସିସ୍ ପଏଣ୍ଟ ହ୍ରାସ କରିଛି। ଦେଶରେ ଚାଲିଥିବା ଆର୍ଥିକ ମାନ୍ଦାବସ୍ଥାର ଧାରାକୁ ଏହା ରୋକିବ ବୋଲି ବିଶ୍ୱାସ କରାଯାଉଛି। ଦୁର୍ଗତି ଦେଇ ଗତି କରୁଥିବା ଶିଳ୍ପଜଗତର ପ୍ରାୟ ସବୁ କ୍ଷେତ୍ରରେ ଅଭିବୃଦ୍ଧି ହାର ପ୍ରଭୂତ ହ୍ରାସ ପାଇଛି। ବିଶ୍ୱ ମାନ୍ଦାବସ୍ଥା ପ୍ରଭାବରେ ୨୦୦୮ର ଶେଷ ଭାଗରୁ ଭାରତୀୟ ଅର୍ଥନୀତିରେ ଧିମାଗତି ଆରମ୍ଭ ହୋଇଥିଲେ ମଧ୍ୟ ଏହା କୌଣସି ପ୍ରକାରେ ସେହି ପ୍ରତିକୂଳ ପରିସ୍ଥିତିକୁ ଟାଳି ଆସିଥିଲା। ତେବେ ୨୦୧୬ ନଭେମ୍ବର ମାସର ବିମୁଦ୍ରୀକରଣ ପରଠାରୁ ସେହି ଅବସ୍ଥା ଆହୁରି ଖରାପ ହେବାକୁ ଆରମ୍ଭ କରିଛି। ଅନେକ ମଧ୍ୟମ ଓ କ୍ଷୁଦ୍ରଶିଳ୍ପ ବନ୍ଦ ହୋଇଯିବା ସହ ଲକ୍ଷ ଲକ୍ଷ ଶ୍ରମିକ ଓ କର୍ମଚାରୀ ଚାକିରି ହରାଇଛନ୍ତି। ନିଯୁକ୍ତି ବଢ଼ାଇବା ପାଇଁ ସରକାର କୌଣସି ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିନାହାନ୍ତି। ଫଳରେ ଖାଉଟିଙ୍କ ଚାହିଦା ଓ ଜିନିଷପତ୍ର କିଣାବିକା ବହୁମାତ୍ରାରେ ହ୍ରାସ ପାଇଛି। ଏହି ଚାହିଦା ହ୍ରାସର ଶିକାର ହୋଇଛନ୍ତି ବିଭିନ୍ନ ଖାଉଟି ସାମଗ୍ରୀର ନିର୍ମାତା କମ୍ପାନୀଗୁଡ଼ିକ। ପୂର୍ବର ସମସ୍ତ ଆର୍‌ବିଆଇ ଗଭର୍ନର ସୁଧହାର ହ୍ରାସ କରି ସରକାରଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ଲାଗି ଅରାଜି ହୋଇଥିଲେ। ତେବେ ବର୍ତ୍ତମାନର ଗଭର୍ନର ଶକ୍ତିକାନ୍ତ ଦାସ ସରକାରଙ୍କୁ ନିରାଶ କରିନାହାନ୍ତି। ଖାଉଟିମାନଙ୍କ ଚାହିଦା ବୃଦ୍ଧି କରିବା ପାଇଁ ସେ ପର୍ଯ୍ୟାୟକ୍ରମେ ସୁଧହାର ହ୍ରାସ କରିଚାଲିଛନ୍ତି। ତେବେ ଆର୍‌ବିଆଇ ଦ୍ୱାରା କରାଯାଇଥିବା ଏହି ସୁଧହାର ହ୍ରାସ ଅଭିଳଷିତ ସୁଫଳ ପ୍ରଦାନ କରିବାରେ ବିଫଳ ହୋଇଛି। ଏହି ହ୍ରାସର ସୁଫଳ ଗ୍ରାହକମାନଙ୍କୁ ଦେବା ଲାଗି ବ୍ୟାଙ୍କଗୁଡ଼ିକ କୁଣ୍ଠା ପ୍ରକାଶ କରୁଛନ୍ତି। ବୃହତ୍ତମ ବ୍ୟାଙ୍କ ଏସ୍‌ବିଆଇ ମୋଟ ହ୍ରାସର ମାତ୍ର ଏକଚତୁର୍ଥାଂଶ ସୁଫଳ ଗ୍ରାହକମାନଙ୍କୁ ଦେଇଛି। ଅନ୍ୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର କଥା ଆଉ କ'ଣ କହିବା ?

ଏହି ପରିପ୍ରେକ୍ଷୀରେ ଲୋକେ ଆଶା କରୁଥିଲେ ଏସ୍‌ବିଆଇ ଅନ୍ତତଃ ସଞ୍ଚୟ ଜମାଖାତା (ସେଭିଙ୍ଗ୍‌ସ ବ୍ୟାଙ୍କ)ର ସୁଧହାରକୁ ଅପରିବର୍ତ୍ତିତ ରଖିବ। କିନ୍ତୁ ବ୍ୟାଙ୍କ ଠିକ୍ ତା'ର ଓଲଟା କରିଛି। ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜମା ଉପରେ ଏହା ସୁଧହାର ୩.୫ ପ୍ରତିଶତରୁ ୩.୨୫ ପ୍ରତିଶତକୁ ଅର୍ଥାତ୍ ୨୫ ବେସିସ୍ ପଏଣ୍ଟ ହ୍ରାସ କରିଛି। ଏହି ହ୍ରାସପ୍ରାପ୍ତ ସୁଧହାର ୨୦୧୯ ନଭେମ୍ବର ପହିଲାରୁ ଲାଗୁ ହେବ। ଏହି ହ୍ରାସ ସପକ୍ଷରେ ବ୍ୟାଙ୍କର ଯୁକ୍ତି ହେଉଛି ବ୍ୟାଙ୍କ ପାଖରେ ଯଥେଷ୍ଟ ଚଳନିଧି ବା ନଗଦ ଟଙ୍କା ରହିଛି। ଏସ୍‌ବିଆଇ ମଧ୍ୟ ବର୍ଷକରୁ ଦୁଇବର୍ଷ ଭିତରେ ପରିପକ୍ୱ ହେଉଥିବା ଖୁଚୁରା ସ୍ଥାୟୀ ଜମା (ଏଫ୍‌ଡି) ଉପରେ ସୁଧହାର ୧୦ ବେସିସ୍ ପଏଣ୍ଟ ହ୍ରାସ କରିଛି, ଯାହା ଚଳିତ ଅକ୍ଟୋବର ୧୦ ତାରିଖରୁ କାର୍ଯ୍ୟକାରୀ ହେବ। ଏସ୍‌ବିଆଇ ଏହା ପୂର୍ବରୁ ଏକ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଜମାରାଶି ରହୁଥିବା ସେଭିଙ୍ଗ୍‌ସ ଆକାଉଣ୍ଟ ଉପରେ ସୁଧହାରକୁ ରେପୋ ରେଟ୍ ସହ ସଂଲଗ୍ନ କରିସାରିଛି। ବର୍ତ୍ତମାନ ଏହା ୩ ପ୍ରତିଶତ ରହିଛି। ଗତ ଅଗଷ୍ଟ ମାସରେ ଏସ୍‌ବିଆଇ ଯେଉଁ ଆଭିମୁଖ୍ୟ ଗ୍ରହଣ କରିଥିଲା ସେଥିରେ ପୂରାପୂରି ୟୁ ଟର୍ନ (ବିପରୀତ ମୋଡ଼) ନେଇଛି। ଗତ ଅଗଷ୍ଟ ମାସରେ ଏସ୍‌ବିଆଇ କହିଥିଲା ଯେ ରିଜର୍ଭ ବ୍ୟାଙ୍କ ରେପୋ ରେଟ୍ ହ୍ରାସ କରିବା ସତ୍ତ୍ୱେ ଏହା ସେଭିଙ୍ଗ୍‌ସ୍ ବ୍ୟାଙ୍କ ଜମା ଉପରେ ସୁଧହାର ଅପରିବର୍ତ୍ତିତ ରଖିବ। ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ଏକ ପ୍ରେସ୍ ରିଲିଜ୍‌ରେ କୁହାଯାଇଥିଲା ଯେ ସଞ୍ଚୟ ଜମାକାରୀଙ୍କ ସ୍ୱାର୍ଥରକ୍ଷା ଲାଗି ଏସ୍‌ବିଆଇ ସ୍ଥିର କରିଛି ଏକଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଜମାକାରୀଙ୍କ ସେଭିଙ୍ଗ୍‌ସ ବ୍ୟାଙ୍କ ଜମା ଉପରେ ବର୍ତ୍ତମାନ ରହିଥିବା ୩ ପ୍ରତିଶତ ସୁଧହାରକୁ ଆଉ ହ୍ରାସ କରିବ ନାହିଁ। ଏକ ଲକ୍ଷରୁ କମ୍ ଜମାକାରୀଙ୍କ ଲାଗି ରହିଥିବା ୩.୫ ପ୍ରତିଶତ ସୁଧହାର ବି ଅପରିବର୍ତ୍ତିତ ରହିବ। ସଞ୍ଚୟ ଜମା ଉପରେ ସୁଧହାର ହ୍ରାସ ସାଧାରଣ ବ୍ୟାଙ୍କ ଉପଭୋକ୍ତାଙ୍କୁ ପ୍ରଭାବିତ କରିବ, ବିଶେଷତଃ ନିମ୍ନ ଓ ନିମ୍ନ–ମଧ୍ୟବିତ୍ତ ବର୍ଗ ସବୁଠୁ ବେଶି କ୍ଷତିଗ୍ରସ୍ତ ହେବେ। ସରକାର ଟିକସ ହ୍ରାସ କରିବା ଓ ରିଜର୍ଭ ବ୍ୟାଙ୍କ ରେପୋ ରେଟ୍ ହ୍ରାସ କରିବା ବେଳେ ସାଧାରଣ ଜନତା ବ୍ୟାଙ୍କଗୁଡ଼ିକଠାରୁ ଯାହା ଆଶା କରୁଥିଲେ ସଞ୍ଚୟ ଜମା ଉପରେ ସୁଧହାର ହ୍ରାସ କରି ଏସ୍‌ବିଆଇ ତା'ର ଓଲଟା କାମ କରିଛି। ଏହାଫଳରେ ସଞ୍ଚୟ ଜମା ଉପରେ ନିର୍ଭର କରୁଥିବା ଗରିବ, ବରିଷ୍ଠ ନାଗରିକ ଓ ଶ୍ରମିକ ଶ୍ରେଣୀ ବିଶେଷ କ୍ଷତିଗ୍ରସ୍ତ ହେବେ। ପୂଜା ସମୟରେ ବ୍ୟାଙ୍କର ଏହି ମାଡ଼ ଅନ୍ୟାୟ ଓ ନୈରାଶ୍ୟଜନକ।

## ଆଜିର ଅର୍ଥନୀତି

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଅକ୍ଟୋବର ୧୯୯୪

- କୁଏଟ ଉପରେ ଇରାକର ସମ୍ଭାବ୍ୟ ଆକ୍ରମଣକୁ ଭିତ୍ତିକରି ପାରସ୍ୟ ଉପସାଗର ଅଞ୍ଚଳରେ ଯୁଦ୍ଧ ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ଆଜି ଇରାକ କୁଏଟ ସୀମାନ୍ତରୁ ସୈନ୍ୟ ପ୍ରତ୍ୟାହାର କରିବା ପାଇଁ ନିଷ୍ପତ୍ତି ନେଇଛି।
- ସୁପ୍ରିମକୋର୍ଟ ବିଚାରପତି ଅଜିତ ଅହମାଦୀଙ୍କୁ ଭାରତର ପରବର୍ତ୍ତୀ ମୁଖ୍ୟ ବିଚାରପତି ରୂପେ ନିଯୁକ୍ତି।
- ହାଇତି ସାମରିକ ନେତା ଜେନେରାଲ ସିଡ୍ରାସ ଏବଂ ସେନା ମୁଖ୍ୟ ଜେନେରାଲ ଫିଲିପ ବ୍ୟାମ୍ବି ସେମାନଙ୍କ ପଦବୀରୁ ଇସ୍ତଫା ଦେବା ଫଳରେ ହାଇତିରେ ସାମରିକ ଶାସନର ଅବସାନ ଘଟିଛି।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 4 | 5 | 9 | | 3 | 6 | | 7 | | | | 8 |
| | | 8 | | | 7 | B | | | | 4 | | E | 3 | 6 |
| | | D | 3 | | | A | | | | | 9 | | 2 | |
| | C | | | 8 | | 9 | 5 | | | | 2 | | | 1 |
| | | | 0 | | | E | 4 | | | | | | 7 | |
| | 7 | 6 | | | 1 | | A | 5 | | D | | 0 | | |
| | | 2 | | | | 1 | | | B | | | | | A |
| 9 | 1 | B | | 7 | | 8 | | | | | | | C | |
| 3 | | | | | | | | | | | 7 | | B | |
| E | | 0 | | C | 4 | 3 | | | A | | | | D | 2 |
| | 5 | | 7 | | B | 0 | 9 | | | | | 6 | | |
| 8 | | E | | D | A | | | | | | | B | | 0 |
| | | | | 2 | C | | | | | | | | | 9 |
| | 2 | | 5 | | 8 | | | | | | A | | | |
| B | D | 3 | 9 | 0 | | | E | | | | | | | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 1 | 3 | 7 | B | 5 | 2 | 6 | 8 | 9 | D | 4 | C | A | E |
| C | 9 | 4 | 2 | 6 | 3 | 0 | 7 | E | 5 | 1 | A | B | D | 8 |
| 5 | A | 6 | E | 1 | 8 | C | D | 9 | 2 | B | 3 | 4 | 7 | 0 |
| 2 | 7 | D | C | 4 | A | 5 | 3 | B | 0 | 8 | E | 6 | 9 | 1 |
| E | B | 8 | D | 0 | 9 | A | 4 | 1 | 6 | C | 7 | 5 | 3 | 2 |
| D | 3 | B | 0 | A | 7 | 8 | 1 | 6 | 4 | 5 | C | 2 | E | 9 |
| 6 | 0 | E | B | 8 | 4 | 9 | 5 | 3 | D | 7 | 2 | 1 | C | A |
| 9 | 8 | C | 5 | 2 | 6 | B | A | 4 | 3 | E | 1 | D | 0 | 7 |
| 7 | 5 | A | 1 | C | D | E | 0 | 2 | 8 | 9 | 6 | 3 | B | 4 |
| 1 | 4 | 2 | 9 | 3 | E | 7 | C | D | A | 0 | B | 8 | 6 | 5 |
| 8 | 6 | 7 | A | 9 | C | 3 | E | 5 | 1 | 4 | D | 0 | 2 | B |
| B | E | 5 | 3 | D | 1 | 4 | 9 | A | C | 2 | 0 | 7 | 8 | 6 |
| 4 | C | 9 | 6 | E | 0 | 1 | 2 | 7 | B | 3 | 8 | A | 5 | D |
| A | 2 | 0 | 4 | 5 | B | D | 8 | C | 7 | 6 | 9 | E | 1 | 3 |
| 3 | D | 1 | 8 | 7 | 2 | 6 | B | 0 | E | A | 5 | 9 | 4 | C |

ଗତକାଲିର ଉତ୍ତର

# କାହାକୁ କହିବା ସୁଶାସନ



ଶରତ ଚନ୍ଦ୍ର ମିଶ୍ର

ମହାଭାରତ ଯୁଦ୍ଧ ସମାପ୍ତ। ପିତାମହ ଭୀଷ୍ମ ଶରଶଯ୍ୟାରେ। ଯୁଧିଷ୍ଠିର ଯାଇ ପ୍ରଶ୍ନ କଲେ– ''ପିତାମହ! ସୁଶାସନ କାହାକୁ କହନ୍ତି ?'' ପିତାମହ କହିଲେ– ''ସୁଶାସନ ଅର୍ଥ, ରାଜା ଦେଶର ଅର୍ଥନୈତିକ ଓ ସାମାଜିକ ସମ୍ବଳକୁ ଉଚିତ ଭାବରେ ପରିଚାଳନା କରି ଜନତାର ମଙ୍ଗଳ ସାଧନ କରିବା। ଆର୍ଥିକ ପ୍ରଗତିର ସଫଳତା ଓ ବିଫଳତା ତାହା ଉପରେ ନିର୍ଭର କରେ। ଶାସନ ବ୍ୟବସ୍ଥା ସ୍ୱଚ୍ଛ, ସରଳ ଓ ନିରପେକ୍ଷ ହେବ। ଆଇନ କାନୁନ ପ୍ରଣୟନ ଅପେକ୍ଷା ତାହାର ସଫଳ କାର୍ଯ୍ୟାନ୍ୱୟନ ଅଧିକ ଜରୁରୀ। ଶାସନକଳର ଉତ୍ତରଦାୟିତ୍ୱ ରହିବ ଓ ପ୍ରତ୍ୟେକ ରାଜକର୍ମଚାରୀ ନିଜର କୃତକର୍ମ ନିମନ୍ତେ ଦାୟୀ ରହିବେ। ଶାସନ କଳରେ ଭ୍ରଷ୍ଟାଚାର ରହିବ ନାହିଁ ଓ ଜନସାଧାରଣ ଅଳ୍ପ କାଳରେ ଏବଂ ସ୍ୱଳ୍ପ ବ୍ୟୟରେ ନ୍ୟାୟ ପାଇପାରିବେ। ରାଜା ସମସ୍ତ ପ୍ରଜାଙ୍କୁ ସମାନ ଦୃଷ୍ଟିରେ ଦେଖିବେ ଓ ଆଇନ ସମସ୍ତଙ୍କ ନିମନ୍ତେ ସମାନ ହେବ। ଆଇନ ଭଙ୍ଗକାରୀମାନେ ଦଣ୍ଡିତ ହେବେ।''

ସୁଶାସନର ଏ କାରକଗୁଡ଼ିକ ଏବେ ମଧ୍ୟ ବୈଧ। ଜାତିସଂଘର ପୂର୍ବତନ ସେକ୍ରେଟାରୀ ଜେନେରାଲ କୋଫି ଆନ୍ନନଙ୍କ ମତରେ ଦେଶର ବିକାଶ ଓ ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ସୁଶାସନ ଏକାନ୍ତ ଜରୁରୀ। ଊନବିଂଶ ଶତାବ୍ଦୀର ଶେଷ ଭାଗରେ ବିସ୍‌ମାର୍କ ଜର୍ମାନୀରେ ଏକ ଦକ୍ଷ ଅମଲାତନ୍ତ୍ର ଓ ସୁଶାସନ ପ୍ରତିଷ୍ଠା କରି ଦେଶର ପ୍ରଭୂତ ଉନ୍ନତି ଘଟାଇ ପାରିଥିଲେ। ଦ୍ୱିତୀୟ ମହାଯୁଦ୍ଧର ଧ୍ୱସ୍ତ ବିଧ୍ୱସ୍ତ ଇଂଲଣ୍ଡର ପୁନର୍ଗଠନ ନିମନ୍ତେ ବେଭରିଜ ଯୋଜନା ପ୍ରଣୟନ ହୋଇ, ସରକାର ନାଗରିକମାନଙ୍କର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ସମସ୍ୟାର ଦାୟିତ୍ୱ ଗ୍ରହଣ କରି ଜନମଙ୍ଗଳ ରାଷ୍ଟ୍ରର ମୂଳଦୁଆ ପକାଇଥିଲେ। ଏ ବ୍ୟବସ୍ଥାର ବ୍ୟୟଭାର ସମ୍ଭାଳି ନ ପାରି ପ୍ରାୟ ଚାଳିଶ ବର୍ଷ ପରେ ଇଂଲଣ୍ଡର ତତ୍କାଳୀନ ପ୍ରଧାନମନ୍ତ୍ରୀ ଏଥିରେ ବ୍ୟାପକ ପରିବର୍ତ୍ତନ ଆଣି ଅନେକ ସୁବିଧା ପ୍ରତ୍ୟାହାର କରିନେଇଥିଲେ। ସାମ୍ରାଜ୍ୟବାଦରୁ ମୁକ୍ତି ପାଇଲା ପରେ ଗଣତନ୍ତ୍ରରେ ବିଶ୍ୱାସୀ ଦେଶଗୁଡ଼ିକ ଓ କେତେକ ପାଶ୍ଚାତ୍ୟ ଦେଶ ମଧ୍ୟ ଏହି ଜନମଙ୍ଗଳ ରାଷ୍ଟ୍ର ପରିକଳ୍ପନାରେ ପ୍ରଭାବିତ ହୋଇ ନୀତିଗତ ଭାବରେ ଏହାକୁ ଗ୍ରହଣ କଲେ। ବିଭିନ୍ନ ଦେଶରେ ବ୍ୟାପକ ସବ୍‌ସିଡି ପ୍ରଦାନ ଏ ଯୋଜନାର ଅଂଶବିଶେଷ। ବର୍ତ୍ତମାନ ପୃଥିବୀର ପ୍ରାୟ ପ୍ରତ୍ୟେକ ଗଣତାନ୍ତ୍ରିକ ଦେଶର ବଜେଟ୍ ନିଅଣ୍ଟିଆ ଓ ଦେଶ ଋଣଗ୍ରସ୍ତ। ତେଣୁ ଚାର୍ବାକ୍‌ପନ୍ଥୀ 'ଋଣଂ କୃତ୍ୱା ଘୃତଂ ପିବେତ୍'। ଜନମଙ୍ଗଳ ଶାସନ ଓ ସୁଶାସନ ଏକା କଥା ନୁହେଁ।

ସୁଶାସନର ମୁଖ୍ୟ ବୈଶିଷ୍ଟ୍ୟ ହେଲା (୧) ଆଇନ ପ୍ରଣୟନ ଓ ତାହାକୁ ଯଥାର୍ଥ ଭାବେ କାର୍ଯ୍ୟକାରୀ କରିବା, (୨) ଉପଲବ୍ଧ ସମ୍ବଳର ଉଚିତ ପରିଚାଳନା, (୩) ଆଇନର ଶାସନ, (୪) ନିଜର କାର୍ଯ୍ୟ ଓ ତା'ର ଫଳ ନିମନ୍ତେ ଉତ୍ତରଦାୟିତ୍ୱ ଓ (୫) ଭ୍ରଷ୍ଟାଚାର ନିୟନ୍ତ୍ରଣ। ଆଇନର ଶାସନ ଓ ଅର୍ଥନୈତିକ ପ୍ରଗତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ବେସରକାରୀ ଉଦ୍ୟୋଗପତିମାନେ ନିଜର ଅର୍ଥନୈତିକ କାର୍ଯ୍ୟକ୍ରମ ଜାରି ରଖିବା ନିମନ୍ତେ ଟିକସ ରିହାତି ବା ଦରଦାମ୍‌ରେ କିଛି ଫାଇଦା ଅପେକ୍ଷା ଆଇନର ଶାସନକୁ ଅଧିକ ଗୁରୁତ୍ୱ ପ୍ରଦାନ କରନ୍ତି। ଆଇନର ଶାସନରେ ଆଇନଗୁଡ଼ିକ ଆଗରୁ ଜଣାଥିବା ଆବଶ୍ୟକ ଓ ନିରପେକ୍ଷ ଭାବରେ ବ୍ୟକ୍ତିବିଶେଷ ନିର୍ବିଶେଷରେ ତାହାର ପ୍ରୟୋଗ ହେବା ଆବଶ୍ୟକ। କାର୍ଯ୍ୟକାରିତାରେ ସ୍ୱଚ୍ଛତା, ଆଇନ ପ୍ରଣୟନ ଓ ଆଇନର ତର୍ଜମା ଠିକ୍ ଭାବରେ ଓ ଠିକ୍ ସମୟରେ ହେବା ଦରକାର। ଆଇନ ପ୍ରଣୟନ ପ୍ରକ୍ରିୟାରେ ଜନମତ ପ୍ରକଟିତ ହେବା ଆବଶ୍ୟକ। ଏହି ପାଞ୍ଚୋଟି ମାନଦଣ୍ଡକୁ ବିଚାର କଲେ, ଆମର ଆଇନ ପ୍ରୟୋଗ କ୍ଷେତ୍ରରେ ଅନେକ ତ୍ରୁଟି ପରିଲକ୍ଷିତ ହୁଏ।

ସରକାରୀ କ୍ଷେତ୍ରରେ ଦାୟବଦ୍ଧତା ପ୍ରାୟତଃ ହ୍ରାସ ପାଇଛି। ପଞ୍ଚାୟତିରାଜର ପ୍ରବର୍ତ୍ତନ ଓ ସୂଚନା ଅଧିକାର ଆଇନ ହେତୁ ଦାୟବଦ୍ଧତା ବୃଦ୍ଧି ପାଇବ ବୋଲି ଆଶା କରାଯାଉଥିଲା। ଅଧିକାଂଶ ଯୋଜନାର ସଫଳ ରୂପାୟନ ତୃଣମୂଳ ସ୍ତରରେ ଅର୍ଥାତ୍ ଜିଲ୍ଲା ପ୍ରଶାସନ ଓ ତଦ୍‌ନିମ୍ନସ୍ତରରେ ହେବା ଆବଶ୍ୟକ। କିନ୍ତୁ ଆମ ଦେଶରେ ଜିଲ୍ଲା ଶାସନକଳଟି କର୍ମଚାରୀଙ୍କ ହାତରେ। ଇଂଲଣ୍ଡର କାଉଣ୍ଟି କାଉନ୍‌ସିଲ, ଫ୍ରାନ୍ସର ପ୍ରିଫେକ୍ଟ ବା ପାକିସ୍ତାନର ନଜିମ ପରି ଆମ ଦେଶରେ ଜିଲ୍ଲାସ୍ତରରେ ନିର୍ବାଚିତ ସରକାର ନାହିଁ। ଜିଲ୍ଲା ଶାସକ ଅଧିକାଂଶ କ୍ଷେତ୍ରରେ ରାଜ୍ୟ ବାହାରର ଲୋକ। ପରବର୍ତ୍ତୀ ସମୟରେ ସେ କେନ୍ଦ୍ର ସରକାରକୁ ଯିବେ ଓ ଅବସର ପରେ ନିଜ ରାଜ୍ୟରେ ଅଥବା ଦିଲ୍ଲୀରେ ବାସ କରିବେ। ଜିଲ୍ଲାବାସୀଙ୍କ ପାଖରେ ତାଙ୍କର କୌଣସି ଉତ୍ତରଦାୟିତ୍ୱ ରହୁନାହିଁ। ଏପରି କି ନିଜର କର୍ମଫଳର ପରିଣାମ ଦେଖିବାକୁ କି ଜାଣିବାକୁ ଅନେକ ସମୟରେ ଅବକାଶ ନାହିଁ। ଜିଲ୍ଲାରେ ନିର୍ବାଚିତ ସରକାର ଗଠନ କରି ସେମାନଙ୍କୁ ଦାୟିତ୍ୱ ଅର୍ପଣ କଲେ ଉତ୍ତରଦାୟିତ୍ୱ ସୃଷ୍ଟି ହେବ ଓ ଜନସାଧାରଣଙ୍କ ସହିତ ଶାସନକଳର ସମ୍ପର୍କ ବୃଦ୍ଧି ହେବ।

ଆଉ ଏକ ମୁଖ୍ୟ ସମସ୍ୟା ହେଲା ଦେଶରେ ଭ୍ରଷ୍ଟାଚାରର ବୃଦ୍ଧି। ଭ୍ରଷ୍ଟାଚାର ଓ ଦୁର୍ନୀତି ହେତୁ ଆମର ଏକ ଭାଗ ଜାତୀୟ ଆୟ ବୃଦ୍ଧି ହ୍ରାସ ପାଉଛି। ଦୁର୍ନୀତି ଗୋଟିଏ ରାଷ୍ଟ୍ରବିରୋଧୀ, ପ୍ରଗତିବିରୋଧୀ କାର୍ଯ୍ୟ ଓ ଏହା ଦରିଦ୍ର ଶ୍ରେଣୀର ଲୋକଙ୍କ ପାଇଁ ବିଶେଷ ବାଧକ। ଦୁର୍ନୀତିର ପ୍ରକାରଭେଦ ରହିଛି। ତୃଣମୂଳସ୍ତରରେ ଲୋକଙ୍କଠାରୁ ଜୋରଜବରଦସ୍ତି ଅର୍ଥ ଆଦାୟ ହୁଏ। ଏଥିରେ ପୋଲିସ, ଡାକ୍ତର, ରେଭିନ୍ୟୁ କର୍ମଚାରୀ, କୋର୍ଟ ପେସ୍କାର ଆଦି ଭାଗୀଦାର। ସରକାରୀ ଯୋଜନାଗୁଡ଼ିକରେ ବାଟମାରଣା ଓ ନିମ୍ନମାନର କାର୍ଯ୍ୟ ଆଦି ଜଣାଶୁଣା। ଉପରସ୍ତରରେ ଟିକସ ଫାଙ୍କି, ସରକାରୀ ବିକାକିଣା, ଜମି ଖଣି କିଣା, ନିଲାମ ଇତ୍ୟାଦିରେ ମିଳିମିଶି ଦୁର୍ନୀତି ହୁଏ। ତଳସ୍ତରରେ ଧମକା ଚମକା ଦୁର୍ନୀତି ଯେତେ ଲୋକଲୋଚନକୁ ଆସେ, ଉପରସ୍ତରର ମିଳିମିଶି କରିବା ଦୁର୍ନୀତି ସେତେ ନଜରକୁ ଆସେନାହିଁ। କିନ୍ତୁ ପରିମାଣ ହିସାବରେ ଉପର ସ୍ତର ଦୁର୍ନୀତିରେ ଅଧିକ ଅର୍ଥ ସମ୍ପୃକ୍ତ। ଦୁର୍ନୀତିରେ କ୍ଷତି ସହୁଥିବା ଲୋକମାନଙ୍କ ଅପେକ୍ଷା ଦୁର୍ନୀତିରେ ଲାଭବାନ ବ୍ୟକ୍ତି ଅଧିକ ଶକ୍ତିଶାଳୀ ଓ ପ୍ରଭାବଶାଳୀ। ତେଣୁ ଦୁର୍ନୀତି ହଟିବା ସମ୍ଭବପର ହେଉନାହିଁ। ରାଜନୈତିକ ନେତାଙ୍କର ଦଳ ଓ ନିର୍ବାଚନ ଖର୍ଚ୍ଚ ସେଇଥିରେ ଚାଲେ। ଉଚ୍ଚ ଅଫିସରଙ୍କ ବିଳାସବହୁଳ ଜୀବନ ଓ ତଳସ୍ତରର କର୍ମଚାରୀଙ୍କର ଆବଶ୍ୟକତା ଓ ଭୋଗବାଦର ଆଶା ସେଇଥିରୁ ପୂରଣ ହୁଏ। ବୃତ୍ତିଧାରୀମାନେ, ଯଥା– ଡାକ୍ତର, ଓକିଲ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନେ ସବୁଠାରୁ ଅଧିକ ଟିକସ ଫାଙ୍କନ୍ତି। ସାମ୍ବାଦିକମାନେ ବେଶି ତା' ବିରୋଧରେ କହନ୍ତି, କିନ୍ତୁ ସବୁ ପ୍ରକାର ସରକାରୀ ଓ ବେସରକାରୀ ଫାଇଦା ନିଅନ୍ତି। ବ୍ୟବସାୟୀମାନଙ୍କୁ ଦୁର୍ନୀତି ସୁହାଏ। ସାଧାରଣ ଜନତା ମଧ୍ୟ ଟିକସ ଫାଙ୍କି କରେ ଓ ଭୋଟ ବଦଳରେ ଟଙ୍କା ନିଏ। ଅନେକ ଏନ୍‌ଜିଓ ବିଦେଶରୁ ଅର୍ଥ ପାଆନ୍ତି ଓ ଲୋକପାଳ ପରିସରଭୁକ୍ତ ହେବା ଚାହାନ୍ତି ନାହିଁ। ପ୍ରବଳ ରାଜନୈତିକ ଓ ସାମାଜିକ ଇଚ୍ଛାଶକ୍ତି ଓ ଅର୍ଥନୈତିକ ପ୍ରଗତି ଘଟି ସମସ୍ତ ପ୍ରକାର ଦ୍ରବ୍ୟ ଓ ସେବା ସୁଲଭ ଭାବରେ ପ୍ରାପ୍ତ ହେଲେ ଦୁର୍ନୀତି ହ୍ରାସ ପାଇବାର ସମ୍ଭାବନା ଅଛି।

ଶେଷରେ ଦେଶର ଆର୍ଥିକ ପରିଚାଳନା ଦକ୍ଷତାର ସହିତ ହେବା ଆବଶ୍ୟକ। ଆମ ଦେଶରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କର ବଜେଟ୍ ନିଅଣ୍ଟିଆ ଅର୍ଥାତ୍ ସେମାନେ ଆୟ ଅପେକ୍ଷା ଅଧିକ ବ୍ୟୟ କରୁଛନ୍ତି। ସରକାର ଦୈନନ୍ଦିନ ପରିଚାଳନା ନିମନ୍ତେ ଅଧିକ ଖର୍ଚ୍ଚ କରିବା ଅପେକ୍ଷା କ୍ୟାପିଟାଲ ବଜେଟରେ ଅଧିକ ଖର୍ଚ୍ଚ କରିବା ଆବଶ୍ୟକ। ଦେଶରେ ଗରିବ ଶ୍ରେଣୀର ବହୁ ବ୍ୟକ୍ତି ଥିବା ହେତୁ ଅନେକ କ୍ଷେତ୍ରରେ ସବ୍‌ସିଡି ପ୍ରଦାନ କରାହେଉଛି। ଦେଶରେ ସବ୍‌ସିଡି ପ୍ରଦାନ ବର୍ତ୍ତମାନ କ୍ଷେତ୍ରରେ ବନ୍ଦ କରିବା ସମ୍ଭବ ନୁହେଁ, କିନ୍ତୁ ଏହାର ଅପବ୍ୟବହାର ରୋକିବା ନିମନ୍ତେ ଉଚିତ ନିୟନ୍ତ୍ରଣ ଆବଶ୍ୟକ। ଆମ ଦେଶ ବାଣିଜ୍ୟ କ୍ଷେତ୍ରରେ ମଧ୍ୟ ନିଅଣ୍ଟିଆ, ଆମେ ଯେତିକି ଦ୍ରବ୍ୟ ବିଦେଶକୁ ରପ୍ତାନି କରୁଛୁ, ତା'ଠାରୁ ଅଧିକ ଦ୍ରବ୍ୟ ବିଦେଶରୁ ଆମଦାନି କରୁଛୁ। ଦେଶର ଆର୍ଥିକ ପ୍ରଗତି ନିମନ୍ତେ ଉଭୟ ବଜେଟ କ୍ଷେତ୍ରରେ ଓ ବାଣିଜ୍ୟ କ୍ଷେତ୍ରରେ ସନ୍ତୁଳନ ରହିବା ଆବଶ୍ୟକ। ଦେଶର ପ୍ରଗତି ନିମନ୍ତେ ଉତ୍ତମ ନୀତି ପ୍ରଣୟନ ଯେତିକି ଆବଶ୍ୟକ ତାହାଠାରୁ ଅଧିକ ସୁଶାସନ ଆବଶ୍ୟକ।

ମୋ–୯୯୩୭୪୨୨୫୨୧

# ଅମର ଶହୀଦ ବାଜି ରାଉତ



ଡ. ଉଦ୍ଧବ ଚରଣ ନାୟକ

## ବାଜି ରାଉତଙ୍କ ବଳିଦାନ ଦିବସ ଉପଲକ୍ଷେ

ଢେଙ୍କାନାଳ ଏକ ପୂର୍ବତନ ଗଡ଼ଜାତ ରାଜ୍ୟ। ୧୯୨୫ ଡିସେମ୍ବର ୧୮ରେ ଏ ରାଜ୍ୟର ଶାସନ ଭାର ଗ୍ରହଣ କଲେ ରାଜା ଶଙ୍କର ପ୍ରତାପ ସିଂହଦେଓ ମହିନ୍ଦ୍ର ବାହାଦୁର। ନାମ ବଡ଼ କିନ୍ତୁ ଶାସନ କୁତ୍ସିତ। ବଡ଼ ଅହଂକାରୀ ଓ ଗର୍ବୀ ସେ ରାଜା। ତଳ ଭାଇ ପଚ୍ଚାୟତ ନୃସିଂହ ପ୍ରତାପ ସିଂହଦେଓଙ୍କ ସହାୟତାରେ ସେ ଅନ୍ଧାରି ଶାସନ ଆରମ୍ଭ କଲେ। କରବୃଦ୍ଧି ସାଙ୍ଗକୁ ବେଠି, ଭେଟି, ବେଗାରୀ, ରସଦ ଓ ମାଗଣ ଇତ୍ୟାଦିରେ ପ୍ରଜାକୁଳ ତ୍ରାହି ତ୍ରାହି ଡାକ ଛାଡ଼ିଲେ। ରାଜାଙ୍କ ଶାସନ ବିରୋଧରେ ତୀବ୍ର ଆନ୍ଦୋଳନ ଗଢ଼ିଉଠିଲା। ଗଠିତ ହେଲା ପ୍ରଜାମଣ୍ଡଳ। ଆନ୍ଦୋଳନକୁ ଚଳାଇଲେ ଢେଙ୍କାନାଳର ଲୌହମାନବ ମହେଶ ଚନ୍ଦ୍ର ସୁବାହୁସିଂହ, ଢେଙ୍କାନାଳର ସୁଭାଷ ବୀର ବୈଷ୍ଣବ ପ୍ରମୁଖ ସଂଗ୍ରାମୀମାନେ।

ଏତିକିବେଳେ ମାଟି ମା'ର ଡାକବାଜିଲା ଜଣେ ବାରବର୍ଷର ବାଳକ କାନରେ। ନାଁଟି ତା'ର ବାଜି ରାଉତ। ବାପଛେଉଣ୍ଡ। ପିତାଙ୍କ ନାମ ହରିହର ରାଉତ ଓ ମା'ଙ୍କ ନାମ ରାଣିଆ। ଜନ୍ମ ୧୯୨୬ ମସିହା ଅକ୍ଟୋବର ୫ରେ ଭୁବନ ପାଖ ନୀଳକଣ୍ଠପୁର ଗ୍ରାମରେ। ୧୯୩୮ ମସିହା ଜୁଲାଇରେ ଦିନେ ବେଠି ଖଟିବା ପ୍ରସଙ୍ଗ ନେଇ ଢେଙ୍କାନାଳ ରାଜାଙ୍କ ପୋଲିସ ବାଜିଆର ମା'କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଅପମାନିତ କଲା। ମା' ପ୍ରତି ଅପମାନ ବାଜିଆ ହଜମ କରିପାରିଲା ନାହିଁ। ଝାମ୍ପଦେଲା ପୋଲିସ ଉପରକୁ। ପୋଲିସ ବାଜିଆକୁ ଲଙ୍ଗଳା କରି ଧୁମ୍ ପିଟିଲା। ସେ ବାଳକ ବୋଲି ତାକୁ ପୋଲିସ ଛାଡ଼ିଦେଇଗଲା। ହେଲେ ବାଜିଆ ବଦ୍‌ଲା ନେବା ପାଇଁ ବାଜି ପକାଇଲା। ପ୍ରଜାମଣ୍ଡଳରେ ଯୋଗଦେଇ ବାନରସେନା ସାଜିଲା। ଦେଶ ଓ ଜାତି ପାଇଁ ନିଜକୁ ଉତ୍ସର୍ଗ କରିଦେଲା।

ସେହିବର୍ଷ ସେପ୍ଟେମ୍ବର ପହିଲାରେ ଜେନାପୁରଠାରେ ଅନୁଷ୍ଠିତ କୃଷକ ସଭାରେ ଢେଙ୍କାନାଳର ୨୦,୦୦୦ କୃଷକ ଯୋଗ ଦେଇଥିଲେ। ସେହି ସମାବେଶରେ ବାଜିଆ ଉପସ୍ଥିତ ହୋଇ ଗଳାଫଟାଇ ଢେଙ୍କାନାଳ ରାଜାଙ୍କ ଅତ୍ୟାଚାର ବିରୋଧରେ ଓଜସ୍ୱିନୀ ଭାଷଣ ଦେଲା। ବିଚକ୍ଷଣ ବାଳକ ବାଜିଆର ଭାଷଣ ଶୁଣି ଉପସ୍ଥିତ ଜନତା ସ୍ତବ୍ଧ ହୋଇଗଲେ। ଏହାପରେ ଢେଙ୍କାନାଳରେ ଦେଖାଦେଲା ସେପ୍ଟେମ୍ବର ୧୧–୧୩ ଯାଏ ମୁକ୍ତି ଆନ୍ଦୋଳନ। ପ୍ରଜାମଣ୍ଡଳର କର୍ମୀମାନଙ୍କୁ ରାଜା ଅନ୍ୟାୟ ଭାବେ ବନ୍ଦୀ କରିବାରୁ ଲୋକେ ଗାଁ ଗହଳିରୁ ବନ୍ଧ ଭାଙ୍ଗିଲା ପରି ମାଡ଼ିଆସିଲେ ଢେଙ୍କାନାଳ ଗଡ଼କୁ। ହଜାର ହଜାର ଲୋକ ପ୍ରଜାମଣ୍ଡଳର ଜୟ, ମହାତ୍ମା ଗାନ୍ଧୀ କୀ ଜୟ ଓ ଶଙ୍କର ପ୍ରତାପ ମୁର୍ଦ୍ଦାବାଦ ଧ୍ୱନି ଦେଇ ଢେଙ୍କାନାଳ ରାଜଉଆସକୁ କବ୍‌ଜା କରିନେଲେ। ଏହି ଜନ ସମାବେଶରେ ଯୋଗ ଦେଇଥିଲା ବାଜି ରାଉତ। ହାତରେ କପିଳାସ ଠେଙ୍ଗା ଓ ମୁଣ୍ଡରେ ନାଲି ଗାମୁଛା ବାନ୍ଧି ଗୀତ ଗାଇ ଗାଇ ଧ୍ୱନି ଦେଇ ଲୋକଙ୍କୁ ତତାଇ ମତାଇ ଦେଉଥାଏ ସେ। ଲୋକଙ୍କର ବିଜୟ ଘଟିଲା। ରାଜା ଅସହାୟ ହୋଇ ଗୋରା ସରକାରଙ୍କଠାରେ ଶରଣ ପଶିଲେ। କଟକରୁ ଆସି ପହଞ୍ଚିଲେ ଢେଙ୍କାନାଳରେ ପଲିଟିକାଲ ଏଜେଣ୍ଟ ବେଜେଲେଗେଟ୍। ଘୋଷଣା କଲେ ଢେଙ୍କାନାଳ ଆନ୍ଦୋଳନକୁ ନିଜେ ଦମନ କରିବେ। ଗୋର୍ଖାବାହିନୀ, ଡୋଗ୍ରା ବାହିନୀ, ହାଇଦ୍ରାବାଦୀ ଫୌଜ, ପଞ୍ଜାବୀ ଫୌଜ, ରାୟଗଡ଼ ଓ ଅନ୍ୟ ସୈନ୍ୟ ଆଣି ଢେଙ୍କାନାଳ ରାଜାଙ୍କ ପୋଲିସବାହିନୀ ସହ ମିଶାଇଦେଲେ। ବର୍ବର ଅତ୍ୟାଚାର ଆରମ୍ଭ ହେଲା ଢେଙ୍କାନାଳର ଗାଁଗଣ୍ଡାରେ। ପ୍ରଜାମାନଙ୍କ ସହ ହେଲା ମୁହାଁମୁହିଁ ଯୁଦ୍ଧ। ଅନେକ ଲୋକ ଗୁଳିରେ ପ୍ରାଣ ହରାଇ ବି ଛାଡ଼ୁ ନ ଥାନ୍ତି। ଅସହାୟ ହୋଇ ପୋଲିସ ଫୌଜ ଢେଙ୍କାନାଳ ଗଡ଼କୁ ଫେରିଯିବା ପାଇଁ ୧୦ ତାରିଖ ରାତିରେ ଆସି ପହଞ୍ଚିଲେ ଭୁବନ ଆଖପାଖ ଅଞ୍ଚଳରେ। ତାଙ୍କ ପଛରେ ହଜାର ହଜାର ଜନତା। ପୋଲିସ ଗୁଳି ଚଳାଇ ସେମାନଙ୍କୁ ଘଉଡ଼ାଉଥାଏ। ଲୋକେ ମରୁଥାଆନ୍ତି କିନ୍ତୁ ଛାଡ଼ୁ ନ ଥାନ୍ତି।

ପ୍ରଜାମଣ୍ଡଳ କର୍ମୀମାନେ ଜାଣିପାରିଲେ ନୀଳକଣ୍ଠପୁର ଘାଟ ଦେଇ ପୋଲିସ ଫୌଜ ବ୍ରାହ୍ମଣୀ ପାର ହେବେ। ସେମାନଙ୍କୁ ନଦୀପାର କରାଇ ନ ଦେବା ପାଇଁ ପ୍ରସ୍ତୁତ ହୋଇ ରହିଲେ ବାଳକ ବାଜିଆ, ଲକ୍ଷ୍ମଣ ମଲିକ, ନଟ ମଲିକ, ହୃରୁଷି ପ୍ରଧାନ, ରଘୁ ନାୟକ ଓ ଗୁରୁ ନାୟକ। ପୋଲିସ ଆସି ପହଞ୍ଚିଲା ନଦୀଘାଟରେ। ପାହାନ୍ତା ପହର। ପୋଲିସ କହୁଥାଆନ୍ତି ଆରେ ଡଙ୍ଗା ଆଣ। ହେଲେ କିଏ ଶୁଣୁଛି ସେମାନଙ୍କ କଥା। ଫୌଜ ଆଉ ବାଜି ରାଉତ ମଧ୍ୟରେ ଯୁକ୍ତିତର୍କ ଓ କଥା କଟାକଟି ଚାଲିଲା। ବାଜି ଠିଆ ହୋଇଛି ଡଙ୍ଗା ମଝିରେ। ମୁଣ୍ଡରେ ପଗଡ଼ି। ମଥାରେ ସିନ୍ଦୂରକଲି। ହାତରେ ତା'ର କପିଳାସ ଠେଙ୍ଗା। ଅନ୍ୟମାନେ ଡଙ୍ଗା ପାଖରେ ଡଙ୍ଗା ଦଉଡି ଧରି ଠିଆ ହୋଇଛନ୍ତି। ଫୌଜମାନେ କହୁଥାଆନ୍ତି ଡଙ୍ଗା ଆଣ। ବାଜିଆ ଗର୍ଜନ କରି କହୁଥାଏ ପ୍ରଜାମଣ୍ଡଳର ଆଦେଶ ନାହିଁ ତୁମମାନଙ୍କୁ ଡଙ୍ଗାରେ ପାର କରିବା ପାଇଁ। ଫୌଜମାନେ କହୁଥାଆନ୍ତି– ଡଙ୍ଗା ନ ଆଣିଲେ ଗୁଳି କରିବୁ। ବାଜିଆ ଦୃଢ଼କଣ୍ଠରେ କହୁଥାଏ ରଖ୍ ତୋ ଗୁଳି। ତୁମେମାନେ ମଣିଷଖିଆ ରାକ୍ଷସ। ଆମ ମା' ଭଉଣୀଙ୍କର ଇଜ୍ଜତ ଲୁଟୁଛ। ତୁମକୁ ପାରି କରାଯିବ ନାହିଁ। ଏତିକିବେଳେ ଢେଙ୍କାନାଳ ରାଜାଙ୍କ ପୋଲିସ ରବି ସ୍ୱାଇଁ ବାଜି ରାଉତ ମୁଣ୍ଡକୁ ଲକ୍ଷ୍ୟକରି ଚଳାଇଦେଲା ଗୁଳି– ଗୁଡୁମ୍, ଗୁଡୁମ୍। ବାସ୍, ବାଜିଆ ଟଳିପଡ଼ିଲା। ତା' ମୁଣ୍ଡର ଦହିହାଣ୍ଡି ବାହାରିପଡ଼ିଲା। ଗୁଳିଖାଇ ବାଜିଆ ଜୋରରେ ଗର୍ଜନ କରି କହିଲା, ପ୍ରଜାମଣ୍ଡଳର ଜୟ, ମହାତ୍ମା ଗାନ୍ଧୀ କୀ ଜୟ, ଶଙ୍କରାସୁର ମୁର୍ଦ୍ଦାବାଦ। ତା' ପରେ ପୋଲିସ ଗୁଳି ଚଳାଇ ଅନ୍ୟ ୬ ଜଣଙ୍କୁ ହତ୍ୟାକଲା। ବ୍ରାହ୍ମଣୀର ଜଳ ରକ୍ତରଞ୍ଜିତ ହୋଇଉଠିଲା। ବ୍ରାହ୍ମଣୀ ନଦୀ ଉଗ୍ର ରୂପ ଧାରଣ କଲା। ପ୍ରଜାମଣ୍ଡଳର କର୍ମୀମାନେ ଶହୀଦମାନଙ୍କର ମୃତଦେହକୁ ଜେନାପୁର ନେଇଯାଇ ଟ୍ରେନରେ କଟକରେ ପହଞ୍ଚିଲେ। କଟକ ନଗର ସ୍ତବ୍ଧ ହୋଇଗଲା। ବିରାଟ ପଟୁଆରରେ ଶହୀଦଙ୍କ ମୃତଦେହଗୁଡ଼ିକର ଶୋଭାଯାତ୍ରା ବାହାରିଲା। ଅସଂଖ୍ୟ ଜନତା ଶହୀଦମାନଙ୍କୁ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ଜଣାଉଥାଆନ୍ତି। ଶଗଡ଼ରେ ମୃତଦେହଗୁଡ଼ିକୁ ଶୋଭାଯାତ୍ରାରେ ନିଆଯାଉଥିଲା। ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ ଅନନ୍ତ ପଟ୍ଟନାୟକ, ବୈଷ୍ଣବ ପଟ୍ଟନାୟକ, ସାରଙ୍ଗଧର ଦାସ, ଗୋବିନ୍ଦ ମହାନ୍ତି, ସଚ୍ଚି ରାଉତରାୟ, ଶରତ ପଟ୍ଟନାୟକ, ରବି ଘୋଷ୍, ବିଶ୍ୱନାଥ ପଶାୟତ, ନବକୃଷ୍ଣ ଚୌଧୁରୀ, ପ୍ରାଣକୃଷ୍ଣ ପଢ଼ିଆରୀ, ସୁରେନ୍ଦ୍ର ନାଥ ଦ୍ୱିବେଦୀ ଓ ଗୌରାଙ୍ଗ ଦାସ ପ୍ରମୁଖ ବିପ୍ଳବୀ ନେତା।

ମୋ–୯୪୩୮୨୯୯୧୭୪

## ଏଇ ଭାରତରେ

ଦେଶର ବିଭିନ୍ନ ସ୍ଥାନରେ ବିଜୟାଦଶମୀରେ ରାବଣ ପୋଡ଼ି ସହ ଦଶହରା ଶେଷ ହେଉଥିବାବେଳେ ଛତିଶଗଡ଼ରେ ଏହି ପର୍ବରେ କିଛି ଭିନ୍ନତା ଦେଖିବାକୁ ମିଳେ। ଏହି ରାଜ୍ୟର କେତେକ ଅଞ୍ଚଳରେ ଦଶହରାରର ପୂଜା ବିଧି ଓ ରାବଣ ପୋଡ଼ିକୁ ନେଇ ଅଜବ ପରମ୍ପରା ପ୍ରଚଳିତ ରହିଛି। ମୁଖ୍ୟତଃ ବସ୍ତର ଦଶହରା ୭୫ ଦିନ ଧରି ପାଳନ କରାଯାଏ। ଏହି ପର୍ବରେ ରାବଣ କି ରାମଙ୍କର କିଛି ବି ସମ୍ବନ୍ଧ ନ ଥାଏ। ବସ୍ତର ଦଶହରାରେ କେବଳ ମା' ଦନ୍ତେଶ୍ୱରୀଙ୍କୁ ପୂଜା କରାଯାଏ ଓ ରଥଯାତ୍ରା ଅନୁଷ୍ଠିତ ହୁଏ। ପୂରା ଦଶହରାରେ ୨୧ଟି ବିଧି ପାଳନ କରାଯାଏ। ଏହି ଅବସରରେ ଶ୍ରୀକ୍ଷେତ୍ର ପୁରୀରେ ଅନୁଷ୍ଠିତ ରଥଯାତ୍ରା ଭଳି ରଥଯାତ୍ରାର ଆୟୋଜନ କରାଯାଏ। ୬୦୦ ବର୍ଷ ପୂର୍ବେ ବସ୍ତରର ରାଜା ପୁରୀରେ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଲାଭ କରି ଫେରିବା ପରେ ଏହି ରଥଯାତ୍ରାର ଆୟୋଜନ କରିଥିଲେ, ଯାହା ଏବେ ପାଳନ କରାଯାଉଛି। ରଥଯାତ୍ରାରେ ବହୁ ଦେବଦେବୀଙ୍କୁ ରଥାରୂଢ଼ କରାଯାଏ। ସେହିଭଳି ଛତିଶଗଡ଼ର ବାଲୋଦ ଜିଲ୍ଲା ଗୁରୁର୍ ଗ୍ରାମରେ ଶାର୍ଟ, ପ୍ୟାଣ୍ଟ ଓ ଟାଇ ପିନ୍ଧିଥିବା ୧୦୦ ବର୍ଷର ପୁରୁଣା ରାବଣ ମୂର୍ତ୍ତିକୁ ପଣ୍ଡିତ, ସଙ୍ଗୀତପ୍ରେମୀ ଓ ଚିକିତ୍ସକ ଭାବେ ଗ୍ରହଣ କରି ଲୋକମାନେ ତାହାକୁ ଦହନ ନ କରି ପୂଜା କରୁଛନ୍ତି। ଏହାବାଦ୍ ଧମତରୀ ଜିଲ୍ଲାର ସୋନାମଗର ଗାଁରେ ଲୋକମାନେ କଞ୍ଚାମାଟିରେ ରାବଣର ଅର୍ଦ୍ଧନଗ୍ନ ପ୍ରତିମୂର୍ତ୍ତି ତିଆରି କରନ୍ତି। ମା' ଶୀତଳା ମନ୍ଦିରରୁ ଖଣ୍ଡା ଆଣି ସେହି ପ୍ରତିମୂର୍ତ୍ତିକୁ ଖଣ୍ଡ ଖଣ୍ଡ କରନ୍ତି। ଲୋକମାନେ ରାବଣ ଉପରେ ମଧ୍ୟ ଆକ୍ରମଣ କରି ମାଟିକୁ ଘରକୁ ନେଇଯିବା ପରେ ଦଶହରା ଶେଷ ହୋଇଥାଏ।

## ଚିରନ୍ତନୀ

ଜୀବନ ମନ୍ଦିର ମମ
ଅସୀମ ଆକାଶେ ଟେକି ଶିର
ବିଜୟ ନିଶାଣ ସମ
ସୁମହାନ ରହେ ଉଭା ଚିର।
ମୁଖଶାଳା ପରେ ତାର
ଉଭାହୋଇ କିଏ ଉଠେ ଡାକି
ଖେଳିଯାଏ ସେ ଶବଦ
ଦଶ ଦିଗପାଳେ କରି ସାକ୍ଷୀ।
ଧରଣୀର ତନ୍ତ୍ରୀ ଥରେ
ତୃଣ ସମ ଦୋହଲେ ଅଚଳ!
ସେ ଶବଦେ ଉଠେ କମ୍ପି
ସକଳ ବିଶ୍ୱର ବକ୍ଷସ୍ଥଳ। (ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପଶ୍ଚିମ ଓଡ଼ିଶାରେ ସଙ୍ଗୀତ ଶିକ୍ଷା

ମହାଶୟ,

ଭୁବନେଶ୍ୱରଠାରେ ସରକାରଙ୍କ ଦ୍ୱାରା ପରିଚାଳିତ ଏକମାତ୍ର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ରହିଛି। ପଶ୍ଚିମ ଓଡ଼ିଶାରେ ଏପରି ଏକ ଅନୁଷ୍ଠାନ ନ ଥିବାରୁ ପଶ୍ଚିମ ଓଡିଶାର ବହୁ ଛାତ୍ରୀଛାତ୍ର କଳା ଓ ସଙ୍ଗୀତ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ବିଶେଷକରି ବଲାଙ୍ଗୀର, ସୁବର୍ଣ୍ଣପୁର, କଳାହାଣ୍ଡି ଏବଂ ବରଗଡ ଜିଲ୍ଲାର କଳାପ୍ରେମୀ ଛାତ୍ରୀଛାତ୍ର ଆଗ୍ରହ ଥିଲେ ମଧ୍ୟ ସଙ୍ଗୀତ ଓ ନୃତ୍ୟ ଶିକ୍ଷା କରି ପାରୁନାହାନ୍ତି। ବଲାଙ୍ଗୀର ଓ କଳାହାଣ୍ଡିରୁ ଭୁବନେଶ୍ୱରର ଦୂରତା ଚାରିଶହ କିଲୋମିଟର ହୋଇଥିବାରୁ ଏହି ଜିଲ୍ଲାଗୁଡିକର କଳା ପ୍ରତିଭା ଥିବା ଗରିବ ଛାତ୍ରୀଛାତ୍ର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ନାମ ଲେଖାଇ ପାରୁନାହାନ୍ତି । ଏଣୁ ରାଜ୍ୟ ସରକାରଙ୍କୁ ଅନୁରୋଧ ବଲାଙ୍ଗୀରଠାରେ ଆଉ ଏକ ସଙ୍ଗୀତ ମହାବିଦ୍ୟାଳୟ ପ୍ରତିଷ୍ଠା କରନ୍ତୁ।

ରବୀନ୍ଦ୍ର ସାଏ, ଅଧ୍ୟାପକ, ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ, ନେହେରୁ ନଗର, ଟିଟିଲାଗଡ, ବଲାଙ୍ଗୀର

### ତୀର୍ଥ ପୁଷ୍କରିଣୀ ବିପଦରେ

ଆଉ ମାତ୍ର କିଛିଦିନ ପରେ ପଡିବ ମହାକାର୍ତ୍ତିକ ମାସ। ଫଳରେ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧିପାଇବା ସହ ହଜାର ହଜାର ହବିଷିଆଳିଙ୍କ ସମାଗମ ହେବ। ସେମାନେ ମୁଖ୍ୟତଃ ପୁରୀର ଐତିହ୍ୟ ତୀର୍ଥ ପୁଷ୍କରିଣୀ ଉପରେ ନିର୍ଭର କରିବେ। କାରଣ କଥାରେ ରହିଛି ଶ୍ରୀକ୍ଷେତ୍ରକୁ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ପୂର୍ବରୁ ପ୍ରଥମେ ପଞ୍ଚତୀର୍ଥ ପୁଷ୍କରିଣୀରେ ସ୍ନାନ କଲେ ମହାପୁଣ୍ୟ ମିଳିଥାଏ। ଏବେ ଐତିହ୍ୟ ସହରରେ ଥିବା ପଞ୍ଚତୀର୍ଥ ପୁଷ୍କରିଣୀ ବିପଦରେ। ଜିଲ୍ଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗର ଅବହେଳା ଯୋଗୁ ତାହା ସମ୍ପୂର୍ଣ୍ଣ ଅପରିଷ୍କାର ହୋଇପଡିଛି। ଏହି ପୁଷ୍କରିଣୀଗୁଡିକ ଉପରେ ହଜାର ହଜାର ସ୍ଥାନୀୟ ବାସିନ୍ଦା ନିର୍ଭର କରନ୍ତି। ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ପାଚେରି ନିକଟ ରାସ୍ତାରେ ବିରାଟ ଫାଟ ସୃଷ୍ଟି ହୋଇଛି। ୫ ଶହ କୋଟି ଟଙ୍କା ଖର୍ଚ୍ଚ କରି ପୁରୀକୁ ବିଶ୍ୱ ଐତିହ୍ୟ ନଗରୀ ଭାବେ ଗଢ଼ିତୋଳିବା ସ୍ୱପ୍ନ ଦେଖୁଛନ୍ତି ମୁଖ୍ୟମନ୍ତ୍ରୀ। ତେଣୁ ତୀର୍ଥ ପୁଷ୍କରିଣୀଗୁଡ଼ିକର ପୁନରୁଦ୍ଧାର ପ୍ରତି ସରକାର ଦୃଷ୍ଟି ଦେବା ସର୍ବାଗ୍ରେ ଆବଶ୍ୟକ।

ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଟ୍ରାଫିକ ଥାନାଧିକାରିଣୀଙ୍କୁ ଢେକାମାଡ଼ ଘଟଣା: ଦୁଇ କୋର୍ଟ ଚାଲାଣ

ଚଣ୍ଡିଖୋଲ,୧୦।୧୦(ଡି.ଏନ.ଏ) : ଚଣ୍ଡିଖୋଲ ଟ୍ରାଫିକ ଥାନାଧିକାରିଣୀ ବିଜୟିନୀ ମଲ୍ଲଙ୍କୁ ମଙ୍ଗଳବାର ରାତିରେ ଢେଲା ମାଡ଼ କରିଥିବା ଅଭିଯୋଗରେ ବଡ଼ଚଣା ପୋଲିସ ଗୁରୁବାର ଦୁଇଜଣଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ପଞ୍ଚାୟତ ମିଲତନଗର ବସ୍ତିର ସେକ ରିଜୁଆନ ଅଲ୍ଲୀ ଓ ସେକ ସରିଫୁଲ୍ଲା ହକ୍ ପ୍ରକାଶ ଯେ, ଦଶହରା ରାତିରେ ଚଣ୍ଡିଖୋଲ ଟ୍ରାଫିକ ଥାନାଧିକାରିଣୀ ଦୁର୍ଗା ମଣ୍ଡପଠାରୁ ୩ଶହ ମିଟର ଦୂରରେ ଗାଡ଼ି ଯାଞ୍ଚ କରୁଥିଲେ। ଫଳରେ ମା'ଙ୍କୁ ଦର୍ଶନ କରିବାକୁ ଯାଉଥିବା ଲୋକଙ୍କ ମଧ୍ୟରୁ ଅନେକ ହଟହଟା ହୋଇ ଜରିମାନା ଗଣିଥିଲେ। ଏହି ସମୟରେ ସେକ ରିଜୁଆନ ଓ ସେକ ସରିଫୁଲ୍ଲା ଏକ ବାଇକ୍‌ରେ ଆସି ଧରାପଡ଼ିଥିଲେ। ସେମାନଙ୍କ ବିରୋଧରେ ଜରିମାନା କଟା ଯାଇଥିଲା। ତେଣୁ ଯାଞ୍ଚ ଦାୟିତ୍ୱରେ ଥିବା କେତେଜଣ କର୍ମଚାରୀ ଉଭୟଙ୍କୁ ଗାଳିଗୁଲଜ କରିଥିଲେ। ଏହାର କିଛି ସମୟ ପରେ ଏକ ଢେଲା ଆସି ଟ୍ରାଫିକ ଥାନାଧିକାରିଣୀଙ୍କ ମୁଣ୍ଡରେ ବାଜିଥିଲା। ସେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ଏହାପରେ ଥାନା ତରଫରୁ ବଡ଼ଚଣା ଥାନାରେ ଏକ ମାମଲା (ନଂ.୨୨୮/୧୯) ରୁଜୁ ହେଲା ପରେ ଉଭୟଙ୍କୁ ବୁଧବାର ପୋଲିସ ଆଣି ଅଟକ ରଖିଥିଲା। ଗୁରୁବାର ସେମାନଙ୍କୁ ପୋଲିସ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିବା ପରେ ସେମାନଙ୍କର ଜାମିନ ନାମଞ୍ଜୁର ହେବାରୁ ରଗଡ଼ି ସବଜେଲକୁ ପଠାଇ ଦିଆ ଯାଇଛି।

### ଅଚ୍ୟୁତାନନ୍ଦଙ୍କ ପୀଠରେ ନିତ୍ୟ ରାହାସ ଆରମ୍ଭ

ନେମାଳ,୧୦।୧୦(ଡି.ଏନ୍.ଏ.): ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ପଦ୍ମବନ ପୀଠରେ ରାହାସାଧିବାସ, କଳସ ସ୍ଥାପନ, ଯନ୍ତ୍ରପୂଜା ସହ ରାହାସ ପଠନ ଆରମ୍ଭ ହୋଇଛି। ଏହି ରାହାସ ପଠନ କାର୍ଯ୍ୟକ୍ରମ କୁମାର ପୂର୍ଣ୍ଣିମା ଯାଏ ଚାଲିବ। ଏହି ଅବସରରେ ପ୍ରତ୍ୟେହ ରାଧାକୃଷ୍ଣଙ୍କ ବିଗ୍ରହକୁ ଗୋପୀନାଥ ମନ୍ଦିରରୁ ନାମ ସଂକୀର୍ତ୍ତନ ମାଧ୍ୟମରେ ବେଢ଼ା ପରିକ୍ରମା କରାଯାଇ ରାହାସ ମଣ୍ଡପରେ ସ୍ଥାପନ କରାଯିବ।

### ■ ମହାନଦୀ ମୁହାଣରେ ଟ୍ରଲର ବୁଡ଼ିବା ଘଟଣା

# ନିଖୋଜ ମତ୍ସ୍ୟଜୀବୀଙ୍କ ମୃତଦେହ ମିଳିଲା

ପାରାଦୀପ,୧୦।୧୦(ସ୍ୱ.ପ୍ର.)

■ଟ୍ରଲର ମାଲିକଙ୍କ ନାମରେ ମାମଲା

■ମତ୍ସ୍ୟଜୀବୀଙ୍କୁ ମିଳୁନି ଲାଇଫ୍ ଜ୍ୟାକେଟ, ପରିଚୟପତ୍ର



ପାରାଦୀପ ମହାନଦୀ ମୁହାଣରେ ଗତ ମଙ୍ଗଳବାର ଏକ ମାଛଧରା ଟ୍ରଲର ବୁଡ଼ିଯାଇଥିଲା। ସେଥିରେ ଥିବା ୫ ମତ୍ସ୍ୟଜୀବୀଙ୍କ ମଧ୍ୟରୁ ୩ ଜଣ କୌଣସି ପ୍ରକାରେ ଜୀବନ ବଞ୍ଚାଇଥିବାବେଳେ ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଅନ୍ୟ ଜଣେ ନିଖୋଜ ଥିଲେ। ଘଟଣାର ୨ ଦିନ ପରେ ଗୁରୁବାର ନିଖୋଜ ମତ୍ସ୍ୟଜୀବୀଙ୍କ ମୃତଦେହ ହନୁମାନ ମନ୍ଦିର ନିକଟସ୍ଥ ବେଳାଭୂମିରୁ ଉଦ୍ଧାର କରିଛି ପୋଲିସ। ସେ ହେଲେ ଲକ୍ଷ୍ମୀଧର ଦାସ (୪୨)। ପୂର୍ବରୁ ସର୍ବେଶ୍ୱର ମଲିକଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଉଭୟଙ୍କ ଘର ଭଦ୍ରକ ଜିଲା ଧୁଷୁରି ଥାନା ଅଧୀନ ମୁଆଁ ଗ୍ରାମରେ। ଏନେଇ ଜଟାଧାର ମୁହାଣ ସାମୁଦ୍ରିକ ଥାନାରେ ସମ୍ପୃକ୍ତ ଟ୍ରଲର ମାଲିକଙ୍କ ବିରୋଧରେ ଦଫା ୩୦୪(ଏ)ରେ ମାମଲା ନଂ.୭/୧୯ ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଦୁର୍ଘଟଣାରେ ଉଦ୍ଧାର ପାଇଥିବା ମତ୍ସ୍ୟଜୀବୀମାନେ ହେଲେ ଭଦ୍ରକ ଆରଡି ଅଞ୍ଚଳର ଉକାକାନ୍ତ ଦାସ, ଗଙ୍ଗାଧର ଓ ସନ୍ତୋଷ। ସେମାନଙ୍କୁ ଏକ ନୋଳିଆ ଡଙ୍ଗା ଉଦ୍ଧାର କରିଥିଲା। ଉମାକାନ୍ତ ଏକ ପ୍ଲାଷ୍ଟିକ ଡ୍ରମ୍ ସାହାଯ୍ୟରେ ଭାସୁଥିବାବେଳେ ୮ଘଣ୍ଟା ପରେ ଏକ ମାଛଧରା ଟ୍ରଲର ତାଙ୍କୁ ଉଦ୍ଧାର କରିଥିଲା।

ସୂଚନାଯୋଗ୍ୟ, ମଙ୍ଗଳବାର ମଧ୍ୟାହ୍ନରେ ମା' ଜାଡୁଆଣୀ ନାମକ ମାଛଧରା ଟ୍ରଲର ସମୁଦ୍ରରୁ ମାଛ ଧରି ମାଛଧରା ବନ୍ଦରକୁ ଫେରୁଥିଲା। ଏହି ସମୟରେ ମୁହାଣ ଅଞ୍ଚଳରେ ଅନ୍ତଃସ୍ରୋତ ଯୋଗୁ ଟ୍ରଲରଟି ବୁଡ଼ିଯାଇଥିଲା। ସେଥିରେ ଥିବା ୫ଜଣ ମତ୍ସ୍ୟଜୀବୀଙ୍କୁ ଟ୍ରଲର ମାଲିକ ପ୍ରତାପ ବିଶ୍ୱାଳ ଲାଇଫ୍ ଜ୍ୟାକେଟ ଦେଇ ନ ଥିବାରୁ ତାଙ୍କ ବିରୋଧରେ ଏଭଳି ମାମଲା ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଭରତ କୁମାର ବେହେରା କହିଛନ୍ତି। ମାଛଧରା ବନ୍ଦରରେ ଥିବା ୫୦୦ରୁ ଅଧିକ ଟ୍ରଲରରେ ମତ୍ସ୍ୟଜୀବୀଙ୍କୁ ପ୍ରାୟତଃ ଅଧିକାଂଶ ମାଲିକ ଲାଇଫ ଜ୍ୟାକେଟ ଦେଉନାହାନ୍ତି। ଏପରି କି ସମସ୍ତଙ୍କର ମତ୍ସ୍ୟଜୀବୀ ପରିଚୟପତ୍ର ନାହିଁ। ଫଳରେ ଦୁର୍ଘଟଣାରେ ମୃତାହତଙ୍କୁ କୌଣସି ସରକାରୀ ସହାୟତା ମିଳିପାରୁନାହିଁ। ମହାନଦୀ ମୁହାଣ ଅଞ୍ଚଳ ପୋତିହୋଇ ପଡ଼ିବା ଯୋଗୁ ଏପରି ଦୁର୍ଘଟଣା ବାରମ୍ବାର ଘଟୁଛି। ମଙ୍ଗଳବାର ବୁଡ଼ିଯାଇଥିବା ଟ୍ରଲରର ପତ୍ତା ମିଳିନାହିଁ।

### ■ କ୍ୟାନ୍‌ସରରେ ପୀଡ଼ିତ ପୁଅ

# ଚିକିତ୍ସା ଖର୍ଚ୍ଚ ପାଇଁ ବାପାଙ୍କ ନିବେଦନ

ରଘୁନାଥପୁର, ୧୦।୧୦ (ଡି.ଏନ.ଏ.)



ପୁଅକୁ କ୍ୟାନସର ହୋଇଥିବା ବେଳେ ଆର୍ଥିକ ସମ୍ବଳ ନ ଥିବାରୁ ଚିକିତ୍ସାରେ ବାଧକ ସାଜିଛି। ପୁଅର ଚିକିତ୍ସା ଲାଗି ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ବାପା ଆକୁଳ ନିବେଦନ କରିଛନ୍ତି। ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ରେଢୁଆ ହାଟ ଗ୍ରାମର ପ୍ରଫୁଲ୍ଲ ଭୋଇ(୩୯)। ମଜୁରି ଲାଗିଲେ ପରିବାର ଚଳେ। ଘରେ ସ୍ତ୍ରୀ, ପୁଅ, ଝିଅଙ୍କୁ ଛାଡି ଦେଲେ ମା'ବାପା ଅଛନ୍ତି। ନିଜସ୍ୱ ଘରଡିହ ଗୁଣ୍ଠେ ନ ଥିବା ବେଳେ ସ୍ଥାନୀୟ ବୃନ୍ଦାବନ ଚନ୍ଦ୍ର ମଠ ଜମିରେ ନିର୍ମିତ ନାଚାଳିଆରେ ବିତୁଛି ଜୀବନ। ମଜୁରି ଲାଗି ଦୁଃଖ କଷ୍ଟେ ପରିବାର ପ୍ରତିପୋଷଣ ହୋଇଯାଉଥିଲା। ତେବେ ଶରୀର ଅସୁସ୍ଥ ହେବା ପରେ ଯେଉଁଦିନ ଡାକ୍ତରୀ ରିପୋର୍ଟରୁ ଜଣାପଡିଲା ପ୍ରଫୁଲ୍ଲଙ୍କର ଖାଦ୍ୟନଳୀ ଓ ପାକସ୍ଥଳିରେ କ୍ୟାନସର ପରିବାର ଏକ ପ୍ରକାର ଦୁଃଖରେ ଭାଙ୍ଗି ପଡଛନ୍ତି। ପ୍ରଫୁଲ୍ଲଙ୍କ ବାପା ମୁରଲୀ ଓ ମା' ରୋଗଗ୍ରସ୍ତ। ପର ଘରେ କାମ କରି ଟଙ୍କା ଆଣି ସଂସାରର ବୋଝ ବୋହି ନେବା ସହ ପୁଅର ଚିକିତ୍ସା ଖର୍ଚ୍ଚ ବହନ କରିବା ଅସମ୍ଭବ ହୋଇପଡିଛି। ପୁଅ, ଝିଅଙ୍କ ଭବିଷ୍ୟତ ତଥା ପରିବାର ମୁଖରେ ଦାନା ଦେବା କଥା ଚିନ୍ତା କରି ପ୍ରଫୁଲ୍ଲ ଶରୀର କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ବାପା ମୁରଲୀ ପୁଅର ଚିକିତ୍ସା ପାଇଁ ସାହି, ପଡୋଶୀଠାରୁ ଆରମ୍ଭ କରି ଚାରିଆଡେ ବୁଲି ନେହୁରା ହେଉଛନ୍ତି। ଗ୍ରାମର ବଦାନ୍ୟ ବ୍ୟକ୍ତି ତଥା ଯୁବକମାନଙ୍କ ସହାୟତାରେ ଗୁରୁବାର ପ୍ରଫୁଲ୍ଲଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଛି। ତେବେ ଏହି ଚିକିତ୍ସାର ପରିମାଣ ଅଧିକ ହୋଇଥିବାରୁ କୌଣସି ବ୍ୟକ୍ତି ବା ଅନୁଷ୍ଠାନ ସହାୟତାର ହାତ ବଢାଇଲେ ପୁଅ ଆରୋଗ୍ୟ ଲାଭ କରି ପାରନ୍ତା ବୋଲି ମୁରଲୀ ଆକୁଳ ନିବେଦନ କରିଛନ୍ତି।

# ସର୍ବମଙ୍ଗଳ ଯୁବକ ସଂଘର ବାର୍ଷିକ ଉତ୍ସବ



ଉତ୍ସବରେ ଉପସ୍ଥିତ ଅତିଥି ଓ ସମ୍ବର୍ଦ୍ଧିତ ପ୍ରତିଭା।

ବିରିଡ଼ି,୧୦।୧୦(ଡି.ଏନ.ଏ.)

ବିରିଡ଼ି ବ୍ଲକ ହାଜିପୁର ପଞ୍ଚାୟତ ଅଷ୍ଟଶମ୍ଭୁ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ସର୍ବମଙ୍ଗଳ ଯୁବକସଂଘର ୫୯ତମ ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଛି। କ୍ଲବ ସଭାପତି ବିଜୟ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ଇଂ. ହିମାଂଶୁ କୁମାର ମଲ୍ଲିକ ମୁଖ୍ୟଅତିଥି, କବିରାଜ ବିଭୂତି ଭୂଷଣ ଦାଶ, ସରପଞ୍ଚ ବିମଳ ପ୍ରସାଦ ସେଠୀ, ଗୀତିକବି ବାମଦେବ ସ୍ୱାଇଁ, କନିମୂଳ ସରପଞ୍ଚ ବେଦଦ୍ୟୁତି ପୃଷ୍ଟି, ଡ. ସୁରେଶ ଚନ୍ଦ୍ର ଜେନା, ବସୁମାତାର ସମ୍ପାଦକ ଗୟାଧର ମହାନ୍ତି, ନାଟ୍ୟ ନିର୍ଦ୍ଦେଶକ ବିଜୟ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଦୀପ୍ତ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ସୁରେଶ ଜେନାଙ୍କ ସଂଯୋଜନାରେ ବାର୍ଷିକ ବିବରଣୀ ପାଠ କରିଥିଲେ ବେଦଦ୍ୟୁତି ପୃଷ୍ଟି। ଉତ୍ସବରେ କବିରାଜ ବିଭୂତି ଭୂଷଣ ଦାଶଙ୍କୁ ସର୍ବଶ୍ରେଷ୍ଠ ବ୍ୟକ୍ତିତ୍ୱ ସମ୍ମାନ, ବରିଷ୍ଠ ବ୍ୟକ୍ତିତ୍ୱ ଭାସ୍କର ଜେନା, ବୁଲେଇ ସେଠୀ ଓ ପ୍ରହ୍ଲାଦ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳାକାର ଭତ୍ତା ପାଉଥିବା ୨୬ ଜଣଙ୍କୁ ମାନପତ୍ର, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ପାଦକ ଶଙ୍କର୍ଷଣ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ବିକ୍ରମ କୁମାର ଜେନା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

### ଯୁବକ ଜୀବନ୍ତ ଜଳିଯିବା ଘଟଣା

# ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

ବାଲିକୁଦା,୧୦।୧୦(ସ୍ୱ.ପ୍ର.)

ବାଲିକୁଦା ଥାନା ଅନ୍ତର୍ଗତ ଦେବଗ୍ରାମ ଉପ୍ରା ବିଦ୍ୟାଳୟ କୋଠାରେ ଗତ ୬ ତାରିଖ ରାତିରେ ପୋଡ଼ିହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଇତିମଧ୍ୟରେ ୫ ଦିନ ବିତିଥିଲେ ମଧ୍ୟ ଘଟଣା ରହସ୍ୟାବୃତ୍ତ ହୋଇ ରହିଛି। ଯଦିଓ ମୃତ ଯୁବକ ନୟାଗଡ଼ ଜିଲା ଚାନ୍ଦିପୁରର କୃଷ୍ଣଚନ୍ଦ୍ର ଚମ୍ପତିରାୟ ବୋଲି ଚିହ୍ନଟ କରାଯାଇଛି, ତେବେ କେଉଁ ପରିସ୍ଥିତିରେ ଯୁବକଙ୍କ ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇପାରିନାହିଁ। ପ୍ରାଥମିକ ତଦନ୍ତରୁ ପୋଲିସ ଏହାକୁ ଆତ୍ମହତ୍ୟା ବୋଲି କହୁଛି। ତେବେ ମୃତ୍ୟୁର ସଠିକ କାରଣ ଜଣାପଡିନାହିଁ। ଅନ୍ୟପକ୍ଷରେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିନାହିଁ। ଏହି ରିପୋର୍ଟକୁ ଏବେ ପୋଲିସ ଅପେକ୍ଷା କରିବା ସହ ତନାଘନା ଜାରି ରଖିଛି। ଗୁରୁବାର ଜଗତ୍‌ସିଂହପୁର ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ପାଲ ଓ ବାଲିକୁଦା ଥାନା ଅଧିକାରୀ ସର୍ବେଶ୍ୱର ବେହେରା ଦେବଗ୍ରାମ (ଦାଗାଁ)କୁ ଯାଇ ତଦନ୍ତ କରିଛନ୍ତି। କୃଷ୍ଣଚନ୍ଦ୍ର ମୃତ୍ୟୁ ପୂର୍ବରୁ ରକ୍ତରେ ଯେଉଁ ଯୁବତୀଙ୍କ ନାମ ଲେଖିଯାଇଥିଲେ ତାଙ୍କ ପରିବାର ଲୋକଙ୍କୁ ପୋଲିସ ଘଟଣା ସମ୍ପର୍କରେ ପଚରାଉଚରା କରିଛି। ଅନ୍ୟପକ୍ଷରେ ଘଟଣାରେ ସେହି ଗ୍ରାମରେ ଭଡ଼ାରେ ରହୁଥିବା ଜଣେ ଯୁବକ ସମ୍ପୃକ୍ତ ଥିବା ଚର୍ଚ୍ଚା ହେଉଛି। ଘଟଣା ପରଠାରୁ ସେ ଗ୍ରାମକୁ ଫେରି ନ ଥିବା କୁହାଯାଉଛି। ଘଟଣା ପରଦିନ ଅର୍ଥାତ ୭ ତାରିଖ ରାତି ପ୍ରାୟ ୧ଟାରେ ସେ ନିଜ ଭଡା ଘରକୁ ଆସି ପୁଣି ରାତାରାତି ସେଠାରୁ ଚାଲି ଯାଇଥିଲେ। ଏହା ଲୋକଙ୍କ ମନରେ ସନ୍ଦେହ ଜାତ କରିଛି। ପୋଲିସ ମଧ୍ୟ ସେହି ଯୁବକଙ୍କ ଉପରୁ ନଜର ହଟାଇ ନାହିଁ। କୃଷ୍ଣଚନ୍ଦ୍ରଙ୍କ ମୃତ୍ୟୁ ଖବରପାଇ ତାଙ୍କ ସ୍ତ୍ରୀ ଓ ପରିବାର ଲୋକେ ଆସିଥିଲେ। ସେମାନେ କୃଷ୍ଣଚନ୍ଦ୍ରଙ୍କୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ କରିଛନ୍ତି।


**ପୂର୍ବ ତଟ ରେଳପଥ**

ଭୁବନେଶ୍ୱର ଷ୍ଟେସନ ଠାରେ ପେ ଆଣ୍ଡ୍ ୟୁଜ୍ ଶୌଚାଳୟ ଗୁଡ଼ିକର ପରିଚାଳନା ଏବଂ ରକ୍ଷଣାବେକ୍ଷଣ

ସଂ. SDCM/KUR/Pay & Use Toilet/BBS (PF.1&6)/2019, ତା: 03.10.2019

**ବିବରଣୀ :** ଭୁବନେଶ୍ୱର ରେଳ ଷ୍ଟେସନ ଠାରେ ପ୍ଲାଟ୍‌ଫର୍ମ ନଂ. 1 ଏବଂ 6 ସ୍ଥିତ "ପେ ଆଣ୍ଡ୍ ୟୁଜ୍ ଶୌଚାଳୟ" ର ପରିଚାଳନା ଏବଂ ରକ୍ଷଣାବେକ୍ଷଣ। ଶୌଚାଳୟ: 08 ସଂଖ୍ୟକ (ପ୍ଲାଟ୍‌ଫର୍ମ 1ରେ 04 ଟି ଏବଂ ପ୍ଲାଟ୍‌ଫର୍ମ 6 ରେ 04 ଟି), ସ୍ନାନ ସୁବିଧା : ପ୍ଲାଟ୍‌ଫର୍ମ 6ରେ 04 ଟି, ପରିସ୍ରାଗାର : ପ୍ଲାଟ୍‌ଫର୍ମ 6 ରେ 07 ଟି (ପୁରୁଷଙ୍କ ପାଇଁ - 04 ଟି ଏବଂ ମହିଳାଙ୍କ ପାଇଁ - 03 ଟି)।

**05 ବର୍ଷ ପାଇଁ ମୋଟ୍ ସଂରକ୍ଷଣ ମୂଲ୍ୟ (ଟଙ୍କାରେ) :** 23,78,580.00, EMD : ₹ 2,37,900.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 3,540.00, କାର୍ଯ୍ୟ ସମାପ୍ତିର ଅବଧି:05 (ପାଞ୍ଚ) ବର୍ଷ।

**ଟେଣ୍ଡର ଖୋଲା ହେବାର ତାରିଖ ଓ ସମୟ :** 20.11.2019 ର 1600 ଘଟିକା।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ)/ ଖୋର୍ଦ୍ଧା ରୋଡ୍

PR-420/K/19-20


### ■ ବୁଲା କୁକୁର ମୁହଁରୁ ବର୍ତ୍ତିଲେ ଦେଢ଼ବର୍ଷର ଶିଶୁପୁତ୍ର

# ଉଦ୍ଧାରକରି ଆହତ ହେଲେ ବାଳକ

ବାଲିକୁଦା,୧୦।୧୦(ସ୍ୱ.ପ୍ର.)



ବାଲିକୁଦା ବ୍ଲକ ନହରଣା ଗ୍ରାମର ଜଣେ ୧୩ ବର୍ଷର ବାଳକଙ୍କ ଅଦମ୍ୟ ସାହସ ଯୋଗୁ ଏକ ବୁଲା କୁକୁର ମୁହଁରୁ ଜଣେ ଦେଢବର୍ଷର ଶିଶୁପୁତ୍ର ବଞ୍ଚିଯାଇଛନ୍ତି। ତେବେ ଶିଶୁପୁତ୍ରକୁ ଉଦ୍ଧାର କରିବାକୁ ଯାଇ ବାଳକ ଜଣଙ୍କ ଆହତ ହୋଇଛନ୍ତି। ଶିଶୁପୁତ୍ରକୁ ବଞ୍ଚାଇବାକୁ ଯାଇ ସେ ଦୀର୍ଘ ୧୦ ମିନିଟ୍ ଧରି କୁକୁର ସହିତ ସଂଘର୍ଷ କରିଥିଲେ। ତାଙ୍କର ଏଭଳି ସାହସିକତାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ସେ ହେଲେ ଗ୍ରାମର ବାବାଜୀ ମୁଦୁଲିଙ୍କ ନାତି ସୋମ ସାହୁ (ଶିବୁ)। ସେ ନହରଣା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର। ସୂଚନା ଅନୁଯାୟୀ, ନହରଣା ଗ୍ରାମର ସତ୍ୟାର୍ଥ ପରିଡ଼ାଙ୍କ ଦେଢ ବର୍ଷର ପୁଅ ଠାକୁର ଦାଣ୍ଡରେ ଜେଜେମାଙ୍କ ପାଖରେ ଖେଳୁଥିଲେ। ଏହି ସମୟରେ ଏକ ବୁଲା କୁକୁର ତାଙ୍କ ଉପରକୁ ମାଡ଼ି ଆସିଲା। ଏହା ଦେଖି ପାଖରେ ଥିବା ଶିବୁ ତାଙ୍କୁ ରକ୍ଷା କରିବା ପାଇଁ କୁକୁର ସାମ୍ନାକୁ ଚାଲି ଆସିଲା। ବୁଲା କୁକୁର କିନ୍ତୁ ଛାଡ଼ି ନ ଥିଲା। ଶିଶୁପୁତ୍ରଟିକୁ ଛାଡ଼ିଦେଇ ଶିବୁଙ୍କ ଉପରକୁ ଲମ୍ଫ ଦେଇଥିଲା। ତାଙ୍କ ଗୋଡ଼ ଓ ହାତ ଆଦି ବିଭିନ୍ନ ସ୍ଥାନକୁ କାମୁଡି ପକାଇଥିଲା। ଏହି ସମୟରେ ପାଖରେ ଥିବା କେତେଜଣ ଲୋକ ଆସି କୁକୁରକୁ ଘଉଡାଇଥିଲେ। ଶିବୁଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ୧୭ରେ ଜିଓ ବିରୋଧରେ ବିକ୍ଷୋଭ

ଯାଜପୁରଟାଉନ,୧୦।୧୦(ଡିଏନଏ)

ଜିଓ ଓ ଟ୍ରାଇର ମନମାନି ନିଷ୍ପତ୍ତି ନେଇ ଓଡ଼ିଶା ନାଗରିକ ସୁରକ୍ଷା ସଂଗ୍ରାମ ମହାମଞ୍ଚ ପକ୍ଷରୁ ପ୍ରତ୍ୟେକ ଜିଲା ସଦର ମହକୁମାରେ ଆସନ୍ତା ୧୭ତାରିଖ ଏକ ବିକ୍ଷୋଭ ପ୍ରଦର୍ଶନ କରାଯିବା ପାଇଁ ମହାମଞ୍ଚର ରାଜ୍ୟ ସଂଯୋଜକ ପଦ୍ମାକର ଗୁରୁ ଘୋଷଣା କରିଛନ୍ତି। ଗୁରୁବାର ସ୍ଥାନୀୟ ଅଫିସର୍ସ କ୍ଲବ ପରିସରରେ ଏକ ଖବରଦାତା ସମ୍ମିଳନୀ କରି ଜିଓର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା କହିଥିଲେ। ଜାଗୋ ଗ୍ରାହଗ ଜାଗୋ ଆହ୍ୱାନ ଦେଇ ପ୍ରତି ଜିଲା ସଦର ମହକୁମାରେ ଜିଓ ଓ ଟ୍ରାଇ ବିରୋଧରେ ୧୭ତାରିଖ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ରାଜଧାନୀରେ ମଧ୍ୟ ଏକ ବଡ଼ଧରଣ ବିକ୍ଷୋଭ କରାଯିବ ବୋଲି ଗୁରୁ ପ୍ରକାଶ କରିଛନ୍ତି। ଜିଓ କର୍ତ୍ତୃପକ୍ଷ ଅଚାନକ ଭାବେ ଜିଓ ନେଟୱାର୍କରୁ ଅନ୍ୟ ନେଟ୍‌ୱାର୍କକୁ କଲ୍ ପ୍ରତି ମିନିଟ୍ ପିଛା ୬ପଇସା ଗଣିବାକୁ ପଡ଼ିବ ବୋଲି ଘୋଷଣା କରିଛନ୍ତି।

# ୧୯୮୭ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ

ଜଗତ୍‌ସିଂହପୁର ଅଫିସ, ୧୦।୧୦

ସ୍ଥାନୀୟ ଶ୍ରୀକୃଷ୍ଣ (ଏସ୍‌କେ) ଏକାଡେମୀ ପରିସରରେ ଏହି ବିଦ୍ୟାଳୟର ୧୯୮୬ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ବ୍ୟାଚର ଛାତ୍ର ତଥା ଖବରଦାତା ଶଶାଙ୍କ ଶେଖର ପଣ୍ଡାଙ୍କ ଆବାହକତ୍ୱରେ ଏକ ସଭା ହୋଇଥିଲା। ଏଥିରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ବିପିନ ବିହାରୀ ସ୍ୱାଇଁ, ପଣ୍ଡିତ ଘନଶ୍ୟାମ ମିଶ୍ର, ନରସିଂହ ଦାସ ଓ ମଞ୍ଜୁପ୍ରଭା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସନାତନ ଖୁଣ୍ଟିଆ, ଶିକ୍ଷକ ରାଇଚରଣ ତ୍ରିପାଠୀ, ଛାତ୍ର ରାମଚନ୍ଦ୍ର ଷଡ଼ଙ୍ଗୀ, ଭାରତୀକୃଷ୍ଣ ରାଉତ, ଅଭିରାମ ନନ୍ଦ, ଲଲାଟେନ୍ଦୁ ପାଣି, ସୁଜ୍ଞାନ ପାତ୍ର, ବଳଦେବ ପଲାଉର, ରାମଚନ୍ଦ୍ର ମିଶ୍ର ଓ ରଜନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶୁଭେନ୍ଦୁ ପଟ୍ଟନାୟକ, କମଳାକାନ୍ତ ମହାପାତ୍ର, ସୀତାଂଶୁ ଦାସ ଓ ଗୁରୁପ୍ରସନ୍ନ ମହାଳି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ ଓ ପୁରାତନ ଛାତ୍ର।


# CLASSIFIED DISPLAY

ଏମିତ ପାଠ ପଢନ୍ତୁ ଯେଉଁ ପାଠ ଆପଣଙ୍କୁ ରୋଜଗାରକ୍ଷମ କରିପାରିବ
**Bhava Institute Of Medical Science & Research**
ରେ ଖୋଲିଛି ସମ୍ପୂର୍ଣ୍ଣ ରୋଜଗାରକ୍ଷମ ପାଠ୍ୟକ୍ରମ
DIPLOMA PROGRAMME: GNM (Nursing), ANM (Nursing), DMRT (X-Ray), DMLT (Pathology) — ELIGIBILITY : +2 PASS
CERTIFICATE PROGRAMME: MEDICAL LAB TECH., X-RAY TECH, O.T TECH, WARD TECH, DIALYSIS TECH — ELIGIBILITY : MATRIC PASS
ପାରା ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୨୯ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15,
Phone : 0674 - 2553122, 9040009727, 8456845313 (M)

ଶ୍ରବଣ ସମସ୍ୟା?
Free Hearing Check-up Camp (Going on at all Audizone Centres)
Exchange Offer ■ EMI Facility ■ Attractive Discount
ଶ୍ରବଣ ଯନ୍ତ୍ର DIGITAL HEARING AID
signia Life sounds brilliant. SIEMENS — Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY (ISO 9001 : 2015 CERTIFIED) Estd.2000
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

ବଶୀକରଣ କବଚ
ପଞ୍ଚଧାତୁରେ ନିର୍ମିତ ସ୍ୱର୍ଣ୍ଣପଲିଶ୍ ଯୁକ୍ତ "ସିଦ୍ଧ ବଶୀକରଣ କବଚ"କୁ ପିନ୍ଧିବା ଦ୍ୱାରା ପଥରମନା ସ୍ତ୍ରୀ-ପୁରୁଷ, ଅଧିକାରୀ, ବ୍ୟବସାୟୀ, ଶତ୍ରୁ ସମସ୍ତେ ଆପଣଙ୍କ ଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କ ଇଚ୍ଛା ଅନୁଯାୟୀ କାମ କରିବେ। ବ୍ୟବସାୟରେ ସଫଳତା, ମନପସନ୍ଦ ବିବାହ, ପ୍ରେମ ଓ ମଧୁର ସମ୍ପର୍କ ପାଇଁ "ସିଦ୍ଧ ବଶୀକରଣ କବଚ" କୁ ଘରେ ବସି ମାତ୍ର ₹630/- ରେ ମଗାନ୍ତୁ। ଏବେ ହିଁ ଅର୍ଡର କରନ୍ତୁ ଏବଂ ଡେଲିଭରୀ ମିଳିବା ପରେ ପେମେଣ୍ଟ କରନ୍ତୁ ।
୧୦ ବର୍ଷ ଧରି ଲକ୍ଷାଧିକ ସନ୍ତୁଷ୍ଟ ଓ ସୁଖୀ ଲୋକଙ୍କ ବିଶ୍ୱାସର ପ୍ରତୀକ
VEDANG SANSTHAN — RZG-95A, MAHAVIR ENCLAVE, NEW DELHI-110045
9312010073 — ଅର୍ଡର କରନ୍ତୁ- ସକାଳ ୫ରୁ ରାତି ୫ ଘଟିକା ପର୍ଯ୍ୟନ୍ତ।

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

ଘରେ ଘରେ ପରିଚିତ ସୁଗନ୍ଧ ବାସ୍ନା ସହ ସମସ୍ତଙ୍କର ପ୍ରିୟ
ଗୁପ୍ତଗଙ୍ଗା ଅଗରବତୀ
ଓଡିଶାର No. 1 ଅଗରବତୀ
ଆମ କମ୍ପାନିରୁ ଅଗରବତୀ ମେସିନ କିଣି ମାସକୁ ୧୫ ରୁ ୨୦ ହଜାର ଟଙ୍କା ରୋଜଗାର କରନ୍ତୁ
M/S RADHAMADHAB INDUSTIES, KEONJHAR MOB : 9937608757

# ପୁଣି ଜୋର୍ ଧରିଲା ଏସ୍ଆଇଏ ସର୍ଭେ

**ପୁରୀ ଅଫିସ, ୧୦।୧୦**

ଶ୍ରୀମନ୍ଦିର ସୁରକ୍ଷା ଜୋନରୁ ଜମି ଅଧିଗ୍ରହଣ ପାଇଁ ପ୍ରଶାସନ ପକ୍ଷରୁ ଚାଲିଛି ସାମାଜିକ ପ୍ରଭାବ ନିର୍ଦ୍ଧାରଣ (ଏସ୍ଆଇଏ) ସର୍ଭେ। ଉପଜିଲାପାଳ ଭବତାରଣ ସାହୁ ଏବଂ ୫ ଶିକ୍ଷାନବିସ ଆଇଏଏସ୍ ଅଧିକାରୀଙ୍କ ନେତୃତ୍ୱରେ ଗଠିତ ୫ ଟିମ୍ ଏହି ସର୍ଭେ କରୁଛନ୍ତି। ଦଶହରା ଛୁଟି ଯୋଗୁ ୩ଦିନ ସର୍ଭେ ବନ୍ଦ ରହିଥିବାବେଳେ ଏବେ ପୁଣି ଜୋର୍‌ଦାର ହୋଇଛି। ପ୍ରତ୍ୟେକ ଟିମ୍ ବିସ୍ଥାପିତ ହେବାକୁ ଥିବା ପରିବାରକୁ ଯାଇ ସବିଶେଷ ତଥ୍ୟ ସଂଗ୍ରହ କରୁଛନ୍ତି। ଏଥିସହ ସମ୍ପୃକ୍ତ ଘରର ଜମି ଏବଂ କୋଠାର ମାପଚୁପ ମଧ୍ୟ କରୁଛନ୍ତି। ଗୁରୁବାର ବିଭିନ୍ନ ମଠର ସର୍ଭେ କରାଯାଇଛି। ତେବେ ସର୍ଭେ ପାଇଁ ଧାର୍ଯ୍ୟ ସମୟ ଯେତେ ପାଖେଇ ଆସୁଛି ୧୦ ପ୍ରତିଶତ ଅଧିକ ସହାୟତା ରାଶି ନେବାକୁ ଲୋକଙ୍କ ମଧ୍ୟରେ ଆଗ୍ରହ ସେତେ ବୃଦ୍ଧି ପାଉଛି। ସର୍ଭେ ଶେଷ ହେବାକୁ ଆଉ ୧୩ ଦିନ ବାକି ଥିବାବେଳେ ଗୁରୁବାର ସୁଦ୍ଧା ୧୦ ପ୍ରତିଶତ ଅଧିକ ଆର୍ଥିକ ସହାୟତା ନେବାକୁ ୩୦ଟି ଆବେଦନ କରାଯାଇଛି।

ମେଘନାଦ ପାଚେରିଠାରୁ ୭୫ମିଟର ମଧ୍ୟରେ ଥିବା ମଠ, ମନ୍ଦିର, ଦୋକାନ, ଲଜ୍, ବାସଗୃହର ସର୍ଭେ କରାଯାଉଛି। ଗୁରୁବାର ପୂର୍ବାହ୍ନରେ ସର୍ଭେ ଟିମ୍ ପଶ୍ଚିମ ଦ୍ୱାରର ବାସେଳି ସାହି ମୌଜା, ଦକ୍ଷିଣଦ୍ୱାର ବରାହୀ ଲେନ୍ ଆଦି ସର୍ଭେ କରିଥିଲେ। ସେମାନେ ଘରକୁ ଘର ବୁଲି ଲୋକଙ୍କ ସହ କଥା ହୋଇଥିଲେ। ଦକ୍ଷିଣ ପାର୍ଶ୍ୱ ମଠରେ ମଧ୍ୟ ସର୍ଭେ ଦଳ ମଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପୁନଶ୍ଚ ଶୁକ୍ରବାର ଆସିବେ କହି ସେମାନେ ଫେରିଯାଇଥିଲେ। ଗତମାସ ୨୪ତାରିଖରେ ଏସ୍ଆଇଏ ସର୍ଭେ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ

- ୧୦ ପ୍ରତିଶତ ଅଧିକ ନେବାକୁ ୩୦ ଆବେଦନ
- ୧୦୭ ପରିବାରର ତଥ୍ୟ ସଂଗ୍ରହ ହେଲାଣି
- ଜମି ମୂଲ୍ୟ ଏକର ପିଛା ୫ କୋଟି ୮୮ଲକ୍ଷ

ମାସକ ମଧ୍ୟରେ ଏହା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଅନ୍ୟପକ୍ଷରେ ଜମି ଅଧିଗ୍ରହଣ ବିଜ୍ଞପ୍ତିର ଏକମାସ ମଧ୍ୟରେ ଜମି ହସ୍ତାନ୍ତର କରିବାକୁ ଚାହୁଁଥିବା ଲୋକଙ୍କ ସଂଖ୍ୟା ବଢୁଛି। ତେଣୁ ସର୍ଭେ ଟିମ୍ ଅଗ୍ରାଧିକାର ଭିତ୍ତିରେ ଏମାନଙ୍କ ଘରକୁ ଯାଇ ସର୍ଭେ କରୁଛନ୍ତି। ଅଧିଗ୍ରହଣ ବିଜ୍ଞପ୍ତିର ଏକମାସ ମଧ୍ୟରେ ଜମି ହସ୍ତାନ୍ତର କରିବାକୁ ଚାହୁଁଥିବା ଲୋକଙ୍କୁ ଶତକଡ଼ା ୧୦ ପ୍ରତିଶତ ଅଧିକ ସହାୟତା ମିଳିବ ବୋଲି ସରକାର ଘୋଷଣା କରିଥିବାରୁ କଣ୍ଟ୍ରୋଲ ରୁମ୍‌କୁ ଆସି ଲୋକେ ଆବେଦନ କରୁଛନ୍ତି। ସୁରକ୍ଷା ଜୋନ୍ ଜମି ଅଧିଗ୍ରହଣ ଅଧିକାରୀ କୈଳାସ ଚନ୍ଦ୍ର ନାୟକଙ୍କ ସୂଚନା ମୁତାବକ, ପ୍ରାୟ ୧୫ ଏକର ଜମି ଅଧିଗ୍ରହଣ କରାଯିବ। ଜମିର ମୂଲ୍ୟ ଏକର ପିଛା ୫ କୋଟି ୮୮ ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଛି। ଗୁରୁବାର ସୁଦ୍ଧା ୧୦୭ ପରିବାରର ତଥ୍ୟ ସଂଗ୍ରହ କରାଯାଇଛି। ଏଥିମଧ୍ୟରେ ବାସେଳିସାହି ମୌଜାରୁ ସର୍ବାଧିକ ୫୦ ପରିବାର ଥିବାବେଳେ ମଣିକର୍ଣ୍ଣିକା ସାହି ମୌଜାର ୩୦, ଚୁଡ଼ଙ୍ଗସାହି ମୌଜାର ୧୦ ଏବଂ ଦୋଳମଣ୍ଡପ ସାହି ମୌଜାର ୯ ପରିବାର ରହିଛନ୍ତି। ଏହି ଜୋନ ମଧ୍ୟରେ ମୋଟ ୩୪୨ଟି ପ୍ଲଟ ରହିଛି। ସେପ୍ଟେମ୍ବର ୨୪ରୁ ଅକ୍ଟୋବର ୨୩ ମଧ୍ୟରେ ଜମି ହସ୍ତାନ୍ତର କରିଥିବା ବ୍ୟକ୍ତିଙ୍କୁ ପ୍ୟାକେଜ ସହିତ ୧୦ ପ୍ରତିଶତ ଅଧିକ ଆର୍ଥିକ ସହାୟତା ଦେବା ଲାଗି ନିଷ୍ପତ୍ତି ହୋଇଛି। ଏଥିପାଇଁ ୩୦ଟି ଆବେଦନ ପହଞ୍ଚିଛି। ଲୋକେ ଭୂମି-ଅଧିଗ୍ରହଣ କାର୍ଯ୍ୟାଳୟକୁ ଆସି ସେମାନଙ୍କ ମନରେ ଥିବା ବିଭିନ୍ନ ପ୍ରକାର ସନ୍ଦେହ ଦୂର କରୁଛନ୍ତି ବୋଲି ଜମି ଅଧିଗ୍ରହଣ ଅଧିକାରୀ ନାୟକ କହିଛନ୍ତି। ଗୁରୁବାର ମଣିକର୍ଣ୍ଣିକା ସାହିର ବିଜୟ ସାହୁ ଓ ଅଜୟ ସାହୁ ଭୂମି-ଅଧିଗ୍ରହଣ କାର୍ଯ୍ୟାଳୟକୁ ଆସି ୧୦ ପ୍ରତିଶତ ଅଧିକ ଆର୍ଥିକ ସହାୟତା ପାଇଁ ଆବେଦନ କରିଥିଲେ। ବିଜୟ କହିଥିଲେ, ଜାଗା ଓ କୋଠାର କ୍ଷତିପୂରଣ ଅର୍ଥ ଆଗୁଆ ମିଳିବ ଏବଂ ପରେ ପୁନର୍ବାସ ଓ ଥଇଥାନ ସହାୟତା ପ୍ରଦାନ କରାଯିବ ବୋଲି ଅଧିକାରୀ କହୁଛନ୍ତି। ଆମ ଘର ଭାଙ୍ଗି ଜାଗା ନେଇଯିବା ପରେ ସହାୟତା ମିଳିବ କି ନାହିଁ ତାହାକୁ ନେଇ ମନରେ ସନ୍ଦେହ ଥିଲା। କିନ୍ତୁ ଜମି ଅଧିଗ୍ରହଣ ଅଧିକାରୀ ପ୍ୟାକେଜ ଏବଂ ପୁନର୍ବାସ ଓ ଥଇଥାନ ସହାୟତା ରାଶି ମିଳିସାରିବା ପରେ ଘର ଭଙ୍ଗାଯିବ ବୋଲି କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭିତରେ ଭିତରେ ସଲାସୁତର,**
**ଦାଣ୍ଡକୁ ଲାଗିଛି କଳି।**

ନିଜ ନିଜ ଭିତରେ ବୁଝାମଣା ଠିକ୍ ଅଥଚ ଲୋକ ଜାଣିବାକୁ ପ୍ରବଳ ଶତ୍ରୁତା। କପଟୀ ବ୍ୟକ୍ତିଙ୍କର ଏପରି ସ୍ୱଭାବ ବା ମତିଗତିକୁ ବାହାର ଲୋକ ଜାଣି ନ ପାରି ଧୋକା ଖାଇଯାଇଥାନ୍ତି। ଛଳନାପୂର୍ଣ୍ଣ ବ୍ୟକ୍ତିଙ୍କଠାରେ ଏପରି ଲକ୍ଷଣ ଦେଖାଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଭୋ ଦଇବ !**
**ଏହା ଦେଖି ଦିହ ସହିବ !**
**ଟୋକୀଟାକୁ ବୁଢ଼ା ବିଭା ହୋଇବ ।**

ବିବାହ ବେଳେ ବର ଓ କନ୍ୟାଙ୍କ ବୟସ ଉପରେ ଅଧିକ ପ୍ରାଧାନ୍ୟ ଦିଆଯାଏ। ସେମାନଙ୍କ ମଧ୍ୟରେ ବୟସର ତାରତମ୍ୟ ଯେତେ କମ୍ ହୁଏ ଦାମ୍ପତ୍ୟ ଜୀବନ ସେତେ ସୁଖମୟ ହୋଇଥାଏ। ଏପରିସ୍ଥଳେ ବୟସ୍କ ବ୍ୟକ୍ତି ସହ ଯୁବତୀ କନ୍ୟାର ବିବାହ ସମାଜ ଆଖିରେ ସେତେଟା ଗ୍ରହଣୀୟ ହୋଇପାରି ନ ଥାଏ। ଫଳସ୍ୱରୂପ ବିଚାରୀ କନ୍ୟା ନିଜ ଭାଗ୍ୟକୁ ନିନ୍ଦିବା ଛଡ଼ା ଆଉ କିଛି ବାଟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା କମିଶନ ଅଧ୍ୟକ୍ଷାଙ୍କୁ ଭାରତ ଚାମ୍ପିୟନ୍ ସମ୍ମାନ

**ଭୁବନେଶ୍ୱର, ୧୦।୧୦(ବ୍ୟୁରୋ):** ଶିଶୁ ଅଧିକାର ସୁରକ୍ଷା ପାଇଁ ବିଶ୍ୱର ୧୨୦ ରାଷ୍ଟ୍ରରେ କାର୍ଯ୍ୟ କରୁଥିବା 'ସେଭ୍ ଦି ଚିଲ୍‌ଡ୍ରେନ୍' ଏହାର ଶତବାର୍ଷିକୀ ପାଳନ କରୁଥିବାବେଳେ ଏହି ଅବସରରେ ଦିଲ୍ଲୀର ହାବିଟାଟ୍ ସେଣ୍ଟରଠାରେ ଦି ରାଇଟ୍ ଷ୍ଟାର୍ଟ ନ୍ୟାଶନାଲ ସମିଟ୍ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୧୦ ରାଜ୍ୟର ଶିଶୁ ଅଧିକାର ସୁରକ୍ଷା କମିଶନ ଅଧ୍ୟକ୍ଷମାନଙ୍କୁ ଭାରତ ଚାମ୍ପିୟନ୍ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଜାତୀୟ ସମ୍ମିଳନୀରେ ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା କମିଶନର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଭାରତ ଚାମ୍ପିୟନ୍ ସମ୍ମାନ ପାଇ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଶିଶୁ ଅଧିକାରର ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଧାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ରାଜ୍ୟରେ ଶିଶୁଙ୍କ ସାମୂହିକ ଅଧିକାରର ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ପ୍ରଧାନ ନିଜ ନେତୃତ୍ୱ ବଳରେ ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ସାଧନ କରିବାରେ ସମର୍ଥ ହୋଇଛନ୍ତି। ବିଶେଷକରି ପ୍ରଳୟଙ୍କରୀ ବାତ୍ୟା 'ଫନୀ' ସମୟରେ ସେ ଛୋଟ ପିଲାଙ୍କ ସୁରକ୍ଷା ପାଇଁ ଜରୁରିକାଳୀନ ସହଯୋଗ ଯୋଗାଇଥିବାରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ଅନ୍ୟମାନଙ୍କ ମଧରେ 'ସେଭ୍ ଦି ଚିଲ୍‌ଡ୍ରେନ୍' ଭାରତର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଦିଶା ପିଲାଇ, ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ ଅଧ୍ୟକ୍ଷ ପ୍ରିୟଙ୍କ କାନୁନ୍‌ଗୋ, ୟୁନିସେଫ୍ ଭାରତୀୟ ପ୍ରତିନିଧି ଡ. ଜାସ୍‌ମିନ୍ ଅଲ୍ଲୀ ହାକ୍ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ୭୪ତମ ଜନ୍ମଦିନ : ୧୦ ହଜାର ୟୁନିଟ୍ ରକ୍ତ ସଂଗ୍ରହ ଲକ୍ଷ୍ୟ

**ଭୁବନେଶ୍ୱର,୧୦।୧୦(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଚଳିତ ମାସ ୧୬ରେ ୭୪ତମ ଜନ୍ମଦିବସ ପାଳନ କରିବାକୁ ଯାଉଛନ୍ତି। ତେଣୁ ଉକ୍ତ ଦିନ ସ୍ୱେଚ୍ଛାକୃତ ରକ୍ତଦାନ ଅଭିଯାନ 'ଜୀବନ ବିନ୍ଦୁ' କାର୍ଯ୍ୟକ୍ରମ ଜରିଆରେ ପ୍ରାୟ ୧୦,୦୦୦ ୟୁନିଟ୍ ରକ୍ତ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୯୯ତମ ଜୟନ୍ତୀ ତଥା ୨୦୧୫ ମାର୍ଚ୍ଚ ୫ରେ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ଏଯାବତ୍ ଏହି କାର୍ଯ୍ୟକ୍ରମ ଜରିଆରେ ପ୍ରାୟ ୩ ଲକ୍ଷ ୮ ହଜାର ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ଜଣାପଡ଼ିଛି। ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ସଂଯୋଜକ ଦେବାଶିଷ ସାମନ୍ତରାୟ ଗୁରୁବାର ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ବିଜେଡି ସଭାପତିଙ୍କ ଜନ୍ମଦିବସରେ ଭୁବନେଶ୍ୱରସ୍ଥିତ ଦଳୀୟ କାର୍ଯ୍ୟାଳୟ ସମେତ ରାଜ୍ୟର ଅନ୍ୟ ୫୯ଟି ସ୍ଥାନରେ ରକ୍ତଦାନ ଶିବିର ଆୟୋଜନ କରାଯିବ। ମୁଖ୍ୟମନ୍ତ୍ରୀ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଗହଣରେ ଜନ୍ମଦିନ ପାଳିବେ। ଅନ୍ୟମାନଙ୍କ ମଧରେ ଏହି ଖବରଦାତା ସମ୍ମିଳନୀରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ, ଦଳୀୟ ସାଧାରଣ ସମ୍ପାଦକ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଭୁବନେଶ୍ୱରରୁ ସୁରଟକୁ ବିମାନ ଉଡ଼ିବ

### ଜାନୁୟାରୀ ୧ରୁ ନୂଆ ସେବା ନେଇ ଅପରାଜିତା ଷଡ଼ଙ୍ଗୀଙ୍କ ସୂଚନା

**ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)**

ଓଡ଼ିଶାବାସୀଙ୍କ ପାଇଁ ଖୁସି ଖବର। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ସହ ଯୋଡ଼ି ହେବାକୁ ଯାଉଛି ଆଉ ଏକ ନୂଆ ସେବା। ଆସନ୍ତା ବର୍ଷ ପହିଲାଠାରୁ ଭୁବନେଶ୍ୱରରୁ ଗୁଜରାଟର ସୁରଟକୁ ଉଡ଼ିବ ବିମାନ। ସପ୍ତାହକୁ ୩ ଦିନ ଏହି ସେବା ପ୍ରଦାନ କରିବ ଏୟାର ଇଣ୍ଡିଆ। ଗୁରୁବାର ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଟୁଇଟ୍ କରି ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି।

ଏମ୍‌ପି ଷଡ଼ଙ୍ଗୀ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, ସେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହର୍‌ଦୀପ ସିଂ ପୁରୀଙ୍କୁ ଏହି ଦୁଇ ସହର ମଧ୍ୟରେ ବିମାନ ଚଳାଚଳ କରିବା ଲାଗି ଅନୁରୋଧ କରିଥିଲେ। ମନ୍ତ୍ରୀ ତାଙ୍କ ଅନୁରୋଧକୁ ଗ୍ରହଣ କରି ନୂଆ ବିମାନ ସେବା ଲାଗି ରାଜି ହୋଇଛନ୍ତି। ଜୁଲାଇ ୨୨ରେ ସୁରଟ ଏମ୍‌ପି ଦର୍ଶନା ଜର୍‌ଦୋଶଙ୍କ ସହ ଏମ୍‌ପି ଷଡ଼ଙ୍ଗୀ କେନ୍ଦ୍ରମନ୍ତ୍ରୀ ସିଂ ପୁରୀଙ୍କୁ ଭେଟି ଏନେଇ ଆଲୋଚନା କରିଥିଲେ। ଆଲୋଚନା ସମୟର ଫଟୋ ମଧ୍ୟ ଏମ୍‌ପି ଷଡ଼ଙ୍ଗୀ ତାଙ୍କ ଟୁଇଟରରେ ପୋଷ୍ଟ କରିଛନ୍ତି। ଏଥିସହ ତାଙ୍କ ଅନୁରୋଧ ଗ୍ରହଣ କରିଥିବାରୁ ମନ୍ତ୍ରୀ ସିଂ ପୁରୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅପରପକ୍ଷରେ ସୁରଟ ଏମ୍‌ପି ଜର୍‌ଦୋଶ ମଧ୍ୟ ଟୁଇଟ୍ କରି ସମାନ ସୂଚନା ଦେଇଛନ୍ତି। ସୁରଟରେ ରହୁଥିବା ଓଡ଼ିଆ ବନ୍ଧୁମାନଙ୍କ ଲାଗି ଏହା ଖୁସି ଖବର ବୋଲି ଦର୍ଶନା ତାଙ୍କ ପୋଷ୍ଟରେ ଲେଖିଛନ୍ତି। ତେବେ ଏ ସମ୍ପର୍କରେ ଭୁବନେଶ୍ୱର ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ନିକଟରେ କୌଣସି ଖବର ନ ଥିବା ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା କହିଛନ୍ତି।




## ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭରଙ୍କ ଆତ୍ମହତ୍ୟା

**ଢେଙ୍କାନାଳ ଅଫିସ, ୧୦।୧୦:** ଢେଙ୍କାନାଳ ସହରସ୍ଥିତ ୫୫ନଂ. ଜାତୀୟ ରାଜପଥର ଶକ୍ତିସୁଗାର କମ୍ପାନୀ ନିକଟରେ ଗତ ୨୩ ତାରିଖରେ ଆଇରନ୍ ଓର୍ ବୋଝେଇ ଟ୍ରକ୍ ଧକ୍କାରେ ଜଣେ ଗର୍ଭବତୀଙ୍କ ସମେତ ୨ଜଣ ମୂର୍ତ୍ତି କାରିଗରଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଟ୍ରକ୍ ଡ୍ରାଇଭର ଲିପେନ୍ଦ୍ର ଦାସ ଓରଫ୍ କାଳିଆ ଗୁରୁବାର ବିଷପିଇ ଆତ୍ମହତ୍ୟା କରିଛନ୍ତି। ମୃତକଙ୍କ ଘର ଜଗତସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ କୋଟାକଣା ଗ୍ରାମରେ। ଦୁର୍ଘଟଣା ପରେ କାଳିଆ ନାଗପୁର ପଳାଇଥିଲେ। ସେଠାରେ କିଛିଦିନ ରହିବା ପରେ ଘରକୁ ଫେରିଥିଲେ। ପାରିବାରିକ କହଳକୁ କେନ୍ଦ୍ରକରି ସେ ଆତ୍ମହତ୍ୟା କରିଥିବା ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କାଳିଆଙ୍କ ଟ୍ରକ୍ ଧକ୍କାରେ ଗର୍ଭବତୀ ସୁନିତା ବେହେରା (୨୫), ମୂର୍ତ୍ତି କାରିଗର ରତିକାନ୍ତ ସ୍ୱାଇଁ (୨୦) ଏବଂ ବିକାଶ ବାରିକ (୨୭)ଙ୍କ ମୃତ୍ୟୁ ଘଟିଥିଲା।

## ୧୨.୯ କେଜି ସୁନା ଜବତ

### ଧରାପଡ଼ିଲା ରେଳପଥରେ ସୁନା ସ୍ମଗ୍‌ଲିଂ

**ଭୁବନେଶ୍ୱର,୧୦।୧୦(ବ୍ୟୁରୋ)**

ଓଡ଼ିଶା ଦେଇ ଚାଲିଛି ସୁନା ସ୍ମଗ୍‌ଲିଂ। ବିମାନ ବନ୍ଦରରେ କଷ୍ଟମ ବିଭାଗର କଡ଼ା ଯାଞ୍ଚ ପରେ ଏବେ ସୁନା ମାଫିଆମାନେ ରେଳପଥକୁ ସୁରକ୍ଷିତ ମାଧ୍ୟମ କରିଦେଇଛନ୍ତି। ଗୁରୁବାର ମୁମ୍ବାଇରୁ ହାଓଡ଼ାକୁ ଯାଉଥିବା ଜ୍ଞାନେଶ୍ୱରୀ ଏକ୍ସପ୍ରେସ(ନଂ.୧୨୧୦୨)ରୁ ୧୨.୯ କେଜିସୁନା ଧରାପଡ଼ିଛି। ସୁଟ୍‌କେସ୍ ଭିତରେ ୧୧୦ଖଣ୍ଡ ସୁନା ବିସ୍କୁଟ ଆକାରରେ ରଖାଯାଇ ଚାଲାଣ କରାଯାଉଥିଲା। ଝାରସୁଗୁଡ଼ା ଓ ରାଜଗାଙ୍ଗପୁର ଷ୍ଟେଶନ ମଧ୍ୟବର୍ତ୍ତୀ ସ୍ଥାନରେ କେନ୍ଦ୍ରୀୟ ଅବକାରୀ ବିଭାଗ, ରାଜସ୍ୱ ଗୋଇନ୍ଦା ଓ ଆର୍‌ପିଏଫ୍‌ର ମିଳିତ ଟିମ୍ ଚଢାଉ କରି ଏହି ବଡ଼ ଧରଣର ସୁନା ଚୋରା ଚାଲାଣକୁ ଧରିଛି। ଜବତ ସୁନାର ମୂଲ୍ୟ ପାଖାପାଖି ୫ କୋଟି ଟଙ୍କା ହେବ ବୋଲି ରାଜସ୍ୱ ଗୋଇନ୍ଦା ବିଭାଗ ପକ୍ଷରୁ କୁହାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ୨ଜଣ ଯାତ୍ରୀଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ପ୍ରାଥମିକ ତଦନ୍ତରୁ ଏମାନଙ୍କ ଘର ମୁମ୍ବାଇରେ ବୋଲି ଜଣାପଡିଛି। ତେବେ ସୁନା କେଉଁଠୁ ଆଣିଲେ ଓ କାହା ପାଖକୁ ନେଉଥିଲେ ସେ ସଂକ୍ରାନ୍ତରେ କିଛି ସ୍ପଷ୍ଟ ସୂଚନା ମିଳିନାହିଁ। ଜବତ ସୁନାର ମାନ ଯାଞ୍ଚ ସହ ଦୁଇ ଯାତ୍ରୀଙ୍କ ଅସଲ ପରିଚୟ ଓ ସୁନା ଚୋରାଚାଲାଣ ର୍‍ୟାକେଟ ଠାବ ପାଇଁ ଅଧିକ ଖୋଳତାଡ଼ ଚାଲିଥିବା ସୂଚନା ମିଳିଛି।



- ମୁମ୍ବାଇ-ହାଓଡ଼ା ଜ୍ଞାନେଶ୍ୱରୀ ଏକ୍ସପ୍ରେସ୍‌ରେ ଚାଲାଣ ହେଉଥିଲା
- ସୁଟ୍‌କେସ୍‌ରୁ ମିଳିଲା ୧୧୦ ଖଣ୍ଡ ସୁନା ବିସ୍କୁଟ, ୨ ଯାତ୍ରୀ ଅଟକ

ମିଳିଥିବା ସୂଚନାନୁଯାୟୀ, ଏହି ଦୁଇ ଯାତ୍ରୀ ମୁମ୍ବାଇରୁ ହାଓଡା ଜ୍ଞାନେଶ୍ୱରୀ ଏକ୍ସପ୍ରେସ୍‌ରେ ଚଢିଥିଲେ। ଏକ ଏସି ବଗି ବୁକ୍ କରି ସେଥିରେ ଯାଉଥିଲେ। ସୁନା ବିସ୍କୁଟକୁ ଏକ ସୁଟ୍‌କେସ୍ ଭିତରେ ପୂରାଇ ନେଉଥିଲେ। ଏନେଇ କେନ୍ଦ୍ରୀୟ ଅବକାରୀ ବିଭାଗ ଓ ରାଜସ୍ୱ ଗୋଇନ୍ଦା ବିଭାଗ ନିକଟରେ ଖବର ପହଞ୍ଚିଥିଲା। ଦୁଇ ବିଭାଗ ପକ୍ଷରୁ ରେଳ ସୁରକ୍ଷା ବଳ(ଆରପିଏଫ୍)କୁ ଅବଗତ କରାଯିବା ସହ ଚଢ଼ାଉ ପାଇଁ ଯୋଜନା ହୋଇଥିଲା। ୩ ବିଭାଗର ଅଧିକାରୀଙ୍କୁ ନେଇ ଗଠିତ ମିଳିତ ଟିମ୍ ରାଜଗାଙ୍ଗପୁର ଓ ଝାରସୁଗୁଡା ଷ୍ଟେଶନ ମଝିରେ ଉକ୍ତ ଟ୍ରେନରେ ଚଢି ଯାଞ୍ଚ ଆରମ୍ଭ କରିଥିଲେ। ଦୁଇ ଯାତ୍ରୀଙ୍କ ଉପରେ ସନ୍ଦେହ ହେବାରୁ ସେମାନଙ୍କୁ କଡ଼ାକଡ଼ି ଯାଞ୍ଚ କରାଯିବା ପରେ ଏକ ସୁଟ୍‌କେସ୍‌ରୁ ବିପୁଳ ସୁନା ମିଳିଥିଲା। ଧରାପଡ଼ିଥିବା ଉକ୍ତ ଦୁଇ ଯାତ୍ରୀ କେବଳ ସୁନା ଚାଲାଣକାରୀ ବୋଲି ଜଣାପଡିଛି। ଏମାନେ ବିମାନ ଯୋଗେ ମୁମ୍ବାଇରେ ଓହ୍ଲାଇବା ପରେ ଟ୍ରେନ୍ ଯୋଗେ ଅନ୍ୟ ରାଜ୍ୟକୁ ଚାଲାଣ କରୁଥିବା ସନ୍ଦେହ କରାଯାଉଛି। ଏହି ସୁନା ସ୍ମଗ୍‌ଲିଂ ପଛରେ ମାଷ୍ଟର କିଏ ତାହା ଜଣାପଡିନାହିଁ। ମାଷ୍ଟରମାଇଣ୍ଡ ଦେଶ ବାହାରର ହୋଇଥିବା ମିଳିତ ଟିମ୍ ଅନୁମାନ କରୁଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

!!ଋଣ ଋଣ!!
ଆଦିତ୍ୟ ଫାଇନାନ୍ସ
ବିନା ଗ୍ୟାରେଣ୍ଟରରେ ମୁଦ୍ରା ଋଣ
ଅଷ୍ଟମ / ଦଶମ ପାସ୍
ମହିଳା / ପୁରୁଷ / ଦୋକାନୀ
୨ରୁ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ ନିଅନ୍ତୁ
୧% ସୁଧ ୨୫% ରିହାତି
୧୦ ବର୍ଷରେ ଫେରସ୍ତ
8586970773
9717483267
Add: 22/14, Sec.1, Andheri, Mumbai

BUSINESS BUSINESS

Telnet Towers Co.
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ
ଡିଜିଟାଲ
ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

Tower Vision Network Company
ଦୟାକରି ଧ୍ୟାନ ଦିଅନ୍ତୁ Tower Vision କମ୍ପାନୀ ଦ୍ୱାରା ସହର ଓ ଗ୍ରାମାଞ୍ଚଳରେ ଖାଲିଥିବା ଜମି, ଛାତ ଓ କ୍ଷେତରେ 4G ଡିଜିଟାଲ ଟାଓ୍ୱର ବସାଇ ଅଗ୍ରୀମ 70,000,00/-, ଭଡା 30,000/- ଟଙ୍କା ପାଆନ୍ତୁ
ଜଣକୁ ଚାକିରି ମିଳିବ । ଦରମା 18,000 + ଅନ୍ୟାନ ସୁବିଧା । ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
B- 548, Sector-5, DLF City Centre Mall, MG Road, Gurgaon, Haryana, 122003.
9452940480
9813608775

All India Tower
ଗ୍ରୁପ୍ 20 ବର୍ଷ ଧରି ଆପଣଙ୍କ ସେବାରେ । ସବୁ କମ୍ପାନୀର ଡିଜିଟାଲ ଟାୱାର୍ ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଲଗାନ୍ତୁ। ଅଗ୍ରିମ 90 ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ। ଆମକୁ ସାରା ଓଡ଼ିଶାରେ 750 ଟାୱାର୍ ଲଗାଇବାର ଅଛି। ଶୀଘ୍ର ଯୋଗାଯୋଗ କରନ୍ତୁ।
7838639856

ASTROLOGY ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE FINANCE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଧମାକା ! ଦୀପାବଳି ଧମାକା !
Hindustan Finance (ଓଡ଼ି.)
କମ୍ପାନୀ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର, ପଶୁପାଳନ, ଗ୍ରୁପ୍ ଏବଂ ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ 50% ରିହାତି ।
(ମହିଳା ଓ ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି)
7065621830

ଦୀପାବଳି ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ ପ୍ରପର୍ଟି
ଆଧାରକାର୍ଡ ପର୍ସନାଲ
ପଶୁପାଳନ ଗୃହ ଋଣ
ବ୍ୟବସାୟ ଗ୍ରୁପ୍ ଋଣ
ଏଗ୍ରିକଲ୍‌ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ଆଦର୍ଶ ଫାଇନାନ୍ସ
7289948952
7289999543
8929619951
SCO-106, Second Floor, Vishal Tower, Cannaught Place, Delhi.

ଋଣ ଧମାକା!!! ଆଗେ ଆସନ୍ତୁ ଆଗେ ପାଆନ୍ତୁ
NATIONAL FINANCE
ଭାରତର ନଂ.1 କମ୍ପାନୀ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 50% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
095283-08829
ADDRESS: T-51, GAUTAMPURI, DELHI

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
B-34/7 A Block Vijay Enclave Burari, New Delhi

See Color Display Classified on every Tuesday & Friday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବଣିକ ସଂଘର ଦୁର୍ଗାପୂଜା ଉତ୍ସବ

**ରାହାମା,୧୦।୧୦(ଡି.ଏନ୍.ଏ.):** କଟକ-ପାରାଦୀପ ରାସ୍ତାର ପ୍ରମୁଖ ବ୍ୟବସାୟିକ ସ୍ଥାନ ରାହାମା ହାଟ ବଜାରଠାରେ ବଣିକ ସଂଘ ପକ୍ଷରୁ ଶାରଦୀୟ ଦୁର୍ଗାପୂଜା ଉତ୍ସବ ଅନୁଷ୍ଠିତ ହୋଇଛି। ୪ ତାରିଖରୁ ଏହି ଉତ୍ସବ ଆରମ୍ଭ ହୋଇ ୯ ତାରିଖରେ ଭସାଣି ଉତ୍ସବ ହୋଇଥିଲା। ଶାରଦୀୟ ପୂଜା ଅବସରରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଯଥାରୀତି ପୂଜା କରାଯାଇଥିଲା। ଉତ୍ସବର ବିଭିନ୍ନ ସନ୍ଧ୍ୟାରେ ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ସାମାଜିକ କର୍ମୀ ହିମାଂଶୁ ଭୂଷଣ ମଲ୍ଲିକ, ଜଗତ୍‌ସିଂହପୁର ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ସମ୍ପଦ ସ୍ୱାଇଁ, କବି ପିତାମ୍ବର ତରାଇ, ସଂସ୍କୃତି ପ୍ରେମୀ ଦେବପ୍ରସାଦ ମହାନ୍ତି, ଜାଭିୟର ସ୍କୁଲ ପଙ୍କପାଳର ସୁଶାନ୍ତ କୁମାର ସ୍ୱାଇଁ, ମାଣିକଲାଲ ମହେଶ୍ୱରୀ, ପରିବେଶବିତ୍ ଅମରେଶ ସାମନ୍ତରାୟ, ଶିଳ୍ପପତି ରଞ୍ଜିତ କୁମାର ସାହୁ, ଚକ୍ରଧର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ୪୯ ବର୍ଷ ତଳେ ରାହାମାରେ ଦୁର୍ଗାପୂଜା ଆରମ୍ଭ କରିଥିବା ଶଙ୍କରଲାଲ ମାହେଶ୍ୱରୀ ଯୋଗଦେବା ଅବସରରେ କମିଟି ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ, ମେଲୋଡି, ଡ୍ୟାନ୍ସ ଡ୍ୟାନ୍ସ ଓ ମା ଶାରଳାଙ୍କ ଘଣ୍ଟ ନୃତ୍ୟ ପରିବେଷିତ ହୋଇଥିଲା। ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ମା'ଙ୍କ ମେଲାଣୀ ପର୍ବ ଭସାଣି ଯାତ୍ରା ହୋଇଥିଲା। କାର୍ଯ୍ୟକ୍ରମକୁ କମିଟିର ସଭାପତି ଜଟାଧାରୀ ଦାସ, କାର୍ଯ୍ୟକାରୀ ସଭାପତି ମନୋଜ ସାହୁ, ସମ୍ପାଦକ ସୁନାକର ବେହେରା, ଉପସଭାପତି ଚିନ୍ମୟ ଦାସ, କୋଷାଧ୍ୟକ୍ଷ ରବୀନ୍ଦ୍ର ପ୍ରଧାନ, ଶ୍ରୀକାନ୍ତ ଦାସ, ଦୁର୍ଯ୍ୟୋଧନ ସ୍ୱାଇଁ, ଉପଦେଷ୍ଟା ରବିନାରାୟଣ ସାହୁ, ପୂର୍ବତନ ସଭାପତି ଭିକାରୀ ଚରଣ ସେନାପତି, ଶିକ୍ଷାବିତ୍ ଅଜୟ କୁମାର ସାହୁ, ବରିଷ୍ଠ ପ୍ରାଧାପକ ଡ. ଅରବିନ୍ଦ ଚଇନିଙ୍କ ସମେତ କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

### ଆଞ୍ଚଳିକ ଦୁର୍ଗାପୂଜା କମିଟି ପକ୍ଷରୁ ସଚେତନଧର୍ମୀ କାର୍ଯ୍ୟକ୍ରମ

**ରଘୁନାଥପୁର, ୧୦।୧୦ (ଡି.ଏନ.ଏ.):** ମହାନଦୀ ଓ ଚିତ୍ରୋତ୍ପଳା ନଦୀର ଦ୍ୱୀପାଞ୍ଚଳରେ ୩ଟି ଜିଲାର ସଦସ୍ୟଙ୍କୁ ନେଇ ଗଢି ଉଠିଥିବା ଆଞ୍ଚଳିକ ଦୁର୍ଗାପୂଜା କମିଟି ମାହାଳହାଟ, ମୁଗୁରିଆ ପକ୍ଷରୁ ଦୁର୍ଗୋତ୍ସବରେ ବ୍ୟାପକ ସଚେତନାଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ପୀତାମ୍ବର ପରିଜାଙ୍କ ତତ୍ତ୍ୱାବଧାନ, ସାଧାରଣ ସମ୍ପାଦକ ଜମ୍ବେଶ୍ୱର ବେଉରାଙ୍କ ପରିଚାଳନାରେ ପଲିଥିନ ବର୍ଜନ ପାଇଁ ସଚେତନ କରାଯାଇଥିଲା। ଏଥିସହ ଚାରା ବଣ୍ଟନ କରାଯାଇଥିଲା। ଦ୍ୱୀପାଞ୍ଚଳରେ ଥିବା ଜଗତ୍‌ସିଂହପୁର, କଟକ ଓ କେନ୍ଦ୍ରାପଡା ଅଞ୍ଚଳକୁ ସଂଯୋଗ କରୁଥିବା ବିଭିନ୍ନ ଛକଗୁଡିକରେ କମିଟି ପକ୍ଷରୁ ୯ଟି ମାର୍ଗ ସୂଚନା ଫଳକ ସ୍ଥାପନ କରାଯାଇଥିଲା। ଅଞ୍ଚଳର ସର୍ବ ପୁରାତନ କମିଟି ପକ୍ଷରୁ ୩୬ତମ ଦୁର୍ଗା ଉତ୍ସବରେ ପତ୍ରିକା ବିଶେଶ୍ୱରୀ ଉନ୍ମୋଚନ ହେବା ସହ ଦଶମୀ ତିଥିରେ ବନ୍ଧୁମିଳନ ଓ ମା'ଙ୍କ ପୂଜାର ସମୀକ୍ଷା କରାଯାଇଥିଲା। କମିଟି ପକ୍ଷରୁ ଚଳିତବର୍ଷ ପ୍ଲାଷ୍ଟିକ ମୁକ୍ତ ସମାଜ ପ୍ରତି ଅଗ୍ରାଧିକାର ଦେଇଥିବା ସମ୍ପର୍କରେ ସଭାପତି ପରିଜା ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟରେ ଶତାଧିକ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

### ବାଲିତୁଠରେ ରାବଣ ପୋଡ଼ି ଉତ୍ସବ

**କୁଜଙ୍ଗ,୧୦।୧୦(ସ୍ୱ.ପ୍ର.):** ସ୍ଥାନୀୟ ବାଲିତୁଠ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ମା'ଙ୍କ ପୂଜା ସହ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସ୍ଥାୟୀ ସଭାପତି ବିଭୂରଞ୍ଜନ ସାମନ୍ତରାୟଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ସାମାଜିକ କର୍ମୀ କରୁଣାକର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାବଣ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରିଥିଲେ। ଏମ୍‌ପିଙ୍କ ପ୍ରତିନିଧି ପୀତବାସ ଗଚ୍ଛାୟତ, ୪ନଂ ଜିଲାପରିଷଦ ସଭ୍ୟା ଇତିଶ୍ରୀ ଭୂୟାଁ, ଅନୁଷ୍ଠାନ ସମ୍ପାଦକ ସମୀର ରଞ୍ଜନ ଦାଶ, ପ୍ରକାଶ ଚନ୍ଦ୍ର ପରିଡ଼ା, ବାଲିତୁଠ ସମବାୟ ସମିତି ସଭାପତି ରମେଶ ଚନ୍ଦ୍ର ପରିଡ଼ା, ଇଂ ଦିବ୍ୟଜ୍ୟୋତି ତ୍ରିପାଠୀ, ବରିଷ୍ଠ ସଭ୍ୟ ବିଦ୍ୟାଧର ଦାସ, ପୂଜା କର୍ମରେ ବସିଥିବା କର୍ତ୍ତା ପ୍ରିୟ ଦାସ, ବଂଶୀଧର ଦାସ, ମିହିର ଦାସ, ପ୍ରଭାତ ଦାସ ଓ ରମେଶ ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ।

# ଖତଖାଉଛି ଲକ୍ଷାଧିକ ଟଙ୍କାର ବୋଟ୍

**ପାରାଦୀପ,୧୦।୧୦(ସ୍ୱ.ପ୍ର.)**




- ରକ୍ଷଣାବେକ୍ଷଣ ଅଭାବ, ବୁଝିବାକୁ କେହି ନାହିଁ
- ତଦାରଖ କରିବାକୁ ଓଡ଼ିଶାରେ ମାତ୍ର ଜଣେ ଯନ୍ତ୍ରୀ
- ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥାଏ ଏସବୁ ବୋଟ୍

କଥାରେ ଅଛି ସରକାରକା ମାଲ ଦରିଆ ମେ ଡାଲ। ଏଭଳି ଉକ୍ତିର ସତ୍ୟତା ଦେଖିବାକୁ ମିଳିଛି ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ଅଧୀନ ନୂଆଗଡ଼ ପଞ୍ଚାୟତର ଚଉମୁହାଣିଠାରେ। ଏଠାରେ ଲକ୍ଷାଧିକ ଟଙ୍କା ମୂଲ୍ୟର ଉଦ୍ଧାରକାରୀ ବୋଟ୍ ଗତ ୮ରୁ ୧୦ ବର୍ଷ ହେଲା ପଡିରହି ନଷ୍ଟ ହେବାରେ ଲାଗିଛି। ସନ୍ତସନ୍ତିଆ ଘାସ ବୁଦା ମଧ୍ୟରେ ପରିତ୍ୟକ୍ତ ଅବସ୍ଥାରେ ଏସବୁ ବୋଟ୍ ପଡ଼ିରହି ଖତଖାଉଛି। ୪ଟି ବୋଟ୍ ଉପରେ ଘାସ ସମ୍ପୂର୍ଣ୍ଣ ରୂପେ ମାଡ଼ିଗଲାଣି। ସେହି ବୋଟ୍‌ଗୁଡିକ କିଏ ଦେଖାଶୁଣା କରୁଛି, ତାହା ସେଠାକାର ଲୋକେ କହିପାରୁନାହାନ୍ତି। ସେହି ବୋଟ୍‌ର ତତ୍ତ୍ୱାବଧାରକ ଭାବେ ଥିବା ଷ୍ଟେଟ୍ କୋଡ୍ ଇଞ୍ଜିନିୟର ପ୍ରସନ୍ନ ଚୌଧୁରୀ ଗତ ବର୍ଷେ ହେଲା ଅବସର ନେଇସାରିଲେଣି।

ଚୌଧୁରୀଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ଏସବୁ ଦେଖାଶୁଣା କରିବା ପାଇଁ ଏବେ ଓଡ଼ିଶାରେ ମାତ୍ର ଜଣେ ଇଞ୍ଜିନିୟର ଅଛନ୍ତି। ସେ ରୁହନ୍ତି ଭୁବନେଶ୍ୱରରେ। ଓଡ଼ିଶାର ସମସ୍ତ ଜିଲାରେ ଥିବା ୩୦୦ରୁ ଅଧିକ ଉଦ୍ଧାରକାରୀ ବୋଟ୍ ସେହି ଯନ୍ତ୍ରୀଙ୍କ ଅଧୀନରେ ଅଛି। ବନ୍ୟା ସମୟରେ ସରକାର ଅସ୍ଥାୟୀ ଭାବେ ବୋଟ୍ କର୍ମଚାରୀ ନିଯୁକ୍ତ କରୁଛନ୍ତି। ୨୦୧୧ ପରଠାରୁ ଆଉ ବଡ଼ ଧରଣର ବନ୍ୟା ଓଡ଼ିଶାରେ ଘଟିନାହିଁ। ସେଥିପାଇଁ ଏହି ଉଦ୍ଧାରକାରୀ ବୋଟ୍‌ର ପ୍ରାୟତଃ ଆବଶ୍ୟକତା ପଡ଼ିନାହିଁ। ଫାଇଭରରେ ତିଆରି ଏହି ବୋଟ୍ ଗୋଟିଏର ମୂଲ୍ୟ ୧୭.୫ ଲକ୍ଷ ଟଙ୍କାରୁ ଅଧିକ। ତେବେ ସବୁ ଜିଲାରେ ଏହି ବୋଟ୍‌ଗୁଡିକ ପରିତ୍ୟକ୍ତ ଅବସ୍ଥାରେ ଥିବା ସେ କହିଛନ୍ତି। ପୂର୍ବରୁ ୧୯୬୬ରେ ରାଜ୍ୟ ସରକାର ଜଳପଥରେ ପଣ୍ୟ ପରିବହନ ପାଇଁ ଆଇଡବ୍ଲ୍ୟୁଟି (ଇନ୍‌ଲାଣ୍ଡ ୱାଟର ଟ୍ରାନ୍ସପୋର୍ଟ) ବିଭାଗ ସୃଷ୍ଟି କରିଥିଲେ। ସେହି ବିଭାଗ ଦ୍ୱାରା ପାରାଦୀପ ବନ୍ଦରର ପଣ୍ୟ କାରବାର ହେଉଥିଲା। ଏବେ ବି ବିଭାଗ ଓଡ଼ିଶାର ଚିଲିକା, ଚାନ୍ଦବାଲି, ମାଲକାନଗିରିରେ ଆମ୍ବୁଲାନ୍ସ ସେବା ଯୋଗାଉଛି। ଉକ୍ତ ବିଭାଗର ଏକ କାର୍ଯ୍ୟାଳୟ ଚଉମୁହାଣିଠାରେ ଥିଲା। ଏହି ଉଦ୍ଧାରକାରୀ ବୋଟ୍‌ଗୁଡିକ ଆଇଡବ୍ଲ୍ୟୁଟି ଅଧୀନରେ ଥିଲା। ପରବର୍ତ୍ତୀ ସମୟରେ ତାହା ରିଲିଫ୍ କମିଶନରଙ୍କ ହାତକୁ ଯାଇଛି।

୨୦୧୮ ପର୍ଯ୍ୟନ୍ତ ଆଇଡବ୍ଲ୍ୟୁଟିର ଏକ ବିଶାଳ କାଠ ବୋଟ୍ 'ଏମ୍.ଏଲ୍. ମହାନଦୀ' ଚଉମୁହାଣି ଡାକବଙ୍ଗଳା ପାଖରେ ଥିଲା। ସେହି ବୋଟ୍ କାମରେ ନ ଲାଗିବାରୁ ତାହା ମଧ୍ୟ ନଷ୍ଟ ହୋଇଯାଇଛି। ଉକ୍ତ ବୋଟ୍ ଚଉମୁହାଣିଠାରେ ନଦୀପଠାରେ ପଡ଼ିରହିଛି। କିନ୍ତୁ ତାହା ଅକ୍ସନ ହୋଇଥିବା ଜଣାଯାଇଛି। ଆଇଡବ୍ଲ୍ୟୁଟିର ଏକ ବିଶାଳ ଘର ମଧ୍ୟ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଓଡ଼ିଶାରେ ଏହି ସବୁ ଉଦ୍ଧାରକାରୀ ବୋଟ୍ ପାଇଁ ୧୭ରୁ ଉର୍ଦ୍ଧ୍ୱ ଯନ୍ତ୍ରୀ ଆବଶ୍ୟକ ଥିବା ବେଳେ ଏବେ ମାତ୍ର ଜଣେ ଅଛନ୍ତି। ସେହି ସବୁ ବୋଟ୍‌ରେ ମୋଟରଗୁଡିକ ଠିକ୍ ଭାବେ କାମ କରୁଛି କି ନାହିଁ ତାହା ମଧ୍ୟ ଯାଞ୍ଚ ହେଉନାହିଁ। ଏପରି ଦୟନୀୟ ସ୍ଥିତିରେ ସରକାର ପ୍ରାୟତଃ ବନ୍ୟା ମୁକାବିଲା ପାଇଁ ସତର୍କତା ଜାରି କରୁଛନ୍ତି। ସୌଭାଗ୍ୟ ବସତଃ ଗତ କିଛିବର୍ଷ ହେଲା ପ୍ରଳୟଙ୍କରୀ ବନ୍ୟା ହୋଇନାହିଁ। ଯଦି କେବେ ସେଭଳି ପରିସ୍ଥିତି ଉପୁଜେ ସେତେବେଳେ ବୋଟ୍‌ଗୁଡିକ କାମ କରିବ କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଏ ଦିଗରେ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## କୁମାର ଉତ୍ସବ ସମିତିର ବାର୍ଷିକୋତ୍ସବ ପ୍ରସ୍ତୁତି

**ତିର୍ତ୍ତୋଲ,୧୦।୧୦(ଡି.ଏନ.ଏ.)**

ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କୁମାର ଉତ୍ସବ ସମିତିର ୪୬ତମ ବାର୍ଷିକ ଉତ୍ସବ ଓ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ଆସନ୍ତା ୧୨ ଓ ୧୩ ତାରିଖ ଦୁଇଦିନ ଧରି ତିର୍ତ୍ତୋଲଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ଚଳିତବର୍ଷ ନିମନ୍ତେ କୁମାର ଉତ୍ସବ ସମ୍ମାନ-୨୦୧୯ ବର୍ଷିୟାନ କଳାକାର ନିରଞ୍ଜନ ପଣ୍ଡା ଓ ଯୋଗେଶ ଚନ୍ଦ୍ର ମହାପାତ୍ରଙ୍କୁ ପ୍ରଦାନ କରାଯିବ। ସେହିପରି ଚଳିତବର୍ଷର ଶ୍ରେଷ୍ଠ ମାତେଶ୍ୱରୀ ସମ୍ମାନ ଅହଲ୍ୟା ଦେବୀ, ଶ୍ରେଷ୍ଠ ସୁକନ୍ୟା ସମ୍ମାନ ବବିତା ମହାପାତ୍ର, ଶ୍ରେଷ୍ଠ କୃଷକ ସମ୍ମାନ ଦୈତାରୀ ଦାସଙ୍କୁ ପ୍ରଦାନ କରାଯିବ। ଉଦ୍‌ଘାଟନୀ ସନ୍ଧ୍ୟାରେ ମନ୍ତ୍ରୀ ରଘୁନନ୍ଦନ ଦାସ, ଏମପି ଡା. ରାଜଶ୍ରୀ ମଲ୍ଲିକ, ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଦାସ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୧୩ ତାରିଖ ଉଦ୍‌ଯାପନୀ ସନ୍ଧ୍ୟାରେ ଗଣକବିଙ୍କ ଜୟନ୍ତୀ ଅବସରରେ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ, କଟକ-ବାରବାଟି ବିଧାୟକ ମହମ୍ମଦ ମୋକିମ, ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ନାଟ୍ୟକାର ବିଜୟ ଦାସ, ଯାତ୍ରା କଳାକାର ସଞ୍ଜୟ ଭୋଳ ଓ ହୃଷିକେଶ ମିଶ୍ର ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଦୀପ୍ତ କୁମାର ନାଥଙ୍କ ନିର୍ଦ୍ଦେଶନାରେ ଜୟଦୁର୍ଗା କଳାକାରମାନେ 'ମୁଁ ତୋର କ'ଣ ହେବି' ଓ ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ନିର୍ଦ୍ଦେଶନାରେ 'ଫଗୁଣ ଅଳପ ଶ୍ରାବଣ ବେଶୀ' ସାମାଜିକ ନାଟକ ପରିବେଷଣ କରିବେ। ସମିତିର ସଭାପତି ବିଭୂତି ଭୂଷଣ ବିଶ୍ୱାଳ, ଉପସଭାପତି ରାକେଶ ମହାପାତ୍ର, ସମ୍ପାଦକ ସୁବାସ ମହାପାତ୍ର, ସହ ସମ୍ପାଦକ ସୁଖେନ୍ଦୁ ଦାଶ ଓ ପ୍ରଯୋଜକ ପ୍ରଶାନ୍ତ ମହାନ୍ତି ପ୍ରମୁଖ ଏ ସମ୍ପର୍କରେ ସୂଚନା ଦେବା ସହ ଉତ୍ସବର ସଫଳତା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

## ଗତନାଥଙ୍କୁ ଯୁବକ ସଂଘର ସହାୟତା


ଯୁବକ ସଂଘ କର୍ମକର୍ତ୍ତାମାନେ ଗତନାଥଙ୍କୁ ଆର୍ଥିକ ସହାୟତା ଦେଉଛନ୍ତି।

**ଜଗତ୍‌ସିଂହପୁର ଅଫିସ, ୧୦।୧୦**

ବିଶିଷ୍ଟ ତବଲା ବାଦକ ତଥା ଏକାଧିକ ସମ୍ମାନରେ ସମ୍ମାନିତ ଜଗତ୍‌ସିଂହପୁର ୱାର୍ଡ ସଂଖ୍ୟା ୨୦ ମାର୍କଣ୍ଡପୁରର ଗତନାଥ ପରିଡ଼ା(୫୫) ଏବେ କର୍କଟ ରୋଗରେ ପୀଡ଼ିତ ଅଛନ୍ତି। ତାଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ସାନବଜାରସ୍ଥିତ ଯୁଥ କ୍ଲବ ପକ୍ଷରୁ ତାଙ୍କୁ ସହାୟତାର ହାତ ବଢାଯାଇଛି। କ୍ଲବର ସଦସ୍ୟମାନେ ତାଙ୍କୁ ୨୨,୫୦୦ ଟଙ୍କା ପ୍ରଦାନ କରିଛନ୍ତି। ଗତନାଥ ୨୦୦୨ରେ ରାଜ୍ୟସ୍ତରୀୟ ଜୟଦେବ ସମ୍ମାନରେ ସମ୍ମାନିତ ହୋଇଥିଲେ। ୧୯୯୦ରେ ଦିଲ୍ଲୀରେ ମ୍ୟୁଜିକାଲ କାର୍ଯ୍ୟକ୍ରମରେ ତତ୍କାଳୀନ ଉପରାଷ୍ଟ୍ରପତି ଡ. ଶଙ୍କର ଦୟାଲ ଶର୍ମାଙ୍କଠାରୁ ସମ୍ମାନିତ ହୋଇଥିଲେ। ଅଲ ଇଣ୍ଡିଆ ରେଡିଓ କଳାକାର ଭାବରେ ମଧ୍ୟ ତାଙ୍କର ପରିଚୟ ରହିଛି।

### ୮ ଜଣଙ୍କୁ କାମୁଡ଼ିଲା ବୁଲା କୁକୁର

**ପାରାଦୀପ,୧୦।୧୦(ସ୍ୱ.ପ୍ର.)**

ପାରାଦୀପ ବଡ଼ପଡ଼ିଆ ବଜାରରେ ଗୁରୁବାର ସନ୍ଧ୍ୟାରେ ବୁଲା କୁକୁର ପଲ ଆତଙ୍କ ସୃଷ୍ଟି କରିଛନ୍ତି। ବଜାରକୁ ଯାଇଥିବା ଗ୍ରାହକ ଓ ଦୋକାନୀଙ୍କ ସମେତ ୮ଜଣ ଏହି କୁକୁର କାମୁଡ଼ାର ଶିକାର ହୋଇଛନ୍ତି। ସଂଘବଦ୍ଧ ଭାବେ କୁକୁର ପଲ ଲୋକଙ୍କୁ ଘେରିଯାଇ ଆକ୍ରମଣ କରୁଛନ୍ତି। କୌଣସି କୁକୁରକୁ କାବୁ କରାଯାଇ ପାରିନାହିଁ। ଜଣେ ମହିଳାଙ୍କୁ କୁକୁର ଘେରିଯାଇ ଆକ୍ରମଣ କରିବାରୁ ସେ ବେହୋସ ହୋଇପଡ଼ିଥିଲେ।

# ସାର୍ବଜନୀନ ଦୁର୍ଗାପୂଜା ସୁବର୍ଣ୍ଣ ଜୟନ୍ତୀ ଉତ୍ସବ


ଉତ୍ସବରେ ଉପସ୍ଥିତ ଅତିଥି।

**ରାହାମା,୧୦।୧୦(ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକ ପୋତାନଇ ପଞ୍ଚାୟତ ଚନ୍ଦାପାଟ ହାଟ ବାଇଲଠାରେ ମା' ଦୁର୍ଗା ସାଂସ୍କୃତିକ ପରିଷଦ ପକ୍ଷରୁ ସାର୍ବଜନୀନ ଦୁର୍ଗା ପୂଜା ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଭିନ୍ନ ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ, ଜିଲା ଚିକିତ୍ସା ଅଧିକାରୀ ଡ. ପିତାମ୍ବର ରାଉତ, ଭାଜପା ଜିଲା ଯୁବ ମୋର୍ଚ୍ଚା ସଭାପତି ସମ୍ପଦ ସ୍ୱାଇଁ, ଆଡଭୋକେଟ୍ ରଶ୍ମିରଞ୍ଜନ ସ୍ୱାଇଁ, ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ପୂର୍ବତନ ଏମ୍‌ପି ଡା. କୁଳମଣି ସାମଲ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ପାରାଦୀପ ବନ୍ଦର ମୁଖ୍ୟଯନ୍ତ୍ରୀ ରାଜକିଶୋର ଦାସ, ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଖବରଦାତା ବିଭୁତି ଭୂଷଣ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ବାଗ୍ମିତା, ଜଣା ଅଜଣା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଚନ୍ଦାପାଟ ହାଟର ଶ୍ରୀ ଶ୍ରୀ ବଟମହାପୁରୁଷ ଡ୍ରାମାଟିକ କ୍ଲବ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ବାଇଲର ଶ୍ରୀ କଳ୍ପଦ୍ରୁମ ଡ୍ରାମାଟିକ୍ କ୍ଲବ ପକ୍ଷରୁ ନାଟକ, ରାଜ୍ୟ ସଂସ୍କୃତି ବିଭାଗ ପ୍ରାୟୋଜିତ ସାନ୍ତାଳି ନୃତ୍ୟ, ଛଉନୃତ୍ୟ, ଭଜନ ସମାରୋହ ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଭକ୍ତି ସଙ୍ଗୀତ ଆଧାରରେ ନୃତ୍ୟ ପରିବେଷଣ କରାଯାଇଥିଲା। କମିଟିର ସଭାପତି ପ୍ରତାପ ଚନ୍ଦ୍ର ମହାନ୍ତି, କାର୍ଯ୍ୟକାରୀ ସଭାପତି ବ୍ରଜ କିଶୋର ମହାରାଜ, ମୁଖ୍ୟ ଉପଦେଷ୍ଟା ପ୍ରାଧାପକ ଡ. ଉତ୍ତମ କୁମାର ଦାସ, ସାଧାରଣ ସମ୍ପାଦକ ଦୁର୍ଗାଚରଣ ମୁଦୁଲି, କାର୍ଯ୍ୟକାରୀ ସମ୍ପାଦକ ରାଜେନ୍ଦ୍ର କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ପୋତାନଇ, ନୂଆଡିହି, ଗରେଇ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ସହ କମିଟିର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

### ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରଙ୍କୁ ମିଳୁନି ୨୫ ପ୍ରତିଶତ ଶିକ୍ଷା ଖର୍ଚ୍ଚ

## ରାସ୍ତା ଉପରେ ବସି ପ୍ରତିବାଦ କରିବାକୁ ନିଷ୍ପତ୍ତି

**ରଘୁନାଥପୁର, ୧୦।୧୦ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଅଞ୍ଚଳରେ ଥିବା ବେସରକାରୀ ଶିକ୍ଷାନୁଷ୍ଠାନର ଅବସ୍ଥା ଦିନକୁଦିନ ଖରାପ ଆଡକୁ ଗତି କରୁଛି। ଦୀର୍ଘଦିନ ହେଲା ମିଳୁନି ଜନଜାତି, ଉପଜାତି ତାଥା ଆର୍ଥୀକ ଅନଗ୍ରସର ଛାତ୍ରୀଛାତ୍ରଙ୍କ ୨୫ ପ୍ରତିଶତ ଶିକ୍ଷା ଖର୍ଚ୍ଚ। ସରକାରଙ୍କ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ବେସରକାରୀ ଶିକ୍ଷାନୁଷ୍ଠାନଗୁଡିକ ସ୍ଥିତି ବିଗିଡିବାରେ ଲାଗିଛି। ଋଣ କରି ବିଦ୍ୟାଳୟ ଚଳେଇବା ସମ୍ଭବ ହେଉନାହିଁ। ସରକାରୀ ସ୍ତରରେ ଆର୍ଥୀକ ଅନଗ୍ରସର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପାଇଁ ୨୫ ପ୍ରତିଶତ ଅନୁଦାନର ବ୍ୟବସ୍ଥା ରହିଥିଲେ ସୁଦ୍ଧା, ଜାଣିଶୁଣି ଶିକ୍ଷା ବିଭାଗର ଅଧିକାରୀମାନେ ବେସରକାରୀ ବିଦ୍ୟାଳୟଗୁଡିକୁ ଅନୁଦାନ ପାଇବାରୁ ବଞ୍ଚିତ କରୁଛନ୍ତି। ଅଭିଭାବକ ତଥା ଶିକ୍ଷୟିତ୍ରୀଶିକ୍ଷକଙ୍କ ପକ୍ଷରୁ ଧାରଣା ଅନଶନ ଆଦି କରାଯାଇଥିଲେ ସୁଦ୍ଧା ଏଥିପ୍ରତି ସରକାରୀବାବୁଙ୍କର ସାମାନ୍ୟତମ ଅନୁଶୋଚନା ନାହିଁ। ଆଉ ନୁହେଁ ଏଥର ନ୍ୟାଯ୍ୟ ହକ୍ ପାଇଁ ବ୍ଲକ ବେସରକାରୀ ଶିକ୍ଷାନୁଷ୍ଠାନ ସଂଘ ପକ୍ଷରୁ ଚରମ ନିଷ୍ପତ୍ତି ନିଆଯାଇଥିବା ସଂଘର ସଭାପତି ରୂପେନ୍ଦ୍ର କୁମାର ମିଶ୍ର କହିଛନ୍ତି। ଆସନ୍ତା ଶୁକ୍ରବାର ରଘୁନାଥପୁର ବ୍ଲକ ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ବର୍ତ୍ତି ଛକଠାରେ ରାସ୍ତା ଉପରେ ବସି ରହି ପ୍ରତିବାଦ ଜଣାଇବା ସମ୍ପର୍କରେ କହିଛନ୍ତି ସଭାପତି ମିଶ୍ର। ଏଥିରେ ୨୨ଗୋଟି ବେସରକାରୀ ଶିକ୍ଷାନୁଷ୍ଠାନର ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକ, ଶିକ୍ଷାବିତ୍ ତଥା ବହୁ ବୁଦ୍ଧିଜୀବୀ ସାମିଲ ହେବା ପାଇଁ ସ୍ଥିର ହୋଇଛି। ତେବେ ଏ ସମ୍ପର୍କରେ ଯଥେଷ୍ଟ ପୂର୍ବରୁ ଜିଲାପାଳ, ଶିକ୍ଷାମନ୍ତ୍ରୀଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ରେଜେଷ୍ଟ୍ରି ଡାକ ଓ ମେଲ ଯୋଗେ ଅବଗତ କରାଯାଇଥିବା ମିଶ୍ର କହିଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବାଲିକୁଦା,୧୦।୧୦(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଆମ୍ବଶାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ସାମାଜିକ କର୍ମୀ ରଘୁନାଥ ସ୍ୱାଇଁଙ୍କ ଏକାଦଶାହ ଉପଲକ୍ଷେ ତାଙ୍କ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏଥିରେ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ବାଲିକୁଦାର ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାଶ, ଭାଜପା ନେତା ସଞ୍ଜୟ ମହାନ୍ତି, ପୂର୍ବତନ ଜିଲା ପରିଷଦ ସଭ୍ୟ ଶୁଭେନ୍ଦ୍ର ଦାସ, ଶିକ୍ଷାବିତ୍ ପଣ୍ଡିତ ଅଜୟ ଶତପଥୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରଘୁବାବୁ ବାଲିକୁଦା ଅଞ୍ଚଳର ଜଣେ ଭଲ ଜନ ନେତା ଥିଲେ। ନିଜ କାର୍ଯ୍ୟ ଦକ୍ଷତା ପାଇଁ ସେ ପ୍ରଥମେ ରାଜ୍ୟପାଳ ଓ ପରବର୍ତ୍ତୀ ସମୟରେ ରାଷ୍ଟ୍ରପତିଙ୍କଠାରୁ ଭଲ ସରପଞ୍ଚ ଭାବେ ପୁରସ୍କୃତ ହୋଇଥିଲେ। ସେ ଦୀର୍ଘଦିନ ହେବ ଭାଜପାରେ ବିଭିନ୍ନ ପଦ ପଦବୀରେ ରହିଥିଲେ। ତଥାପି ମଧ୍ୟ ସବୁଦଳର କର୍ମୀ ଓ ଜନସାଧାରଣଙ୍କ ନିକଟତର ହୋଇପାରିଥିଲେ ବୋଲି ଅତିଥିମାନେ କହିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ରଘୁଶ୍ରୀ ନାମରେ ଏକ ପତ୍ରିକା ଉନ୍ମୋଚନ କରାଯାଇଥିଲା।



ଶ୍ରଦ୍ଧାଞ୍ଜଳି ସଭାରେ ଅତିଥି ପତ୍ରିକା ଉନ୍ମୋଚନ କରୁଛନ୍ତି।

■ ଜିଲାସ୍ତରୀୟ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଓ ବିଶ୍ୱ ଦୃଷ୍ଟି ଦିବସ

# ମାନସିକ ରୋଗୀ ଆଇନ ଆଖିରେ ଶିଶୁ

**ଜଗତ୍‌ସିଂହପୁର ଅଫିସ,୧୦।୧୦**



ଜିଲାପାଳ ମାନସିକ ସ୍ୱାସ୍ଥ୍ୟ ସଚେତନତା ରଥ ଉଦ୍‌ଘାଟନ କରୁଛନ୍ତି।

ମାନସିକ ରୋଗୀ ଆଇନ ଆଖିରେ ଏକ ଶିଶୁ ଭଳି। ଅର୍ଥାତ୍ ଆଇନ ଆଗରେ ୧ରୁ ୭ ବର୍ଷର ଶିଶୁ ସହ ମାନସିକ ରୋଗୀଙ୍କୁ ସମାନ କରାଯାଇଛି। ସେମାନଙ୍କ କୌଣସି ଅପରାଧକୁ ଅପରାଧ ହିସାବରେ ଧରାଯାଏ ନାହିଁ ବୋଲି ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଳୟ ଓପିଡି ସମ୍ମିଳନୀ କକ୍ଷରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଓ ବିଶ୍ୱ ଦୃଷ୍ଟି ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଧୀକରଣ ସେକ୍ରେଟାରୀ କମଳାକାନ୍ତ ରାଉତ ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ କହିଲେ ଯେ, ଯିଏ ଯେଉଁଠି ଦେଖିଲେ ସେମାନଙ୍କ ପ୍ରତି ସହାୟତାର ହାତ ବଢାଇବା ଉଚିତ। ଆଶାକର୍ମୀମାନେ ମାନସିକ ରୋଗୀଙ୍କୁ ପାଇଲେ ଡାକ୍ତରଖାନା ନିଅନ୍ତୁ। ୨୦୧୭ରୁ ମାନସିକ ସ୍ୱାସ୍ଥ୍ୟ ସୁରକ୍ଷା ଅଧିନିୟମ କାର୍ଯ୍ୟକାରୀ ହୋଇଛି। ପୋଲିସ ନଜରକୁ କୌଣସି ମାନସିକ ରୋଗୀ ଆସିଲେ ସଙ୍ଗେ ସଙ୍ଗେ ଚିକିତ୍ସା ସୁବିଧା ପାଇଁ ଚିକିତ୍ସାଳୟ ନେବା ଆବଶ୍ୟକ।

ଜିଲା ଆଇନ ସେବା ପ୍ରାଧିକରଣ ଏ ଦିଗରେ ସହାୟତା କରିବ। ଏଥିସହ ସେମାନଙ୍କ ମୋକଦ୍ଦମା ପରିଚାଳନା ପାଇଁ ସରକାରୀ ଓକିଲ ନିଯୁକ୍ତ କରାଯିବ। ଜିଲା ସ୍ୱାସ୍ଥ୍ୟ ସମିତି ଓ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ, କୌଣସି ବ୍ୟକ୍ତି ମାନସିକ ଅବସାଦଜନିତ କାରଣରୁ ଆତ୍ମହତ୍ୟା କରିବାର ସମ୍ଭାବନା ଥାଏ। ଏଥିଯୋଗୁ ବହୁ ବଳିଷ୍ଠ ତଥା ସୁନାମଧନ୍ୟ ବ୍ୟକ୍ତି ଆତ୍ମହତ୍ୟା କରିଥିବା ନଜିର ରହିଛି। ଏପରି କି ହିଟଲର ମଧ୍ୟ ଆତ୍ମହତ୍ୟା କରିଥିଲେ। ନୋବେଲ ପୁରସ୍କାରପ୍ରାପ୍ତ ଅର୍ନେଷ୍ଟ ହେମିଙ୍ଗୱେ ଓ ନିକଟରେ ସିସିଡି(କେଫ୍ କଫି ଡେ) ମାଲିକ ଭିଜି ସିଦ୍ଧାର୍ଥ ଆତ୍ମହତ୍ୟା କରିଥିଲେ। ମାନସିକ ବିକାରର ଏହି କରୁଣ ପରିଣତିରୁ ରକ୍ଷା ପାଇବା ପାଇଁ ପ୍ରତ୍ୟହ ବ୍ୟାୟାମ, ଯୋଗ ଓ କ୍ରୀଡ଼ା ଆଦି ଅଭ୍ୟାସ କରିବା ଆବଶ୍ୟକ। ଏଥିସହିତ ଧର୍ମଗ୍ରନ୍ଥ ଓ ପୁରାଣ ସମ୍ବନ୍ଧୀୟ ପୁସ୍ତକ ପଠନ କରିବା ଉଚିତ। ଏହାଦ୍ୱାରା ମାନସିକ ଅବସାଦ ଦୂର ହୋଇପାରିବ। ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଗୁଞ୍ଜର କୁମାର ମହନ୍ତ ଏହି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏଡିଏମ୍‌ଓ ବସନ୍ତ କୁମାର ବାରିକ ମାନସିକ ରୋଗୀଙ୍କ ଚିକିତ୍ସା ଉପରେ ଗୁରୁତ୍ୱାରୋପ କରିଥିଲେ।

ସେ କହିଲେ, ମାନସିକ ରୋଗୀଙ୍କୁ ପ୍ରାରମ୍ଭରୁ ଚିକିତ୍ସା ଓ ବ୍ୟବହାରିକ ପରାମର୍ଶ ଦିଆଗଲେ ଅନେକ କିଛି ସୁଧାର ଆସିପାରିବ। ମାନସିକ ରୋଗ ଚିକିତ୍ସା ବିଶେଷଜ୍ଞ ରଶ୍ମି ରଞ୍ଜନ ପଟ୍ଟନାୟକ ପାୱାର ପଏଣ୍ଟ ମାଧ୍ୟମରେ ମାନସିକ ରୋଗର ଚିକିତ୍ସା ଓ ନିରାକରଣ ସମ୍ପର୍କରେ ବୁଝାଇଥିଲେ। ବିଶ୍ୱରେ ପ୍ରତି ସେକେଣ୍ଡରେ ଜଣେ ଲୋକ ଆତ୍ମହତ୍ୟା କରିଥାନ୍ତି। ବର୍ଷକୁ ୮ ଲକ୍ଷ ଲୋକ ଆତ୍ମହତ୍ୟାଜନିତ କାରଣରୁ ମୃତ୍ୟୁବରଣ କରୁଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ଅଧିକ। ଚକ୍ଷୁ ରୋଗ ବିଶେଷଜ୍ଞ ଡା. ଅଶୋକ ମିଶ୍ର ଚକ୍ଷୁର ଯତ୍ନ ଓ ଚିକିତ୍ସା ସମ୍ପର୍କରେ ସୂଚନା ଦେଇଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇ ମାଗଣାରେ ଚଷମା ବଣ୍ଟନ କରାଯାଉଛି। ମୋତିଆ ବିନ୍ଦୁର ସବୁ ଚିକିତ୍ସାଳୟରେ ମାଗଣା ଚିକିତ୍ସା କରାଯାଉଛି ବୋଲି ସେ କହିଥିଲେ। ଏହି ଅବସରରେ ଜିଲାପାଳ ମାନସିକ ସ୍ୱାସ୍ଥ୍ୟ ସଚେତନତା ରଥ ଉଦ୍‌ଘାଟନ କରିଥିଲେ।

## ସଂକ୍ଷେପରେ

### ନଦୀରେ ବୁଡ଼ି ବୃଦ୍ଧ ମୃତ

**ମାର୍ଶାଘାଇ, ୧୦।୧୦ (ଡି.ଏନ୍.ଏ.):** ମାର୍ଶାଘାଇ ବ୍ଲକ ଶାସନିପଡ଼ା ଗ୍ରାମର ଗୋକୁଳାନନ୍ଦ ନାୟକ (୮୮)ମଙ୍ଗଳବାର ପୂର୍ବାହ୍ନରେ ଗ୍ରାମ ନିକଟ ଚିତ୍ରୋତ୍ପଳା ନଦୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ସେ ନଦୀରେ ଗାଧୋଉ ଥିବା ବେଳେ ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ କେନ୍ଦ୍ରାପଡ଼ା ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପାଟକୁରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ହେବା ପରେ ପୋଲିସ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ବିଟ କଏନ ନାମରେ ଠକେଇ

**କେନ୍ଦ୍ରାପଡା ଅଫିସ, ୧୦।୧୦:** ପୂର୍ବରୁ ବିଭିନ୍ନ ସମୟରେ ଚିଟ୍‌ଫଣ୍ଡର ଶିକାର ହୋଇଥିବା କେନ୍ଦ୍ରାପଡା ଜିଲାବାସୀ ଏବେ ବିଟ କଏନ ଠକେଇର ଶିକାର ହୋଇଛନ୍ତି। ଟଙ୍କା ଲଗାଣ ପରେ ଲଗାଣ ସଂସ୍ଥା ଠକି ଦେଇଥିବା ଦର୍ଶାଇ ମାର୍ଶାଘାଇ ଅଞ୍ଚଳର ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଜିଲାପାଳଙ୍କୁ ଗୁରୁବାର ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି । ଏ ସମ୍ପର୍କରେ ଅଭିଯୋଗକାରୀ ମାର୍ଶାଘାଇ ଥାନା ଅଧୀନ ତେରଗାଁର ବିଜୟ କୁମାର ସ୍ୱାଇଁ କୁହନ୍ତି ଯେ, ୨୦୧୮ ମସିହା ମାର୍ଚ୍ଚ ମାସରେ ବିଟ କଏନ ସଂସ୍ଥାର ଏଜେଣ୍ଟମାନେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଠାରୁ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି । ଏନେଇ ଏଜେଣ୍ଟଙ୍କୁ ଫୋନ କଲେ ସେ ଧରାଛୁଆଁ ଦେଉନାହାନ୍ତି । ଥାନାରେ ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିବାରୁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛୁ । ସଂପୃକ୍ତ ଠକଙ୍କ ବିରୋଧରେ ଅଭିଯୋଗକାରୀମାନେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ସୌଦାମିନୀ ସ୍ୱାଇଁ, ବିଦ୍ୟାଧର ସେଠୀ, ଶୁଭ୍ରଜିତ ସାହାଣୀ, ଅଶ୍ୱନୀ କୁମାର ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ ।

### ଭସାଣି ଉତ୍ସବ

**ଡେରାବିଶ,୧୦।୧୦(ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନସ୍ଥ ଏଣ୍ଡର, ତିଲଙ୍ଗ, ଛଚିଣା, କୁଆଁରପୁର, ବିଶୋକ, କୁଣିଆପାଳ, ବାବୁରାମପାଟଣା, ହଳଦିଆପାଟଣା, ଛୋଟି, ଘଣ୍ଟପଦା, ପଲେଇ ନାଲୁବାବା ମଠ, ସବଳଙ୍ଗ କଣିପଡା ସାଥୀ ସମାଜ ପରିସର, ଖରିଦାସାହି, ମୁକୁନ୍ଦପୁର ଓ ଭୋଳହାଟଠାରେ ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ମା’ ଦୁର୍ଗାଙ୍କ ଭସାଣି ଉତ୍ସବ ହୋଇଯାଇଛି । ଏଣ୍ଡରଠାରେ ଅନୁଷ୍ଠିତ ପୂଜା ମଣ୍ଡପ ବହୁ ପ୍ରାଚୀନ ହୋଇଥିବା ବେଳେ ଏଠାରେ ବଙ୍ଗୀୟ ରୀତିନୀତି ମଧ୍ୟରେ ମା’ଙ୍କ ପୂଜା ହୋଇଥିଲା । ମୁକୁନ୍ଦପୁର ପଞ୍ଚାୟତ ପାଣିଓଳାସ୍ଥିତ ଠାକୁର ଅଭିରାମ ପରମହଂସ ଆଶ୍ରମ ପରିସରରେ ଥିବା ମା’ ପୌର୍ଣ୍ଣମାସୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ଭାବେ ମହାଷ୍ଟମୀ ପୂଜା ପାଳନ କରାଯାଇଥିଲା। ସେହିପରି କେଶରପୁରର ଅମ୍ବିକା ଠାକୁରାଣୀଙ୍କ ପୀଠରେ ଦଶହରା ପୂଜା ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳନ କରାଯାଇଥିଲା । ଏକ ଆଧାତ୍ମିକ ପରିବେଶ ମଧ୍ୟରେ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁମାନେ ନିଜକୁ ହଜାଇ ଦେଇଥିଲେ । ପୂଜା ଅବସରରେ ପ୍ରତ୍ୟେକ ପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନୁକୂଳ ପାଗ ଯୋଗୁ ବିଭିନ୍ନ ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ପ୍ରାଧ୍ୟାପକ ଅଜୟ କୁମାର ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କାନ୍ତ ସାହୁଙ୍କ ସମେତ ବିଭିନ୍ନ ଦଳର ରାଜନେତାମାନେ ପୂଜାମଣ୍ଡପ ବୁଲିଥିଲେ।

### ଗୋପବନ୍ଧୁ ଜୟନ୍ତୀ ପାଳିତ

**ରାଜକନିକା, ୧୦।୧୦ (ଡି.ଏନ୍.ଏ.):** ରାଜକନିକା ବ୍ଲକ ଖରସ୍ରୋତା ସାଂସ୍କୃତିକ ପରିଷଦ ପକ୍ଷରୁ ବୁଧବାର ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଖରସ୍ରୋତା ସାଂସ୍କୃତିକ ପରିଷଦ ସଭାପତି ଲକ୍ଷ୍ମୀଧର ରାଉତ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖରସ୍ରୋତା ସାଂସ୍କୃତିକ ପରିଷଦ ସମ୍ପାଦକ ନିରଞ୍ଜନ ବେହେରା, ଭରତ ଚନ୍ଦ୍ର ସମାଜସେବା ଟ୍ରଷ୍ଟ ସଭାପତି ଶିବରାମ ଦାସ, ଉପ ସଭାପତି ବିଦ୍ୟାଧର ଦାସ, ସାମାଜିକ କର୍ମୀ ବିଜୟ କୁମାର ବେହେରା, ସୁଦାମ ଚରଣ ଦାସ, ଚକ୍ରଧର ପାଣ୍ଡବ, ଖରସ୍ରୋତା ପତ୍ରିକାର ସମ୍ପାଦକ ନିରଞ୍ଜନ ବେହେରା, ଶିକ୍ଷକ ମିତ୍ରଭାନୁ ସାମନ୍ତସିଂହାର ଓ ଗଗନ ବିହାରୀ ବଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗୋପବନ୍ଧୁ ଦାସଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଶେଷରେ ଶିକ୍ଷକ ନିତ୍ୟାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।

# ଜିଲା ସ୍ୱାସ୍ଥ୍ୟସେବା: ୫-ଟି ପାଲଟିଛି ପ୍ରହସନ

**କେନ୍ଦ୍ରାପଡା ଅଫିସ, ୧୦।୧୦**

ରାଜ୍ୟ ସରକାରଙ୍କ ୫-ଟି (ଟିମ ୱାର୍କ, ଟେକ୍ନୋଲୋଜି, ଟ୍ରାନ୍ସପେରନ୍ସି, ଟ୍ରାନ୍ସଫରମେଶନ ଓ ଟାଇମ ଲିମିଟ) କେନ୍ଦ୍ରାପଡା ଜିଲାରେ ପ୍ରହସନ ପାଲଟିଛି। କେଉଁଠି ପିଏଚସିରେ ଜଣେ ହେଲେ କର୍ମଚାରୀ ନ ଥିବାରୁ ରୋଗୀ ଦୁର୍ଦ୍ଦଶା ଭୋଗୁଥିବା ବେଳେ କେଉଁଠି ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଆଖିପତା ବଦଳରେ ଆଖିରେ ଛୁଞ୍ଚି ବଜାଇ ଏଡିଏମଓଙ୍କ ଆଗରେ ଉଠବସ ହେବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି । ସେହିପରି ଦଲାଲଙ୍କ କବଳରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଅଦ୍ୟାବଧି ମୁକ୍ତ ହୋଇ ନ ଥିବା ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି । ଗତ ରବିବାର ସନ୍ଧ୍ୟା ୬ଟାରେ ଆଳି ବ୍ଲକ ଗୋବିନ୍ଦପୁରଠାରେ ଏକ ବାଇକ ଦୁର୍ଘଟଣା ହୋଇଥିଲା । ଏଥିରେ ଠାକୁରପାଟଣା ଗ୍ରାମର ବିଦ୍ୟୁଲତା ପରିଡା ଗୁରୁତର ହୋଇଥିବା ବେଳେ ଚାଳକ ଆହତ ହୋଇଥିଲେ । ସେମାନେ ନିକଟସ୍ଥ ଆଳି ପିଏଚସିକୁ ଚିକିତ୍ସା ପାଇଁ ଯାଇଥିଲେ । ଏହା ପୂର୍ବରୁ ପାଳିମୀ ଗ୍ରାମର ମଧୁସୂଦନ ସ୍ୱାଇଁ ଓ ତାଙ୍କ ଝିଅକୁ ସାପ କାମୁଡି ଥିବାରୁ ଏହି ପିଏଚସିରେ ପହଞ୍ଚି ଥିଲେ । ତେବେ ଏଠାରେ କୌଣସି ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଦେଖିବାକୁ ମିଳି ନ ଥିଲା । ଏପରିକି କୌଣସି ଚତୁର୍ଥ ଶ୍ରେଣୀ କର୍ମଚାରୀ ନ ଥିବାରୁ ପିଏଚସିରେ ତାଲା ପଡିଥିଲା। ଏନେଇ ପିଏଚସିର କର୍ମଚାରୀଙ୍କୁ ରୋଗୀଙ୍କ ସମ୍ପର୍କୀୟ ଯୋଗାଯୋଗ କରିବା ପରେ ସଂପୃକ୍ତ କର୍ମଚାରୀ କହିଥିଲେ ଯେ, ଦୁର୍ଗା ପୂଜା ପାଇଁ ସମସ୍ତ କର୍ମଚାରୀ ଛୁଟିରେ ଅଛନ୍ତି । ଫଳରେ ଏହି ରୋଗୀମାନେ ୧୨ କିଲୋମିଟର ଦୂର ଯାଜପୁର ଜିଲା ବିଂଝାରପୁର ମେଡିକାଲକୁ ଯାଇଥିଲେ । ଅନ୍ୟ ଏକ ଘଟଣା ହେଲା, ଗତ ସୋମବାର ପୂର୍ବାହ୍ନରେ ଘଟିଥିବା ଏକ ରାସ୍ତା ଦୁର୍ଘଟଣାରେ ଡେରାବିଶ ଥାନା ଅଞ୍ଚଳର ମହେଶ୍ୱର ସାମଲଙ୍କ ଆଖିପତା ଫାଟି ଯାଇଥିଲା । ଏହାର ଚିକିତ୍ସା ପାଇଁ ସେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ । ଏଠାରେ ଜଣେ କର୍ମଚାରୀ ନିଶାସକ୍ତ ଅବସ୍ଥାରେ ସିଲେଇ କରୁଥିବା ବେଳେ ମହେଶ୍ୱରଙ୍କ ଆଖିପତା ବଦଳରେ ଆଖିରେ ଛୁଞ୍ଚି ବଜାଇ ଦେଇଥିଲେ । ଏହାକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଏହାର ସମାଧାନ ପାଇଁ ଏଡିଏମଓ ପହଞ୍ଚିଥିଲେ। ସଂପୃକ୍ତ କର୍ମଚାରୀ ଜଣକ ନିଜର ଭୁଲ ପାଇଁ ଏଡିଏମଓଙ୍କ ଆଗରେ ନିଜେ ନିଜେ ବସଉଠ ହେବା ଘଟଣା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ସାମାଜିକ କର୍ମୀ ମନୋଜ କୁମାର ନାୟକ କୁହନ୍ତି ଯେ, ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ତ୍ୱରାନ୍ୱିତ କରିବା ପାଇଁ ୫-ଟି ଲାଗୁ କରିଛନ୍ତି । ରୋଗୀଙ୍କ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଦୈନିକ ପଚାରି ବୁଝୁଥିବା ଗଣମାଧ୍ୟମରୁ ସୂଚନା ମିଳୁଛି । ତେବେ କେନ୍ଦ୍ରାପଡା ଜିଲାରେ ସ୍ୱାସ୍ଥ୍ୟସେବା କିପରି ଚାଲିଛି ଉପରୋକ୍ତ ଘଟଣା ତାର ଉଦାହରଣ। ଅପରପକ୍ଷରେ ଗତ ସପ୍ତାହରେ ସରକାରୀ ଔଷଧକୁ ରାଜନଗର ଅଞ୍ଚଳରେ ଫୋପଡା ଯାଇଥିବାର ଦେଖିବାକୁ ମିଳିଥିଲା। ଏଥିସହିତ ଜିଲାରେ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ପୂରଣ ହୋଇ ନ ଥିବାରୁ ରୋଗୀମାନେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର ହେଉଛନ୍ତି । ଜିଲା ଭାଜପା ସଂପାଦକ ସରୋଜକାନ୍ତ ନାୟକ କୁହନ୍ତି ଯେ, ଗତ ସପ୍ତାହରେ ୩ ଜଣ ଦଲାଲଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଗିରଫ କରାଯାଇଥିଲା । ତେବେ ଏହି ଦଲାଲମାନେ ସେହିଦିନ ଜାମିନରେ ଆସି ତା ପର ଦିନ ଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପୁନର୍ବାର ରୋଗୀଙ୍କୁ ଶୋଷଣ କରିବାରେ ଲାଗିଛନ୍ତି। ବିଶେଷ କରି ଉପାନ୍ତ ଅଞ୍ଚଳରୁ ଗର୍ଭପାତ ପାଇଁ ଆସୁଥିବା ମହିଳା ସେମାନଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି । ସେହିପରି ଡାକ୍ତରଙ୍କ ଘରୋଇ ପ୍ରାକ୍ଟିସ ରାଜ୍ୟ ସରକାରଙ୍କ ୫-ଟି ଲାଗୁ ପରେ ମଧ୍ୟ କମିନାହିଁ। ଘରୋଇ କ୍ଲିନିକକୁ ରୋଗୀଙ୍କୁ ଆଣିବା ପାଇଁ ଦଲାଲମାନେ ଖୋଲାଖୋଲି ଭାବେ ପ୍ରଚାର କରୁଛନ୍ତି। ଏ ନେଇ ସିଡିଏମଓ ଡା. ଉର୍ମିଳା ମିଶ୍ର କୁହନ୍ତି ଯେ, କର୍ତ୍ତବ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉଛି।

## ବିରଳ ପ୍ରଜାତିର ବହୁରୂପୀ ଏଣ୍ଡୁଅ ଉଦ୍ଧାର

**ମାର୍ଶାଘାଇ, ୧୦।୧୦ (ଡି.ଏନ୍.ଏ.)**



ମାର୍ଶାଘାଇ ପଞ୍ଚାୟତ ଅଧୀନ ନବରକାନ ଗ୍ରାମରୁ ସୋମବାର ଏକ ବହୁରୂପି ଏଣ୍ଡୁଅକୁ ଗ୍ରାମବାସୀ ମାନେ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି। ଗ୍ରାମର ଧଡ଼ି ରାଉତଙ୍କ ବାଡ଼ିରେ ଏଣ୍ଡୁଅଟି ବୁଲୁଥିବାର ଦେଖିବା ପରେ ଗ୍ରାମବାସୀ ଏ ନେଇ ବନ ବିଭାଗ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ଏଣ୍ଡୁଅକୁ ଧରିବା ପରେ ଚିକିତ୍ସା କରାଇ କେନ୍ଦ୍ରାପଡ଼ା ଗରାପୁର ଆଳିଜଙ୍ଗା ଜଙ୍ଗଲରେ ଛାଡ଼ି ଦେଇଥିବା ମାର୍ଶାଘାଇ ବନବିଭାଗ ଅଧିକାରୀ ପୁରୁଷୋତ୍ତମ ସାହୁ କହିଛନ୍ତି।

## ଦିବ୍ୟ ଜୀବନ ସଂଘର ସଚେତନତା ବାର୍ତ୍ତା

**କେନ୍ଦ୍ରାପଡା ଅଫିସ, ୧୦।୧୦**

ଆସନ୍ତା ୧୩ ତାରିଖ ଠାରୁ ଜିଲାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହେଉଛି। ପୂଜା ପଦ୍ଧତିରେ ସଂସ୍କାର ପାଇଁ ଦିବ୍ୟଜୀବନ ସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଛି। ସହରର ଗରାପୁରସ୍ଥ ଶିବାନନ୍ଦ ଆଶ୍ରମ ଅଧ୍ୟକ୍ଷା ସ୍ୱାମୀ ଦିବ୍ୟସ୍ୱରୂପନନ୍ଦ ଏ ସମ୍ପର୍କରେ ଗୁରବାର ସଚେତନତା ବାର୍ତ୍ତା ପ୍ରଦାନ କରିଛନ୍ତି । ସେ ପ୍ରକାଶ କରିଛନ୍ତି ଯେ, ମା’ଙ୍କ ଆଗମନକୁ ଭାରତୀୟ ସଂସ୍କୃତିରେ ବହୁ ଗୁରୁତ୍ୱ ଦିଆଯାଇଛି । ଏହି ସମୟରେ ସହରର ଧାର୍ମିକ ବାତାବରଣ ପାଇଁ ଆମିଷ ଭକ୍ଷଣକୁ ବନ୍ଦ କରିବା ଉଚିତ ହେବ। ସ୍ୱାଗତ ପାଇଁ ପ୍ରତ୍ୟେକ ଗୃହକର୍ତ୍ତା ଗୃହର ସମ୍ମୁଖରେ କଳସ ସ୍ଥାପନକୁ ଗୁରୁତ୍ୱ ଦିଆଯାଉ। ଏଥିସହ ପ୍ରତି ମଣ୍ଡପରେ ଲକ୍ଷ୍ମୀପୁରାଣ, ଗୀତା, ଭାଗବତ, ରାମାୟଣ ଆଦି ପାଠକୁ ଗୁରତ୍ୱ ଦିଆଗଲେ ତୁଳସୀ କ୍ଷେତ୍ରର ମହିମା ଅନ୍ୟ ଜିଲାକୁ ବିସ୍ତାରିତ ହୋଇପାରିବ ।

## ସମାଜରେ ଗୁରୁ-ଶିଷ୍ୟ ସମ୍ପର୍କ ଅତୁଟ



ବନ୍ଧୁ ମିଳନ ଉତ୍ସବରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ।

**ରାଜକନିକା, ୧୦।୧୦ (ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅଧୀନ କଣ୍ଡିଆହାଟ ବି.ପି. ହାଇସ୍କୁଲ ପରିସରରେ ବୁଧବାର ୧୯୯୯ ମାଟ୍ରିକ ବ୍ୟାଚର ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସାଗରିକା ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପୁରାତନ ଛାତ୍ର କୃଷ୍ଣଚନ୍ଦ୍ର ମଲିକ ଉତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ପୂର୍ବତନ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ପଢିଆରୀ, ବ୍ରହ୍ମାନନ୍ଦ ସାମଲ, ନିରଞ୍ଜନ ସାମଲ, ଭଗବାନ ନାୟକ, ଶ୍ରୀବତ୍ସ କୁଣ୍ଡ, ଦଶରଥ ବିଶ୍ୱାଳ, ବିଜୟ କୁମାର ବେହେରା, ଧନେଶ୍ୱର ବଳ, ଶିକ୍ଷା କର୍ମଚାରୀ ନବୀନ ସାମଲ ଓ ଦିବାକର ରାୟ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜରେ ଗୁରୁ-ଶିଷ୍ୟର ସମ୍ପର୍କ ସବୁବେଳେ ଅତୁଟ ରହିଛି ବୋଲି ମତପ୍ରକାଶ ପାଇଥିଲା। ପୁରାତନ ଛାତ୍ର ଅୟସ କୁମାର ସାମଲ, ସୁଧାଂଶୁ ଶେଖର ବିଶ୍ୱାଳ, ହିମାଂଶୁ ଶେଖର ବିଶ୍ୱାଳ, ବିକାଶ ନାୟକ, ନରେନ୍ଦ୍ର ପଣ୍ଡା, ଅରୁଣ ଦାସ, ପ୍ରଶାନ୍ତ ଦାସ, ସୁଶ୍ରୀ ସଙ୍ଗୀତା ସାମଲ, ଦେବେନ୍ଦ୍ର ନାୟକ, ପ୍ରକାଶ ବଳ, ଖାରବେଳ ଦାସ, ସନ୍ଧ୍ୟାରାଣି ସାମଲ, ରାଜଲକ୍ଷ୍ମୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶାଶ୍ୱତିକା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ସାନ୍ଧ୍ୟ ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ

**କେନ୍ଦ୍ରାପଡା ଅଫିସ, ୧୦।୧୦**

ସହରର ତିନିମୁହାଣୀସ୍ଥିତ କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟରେ ଶିକ୍ଷା ସମ୍ମାନ ବିଭାଗର ସ୍ୱାଗତ ଉତ୍ସବ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୁଭାଶିଷ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମାଜ ପାଇଁ ଶିକ୍ଷାର ଆବଶ୍ୟକତା ଓ ଛାତ୍ରଙ୍କ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିସହିତ ମହାବିଦ୍ୟାଳୟର ଶୈକ୍ଷିକ ପରିବେଶକୁ ସୁରକ୍ଷିତ କରିବା, ଛାତ୍ରୀଛାତ୍ରଙ୍କୁ ସମୟାନୁବର୍ତ୍ତିତା ପ୍ରତି ନଜର ଦେବା ଓ ଅଧ୍ୟବସାୟକୁ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା । ଅଧ୍ୟକ୍ଷ ମଧୁସୂଦନ କାମିଲା, ଅଧ୍ୟାପିକା ରକ୍ମଣୀ ସାହୁ, ସ୍ମିତା ସୁଚରିତା ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷ ବର୍ଷର ଛାତ୍ରୀ ମଣିଶ୍ରୀ ଦାସ, ଫୁରଖାନ, ପୂଜାରାଣୀ ସ୍ୱାଇଁ, ଛାତ୍ର ମଙ୍ଗଳ ଦାସ, ସ୍ମୃତିରଞ୍ଜନ ଗିରି ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ।

# ରବୀନ୍ଦ୍ର ମହାପାତ୍ରଙ୍କୁ ଭଜନ ରତ୍ନ ଉପାଧି

**ମାର୍ଶାଘାଇ, ୧୦।୧୦ (ଡି.ଏନ୍.ଏ.)**

ମାର୍ଶାଘାଇ ଦୁର୍ଗା ମଣ୍ଡପଠାରେ ମଙ୍ଗଳବାର ଦଶହରା ଅବସରରେ ସାଂସ୍କୃତିକ ମହୋତ୍ସବ ଅବସରରେ ଭଜନ ଗାୟକ ରବୀନ୍ଦ୍ର ମହାପାତ୍ରଙ୍କୁ ପୂଜା କମିଟି ତରଫରୁ ଭଜନ ରତ୍ନ ଉପାଧିରେ ସମ୍ମାନିତ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ପୂଜା କମିଟି ସଭାପତି ରବୀନ୍ଦ୍ର କୁମାର ସ୍ୱାଇଁ, ସମ୍ପାଦକ ସୁନାକର ଗାହାଣ, ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ସ୍ୱାଇଁ, କୋଷାଧ୍ୟକ୍ଷ ମଧୁସୂଦନ ବେହେରା, ନନ୍ଦ କିଶୋର ତୋସନିବାଲ ପ୍ରମୁଖ ଉପସ୍ଥିତ ରହି ଗାୟକ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ାର ସ୍ୱାରାରବିନ୍ଦ ବିଶ୍ୱଶାନ୍ତି ଭଜନ ସନ୍ଧ୍ୟା ଗ୍ରୁପ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ସ୍ୱର୍ଗତ ଅରବିନ୍ଦ ମୁଦୁଲିଙ୍କ ପୁତ୍ର ତବଲା ବାଦକ ଜଗବନ୍ଧୁ ମୁଦୁଲିଙ୍କ ନେତୃତ୍ୱରେ ଆୟୋଜିତ ଏହି ସମାରୋହରେ ପୂର୍ଣ୍ଣଚନ୍ଦ୍ର ସାହୁ, ପଦ୍ମଜା ଦାସ, କୁନାଳ ଜୟରାଜ, କେଶବ ମହାରଣା ଓ ରବୀନ୍ଦ୍ର ମହାପାତ୍ର ପ୍ରମୁଖ ଭଜନ ପରିବେଷଣ କରିଥିଲେ। ବିଶିଷ୍ଟ ବାଗ୍ମୀ ମାର୍ଶାଘାଇ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ଶୁକାନ୍ତ କୁମାର ପ୍ରଧାନ ଉତ୍ସବ ପରିଚାଳନା କରିଥିଲେ।



ମାର୍ଶାଘାଇ ଦୁର୍ଗା ମଣ୍ଡପଠାରେ ଭଜନ ପରିବେଷଣ କରାଯାଉଛି।

# ଦରଦୀ ମଣିଷର ବନ୍ଧୁ ଥିଲେ ଗୋପବନ୍ଧୁ

**ମାର୍ଶାଘାଇ, ୧୦।୧୦ (ଡି.ଏନ୍.ଏ.)**

ମାର୍ଶାଘାଇ ବ୍ଲକସ୍ଥିତ ଗୋପବନ୍ଧୁ କ୍ଲବ ଏବଂ ପୂଜ୍ୟପୂଜା ପରିଷଦ ମିଳିତ ଆନୁକୂଲ୍ୟରେ ସେବା ଓ ତ୍ୟାଗର ମହାସିନ୍ଧୁ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୩ତମ ଜୟନ୍ତୀ ଉତ୍ସବ ବୁଧବାର ମାର୍ଶାଘାଇ ଗୋପବନ୍ଧୁ କ୍ଲବରେ ପାଳିତ ହୋଇଯାଇଛି। ପୂଜ୍ୟପୂଜା ପରିଷଦ ସଭାପତି ଶିକ୍ଷାବିତ୍ ଚନ୍ଦ୍ରମଣି ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଗୋପବନ୍ଧୁ କ୍ଲବର ସଭାପତି ରବୀନ୍ଦ୍ର କୁମାର ସ୍ୱାଇଁ ମୁଖ୍ୟଅତିଥି ଏବଂ ମାର୍ଶାଘାଇ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୋପବନ୍ଧୁ ଦରଦୀ ମଣିଷର ବନ୍ଧୁ ଥିଲେ ବୋଲି କହିଥିଲେ। ଏହି ଅବସରରେ ସତ୍ୟସାଇ ସେବା ସଂଗଠନର ଛାତ୍ରୀଛାତ୍ରମାନେ ବେଦ ପାଠ କରିବା ସହ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଗୋପବନ୍ଧୁଙ୍କ ଦ୍ୱାରା ରଚିତ ବନ୍ଦୀର ଆତ୍ମକଥା ଏବଂ କାରା କବିତାକୁ ଅବସରପ୍ରାପ୍ତ ଶିକ୍ଷକ ସୁନାକାର ସ୍ୱାଇଁ ପାଠ କରିଥିଲେ। ସମ୍ମାନିତ ଅତିଥିଭାବେ ସରୋଜ କୁମାର ପତି, ଗୌରାଙ୍ଗ ଚରଣ ଲେଙ୍କା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହୃଷୀକେଶ ଲେଙ୍କା, ସୁକାନ୍ତ କୁମାର ନାୟକ, ସୁନାକର ଗାହାଣ, ଡା. ସୁନାକର ସାମଲ, ଦେବେନ୍ଦ୍ର ମହାନ୍ତି, ଅଶୋକ ନାୟକ, ସଚ୍ଚିଦାନନ୍ଦ ସ୍ୱାଇଁ, ଯୋଗେନ୍ଦ୍ର ବେଉରା, ଲକ୍ଷ୍ମଣ କୁମାର ବିଶ୍ୱାଳ, ମଧୁସୂଦନ ବେହେରା, ନିରଞ୍ଜନ ବସନ୍ତିଆ, ଅନ୍ତର୍ଯ୍ୟାମି ପ୍ରଧାନ, କାଙ୍ଗାଳି ଚରଣ ବେଉରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷାବିତ୍ ଅକ୍ଷୟ କୁମାର ଜେନା ଏବଂ ଅଧ୍ୟାପକ ଶୁକାନ୍ତ କୁମାର ପ୍ରଧାନଙ୍କୁ ପୂଜ୍ୟପୂଜା ପରିଷଦ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଶେଷରେ ବିପିନ୍ନ ବିହାରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



ଜୟନ୍ତୀ ଉତ୍ସବରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳିତ

**କେନ୍ଦ୍ରାପଡା ଅଫିସ,୧୦।୧୦**

ସହରର ମାଧପୁରସ୍ଥିତ ପୁନର୍ବାସ ପକ୍ଷରୁ ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଶିଶୁ ରୋଗ ବିଶେଷଜ୍ଞ ଡା. କିଶୋର ଚନ୍ଦ୍ର ମିଶ୍ର ଏହି ଅନୁଷ୍ଠାନରେ ଥେରାପି ଚିକିତ୍ସା ନେଉଥିବା ୨୬ ଜଣ ମସ୍ତିଷ୍କ ପକ୍ଷାଘାତ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ସହାୟତା ସମ୍ପର୍କରେ ଅଭିଭାବକଙ୍କୁ ସୂଚନା ଦେଇଥିଲେ । ଫିଜିଓ ଥେରାପିଷ୍ଟ ତୃପ୍ତି ବେହେରା, ଅନିତା ବାରିକ, ଚନ୍ଦନ କୁମାର ଜେନା ସ୍ୱାସ୍ଥ୍ୟ ପରୀକ୍ଷାରେ ସହଯୋଗ କରିଥିଲେ। ସଂଯୋଜିକା ସ୍ୱାଗତିକା ପ୍ରଧାନ, ଜ୍ୟୋତିରଞ୍ଜନ ନାୟକ, ଶେଷଦେବ ପ୍ରସାଦ ନାୟକ, ରଞ୍ଜନ ସ୍ୱାଇଁ, ମିହିର ରଞ୍ଜନ ବାରିକ, ମନୋଜ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶାରଦୀୟ ବନ୍ଧୁମିଳନ ଉତ୍ସବ



ବନ୍ଧୁମିଳନ ଉତ୍ସବ ଅବସରରେ ଛାତ୍ରୀଛାତ୍ର।

**ଡେରାବିଶ ୧୦।୧୦(ସ୍ୱପ୍ର)**

ଚାନ୍ଦୋଳ କଲେଜ ଛକସ୍ଥିତ ଆଲିସା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସର ୨୦୧୪ ମସିହା ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଶାରଦୀୟ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ବ୍ୟାଚ୍‌ର ସନ୍ଦୀପ କୁମାର ନାୟକ, ଉତ୍ତମ ସ୍ୱାଇଁ, ଅରୁଣ ମହାପାତ୍ର, ସ୍ୱଦେଶ ସାମଲଙ୍କ ନେତୃତ୍ୱରେ ଆୟୋଜିତ ଏହି ଉତ୍ସବରେ ବ୍ୟାଚର ସମସ୍ତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ଏହି ଅବସରରେ ସେ ସମୟର ଅଧ୍ୟାପକମାନଙ୍କୁ ନିମନ୍ତ୍ରଣ କରି ଉତ୍ସବରେ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପରେ ଉପସ୍ଥିତ ଛାତ୍ରୀଛାତ୍ରମାନେ ପରସ୍ପର ମଧ୍ୟରେ ଭାବ ବିନିମୟ କରି ଖୁସି ମନାଇଥିଲେ ।

## ଜରିମୂଳରେ ରାବଣପୋଡ଼ି



ରାବଣପୋଡି ଉତ୍ସବ।

**ରାଜନଗର,୧୦।୧୦(ଡି.ଏନ.ଏ.)**

ଉପକୂଳ ଓଡିଶାର ଅନ୍ୟତମ ଶକ୍ତିପୀଠ ବାରଗାଁ ଜରିମୂଳ ଠାରେ ମା’ଦୁର୍ଗାଙ୍କ ପାର୍ବଣ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଜୟା ଦଶମୀ ଦିନ ଜରିମୂଳ ଦୁର୍ଗାପୂଜା କମିଟି ପକ୍ଷରୁ ରାବଣପୋଡି ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଅସତ୍ୟ ଉପରେ ସତ୍ୟର ଜୟ, ଅଧର୍ମ ଉପରେ ଧର୍ମର ଜୟ ଯୁଗେ ଯୁଗେ ରହିଆସିଛି। ସମାଜକୁ ଯେତେବେଳେ ଦୁର୍ନୀତି କବଳିତ କରିଛି, ସେତେବେଳେ ନାରୀମାନଙ୍କ ଦ୍ୱାରା ଧର୍ମ ପ୍ରତିଷ୍ଠା ହୋଇଛି। ସରପଞ୍ଚ ପୁଷ୍ପଲତା ପ୍ରଧାନ ରାବଣର ନିଧନ ପାଇଁ ଅଗ୍ନି ସଂଯୋଗ କରିଥିଲେ। ବାସୁଦେବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଏମପିଙ୍କ ପ୍ରତିନିଧି ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ଜିଲା ପରିଷଦ ସଭ୍ୟା ସବିତା ସେଠୀ, ହେଡକ୍ୱାର୍ଟର ଡିଏସପି ଶୁଭେନ୍ଦୁ ସିଂ, ଆଇଆଇସି ତପନ କୁମାର ନାୟକ, ଚିତ୍ତ ରଞ୍ଜନ ପଣ୍ଡା, ଜଗନ୍ନାଥ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ସାଥୀ ସମାଜର ସାରସ୍ୱତ ସମ୍ବର୍ଦ୍ଧନା ଉତ୍ସବ

**ଡେରାବିଶ,୧୦।୧୦(ସ୍ୱପ୍ର)**

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗ କଣିପଡ଼ାସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୟଭାରତୀ ସାଥୀ ସମାଜ ପରିସରରେ ଶାରଦୀୟ ଦୁର୍ଗୋତ୍ସବ ଓ ସାରସ୍ୱତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଏବର୍ଷ ଜୟ ଭାରତୀ ସାଥୀ ସମାଜ ଆନୁକୂଲ୍ୟରେ ଦଶହରା ଅବସରରେ ରାଜ୍ୟର ଦୁଇ ସାରସ୍ୱତ ସାଧକଙ୍କୁ ‘ଭାରତୀ ଓ ଯୁବ ଭାରତୀ ସମ୍ମାନ’ରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହିତ ରାଜ୍ୟ କଳା ଗବେଷଣା ପ୍ରଶିକ୍ଷଣ ପରିଷଦ ତରଫରୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ନଅ ଜଣ ପ୍ରତିଭାଧାରୀଙ୍କୁ ‘ଉତ୍କଳ ସନ୍ତାନ’ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଉପଲକ୍ଷେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ପ୍ରତାପ ସଭାପତିତ୍ୱ କରିଥିଲେ । ସାହିତ୍ୟିକ ଡ. ବାସୁଦେବ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ନିରଞ୍ଜନ ସାହୁ ସ୍ୱାଗତ ଭାଷଣ ଦେବା ସହ ବିବରଣୀ ପାଠ କରିଥିଲେ । ସହ-ସମ୍ପାଦକ ସୁବୋଧ କୁମାର ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଚଳିତବର୍ଷ ପାଇଁ ବରିଷ୍ଠ ସାରସ୍ୱତ ସାଧକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସମ୍ପାଦକ ଡ. ବିଜୟାନନ୍ଦ ସିଂଙ୍କୁ ‘ଭାରତୀ ସମ୍ମାନ’ ଓ ଯୁବ ସାହିତ୍ୟିକ ତଥା ପ୍ରଶାସନିକ ଅଧିକାରୀ ଡ. ବିରଜା ରାଉତରାୟଙ୍କୁ ‘ଯୁବ ଭାରତୀ ସମ୍ମାନ’ରେ ମୁଖ୍ୟଅତିଥି ଡ. ଦାସ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରେ ଡେରାବିଶ ବ୍ଲକ ଶିକ୍ଷାଧିକାରୀ ଅକ୍ଷୟ କୁମାର ସ୍ୱାଇଁଙ୍କୁ ‘ଆଦର୍ଶ ଶିକ୍ଷକ’ , ସ୍ୱାସ୍ଥ୍ୟ ସେବା ପାଇଁ ଶ୍ରୀଧର ସାହୁ, କର୍ମକାଣ୍ଡ ପାଇଁ ଉମାକାନ୍ତ ଦାଶ, ଆଦର୍ଶ ଗୃହିଣୀ ଭାବରେ ପୁଷ୍ପମଞ୍ଜରୀ ଆଚାର୍ଯ୍ୟ, ନିର୍ମାଣ ଶିଳ୍ପୀ ଭାବେ ସୁବାଷ ଚନ୍ଦ୍ର ମଳିକ, ପରିବେଶ ସୁରକ୍ଷା ପାଇଁ ନିବେଦିତା ତ୍ରିପାଠୀ, ସଂସ୍କୃତି ସୁରକ୍ଷା ପାଇଁ ପ୍ରକାଶ ଚନ୍ଦ୍ର ରାଉତ, ହୋମିଓପାଥିକ ଚିକିତ୍ସକ ଭାବେ ପ୍ରସନ୍ନ କୁମାର ପ୍ରଧାନ, ସମାଜସେବା ପାଇଁ ଆଶୁତୋଷ ବେହେରାଙ୍କୁ ମାନପତ୍ର ଦିଆଯାଇ ‘ଉତ୍କଳ ସନ୍ତାନ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ସମ୍ବର୍ଦ୍ଧିତ ପ୍ରତିଭାମାନେ ସେମାନଙ୍କ ପ୍ରତିକ୍ରିୟାରେ ଦୀର୍ଘ ୫୫ ବର୍ଷ ଧରି ସମାଜ ସେବାରେ ବ୍ରତୀ ହୋଇଥିବା ସାଥୀ ସମାଜର ବିଭିନ୍ନ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଶେଷରେ ଗୋଲଖ ଚନ୍ଦ୍ର ବସନ୍ତିଆ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ଦାମୋଦର ବେଦାନ୍ତ, ମନୋରମା ରାଉତ, ସୂର୍ଯ୍ୟକାନ୍ତ ବେହେରା, କୃଷ୍ଣଚନ୍ଦ୍ର ମଲ୍ଲିକ, ଚନ୍ଦନ ପ୍ରସାଦ ରାଉତ, ଭଜହରି ବେହରା, ଗୋଦାବରୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



ଉତ୍ସବରେ ସମ୍ବର୍ଦ୍ଧିତ ପ୍ରତିଭା ଓ ଅନ୍ୟମାନେ।



"ରାହୁଲ ଗାନ୍ଧୀଙ୍କ ନେତୃତ୍ୱକୁ ଦଳରେ କେବେ ଚ୍ୟାଲେଞ୍ଜ କରାଯାଇ ନାହିଁ। ଭବିଷ୍ୟତରେ ସେ ପୁଣି କଂଗ୍ରେସ ଅଧକ୍ଷ ହେବେ ବୋଲି ଆଶା।
-ଭୂପେଶ ବାଘେଲ,
ଛତିଶଗଡ଼ ମୁଖ୍ୟମନ୍ତ୍ରୀ



## ସିରିଆରେ ତୁର୍କୀର ଆକ୍ରମଣକୁ ଭାରତର ନିନ୍ଦା

**ନୂଆଦିଲ୍ଲୀ,୧୦।୧୦(ପି.ଟି.):** ସିରିଆର ଉତ୍ତରପୂର୍ବାଞ୍ଚଳରେ ତୁର୍କୀର ଏକପାଖିଆ ସାମରିକ କାର୍ଯ୍ୟାନୁଷ୍ଠାନକୁ ଭାରତ ନିନ୍ଦା କରିଛି। ତୁର୍କୀ ସରକାରଙ୍କ ଏଭଳି ପଦକ୍ଷେପ ଉକ୍ତ ଅଞ୍ଚଳରେ ଅସ୍ଥିରତା ସୃଷ୍ଟି କରିବ ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଛି। ସିରିଆର କୁର୍ଦ୍ଦ ଅଧୁଷିତ ଅଞ୍ଚଳ ଉପରେ ବୁଧବାର ତୁର୍କୀ ସେନା ପକ୍ଷରୁ ବୋମା ବର୍ଷଣ କରାଯାଇଥିଲା। ଫଳରେ ହଜାର ହଜାର ଲୋକ ଘରଦ୍ୱାର ଛାଡ଼ି ପଳାଇଯିବାକୁ ବାଧ ହୋଇଥିଲେ। ଏହି ଘଟଣାରେ ଭାରତ ଗଭୀର ଉଦ୍‌ବେଗ ପ୍ରକାଶ କରିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହାଦ୍ୱାରା ଆତଙ୍କବାଦ ବିରୋଧୀ ଲଢ଼େଇ ପ୍ରଭାବିତ ହେବ ବୋଲି ନୂଆଦିଲ୍ଲୀ କହିଛି।

# ପୃଥିବୀ ସହ ଧକ୍କାହେବ ଗ୍ରହାଣୁ ଆପୋଫିସ୍

**ୱାଶିଂଟନ,୧୦।୧୦:** ପୃଥିବୀ ସହ ଏକ ଗ୍ରହାଣୁ ଧକ୍କା ହେବ। ଫଳରେ ଏହା ବିପର୍ଯ୍ୟୟ ଆଣିଦେବା ସହ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁର କାରଣ ସାଜିବ ବୋଲି ଜଣେ ବୈଜ୍ଞାନିକ ଦାବି କରିଛନ୍ତି। ଏପରି କି ପୃଥିବୀର କେଉଁ ସ୍ଥାନରେ ଏହା ଧକ୍କା ହେବ ତାହା ମଧ ସେ କହିଛନ୍ତି। କେଓସ୍ ଅଫ୍ ଗଡ୍ ( ବିଭ୍ରାଟର ଭଗବାନ) ବୋଲି କୁହାଯାଉଥିବା ଆପୋଫିସ୍ ପୃଥିବୀ ପୃଷ୍ଠର ୧୯,୦୦୦ ମାଇଲ୍ ମଧଦେଇ ଗତି କରିବ ବୋଲି ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ଦାବି କରିଥିଲା। ନାସାର ଆକଳନ ଅନୁସାରେ ୯୯୯୪୨ ଆପୋଫିସ୍ ନାମକ ଗ୍ରହାଣୁ ୧୦ ବର୍ଷ ମଧରେ ପୃଥିବୀର ଅତି ନିକଟତର ହେଲେ ମଧ ସ୍ପର୍ଶ ନ କରି ଅତିକ୍ରମ କରିବ। ସୌର

### ବୈଜ୍ଞାନିକଙ୍କ ଭବିଷ୍ୟବାଣୀ



ମଣ୍ଡଳରେ ଏହା ପହଞ୍ଚିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। କିନ୍ତୁ ନିଜକୁ ଜଣେ ଗବେଷଣା ବୈଜ୍ଞାନିକ ବୋଲି କହୁଥିବା ମାଇକେଲ ହର୍ନ ଏହାକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ୩୪୦ ମିଟର ପ୍ରସ୍ଥ ବିଶିଷ୍ଟ ଏହି ଗ୍ରହାଣୁ ବାସ୍ତବରେ ଉତ୍ତର ସାଗର ଓ କୃଷ୍ଣ ସାଗର ମଧସ୍ଥ କୌଣସି ଏକ ସ୍ଥାନରେ ଧକ୍କା ହେବ, ଯାହା କି ବ୍ରିଟେନ୍‌ଠାରୁ ବେଶି ଦୂରରେ ନୁହେଁ। ଏହା ପୃଥିବୀରେ ଫାଟ ସୃଷ୍ଟି କରିବ, ଯଦ୍ୱାରା ତହିଁରୁ ନିର୍ଗତ ବାଷ୍ପରେ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିବ। ସେ ଆହୁରି କହିଛନ୍ତି, ଗବେଷଣା ବେଳେ ଆମେ ଦୁଇଟି ବିଷୟ ଜାଣିବାକୁ ପାଇଛୁ। ପ୍ରଥମଟି ଏକ ବିଶାଳ ଗ୍ରହାଣୁର ଧକ୍କା ଓ ଅନ୍ୟଟି ଆପୋଫିସ୍‌ର ଧକ୍କାଜନିତ ପ୍ରଭାବ। ଏହି ପ୍ରଭାବର ଭୟାବହତା ଜାଣିବା ପାଇଁ ଆମେ ଅନ୍‌ଲାଇନରେ ବ୍ୟଙ୍ଗାତ୍ମକ ପୁସ୍ତକ ଆକାରରେ ଏ ସମ୍ପର୍କିତ ତଥ୍ୟ ଶେୟାର କରିଥିଲୁ, ଯହିଁରୁ ଲୋକେ ଗ୍ରାଫ୍ ଜରିଆରେ ବୁଝିପାରିବେ। ବିପର୍ଯ୍ୟୟର ଭୟାବହତା ଦୃଷ୍ଟିରୁ ବର୍ଣ୍ଣନାତ୍ମକ ଲେଖା ସମ୍ଭବତଃ ଅଧିକ ଗୁରୁତ୍ୱପୂର୍ଣ୍ଣ। ଉତ୍ତର ସାଗର ଓ କୃଷ୍ଣ ସାଗର ମଧସ୍ଥଳ କୌଣସି ଏକ ସ୍ଥାନରେ ଏହା ଧକ୍କା ହେବା ଫଳରେ ଭୂପୃଷ୍ଠର ଶିଳାମୟ ବାହ୍ୟଅଂଶରେ ଫାଟ ସୃଷ୍ଟି ହେବ। ଏଥିରୁ ବିପୁଳ ପରିମାଣର ଗ୍ୟାସ ନିର୍ଗତ ହେବ। ଏହା ସହ ଗ୍ରହାଣୁ ଖଣ୍ଡବିଖଣ୍ଡିତ ହୋଇଯିବ। ପୃଥିବୀ ମହାକାଶରେ ପଛକୁ ଘୁଞ୍ଚିଯାଇପାରେ। ଗ୍ରହାଣୁ ନିର୍ଦ୍ଦିଷ୍ଟ ଭାବେ ଧକ୍କା ହେବା ସ୍ଥାନରେ ତାପମାତ୍ରା ଆଶାତୀତ ଭାବେ ବୃଦ୍ଧି ପାଇବା ଯୋଗୁ ଲକ୍ଷ ଲକ୍ଷ ଲୋକ ମୃତ୍ୟୁମୁଖକୁ ଠେଲିହୋଇଯିବେ। ଏହାର କୁପ୍ରଭାବ ବିଶ୍ୱବ୍ୟାପୀ ଦେଖିବାକୁ ମିଳିପାରେ।

## ନୋବେଲ ଶାନ୍ତି ପୁରସ୍କାର ଘୋଷଣା ଆଜି

# ଦୌଡ଼ ଆଗରେ ଗ୍ରେଟା ଥନବର୍ଗ

ଓସ୍‌ଲୋ,୧୦।୧୦(ଆଇଏଏନ୍‌ଏସ୍)



ସ୍ୱିଡେନର ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗ ନୋବେଲ ଶାନ୍ତି ପୁରସ୍କାର ଦୌଡ଼ରେ ଆଗୁଆ ରହିଛନ୍ତି। ସେହିପରି ବ୍ରାଜିଲର ଆଦିବାସୀ ନେତା ରାଓନି ମେଟୁକ୍‌ଟାୟର ଓ ଇଥିଓପିଆ ପ୍ରଧାନମନ୍ତ୍ରୀ ଏବି ଅହମ୍ମଦଙ୍କ ନାମ ମଧ ତାଲିକାରେ ଥିବା ଜଣାପଡ଼ିଛି। ତେବେ ଏହି ମର୍ଯ୍ୟାଦାଜନକ ସମ୍ମାନ କିଏ ପାଇବେ ତାହା ଶୁକ୍ରବାର ଘୋଷଣା କରାଯିବ।

ପ୍ରାୟ ବର୍ଷକ ତଳେ ସ୍ୱିଡେନର ୧୬ ବର୍ଷୀୟା ଗ୍ରେଟା ଥନ୍‌ବର୍ଗ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଆହ୍ୱାନ ଦେଇ ଏକ ସାପ୍ତାହିକ ସ୍କୁଲ ଷ୍ଟ୍ରାଇକ୍ ଆରମ୍ଭ କରିଥିଲେ। ସ୍ୱିଡେନ ପାର୍ଲାମେଣ୍ଟ ଆଗରେ ସେ ଆରମ୍ଭ କରିଥିବା ଏହି ପଦକ୍ଷେପ ପରବର୍ତ୍ତୀ ସମୟରେ 'ଫ୍ରାଇଡେଜ୍ ଫର ଫ୍ୟୁଚର' ନାମରେ ଏକ ବିଶ୍ୱସ୍ତରୀୟ ଆନ୍ଦୋଳନର ରୂପ ନେଇଥିଲା। କିଛିଦିନ ତଳେ ଗ୍ରେଟା ଜାତିସଂଘ ଜଳବାୟୁ କାର୍ଯ୍ୟାନୁଷ୍ଠାନ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ବିଶ୍ୱନେତାଙ୍କୁ ବିସ୍ମିତ କରିଦେଇଥିଲେ। ଏହାସହ ସେ ଜଳବାୟୁ ପରିବର୍ତ୍ତନ ଲଢ଼େଇରେ ବିଶ୍ୱର ସବୁଠୁ ବଡ଼ ଚେହେରା ପାଲଟିଯାଇଛନ୍ତି। ଗ୍ରେଟାଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିଲେ ସେ ଏହି ଆୱାର୍ଡର ସର୍ବକନିଷ୍ଠ ବିଜେତା ଭାବେ ଇତିହାସ ରଚିବେ। ୨୦୧୪ରେ ପାକିସ୍ତାନର ଶିକ୍ଷା ଅଧିକାର କର୍ମୀ ମଲାଲା ୟୁସୁଫ୍‌ଜାଇଙ୍କୁ ୧୭ ବର୍ଷ ବୟସରେ ନୋବେଲ ଶାନ୍ତି ପୁରସ୍କାର ମିଳିଥିଲା।

ସେହିପରି ବ୍ରାଜିଲର ଆଦିବାସୀ ନେତା ରାଓନି ମେଟୁକ୍‌ଟାୟରଙ୍କ ନାମ ମଧ ନୋବେଲ ଶାନ୍ତି ପୁରସ୍କାର ପାଇଁ ତାଲିକାଭୁକ୍ତ ହୋଇଛି। ଆମାଜନ ଜଙ୍ଗଲ କ୍ଷୟ ବିରୋଧରେ ସଂଗ୍ରାମର ପ୍ରତୀକ ପାଲଟିଥିବା ରାଓନି ହେଉଛନ୍ତି କାୟାପୋ ସମ୍ପ୍ରଦାୟର। ୟୁରୋପୀୟ ପାର୍ଲାମେଣ୍ଟର ୨୦୧୯ ସାଖାରୋଭ୍ ପ୍ରାଇଜ୍ ଅଫ୍ ଫ୍ରିଡମ୍ ଅଫ୍ ଥଟ୍ ପାଇଁ ମଧ ତାଙ୍କ ନାମ ଚୂଡ଼ାନ୍ତ ହୋଇଥିଲା। ପ୍ୟାରିସ୍ ଚୁକ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମକୁ ନେଇ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜାକିଣ୍ଡା ଆର୍ଡର୍ନଙ୍କୁ ମଧ ନୋବେଲ ଶାନ୍ତି ପୁରସ୍କାର ମିଳିପାରେ ବୋଲି କୁହାଯାଉଛି। ଏହି ସମ୍ମାନ ପାଇଁ ଚର୍ଚ୍ଚାରେ ରହିଥିବା ଆଉ ଏକ ନାମ ହେଉଛି ଏବି ଅହମ୍ମଦ। ଇଥିଓପିଆର ପ୍ରଧାନମନ୍ତ୍ରୀ ଏବି ନିଜ ଦେଶ ଓ ଇରିଟ୍ରିଆ ମଧରେ ଏକ ଶାନ୍ତି ଚୁକ୍ତିନାମା ସ୍ୱାକ୍ଷର ଲାଗି ପ୍ରୋତ୍ସାହିତ କରିଥିଲେ। ଅନୁରୂପ ଭାବେ ଜାତିସଂଘ ଶରଣାର୍ଥୀ ସଂସ୍ଥା (ୟୁଏନ୍‌ଏଚ୍‌ସିଆର୍), ଆମେରିକାନ୍ ସିଭିଲ୍ ଲିବର୍ଟି ୟୁନିୟନ୍ (ଏସିଏଲ୍‌ୟୁ), ଇଣ୍ଟରନ୍ୟାଶନାଲ ଲ୍ୟାଣ୍ଡ କୋଲିଶନ (ଆଇଏଲ୍‌ସି) ଏବଂ ଇଣ୍ଟରନ୍ୟାଶନାଲ ରେସ୍କ୍ୟୁ କମିଟି (ଆଇଆର୍‌ସି) ଭଳି ସଂସ୍ଥାଗୁଡ଼ିକ ମଧ ଏହି ଦୌଡ଼ରେ ରହିଛନ୍ତି। ନୋବେଲ ଶାନ୍ତି ପୁରସ୍କାର ପାଇଁ ଯେଉଁ ଅନ୍ୟ ପ୍ରାର୍ଥୀଙ୍କ ନାମ ସାମ୍ନାକୁ ଆସିଛି ସେମାନଙ୍କ ମଧରେ ଅଛନ୍ତି ସିଆଇଏର ପୂର୍ବତନ ଆନାଲିଷ୍ଟ ଏଡୱାର୍ଡ ସ୍ନୋଡେନ୍ ଏବଂ ମେମୋରିଆଲ ଅର୍ଗାନାଇଜେଶନର ସେଟଲାନା ଗନୁସ୍କିନା ଓ 'ନୋଭୟା ଗେଜେଟା' ଖବରକାଗଜର ସେର୍ଗେଇ କୋଭାଲିଓଭ୍ ଭଳି ଅନେକ ରୁଷୀୟ ପ୍ରତିନିଧି। ଚେଚେନ୍ ଆଇନଜୀବୀ ଲିଡିଆ ୟୁସୁପୋଭା, ଜର୍ମାନ ଚାନ୍ସଲର ଏଞ୍ଜେଲା ମର୍କେଲ, କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ଓ ୱିକିଲିକ୍ସ ପ୍ରତିଷ୍ଠାତା ଜୁଲିଆନ୍ ଆସେଞ୍ଜଙ୍କ ନାମ ମଧ ଚର୍ଚ୍ଚାରେ ରହିଛି। ତେବେ ଅନେକ ସମୟରେ ଏହି ତାଲିକାକୁ କେବଳ କଳ୍ପନାଜଳ୍ପନା ବୋଲି ମନେକରାଯାଏ। କାରଣ ପ୍ରାର୍ଥୀମାନେ ହିଁ ସେମାନଙ୍କ ସ୍ଥାନ ସମ୍ପର୍କରେ କହିପାରିବେ। ନରୱେଜିଆନ୍ ନୋବେଲ କମିଟି ସେହି ନାମଗୁଡ଼ିକର ସଂଖ୍ୟା ପ୍ରକାଶ କରେ। ଚଳିତବର୍ଷ ଦୌଡ଼ରେ ଥିବା ୩୦୪ ପ୍ରାର୍ଥୀଙ୍କ ମଧରୁ ୨୧୯ ହେଉଛନ୍ତି ବ୍ୟକ୍ତି ଓ ଅବଶିଷ୍ଟ ସଙ୍ଗଠନ। ଗତବର୍ଷ ନୋବେଲ ଶାନ୍ତି ପୁରସ୍କାର କଙ୍ଗୋର ଡେନିସ୍ ମୁକ୍‌ୱେଗେ ଏବଂ ଇରାକର ନାଦିଆ ମୁରାଦ୍‌ଙ୍କୁ ମିଳିଥିଲା। ଯୁଦ୍ଧ ଓ ସଶସ୍ତ୍ର ସଂଘର୍ଷ ବେଳେ ଯୌନ ହିଂସାକୁ ଅସ୍ତ୍ର ଭାବେ ବ୍ୟବହାର କରାଯାଉଥିବାବେଳେ ଏଥିରେ ବିରାମ ଲଗାଇବା ପାଇଁ ଉଦ୍ୟମ କରିଥିବାରୁ ଉଭୟଙ୍କୁ ଏହି ଆୱାର୍ଡ ମିଳିଥିଲା। ଶାନ୍ତି ପୁରସ୍କାର ହେଉଛି ୬ ପୁରସ୍କାର ମଧରୁ ଏକମାତ୍ର, ଯାହା ଆଲଫ୍ରେଡ୍ ନୋବେଲଙ୍କ ଅନୁରୋଧକ୍ରମେ ସ୍ୱିଡେନ୍ ବାହାରେ (ନରୱେ ରାଜଧାନୀ ଓସ୍‌ଲୋରେ) ପ୍ରଦାନ କରାଯାଏ। କାରଣ ସେତେବେଳେ ସ୍ୱିଡେନ ସାମ୍ରାଜ୍ୟର ଏକ ଅଂଶବିଶେଷ ଥିଲା ନରୱେ।

### ଏମାନେ ବି ଚର୍ଚ୍ଚାରେ



ରାଓନି ମେଟୁକ୍‌ଟାୟର



ଏବି ଅହମ୍ମଦ



ଜିଣ୍ଡା ଆର୍ଡନ

## ଅର୍ଦ୍ଧସାମରିକ ବାହିନୀ ମୁତୟନ

# ଅଧିକ ପୈଠ କରିବେ ରାଜ୍ୟ

ନୂଆଦିଲ୍ଲୀ,୧୦।୧୦(ଆଇଏଏନ୍‌ଏସ୍)



ଅର୍ଦ୍ଧସାମରିକ ବାହିନୀ ମୁତୟନ ଲାଗି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡିକ ୧୦ ପ୍ରତିଶତ ଅଧିକ ଦେୟ ପୈଠ କରିବେ। କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ଓ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ବାହିନୀ (ଆର୍‌ଏଏଫ୍)ର ସେବା ପାଇବାକୁ ହେଲେ ୨୦୨୪ ପର୍ଯ୍ୟନ୍ତ ପ୍ରତିବର୍ଷ ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ଅଧିକ ଦେୟ ପୈଠ କରିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏଥିପାଇଁ ରାଜ୍ୟଗୁଡିକୁ ବଜେଟରେ ଆବଶ୍ୟକ ବ୍ୟବସ୍ଥା କରିବାକୁ ହେବ। ତେବେ ଉତ୍ତରପୂର୍ବାଞ୍ଚଳ ରାଜ୍ୟ, ଜମ୍ମୁ-କଶ୍ମୀର, ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ ଏବଂ ମାଓବାଦୀ ପ୍ରବଣ ରାଜ୍ୟ ପାଇଁ ଏହି ନୀତି ଲାଗୁ ହେବ ନାହିଁ। ସେମାନେ ମୋଟ ବ୍ୟୟର ମାତ୍ର ୧୦ ପ୍ରତିଶତ ପ୍ରଦାନ କରିବେ।

ସିଏପିଏଫ୍ ଅଧୀନରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍), କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍), କେନ୍ଦ୍ରୀୟ ଶିଳ୍ପାଞ୍ଚଳ ସୁରକ୍ଷା ବଳ (ସିଆଇଏସ୍‌ଏଫ୍), ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ (ଆଇଟିବିପି), ଆସାମ ରାଇଫଲ୍ସ, ଜାତୀୟ ସୁରକ୍ଷା ଗାର୍ଡ ଏବଂ ସଶସ୍ତ୍ର ସୀମା ବଳ ରହିଛି। ଆତଙ୍କବାଦୀ ଓ ମାଓବାଦୀ ପ୍ରଭାବିତ ରାଜ୍ୟ ସମେତ ଅନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆଇନଶୃଙ୍ଖଳା, ଉଦ୍ଧାର, ରିଲିଫ ଓ ସୁରକ୍ଷା ବ୍ୟବସ୍ଥା ଲାଗି ଅର୍ଦ୍ଧସାମରିକ ବଳ ଯୋଗାଇଦେଇଥାଏ। ବର୍ତ୍ତମାନର ନୀତିକୁ ସମୀକ୍ଷା କରିବା ପରେ ସିଏପିଏଫ୍‌ର ପ୍ରତି ବାଟାଲିୟନ୍ ପାଇଁ ଦର ଧାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଅର୍ଦ୍ଧସାମରିକ ବଳ ପଠାଇବା ଓ ସେମାନଙ୍କୁ ବିଭିନ୍ନ ସ୍ଥାନରେ ନିୟୋଜିତ କରିବା ଲାଗି ପରିବହନ ଖର୍ଚ୍ଚ ରାଜ୍ୟମାନଙ୍କୁ ବହନ କରିବାକୁ ହେବ।

ସଂଶୋଧିତ ଦେୟ ଅନୁଯାୟୀ ୨୦୧୯-୨୦ ବର୍ଷରେ ସାଧାରଣ ଅଞ୍ଚଳରେ ମୁତୟନ ଲାଗି ପ୍ରତି ବାଟାଲିୟନ ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜ୍ୟଠାରୁ ବର୍ଷକୁ ୧୩.୭୦ କୋଟି ଟଙ୍କା ଆଦାୟ କରିବ। ସେହିପରି ଅଧିକ ବିପଦପୂର୍ଣ୍ଣ ଅଞ୍ଚଳ ପାଇଁ ୨୫.୧୮ କୋଟି ଏବଂ ଅତ୍ୟଧିକ ବିପଦ ଓ କଷ୍ଟକର ଜୋନ୍ ପାଇଁ ୩୪.୨୬ କୋଟି ଟଙ୍କା ସଂଗ୍ରହ କରିବାକୁ ନିଷ୍ପତ୍ତି ହୋଇଛି। ପରବର୍ତ୍ତୀ ବର୍ଷଗୁଡିକରେ ଏହି ଦେୟକୁ ବୃଦ୍ଧି କରାଯିବ। ଏହା ସହ ଯବାନମାନଙ୍କ ରହିବା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ମଧ ରାଜ୍ୟ ସରକାର ଯୋଗାଇଦେବେ। ବିଧାନସଭା ନ ଥିବା କେନ୍ଦ୍ରଶାସିତ ଅଞ୍ଚଳଗୁଡିକୁ ଦେୟ ଦେବାକୁ ପଡିବନି।

# ପରମେଶ୍ୱରଙ୍କ ଘରେ ଆୟକର ଚଢ଼ାଉ

ବେଙ୍ଗାଲୁରୁ,୧୦।୧୦(ପି.ଟି.)

କର୍ନାଟକର ଦୁଇ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଜି. ପରମେଶ୍ୱର ଏବଂ ପୂର୍ବତନ ଏମ୍‌ପି ଆର୍‌.ଏଲ୍‌. ଜଲାପ୍ପାଙ୍କ ପୁଅ ଜେ. ରାଜେନ୍ଦ୍ରଙ୍କ ଘର ଉପରେ ଆୟକର ବିଭାଗ ଚଢ଼ାଉ କରିଛି। ଗୁରୁବାର ୩୦୦ରୁ ଉର୍ଦ୍ଧ୍ୱ ଆୟକର ଅଧିକାରୀ ଏକସଙ୍ଗେ ସେମାନଙ୍କର ବିଭିନ୍ନ ସ୍ଥାନରେ ଥିବା ଘର ଉପରେ ଚଢ଼ାଉ କରିଥିଲେ। ପରମେଶ୍ୱରଙ୍କ ପରିବାର ସିଦ୍ଧାର୍ଥ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସ ଚଳାଉଛନ୍ତି, ଯାହାକୁ ସେମାନଙ୍କ ବାପା ଏଚ୍‌.ଏମ୍‌. ଗଙ୍ଗାଧରାୟା ୫୮ ବର୍ଷ ତଳେ ପ୍ରତିଷ୍ଠା କରିଥିଲେ। ପରମେଶ୍ୱରଙ୍କ ଅଫିସ, ବାସଭବନ, ଇନ୍‌ଷ୍ଟିଚ୍ୟୁଶନ୍ସ ସମେତ ତାଙ୍କ ଭାଇ ଜି. ଶିବପ୍ରସାଦ, ବ୍ୟକ୍ତିଗତ ସହାୟକ ରମେଶଙ୍କ ବାସଭବନ ଉପରେ ମଧ ଆୟକର ଅଧିକାରୀମାନେ ଚଢ଼ାଉ କରିଥିଲେ। ସେହିପରି ରାଜେନ୍ଦ୍ର ଡୋଡାବାଲ୍ଲାପୁର ଓ କୋଲାରରେ ଆର୍‌.ଏଲ୍‌. ଜଲାପ୍ପା ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍‌ନୋଲୋଜି ଚଳାଉଛନ୍ତି। ବହୁକୋଟି ଟଙ୍କା ଟିକସ ଫାଙ୍କିରେ ପରମେଶ୍ୱର ଓ ତାଙ୍କ ସହଯୋଗୀମାନେ ସମ୍ପୃକ୍ତ ଥିବା ଜଣେ ଅଧିକାରୀ କହିଛନ୍ତି। ୮୦ ଆୟକର ଅଧିକାରୀ ଓ ପୋଲିସ ମୋଟ ୩୦ଟି ସ୍ଥାନରେ ଚଢ଼ାଉ କରିଥିଲେ।

## ନଡ୍ଡାଙ୍କୁ ଜେଡ୍ ସୁରକ୍ଷା

**ନୂଆଦିଲ୍ଲୀ,୧୦।୧୦(ପି.ଟି.):** ଭାଜପାର କାର୍ଯ୍ୟକାରୀ ଅଧକ୍ଷ ଜେ.ପି. ନଡ୍ଡାଙ୍କୁ ଜେଡ୍ ସୁରକ୍ଷା ଯୋଗାଇ ଦିଆଯାଇଛି। ତାଙ୍କୁ ଏଣିକି କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ୩୫ ଜଣ କମାଣ୍ଡୋ ଦିନରାତି ସୁରକ୍ଷା ଯୋଗାଇଦେବେ। ନଡ୍ଡାଙ୍କ ଜୀବନ ପ୍ରତି ବିପଦ ବଢୁଥିବାରୁ ଏହାକୁ ବିଚାରକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଉପରୋକ୍ତ ନିଷ୍ପତ୍ତି ନେଇଛି। ଦେଶ ଭିତରେ ନଡ୍ଡା ଯୁଆଡେ ଯିବେ ତାଙ୍କ ସହ କମାଣ୍ଡୋମାନେ ରହିବେ। ଏଥିସହିତ ତାଙ୍କ ବାସଭବନରେ ମଧ ଯବାନ ମୁତୟନ ରହିବେ ବୋଲି ଜଣେ ଅଧିକାରୀ କହିଛନ୍ତି।

### କର୍ତ୍ତାରପୁର କରିଡର ଉଦ୍‌ଘାଟନ ଉତ୍ସବ

# ମନମୋହନଙ୍କୁ ଇମ୍ରାନ୍‌ଙ୍କ ନିମନ୍ତ୍ରଣ

ଇସ୍‌ଲାମାବାଦ,୧୦।୧୦

ନଭେମ୍ବରରେ ହେବାକୁ ଥିବା କର୍ତ୍ତାରପୁର କରିଡର ଉଦ୍‌ଘାଟନ ଉତ୍ସବରେ ଯୋଗଦେବା ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ପାକିସ୍ତାନ ନିମନ୍ତ୍ରଣ କରିଛି।

ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମହମ୍ମଦ ଫୈଜାଲ ଗୁରୁବାର କହିଛନ୍ତି, ନଭେମ୍ବର ୨ରେ କର୍ତ୍ତାରପୁର କରିଡର୍ ଉଦ୍‌ଘାଟନ ହେବା ପାଇଁ ସ୍ଥିର ହୋଇଥିଲା। ନିର୍ଦ୍ଧାରିତ ସମୟରେ ଏହା କରାଯିବ। ତେବେ ଏନେଇ କିଛି ସ୍ପଷ୍ଟ ହୋଇନାହିଁ। ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ ଆନୁଷ୍ଠାନିକ ଭାବେ ମନମୋହନ ସିଂଙ୍କୁ କର୍ତ୍ତାରପୁର କରିଡର ଉଦ୍‌ଘାଟନ ଉତ୍ସବରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଛନ୍ତି। ପ୍ରକାଶ ଯେ, ଶିଖଧର୍ମର ପ୍ରତିଷ୍ଠାତା ଗୁରୁ ନାନକ ଦେବଙ୍କ ୫୫୦ତମ ଜୟନ୍ତୀ ପାଳନ ଅବସରରେ ନିର୍ମାଣାଧୀନ ଏହି କରିଡର ପଞ୍ଜାବର ଗୁରୁଦାସପୁର ଜିଲା ଡେରା ବାବା ନାନକ ପୀଠ ସହ ପାକିସ୍ତାନର କର୍ତ୍ତାରପୁରସ୍ଥିତ ଦରବାର ସାହିବକୁ ଯୋଡ଼ିବ। ସେଠାକୁ ଶିଖ୍ ଶ୍ରଦ୍ଧାଳୁମାନଙ୍କୁ ଭିଜାମୁକ୍ତ ଯାତ୍ରା ଅନୁମତି ଦେବା ପାଇଁ ପାକିସ୍ତାନ ରାଜି ହୋଇଛି। ପାକିସ୍ତାନ ପକ୍ଷରୁ ନିମନ୍ତ୍ରଣ ମିଳିନାହିଁ ଏବଂ ମନମୋହନ ସିଂ ଉଦ୍‌ଘାଟନ ଉତ୍ସବରେ ଯୋଗଦେଇ ନ ପାରନ୍ତି ବୋଲି ପୂର୍ବରୁ ତାଙ୍କ ଅଫିସ ପକ୍ଷରୁ କୁହାଯାଇଥିଲା।

### ଇତିହାସର ଆଇନାରେ

## ଅକ୍ଟୋବର ୧୧ର ପ୍ରମୁଖ ଘଟଣା

୧୯୧୮ ଅକ୍ଟୋବର ୧୧ରେ ସାନ୍ ଫର୍ମିନ୍ ଉପଦ୍ୱୀପରେ ଭୂକମ୍ପ ହେବାରୁ ବହୁ କ୍ଷତି ହୋଇଥିଲା। ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୭.୧ ରହିଥିବାବେଳେ ସୁନାମି ଭୟଙ୍କର ରୂପ ଧାରଣ କରିଥିଲା। ପ୍ରାୟ ୧୨୦ ଲୋକ ଏହାର ପ୍ରଭାବରେ ପ୍ରାଣ ହରାଇବା ସହ ଅନେକ ଘର ଲୋପ ପାଇଯାଇଥିଲା। ରାସ୍ତାଘାଟ ଫାଟି ଆଁ କରିବାରୁ ଦୀର୍ଘଦିନ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

୧୯୮୭ ଅକ୍ଟୋବର ୧୧ରେ ଭାରତୀୟ ସେନା ପକ୍ଷରୁ ଶ୍ରୀଲଙ୍କାରେ 'ଅପରେଶନ ପୱନ' ଆରମ୍ଭ କରାଯାଇଥିଲା। ଏଲ୍‌ଟିଟିଇ କବଳରୁ ଜାଫ୍‌ନାକୁ ଉଦ୍ଧାର କରିବା ଏହାର ମୂଳ ଲକ୍ଷ୍ୟ ଥିଲା। ଭାରତୀୟ ଶାନ୍ତିସେନା ଓ ଶ୍ରୀଲଙ୍କା ମିଳିତ ଭାବେ ଏହି ଲଢ଼େଇରେ ଉପନୀତ ହୋଇଥିଲେ। ସହସ୍ରାଧିକ ଲୋକ ଏଥିରେ ପ୍ରାଣ ହରାଇଥିଲେ।

# ଆଜି ଆସୁଛନ୍ତି ଚାଇନା ରାଷ୍ଟ୍ରପତି

ମାମଲାପୁରମ୍,୧୦।୧୦(ପି.ଟି.)

ଚାଇନା ରାଷ୍ଟ୍ରପତି ଜି. ଜିନ୍‌ପିଙ୍ଗ୍ ଶୁକ୍ରବାରଠାରୁ ଦୁଇଦିନିଆ ଭାରତ ଗସ୍ତରେ ଆସୁଥିବାବେଳେ ଏଥିପାଇଁ ତାମିଲନାଡୁର ପୁରାତନ ଐତିହ୍ୟ ଉପକୂଳ ସହର ମାମଲାପୁରମ୍‌ରେ ବ୍ୟାପକ ପ୍ରସ୍ତୁତି ସାଙ୍ଗକୁ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଜିନ୍‌ପିଙ୍ଗଙ୍କର ହେବାକୁ ଥିବା ଏହି ଦ୍ୱିତୀୟ ଅନୌପଚାରିକ ସମିଟ୍ ଉପରେ ସମସ୍ତଙ୍କର ନଜର ରହିଛି। ମାମଲାପୁରମ୍ ସହ ଚାଇନାର ପୁରାତନ ସାଂସ୍କୃତିକ ଓ ବାଣିଜ୍ୟିକ ସମ୍ପର୍କ ରହିଥିବାବେଳେ ଭାରତର ବିବିଧତାର ପ୍ରଦର୍ଶନ ଲାଗି ସମିଟ୍ ଆୟୋଜନ ନିମନ୍ତେ ଏହି ସ୍ଥାନକୁ ଚୟନ କରାଯାଇଛି। ସେଥିପାଇଁ ମାମଲାପୁରମ୍‌ରେ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥାରେ ୧୦



ମାମଲାପୁରମ୍ ଐତିହ୍ୟସ୍ଥଳର ସୁସଜ୍ଜିତ ମୁଖ୍ୟ ପ୍ରବେଶପଥ।

ହଜାରରୁ ଉର୍ଦ୍ଧ୍ୱ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ମୋଦି ଏକ ସ୍ୱତନ୍ତ୍ର ବିମାନରେ ଶୁକ୍ରବାର ଚେନ୍ନାଇ ଯାଇ ସେଠାରୁ ହେଲିକପ୍ଟର ଯୋଗେ ମାମଲାପୁରମ୍ ଯିବେ। ଶୁକ୍ରବାର ଅପରାହ୍ନ ୪ଟାରେ ଜିନ୍‌ପିଙ୍ଗ ଚେନ୍ନାଇରେ ପହଞ୍ଚି ଏକ ହୋଟେଲରେ ରହିବେ ଓ ସେଠାରୁ ସଡ଼କ ପଥରେ ସମିଟ୍ ସ୍ଥଳକୁ ଯିବେ। ଜିନ୍‌ପିଙ୍ଗଙ୍କ ସ୍ୱାଗତ ଲାଗି ତାମିଲନାଡୁ ସରକାର ସମସ୍ତ ବ୍ୟବସ୍ଥା କରିଛନ୍ତି। ତାମିଲନାଡୁ ରାଜ୍ୟପାଳ ବନୱାରିଲାଲ ପୁରୋହିତ, ମୁଖ୍ୟମନ୍ତ୍ରୀ କେ. ପାଲାନିସ୍ୱାମୀ ଓ ଅନ୍ୟ ନେତାମାନେ ବିମାନବନ୍ଦରରେ ଜିନ୍‌ପିଙ୍ଗଙ୍କୁ ସ୍ୱାଗତ କରିବେ। ପ୍ରଧାନମନ୍ତ୍ରୀଙ୍କ ସହ

- ଏକାଧିକ ପର୍ଯ୍ୟଟନ ସ୍ଥଳ ବୁଲିବେ ମୋଦି-ଜିନ୍‌ପିଙ୍ଗ୍
- ମାମଲାପୁରମ୍‌ରେ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା

ଜିନ୍‌ପିଙ୍ଗ ସେଠାରେ ଥିବା ଦର୍ଶନୀୟ ସ୍ଥାନ ଅର୍ଜୁନଙ୍କ ତପସ୍ୟା, ପଞ୍ଚରଥ ଏବଂ ମହାବଳିପୁରମ୍‌ର ଶୋର୍ ଟେମ୍ପୁଲ୍ ( ଉପକୂଳ ମନ୍ଦିର)ପରିଦର୍ଶନ କରିବା ସହ କଳାକ୍ଷେତ୍ର ଫାଉଣ୍ଡେଶନ୍ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବେ। ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ ଆୟୋଜିତ ନୈଶଭୋଜିରେ ଚାଇନା ରାଷ୍ଟ୍ରପତି ଯୋଗଦେବେ। ଶନିବାର ଦୁଇନେତାଙ୍କ ମଧରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା ସାଙ୍ଗକୁ ସୀମିତ ପ୍ରତିନିଧି ସ୍ତରୀୟ ବୈଠକ ଅନୁଷ୍ଠିତ ହେବ।

# ଜିନ୍‌ଜିଆଙ୍ଗକୁ ନେଇ ନୀରବ କାହିଁକି

### କେନ୍ଦ୍ରକୁ କଂଗ୍ରେସର ପ୍ରଶ୍ନ

**ନୂଆଦିଲ୍ଲୀ,୧୦।୧୦:** କଶ୍ମୀରକୁ ନେଇ ଚାଇନା ବାରମ୍ବାର ମୁଣ୍ଡ ଖେଳାଉଥିବାବେଳେ ଜିନ୍‌ଜିଆଙ୍ଗ୍, ହଂକଂ ଓ ତିବ୍ବତ ପ୍ରସଙ୍ଗରେ ଭାରତ କାହିଁକି ନୀରବ ରହୁଛି ବୋଲି ଗୁରୁବାର କଂଗ୍ରେସ ପ୍ରଶ୍ନ କରିଛି। ଏହାସହ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ଚାଇନାର ହସ୍ତକ୍ଷେପ ରୋକିବାରେ ନରେନ୍ଦ୍ର ମୋଦି ସରକାର ବିଫଳ ହୋଇଥିବା ବିରୋଧୀ ଦଳ ସମାଲୋଚନା କରିଛି।

ବରିଷ୍ଠ କଂଗ୍ରେସ ନେତା ମନୀଷ୍ ତିୱାରୀ କହିଛନ୍ତି, କଶ୍ମୀରକୁ ନେଇ ଭାରତ-ପାକିସ୍ତାନ ମଧରେ ଟଣାଓଟରା ଚାଲିଥିବାବେଳେ ଚାଇନା ମଧ ବାରମ୍ବାର ଏହି ପ୍ରସଙ୍ଗ ଉଠାଉଛି। ଏଭଳି ସମୟରେ ଜିନ୍‌ଜିଆଙ୍ଗ୍‌ରେ ସଂଖ୍ୟାଲଘୁ ଉଇଗର ମୁସଲମାନଙ୍କ ମାନବାଧିକାର ଉଲ୍ଲଂଘନ, ହଂକଂରେ ସରକାର ବିରୋଧୀ ବିକ୍ଷୋଭ ବେଳେ ଗଣତନ୍ତ୍ର ସପକ୍ଷବାଦୀଙ୍କ ଉପରେ ଦମନଲୀଳା ଏବଂ ତିବ୍ବତରେ ଉତ୍ପୀଡ଼ନ ଭଳି ପ୍ରସଙ୍ଗ ଭାରତ କାହିଁକି ଉଠାଉନାହିଁ। ସେହିପରି ଦକ୍ଷିଣ ଚାଇନା ସାଗର(ଏସ୍‌ସିଏ)ର ଦାଦାଗିରି ଉପରେ କେନ୍ଦ୍ର ନୀରବ କାହିଁକି। ଏହିସବୁ ପ୍ରସଙ୍ଗ ଉପରେ ଆମେ ନଜର ରଖିଛୁ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟ ଚାଇନାକୁ କାହିଁକି କହୁନାହାନ୍ତି ବୋଲି ମନୀଷ୍ ଟୁଇଟ୍ କରିଛନ୍ତି। ପ୍ରକାଶ ଯେ, ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଦୁଇଦିନ ତଳେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କୁ କହିଥିଲେ, କଶ୍ମୀର ସ୍ଥିତି ଉପରେ ଆମର କଡ଼ା ନଜର ରହିଛି।

# ମିଶନ୍ ଟି୨୦



ନିର୍ମଳ କୁମାର ମିଶ୍ର





ଦକ୍ଷିଣ ଆଫ୍ରିକା ସହିତ ଟେଷ୍ଟ ସିରିଜରେ ଟିମ୍ ଇଣ୍ଡିଆର ସୁପର ଶୋ ଅବ୍ୟାହତ ରହିଛି। ପ୍ରଥମ ଟେଷ୍ଟକୁ ୨୦୩ ରନ୍‌ର ବିଶାଳ ବ୍ୟବଧାନରେ ଜିତିବାରେ ଉଭୟ ଅଭିଜ୍ଞ ଏବଂ ନୂତନ ଖେଳାଳିମାନଙ୍କ ସଫଳତା ଏପରି ଏକ ଚିତ୍ତାକର୍ଷକ ବିଜୟ ଆଣିଦେଇଛି। ଯେଉଁଥିରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଅଫସ୍ପିନର ରବିଚନ୍ଦ୍ରନ ଅଶ୍ୱିନୀଙ୍କ ସଫଳ ଟେଷ୍ଟ ପ୍ରତ୍ୟାବର୍ତ୍ତନ ସାମିଲ ରହିଛି। କର୍ନାଟକର ରଣଜୀ ଓପନର୍ ମୟଙ୍କ ଅଗ୍ରୱାଲଙ୍କ ପ୍ରଥମ ଟେଷ୍ଟ ମ୍ୟାଚରେ ଦ୍ୱିଶତକ ହାସଲ ମଧ୍ୟ ଏହି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ନାଲିବଲ୍‌ରେ ହିଟ୍‌ମ୍ୟାନ୍ ରୋହିତ ଶର୍ମାଙ୍କ ଉଭୟ ଇନିଂସ୍‌ରେ ଶତକ ଐତିହାସିକ ଥିଲା। ରବୀନ୍ଦ୍ର ଜାଡେଜାଙ୍କ ଉପଯୁକ୍ତ ସମୟରେ ବ୍ରେକ୍ ଥ୍ରୁ ବୋଲର ରୂପେ ଶ୍ରେଷ୍ଠ ପ୍ରଦର୍ଶନ ଏବଂ ଗୋଟିଏ ଟେଷ୍ଟ ମ୍ୟାଚରେ ଉଭୟ ଟିମ୍ ପକ୍ଷରୁ ୫ଟି ଶତକ, କେତେଗୁଡ଼ିଏ ଦର୍ଶନୀୟ କ୍ୟାଚ୍ ସହିତ ଟିମ୍ ଇଣ୍ଡିଆ ୧୬୦ ପଏଣ୍ଟ ସହ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ୧ନଂ ସ୍ଥାନ ହାସଲ କରିଛି। ଟେଷ୍ଟ ସଫଳତା ସହ ଭାରତ ମିଶନ ଟି୨୦ ବିଶ୍ୱକପ୍ ପାଇଁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି।

କ୍ୱାଲିଫାଏ ମ୍ୟାଚ୍‌ରେ ଶ୍ରୀଲଙ୍କା ଓ ବାଂଲାଦେଶ ଅନ୍ୟ ଟିମ୍‌ଗୁଡ଼ିକ ସହ ଅବତୀର୍ଣ୍ଣ ହେବେ। ଏହାପରେ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାକୁ ଥିବା ଦଳଗୁଡିକ ନେଇ ସ୍ଥିତି ସ୍ପଷ୍ଟ ହେବ। ଟିମ୍ ଇଣ୍ଡିଆ ତା'ର ବିଶ୍ୱକପ୍ ମିଶନ ୨୦୨୦ ସାଉଥ୍ ଆଫ୍ରିକା ସହିତ ୩ଟି ଟି୨୦ ମ୍ୟାଚ୍‌ରୁ ଆରମ୍ଭ କରିଛି। ଆସନ୍ତାବର୍ଷ ଅଷ୍ଟ୍ରେଲିଆରେ ଖେଳାଯିବ ଆଇସିସି ଟି୨୦ ବିଶ୍ୱକପ୍। ଏଥିପାଇଁ ଟିମ୍ ଇଣ୍ଡିଆ ତା'ର ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛି। ଏହି ବିଶ୍ୱକପ୍ ପାଇଁ ଟିମ୍ ଇଣ୍ଡିଆ ଖେଳିବାକୁ ଥିବା ମ୍ୟାଚ୍‌ଗୁଡିକ ମଧ୍ୟରେ ଟି୨୦ ଫର୍ମାଟକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଧଳା ବଲରେ ଅଷ୍ଟ୍ରେଲିଆ ପରିବେଶରେ ଖେଳାଯିବାକୁ ଥିବା ଏହି ବିଶ୍ୱକପ୍ ପାଇଁ ଅନେକ ନୂଆ ମୁହଁକୁ ଟିମ୍ ଇଣ୍ଡିଆ ଏବେଠାରୁ ସୁଯୋଗ ଦେବାକୁ ଆରମ୍ଭ କରିଛି। ଟି୨୦ ବିଶ୍ୱକପ୍‌ର ଏହି ୭ମ ସଂସ୍କରଣ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଏବଂ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ଦ୍ୱାରା ପରିଚାଳିତ ହେବ। ଅକ୍ଟୋବର ୧୮ ତାରିଖରୁ ଆରମ୍ଭ ହୋଇ ୧୫ ନଭେମ୍ବର ୨୦୨୦ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ମେଗା ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଭାଗନେବାକୁ ଥିବା ବେଳେ ମୋଟ ୪୫ଟି ମ୍ୟାଚ ଖେଳାଯିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ୨୦୧୬ରେ ଖେଳାଯାଇଥିବା ଟି୨୦ ବିଶ୍ୱକପର ୬ଷ୍ଠ ସଂସ୍କରଣ ଭାରତରେ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ୱେଷ୍ଟଇଣ୍ଡିଜ ତା'ର ୨ୟ ଟାଇଟଲ ହାସଲ କରିଥିଲା। ଫାଇନାଲରେ ପରାସ୍ତ ହୋଇଥିବା ଇଂଲଣ୍ଡକୁ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡିଥିଲା।

ବର୍ତ୍ତମାନ ଦକ୍ଷିଣ ଆଫ୍ରିକା ଦଳ ଭାରତ ଗସ୍ତରେ ଆସିଛି ଏବଂ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ୧-୧ରେ ସମାପ୍ତ ହୋଇଥିବା ବେଳେ ଗୋଟିଏ ମ୍ୟାଚ ବାଧାପ୍ରାପ୍ତ ହୋଇଥିଲା। ଭାରତ ଅଳ୍ପକେ ଆଉ ଏକ ଟି୨୦ ସିରିଜ ବିଜୟକୁ ସହଜରେ ହାତଛଡା କରିଛି। ଟେଷ୍ଟ ସିରିଜ ଆରମ୍ଭ ହୋଇଯାଇଥିବା ବେଳେ ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ଏବେ ଯୁବ ଖେଳାଳିମାନଙ୍କୁ ଦଳରେ ପ୍ରାଧାନ୍ୟ ଦେବାକୁ ଆରମ୍ଭ କରିଛନ୍ତି। ଭାରତ ଏହି ପ୍ରସ୍ତୁତି ପ୍ରକ୍ରିୟା ୨୦୧୯ ଆଇସିସି ବିଶ୍ୱକପ୍ ପରେ ୱେଷ୍ଟଇଣ୍ଡିଜ୍ ଗସ୍ତରୁ ଆରମ୍ଭ କରିଛି। ଦଳରେ ଏବେ କେତେକ ଯୁବ ଖେଳାଳି ସ୍ଥାନ ନେଇ ସାରିଛନ୍ତି। ଭବିଷ୍ୟତକୁ ଦୃଷ୍ଟିରେ ରଖି ସେମାନଙ୍କୁ ମଝିରେ ବ୍ରେକ୍ ଦେଇ ସେମାନଙ୍କର ଦକ୍ଷତା ପରଖିନେବାର ସମୟ ଆସିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭାରତ ଆସନ୍ତାବର୍ଷ ହେବାକୁ ଥିବା ଟି୨୦ ବିଶ୍ୱକପ୍‌କୁ ଆଖି ଆଗରେ ରଖି ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ଏକଦିବସୀୟ ବିଶ୍ୱକପ୍‌କୁ ନେଇ ଅନେକ ଯୋଜନା ପ୍ରସ୍ତୁତ ହୋଇଥିଲେ ମଧ୍ୟ ଟିମ୍ ଇଣ୍ଡିଆ ଭଲ ପ୍ରଦର୍ଶନ କରି ସେମିଫାଇନାଲରେ ପରାସ୍ତ ହେବା ସବୁଠାରୁ ଦୁଃଖଦ ଘଟଣା ଥିଲା। କାରଣ ପ୍ରଥମରୁ ଭାରତ ବିଶ୍ୱକପ୍ ପାଇଁ ଦୃଢ଼ ଦାବିଦାର ରହିଥିଲା। କେତେଗୁଡିଏ ଭଲ ନିଷ୍ପତ୍ତି ଯୋଗୁଁ ଭାରତକୁ ବହୁ ମୂଲ୍ୟ ଦେବାକୁ ପଡିଲା। ଏକଥା ବିରାଟ କୋହଲିଙ୍କ ମନରୁ ଏପର୍ଯ୍ୟନ୍ତ ପାସୋରି ହୋଇ ନ ଥିବ।





ଚଳିତ ସାଉଥ ଆଫ୍ରିକା ଟି୨୦ ସିରିଜରେ ତା'ର ଫଳାଫଳ ଦେଖିବାକୁ ମିଳିଛି। ଏକ ନିଶ୍ଚିତ ସିରିଜ ବିଜୟକୁ ପୁଣି ହାତଛଡା କରିଛି ଟିମ୍ ଇଣ୍ଡିଆ। ପ୍ରଥମ ମ୍ୟାଚ୍ ବାତିଲ ହେବା ପରେ ଦ୍ୱିତୀୟ ମ୍ୟାଚରେ ବିଜୟୀ ହୋଇ ଉପଯୁକ୍ତ ଗେମ୍‌ପ୍ଲାନ ଅଭାବରୁ ତୃତୀୟ ମ୍ୟାଚ୍ ହାତଛଡା କରିବା ଟିମ୍ ଇଣ୍ଡିଆର ଦୁର୍ବଳତାକୁ ପଦାରେ ପକାଇଛି। ତେଣୁ ଟିମ୍‌ର ଶ୍ରେଷ୍ଠ ଖେଳାଳିମାନଙ୍କୁ କ୍ରମାଗତ ଭାବେ ସୁଯୋଗ ଦିଆଯାଇଥିଲେ ମଧ୍ୟ ସେମାନେ ବିଫଳ ହୋଇଛନ୍ତି। ଘରୋଇ ସର୍କିଟରେ ପର୍ଯ୍ୟାପ୍ତ ପରିମାଣର ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ଫଳରେ ଯୁବ ଖେଳାଳିଙ୍କୁ ସୁଯୋଗ ଦେବାର ସମୟ ଆସି ଉପନୀତ ହୋଇଛି।

ବିରାଟ କୋହଲି, ରୋହିତ ଶର୍ମା, ଶିଖର ଧାୱନ, ହାର୍ଦ୍ଦିକ ପାଣ୍ଡ୍ୟା, ଲୋକେଶ ରାହୁଲ୍ ଏବଂ ରବୀନ୍ଦ୍ର ଜାଡେଜା ଧଳା ବଲରେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିସାରିଛନ୍ତି। ଏବେ ଯୁବ ଖେଳାଳିମାନଙ୍କୁ ସୁଯୋଗ ଦେଇ ସେମାନଙ୍କର ପ୍ରତିଭା ମାଧ୍ୟମରେ ଭାରତୀୟ ଦଳକୁ ଆଗକୁ ନେବାର ସମୟ ଆସିଛି। ସମସ୍ତ ଫର୍ମାଟରେ ବିରାଟ କୋହଲିଙ୍କୁ ଅଧିନାୟକ ଦାୟିତ୍ୱ ଦେବା ଫଳରେ ତାଙ୍କ ବ୍ୟକ୍ତିଗତ ପ୍ରଦର୍ଶନରେ ବ୍ୟାହତ ହେଉଥିବା ବେଳେ ଅଧିକ ଚାପ ଦଳ ଉପରେ ପଡୁଛି। ଏହା ସତ୍ୟ ଯେ ବିରାଟ କୋହଲି ଜଣେ ସଫଳ ଏବଂ ବିଚକ୍ଷଣ ଅଧିନାୟକ। ତାଙ୍କ ଅଧିନାୟକତ୍ୱରେ ଦଳ କ୍ରମାଗତ ରୂପେ ଶ୍ରେଷ୍ଠ ପ୍ରଦର୍ଶନ କରିଆସୁଛି। ତଥାପି ଅନ୍ୟ ଦେଶମାନଙ୍କ ପରି ଟି୨୦, ଏକଦିବସୀୟ ଏବଂ ଟେଷ୍ଟମ୍ୟାଚ୍ ପାଇଁ ଭିନ୍ନ ଭିନ୍ନ ଅଧିନାୟକ ନିଯୋଜନ କଲେ ଭବିଷ୍ୟତ ପାଇଁ ଜଣେ ଦକ୍ଷ ଅଧିନାୟକ ଟିମ୍ ଇଣ୍ଡିଆ ପାଇଁ ତିଆରି ହୋଇପାରିବ କେତେକ ବିଚାର କରନ୍ତି। ଏଥିପାଇଁ ସୁନୀଲ ଗାଭାସ୍କର, ସୌରଭ ଗାଙ୍ଗୁଲି ଏବଂ ସଚିନ ତେନ୍ଦୁଲକରଙ୍କ ପରି ମହାନ୍ ଖେଳାଳିମାନେ ସେମାନଙ୍କର ମତାମତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପାଖରେ ରଖି ସାରିଛନ୍ତି।

ଯଦିଓ ଦଳରେ ନବଦୀପ ସଇନି, ୱାଶିଂଟନ ସୁନ୍ଦର, ରିଷଭ ପନ୍ତ, ଦୀପକ ଚହର, କ୍ରୁନାଲ ପାଣ୍ଡ୍ୟା, ଶ୍ରେୟାସ ଆୟର, ଖଲିଲ ଅହମ୍ମଦଙ୍କ ପରି ଯୁବ ଖେଳାଳିମାନେ ସ୍ଥାନ ପାଇଛନ୍ତି। ତଥାପି ସେମାନଙ୍କୁ ସେମାନଙ୍କର ପ୍ରଦର୍ଶନରେ ସୁଧାର ଆଣିବା ଆବଶ୍ୟକ। ଏହି ଖେଳାଳିମାନଙ୍କୁ ଯଶପ୍ରୀତ ବୁମରାଙ୍କ ପରି ଚମକ ସୃଷ୍ଟି କରିବା ଆବଶ୍ୟକ। ଏହା ସତ୍ୟ ଯେ ସମୟ କ୍ରମେ ପରିପକ୍ୱତା ଦେଖାଇଥିବା ଭାରତୀୟ ପେସ ବୋଲରମାନଙ୍କ ମଧ୍ୟରେ ଯଶପ୍ରୀତ ବୁମରା, ଭୁବନେଶ୍ୱର କୁମାର, ଇଶାନ୍ତ ଶର୍ମା ଏବଂ ମହମ୍ମଦ ସାମି ଯୁବ ଖେଳାଳିମାନଙ୍କ ରୋଲ ମଡେଲ ହୋଇପାରିଛନ୍ତି। ଏମାନଙ୍କ ଉପସ୍ଥିତିରେ ଭାରତୀୟ ପେସ୍ ବୋଲିଂ ବେଶ୍ ଶାଣିତ ହୋଇଛି। ସେହିପରି ରାହୁଲ ଚହର, ୱାଶିଂଟନ ସୁନ୍ଦର, କୁଳଦୀପ ଯାଦବ ଏବଂ ଯୁଜବେନ୍ଦ୍ର ଚହଲଙ୍କ ପରି ସ୍ପିନରମାନେ ସେମାନଙ୍କର ଦକ୍ଷତା ପ୍ରତିପାଦନ କରିବାକୁ ସକ୍ଷମ ହୋଇଛନ୍ତି। ତଥାପି ସେମାନଙ୍କୁ ଆହୁରି ଭଲ ପ୍ରଦର୍ଶନ କରିବାକୁ ହେବ। ବ୍ୟାଟିଂ ବିଭାଗରେ ମଧ୍ୟ କେତେକ ନୂଆ ମୁହଁ ଦେଖିବାକୁ ମିଳିଛି। ନିଜକୁ ଟିମ୍ ଇଣ୍ଡିଆର ଜଣେ ବିଶ୍ୱସ୍ତ ବ୍ୟାଟସମ୍ୟାନ ରୂପେ ପ୍ରମାଣିତ କରିବା ପାଇଁ ସେମାନେ ସ୍ୱାଧୀନ ଭାବେ ଖେଳିବା ଆବଶ୍ୟକ କରୁଛନ୍ତି। ଶ୍ରେୟାସ ଆୟର ଟି୨୦ ମ୍ୟାଚରେ ଦଳରେ ସ୍ଥାନ ପାଇଛନ୍ତି। ସେହିପରି ରିଷଭ ପନ୍ତଙ୍କୁ ନେଇ ଚର୍ଚ୍ଚା ଅବ୍ୟାହତ ରହିଛି। ମହେନ୍ଦ୍ର ସିଂ ଧୋନୀଙ୍କ ବଦଳରେ ଜଣେ ଦକ୍ଷ ଏବଂ ଯୁବ ଆକ୍ରମଣାତ୍ମକ ଉଇକେଟକିପର ରୂପେ ଦଳରେ ତାଙ୍କୁ ସାମିଲ କରାଯାଇଥିଲେ ମଧ୍ୟ ସେ ଏପର୍ଯ୍ୟନ୍ତ ନିଜକୁ ଠିକ୍ ରୂପେ ପ୍ରମାଣିତ କରି ପାରିନାହାନ୍ତି। ସେ ତାଙ୍କର ଦକ୍ଷତା ଅନୁସାରେ ପ୍ରଦର୍ଶନ କରିବା ଆବଶ୍ୟକ। ସେହିପରି ଲୋକେଶ ରାହୁଲ ମଧ୍ୟ ରୋହିତ ଶର୍ମା ଓ ଶିଖର ଧାୱନଙ୍କ ପରେ ଓପନ୍‌ର ଭୂମିକା ତୁଲାଇବାକୁ ସକ୍ଷମ। କାରଣ ହ୍ୱାଇଟ ବଲ୍ ଖେଳର ସେ ଜଣେ ଶ୍ରେଷ୍ଠ ଓପନର। ହାର୍ଦ୍ଦିକ ପାଣ୍ଡ୍ୟା ଦଳରେ ଜଣେ ଶ୍ରେଷ୍ଠ ଉପଯୋଗୀ ଅଲରାଉଣ୍ଡର ଭାବେ ନିଶ୍ଚିତ ରହିବେ।

ଦକ୍ଷିଣ ଆଫ୍ରିକା ଦଳ ଏବେ ଭାରତ ଗସ୍ତରେ ରହିଛି। ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବାକୁ ରହିଥିବା ବେଳେ ଦଳରେ ଏକାଧିକ ଯୁବ ଖେଳାଳି ରହିଛନ୍ତି। କିଛି ବର୍ଷ ପୂର୍ବେ ଦଳରେ ଥିବା ସମସ୍ତ ଦକ୍ଷ ଖେଳାଳି ବିଭିନ୍ନ ଫର୍ମାଟରୁ ଅବ୍ୟାହତି ନେଇ ଯୁବ ଖେଳାଳିମାନଙ୍କୁ ସୁଯୋଗ ଦେଇଛନ୍ତି। ବିଶ୍ୱ କ୍ରିକେଟ୍‌ରେ ଅନେକ ଦଳ ମଧ୍ୟରେ ଏପରି ପରିବର୍ତ୍ତନ ଦେଖାଦେଇଛି। ଆଗାମୀ ଅଷ୍ଟ୍ରେଲିଆ ସିରିଜକୁ ଆଖି ଆଗରେ ରଖି ଦଳକୁ ଏବେଠାରୁ ପ୍ରସ୍ତୁତ କରିବାକୁ ହେବ। ଏବେଠାରୁ ଟିମ୍ ମ୍ୟାନେଜମେଣ୍ଟ ନାଲିବଲ ଏବଂ ଧଳା ବଲ୍ ଫର୍ମାଟ ପାଇଁ ସ୍ୱତନ୍ତ୍ର ଯୁବ ଖେଳାଳିମାନଙ୍କୁ ସୁଯୋଗ ଦେଲେ ଦଳ ଆଗାମୀ ଟେଷ୍ଟ, ଏକଦିବସୀୟ ଏବଂ ଟି୨୦ ବିଶ୍ୱକପ୍ ପାଇଁ ଏକ ସନ୍ତୁଳିତ ଦଳ ଗଠନ କରିବା ସହିତ ମିଶନ୍ ୨୦୨୦ ପାଇଁ ପ୍ରସ୍ତୁତ କରିବା ସହିତ ଦୃଢ଼ ଦାବିଦାର ରୂପେ ନିଜକୁ ପ୍ରମାଣିତ କରିବ।

ଟି୨୦ ବିଶ୍ୱକପ୍ ପାଇଁ ଆଇସିସିର ପୂର୍ଣ୍ଣ ସଦସ୍ୟତା ହାସଲ କରିଥିବା ୯ଟି ଦେଶ ସହିତ ଆୟୋଜକ ଅଷ୍ଟ୍ରେଲିଆ ଖେଳିବ। ଶ୍ରୀଲଙ୍କା ଏବଂ ବାଂଲାଦେଶ ସୁପର ୧୨ ପାଇଁ କ୍ୱାଲିଫାଏ କରିନାହାନ୍ତି। ସମସ୍ତ ୪୫ଟି ମ୍ୟାଚ୍ ଆଡିଲେଡ୍, ଓଭାଲ, ବ୍ରିସ୍‌ବେନ, ଗିଲଙ୍ଗ, ହୋବାର୍ଟ, ମେଲବୋର୍ନ, ପର୍ଥ ଏବଂ ସିଡନୀରେ ଖେଳାଯିବାକୁ ଥିବା ବେଳେ ମେଲବୋର୍ନ ଷ୍ଟାଡିୟମ୍‌ରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଆଗାମୀ ନଭେମ୍ବର ମାସରେ ବାଂଲାଦେଶ ଏବଂ ଡିସେମ୍ବର ମାସରେ ୱେଷ୍ଟଇଣ୍ଡିଜ୍ ସହିତ ଖେଳାଯିବାକୁ ଥିବା ୩ଟି ଲେଖାଏଁ ଟି୨୦ ମ୍ୟାଚ୍ ପାଇଁ ଏବେଠାରୁ ଉପଯୁକ୍ତ ପ୍ରସ୍ତୁତି ଏବଂ ଯୁବ ଖେଳାଳିମାନଙ୍କୁ ସୁଯୋଗ ଦେଇ ଆଗାମୀ ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଜୋରଦାର କରିବା ଆବଶ୍ୟକ।

**ଆଉ ପାଖାପାଖି ବର୍ଷେ ପରେ ଆୟୋଜନ ହେବ ଟି୨୦ ବିଶ୍ୱକପ୍‌ର ସପ୍ତମ ସଂସ୍କରଣ। ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ଏହି ମେଗା ଟୁର୍ନାମେଣ୍ଟରେ ଗତଥରର ଚାମ୍ପିୟନ ୱେଷ୍ଟଇଣ୍ଡିଜ ଓ ବିଶ୍ୱର ଶ୍ରେଷ୍ଠ ୮ଟି ଦଳ ସମେତ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିବେ। ଟୁର୍ନାମେଣ୍ଟରେ ୪୫ଟି ମ୍ୟାଚ୍ ଖେଳାଯିବା ପରେ କେଉଁ ଦଳ ଚାମ୍ପିୟନ ହେବ ତାହା ସ୍ପଷ୍ଟ ହେବ...**

### ଟି୨୦ ବିଶ୍ୱକପ୍

ଆୟୋଜକ- ଅଷ୍ଟ୍ରେଲିଆ
ସଂସ୍କରଣ- ସପ୍ତମ
ଫର୍ମାଟ- ଟି୨୦
ବର୍ଷ-୨୦୨୦
ତାରିଖ- ଅକ୍ଟୋବର ୧୮ରୁ ନଭେମ୍ବର ୧୫
ଦଳ: ୧୬
ମ୍ୟାଚ୍ ସଂଖ୍ୟା- ୪୫
ଗତଥରର ଚାମ୍ପିୟନ- ୱେଷ୍ଟଇଣ୍ଡିଜ୍ (୨୦୧୬)

# ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍

ଅଲିମ୍ପିକ୍ସ ପରେ ଟ୍ରାକ୍ ଆଣ୍ଡ ଫିଲ୍ଡ ଦୃଷ୍ଟିକୋଣରୁ ଦ୍ୱିତୀୟ ସର୍ବବୃହତ୍ କ୍ରୀଡ଼ା ମହାକୁମ୍ଭର ମାନ୍ୟତା ପାଇଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ଏଥର କାତାର ରାଜଧାନୀ ଦୋହାରେ ଅନୁଷ୍ଠିତ ହୋଇଛି। ପ୍ରତି ଦୁଇବର୍ଷରେ ଥରେ ଆୟୋଜିତ ହେଉଥିବା ଏହି ମେଗା ଇଭେଣ୍ଟର ୧୭ତମ ସଂସ୍କରଣରେ ପୁଣି ଥରେ ଆମେରିକାର ଆଧିପତ୍ୟ ଦେଖିବାକୁ ମିଳିଛି। କେବଳ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟ ଖେଳାଯାଉଥିବାରୁ ଏହି କ୍ରୀଡ଼ା ମହାକୁମ୍ଭରେ ସଫଳତା ପାଇବା ନିଶ୍ଚିତ ଭାବେ କଷ୍ଟକର। ଆମେରିକା ୧୪ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ସହ ମୋଟ ୨୯ଟି ପଦକ ହାସଲ କରି ପଦକ ତାଲିକାର ଶୀର୍ଷରେ ରହିଛି। ସେହିପରି ଆଫ୍ରିକୀୟ ଦେଶ କେନିଆ ୫ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ ବ୍ରୋଞ୍ଜ ସହ ମୋଟ ୧୧ ପଦକ ପାଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ କେନ୍ଦ୍ରୀୟ ଆମେରିକୀୟ ଦେଶ ଜାମାଇକା ୩ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୪ ବ୍ରୋଞ୍ଜ୍ ପଦକ ସହ ମୋଟ ୧୨ଟି ପଦକ ହାସଲ କରି ତାଲିକାର ତୃତୀୟ ସ୍ଥାନରେ ରହିଛି। ଅଲିମ୍ପିକ୍ସରେ ଜବରଦସ୍ତ ସଫଳତା ହାସଲ କରୁଥିବା ଚାଇନା ଏଥର ଚତୁର୍ଥ ସ୍ଥାନରେ ରହିଛି। ଚାଇନା ୩ଟି ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ଜିତି ମୋଟ ୯ଟି ପଦକ ପାଇଛି। ଅନ୍ୟତମ ଆଫ୍ରିକୀୟ ଦେଶ ଇଥିଓପିଆ ୨ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ୍ ପଦକ ସହ ମୋଟ ୮ଟି ପଦକ ପାଇ ପଞ୍ଚମ ସ୍ଥାନରେ ରହିଛି। ସବୁଥର ଭଳି ଭାରତ ଏଥର ମଧ୍ୟ ବିନା ପଦକରେ ଘରକୁ ଫେରିଛି। ଯଦିଓ କେତୋଟି ଇଭେଣ୍ଟରେ ଭାରତୀୟ ଖେଳାଳିମାନେ ଉନ୍ନତ ପ୍ରଦର୍ଶନ କରିଥିଲେ। ୨୦୯ଟି ଦେଶର ୧୯୭୨ଜଣ ଆଥଲେଟ ଏଥିରେ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରେ ୧୦୫୪ ପୁରୁଷ ଓ ୯୧୮ଜଣ ମହିଳା ଆଥଲେଟ ସାମିଲ ଥିଲେ। ୨୪ଟି ପୁରୁଷ ଓ ମହିଳା ଇଭେଣ୍ଟ ଓ ଗୋଟିଏ ମିକ୍ସ ଇଭେଣ୍ଟରେ ଆଥଲେଟମାନେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିଲେ। ଏହି ଚାମ୍ପିୟନଶିପର ପ୍ରଦର୍ଶନ ସର୍ବକାଳୀନ ଶ୍ରେଷ୍ଠ ସାବ୍ୟସ୍ତ ହୋଇଛି। ଗତ ୨୦୧୭ ଚାମ୍ପିୟନଶିପ୍‌କୁ ଏହା ପଛରେ ପକାଇଛି। ଏଥର ୩ଟି ବିଶ୍ୱ ରେକର୍ଡ ସହ ୬ଟି ଚାମ୍ପିୟନଶିପ୍ ରେକର୍ଡ ଭଙ୍ଗ ହୋଇଛି। ମୋଟ ୪୩ଟି ଦେଶ ପଦକ ତାଲିକାରେ ସ୍ଥାନ ପାଇଛନ୍ତି। ସେହିପରି ୬୮ଟି ଦେଶରୁ ଅତିକମ୍‌ରେ ଜଣେ ଲେଖାଏ ଆଥଲେଟ୍ ଶ୍ରେଷ୍ଠ ୮ଟି ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଇଣ୍ଟରନ୍ୟାଶନାଲ ଆସୋସିଏଶନ ଆଥଲେଟିକ ଫେଡେରେଶନ (ଆଇଏଏଏଫ୍) ସ୍କୋରିଂ ତାଲିକା ଅନୁସାରେ ଶ୍ରେଷ୍ଠ ପୁରୁଷ ଆଥଲେଟ ବିବେଚିତ ହୋଇଛନ୍ତି ଆମେରିକୀୟ ଶଟ୍‌ପୁଟର ଜୋଶେଫ୍ ମାଥିଆସ କୋଭାକ୍ସ। ସେ ଶଟ୍‌ପୁଟ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ଶ୍ରେଷ୍ଠ ମହିଳା ଆଥଲେଟ ବିବେଚିତ ହୋଇଛନ୍ତି ଜର୍ମାନୀ ଲଙ୍ଗ ଜମ୍ପର ମାଲାଇକା ମିହାମ୍ବୋ। ଏଥର ବିଶ୍ୱ ଚାମ୍ପିୟନଶିପ୍‌ରେ ସବୁଠାରୁ ଚର୍ଚ୍ଚିତ ଆଥଲେଟ ଥିଲେ ଅମେରିକୀୟ ଧାବକ ଖ୍ରୀଷ୍ଟିଆନ କୋଲମେନ। ସେ ୧୦୦ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ୯.୭୬ ସେକେଣ୍ଡ ନେଇ ଏହି ସଫଳତା ପାଇଥିଲେ। ଅନ୍ୟତମ ଆମେରିକୀୟ ଧାବକ ଜଷ୍ଟିନ୍ ଗାଟଲିନ ୯.୮୯ ସେକେଣ୍ଡ ସମୟ ନେଇ ରୌପ୍ୟ ଓ କାନାଡ଼ାର ଆନ୍ଦ୍ରେ ଡି ଗ୍ରାସି ୯.୯୦ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ଜିତିଥିଲେ। ସେହିପରି ମହିଳା ୧୦୦ ମି. ଦୌଡ଼ରେ ଜାମାଇକାର ସେଲି-ଆନ- ଫ୍ରାଜର- ପ୍ରାଇସ୍ ୧୦.୭ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରି ଶ୍ରେଷ୍ଠ ପ୍ରଦର୍ଶନ କରି ବେଶ୍ ଚର୍ଚ୍ଚିତ ହୋଇଥିଲେ। ରେକର୍ଡ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏହି ବିଶ୍ୱ ଚାମ୍ପିୟନଶିପ୍‌ରେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହୋଇଛି। ୩ ବିଶ୍ୱରେକର୍ଡ, ୬ ଚାମ୍ପିୟନଶିପ୍ ରେକର୍ଡ ସମେତ ଗୋଟିଏ ୨୦ ବର୍ଷରୁ କମ୍ ବିଶ୍ୱ ରେକର୍ଡ, ୨୧ଟି ଏରିଆ ରେକର୍ଡ, ୮୬ଟି ଜାତୀୟ ରେକର୍ଡ ସୃଷ୍ଟି ହୋଇଛି। ଆମେରିକୀୟ ଧାବିକା ଆଲିସନ ଫେଲିକ୍ସ ମୋଷ୍ଟ ଡେକୋରେଟ୍ ଆଥଲେଟ୍ ବିବେଚିତ ହୋଇଛନ୍ତି। ମହିଳା ଓ ମିକ୍ସଡ ୪ ଗୁଣା ୪୦୦ ରିଲେ ରେସ୍‌ରେ ସେ କ୍ୟାରିୟରରେ ମୋଟ ୧୩ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

ଏଥର ବିଶ୍ୱ ଚାମ୍ପିୟନଶିପ୍‌ରେ କେତେକ ତାରକା ଆଥଲେଟ ଅନୁପସ୍ଥିତ ରହିଥିଲେ। ଆଘାତ ସମସ୍ୟା ଏହାର ମୁଖ୍ୟ କାରଣ ଥିଲା। ଏମାନଙ୍କ ମଧ୍ୟରେ ସାମିଲ ରହିଛନ୍ତି ଜର୍ମାନୀର ଲିସା ମେୟର, ଲଉରା ମୁଲେର ଓ ମାରି ଲେରେନ୍ସ ଜଙ୍ଗଫ୍ଲେଇସ୍କ, ଗ୍ରିଗର ଟ୍ରାବେର। ସେହିପରି ଅନ୍ୟମାନଙ୍କ ମଧ୍ୟରେ ବେଲଜିୟମର ୨, ଇଟାଲୀ, ପୋଲାଣ୍ଡ ଓ ଲାଟଭିଆର ଜଣେ ଲେଖାଏ ଆଥଲେଟ ଅନୁପସ୍ଥିତ ଥିଲେ। ଭାରତର ୪୦୦ମିଟର ଧାବିକା ହିମା ଦାସ ମଧ୍ୟ ଅନୁପସ୍ଥିତ ଥିଲେ।

ଭାରତୀୟ ଆଥଲେଟମାନେ ପଦକ ଜିତିବେ ବୋଲି ଆଶା କରାଯାଉ ନ ଥିଲା। ତାହା ମଧ୍ୟ ହୋଇଛି। ଭାରତ ମିକ୍ସଡ ୪ ଗୁଣା ୪୦୦ ରିଲେ ଟିମ୍ ଇଭେଣ୍ଟରେ ଫାଇନାଲରେ ପ୍ରବେଶ କରି ୨୦୨୦ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ତେବେ ବାକି ଆଥଲେଟମାନେ ବିଫଳ ହୋଇଥିଲେ। ପ୍ରଥମ ତଥା ଏକମାତ୍ର ଭାରତୀୟ ଭାବେ ମହିଳା ଲଙ୍ଗ୍ ଜମ୍ପର ଅଞ୍ଜୁ ବବି ଜର୍ଜ ୨୦୦୩ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ।

**ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୧୭ତମ ସଂସ୍କରଣରେ ଆମେରିକା ଆଧିପତ୍ୟ ବଜାୟ ରଖିଛି। ରେକର୍ଡ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏହି ବିଶ୍ୱ ଚାମ୍ପିୟନଶିପ୍‌ରେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ଦେଖିବାକୁ ମିଳିଛି। ଏଥର ୩ ବିଶ୍ୱରେକର୍ଡ, ୬ ଚାମ୍ପିୟନଶିପ୍ ରେକର୍ଡ ସମେତ ଗୋଟିଏ ୨୦ ବର୍ଷରୁ କମ୍ ବିଶ୍ୱ ରେକର୍ଡ, ୨୧ଟି ଏରିଆ ରେକର୍ଡ, ୮୬ଟି ଜାତୀୟ ରେକର୍ଡ ସୃଷ୍ଟି ହୋଇଛି।**





ସେଲି- ଆନ- ଫ୍ରାଜର- ପ୍ରାଇସ୍

### ଟାଇଟଲ

ଡେଷ୍ଟାନଲୋନ ଓ ମେଟେନୋଲୋନ
ଷ୍ଟେରଏଡ ଥିବା ନେଇ
ଭାରତୀୟ ସ୍ପ୍ରିଣ୍ଟର ନିର୍ମଳା ସୋରେନ
ପୂରା ଚାରିବର୍ଷ ପାଇଁ
ଖେଳରୁ ଆଉଟ ହୋଇ
ଏସିଆନ ଚାମ୍ପିୟନଶିପ୍ ଟାଇଟଲ
ହରାଇଲା ମଧ୍ୟ ଭାଇ ।।।୧

ଚାଇନା ଓପନ୍ ଟେନିସ ଟାଇଟଲ
ନାଓମି ଓସାକା ଜିତି
ବିଶ୍ୱର ନମ୍ବର ୱାନ ଆସେଲର
ବେକରେ ମାରିଛି କାତି
ବିଶାଖାପାଟଣାରେ ଜିତି
କୋହଲି କହଇ ପ୍ଲେସିଠୁ ଚଉଡା
ଟିମ୍ ଇଣ୍ଡିଆର ଛାତି।।।୨



ବିଶ୍ୱ ଆଥଲେଟିକ ଚାମ୍ପିୟନଶିପ୍
ଟପ୍‌ରେ ଆମେରିକା
ଦ୍ୱିତୀୟ ଏଗାର ପଦକ ପାଇକି
କେନିଆ ଓ ଜାମାଇକା
ଭାରତର ନାହିଁ ଦେଖା
ଟପ୍ ଟେନ୍‌ରେ ଉଗାଣ୍ଡା ରହିଛି
ମଦ ପିଇ ଆମେ ବୋକା।।।୩

-ସୁବାସ ଚନ୍ଦ୍ର ପ୍ରଧାନ

Dollar 71.07 (0) | Sensex ▼297.55 37,880.40 | Nifty ▼78.75 11,234.57 | Gold ▲₹3 39,375.00 | Silver ▼₹24 47,120.00



ଭାରତୀୟ ବଜାରରେ ପ୍ରବେଶ ପରଠୁ ଗ୍ରାହକଙ୍କ ଠାରୁ ଭଲ ରେସପନ୍ସ ପାଇଛୁ। ସେମାନଙ୍କୁ କିଆର ପ୍ରକୃତ ଅଭିଜ୍ଞତା ପ୍ରଦାନ ଦିଗରେ ଉଦ୍ୟମରତ ।
– କୋକହ୍ୟୁନ ସିମ୍, କିଆ ମୋଟର୍ସ ଇଣ୍ଡିଆ ଏମ୍‌ଡି



ଆମ ସେବା ମଧ୍ୟବର୍ତ୍ତୀ ତଥା ଦୀର୍ଘକାଳୀନ ଭିତ୍ତିରେ ଚାହିଦା ହାସଲ କରିବା ନେଇ ଆଶାବାଦୀ ଅଛୁ। ଦ୍ୱିତୀୟ ତ୍ରୈମାସ ଫଳାଫଳ ଗତ ୬ ତ୍ରୈମାସରେ ସର୍ବାଧିକ।
– ରାଜେଶ ଗୋପୀନାଥନ, ଟିସିଏସ୍ ସିଇଓ



## ସଂକ୍ଷେପରେ

### ଅଭିବୃଦ୍ଧି ଅନୁମାନ କମାଇଲା ମୁଡିସ୍

■ ୬.୨%ରୁ ୫.୮%କୁ ହ୍ରାସ କଲା

**ନୂଆଦିଲ୍ଲୀ,୧୦-୧୦:** ଚଳିତ ଆର୍ଥିକ ବର୍ଷ ଲାଗି ଦେଶର ଅଭିବୃଦ୍ଧି ଆକଳନକୁ ମୁଡିସ୍ ଇନଭେଷ୍ଟର୍ସ ସର୍ଭିସ ୬.୨%ରୁ ୫.୮%କୁ ହ୍ରାସ କରିଛି। ଅଭିବୃଦ୍ଧି ପୂର୍ବାନୁମାନରେ ହ୍ରାସ ବିତ୍ତୀୟ ଧାରା ଉପରେ ପ୍ରଭାବ ପକାଇବ ବୋଲି ମୁଡିସ୍ ଗୁରୁବାର କହିଛି। ପୂର୍ବରୁ ଅଗଷ୍ଟ ମାସରେ ଏହା ଦେଶର ଅଭିବୃଦ୍ଧି ଆକଳନକୁ ୬.୮%ରୁ କମାଇ ୬.୨% କରିଥିଲା। ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଦେଶର ଜିଡିପି ଅଭିବୃଦ୍ଧି ହାର ୬ ବର୍ଷର ସର୍ବନିମ୍ନ ସ୍ତର ୫%କୁ ଖସିଛି। ଚାହିଦାରେ ହ୍ରାସ ଏବଂ ଆର୍ଥିକ କ୍ଷେତ୍ରରେ ପ୍ରଭାବିତ ସ୍ଥିତି ଯୋଗୁ ଗତ ସପ୍ତାହରେ ରିଜର୍ଭ ବ୍ୟାଙ୍କ ମଧ୍ୟ ଏହାର ଅଭିବୃଦ୍ଧି ପୂର୍ବାନୁମାନକୁ ୬.୯%ରୁ ୬.୧%କୁ ଖସାଇଛି। ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ଭାରତର ଜିଡିପି ଅଭିବୃଦ୍ଧି ୬.୬% ହାରରେ ବଢିବ ବୋଲି ମୁଡିସ୍ ଆକଳନ କରିଛି। ଗତ ୨ ବର୍ଷ ସମୟକୁ ବିଚାର କଲେ ପ୍ରକୃତ ଜିଡିପି ଅଭିବୃଦ୍ଧି ହାରରେ ହ୍ରାସ ଦେଖାଯାଉଥିବା ଏହି ଗ୍ଲୋବାଲ ରେଟିଂ ଏଜେନ୍ସି ପ୍ରକାଶ କରିଛି। ସରକାର କର୍ପୋରେଟ ଟିକସ ହ୍ରାସ କରିଥିବାରୁ ରାଜକୋଷକୁ ୧.୫୦ ଲକ୍ଷ କୋଟି ଟଙ୍କାର ପ୍ରଭାବ ପଡିବ। ଏହା ବିତ୍ତୀୟ ନିଅଣ୍ଟ ଧାରାରେ ମଧ ପରିଲକ୍ଷିତ ହେବ। ବିତ୍ତୀୟ ନିଅଣ୍ଟକୁ ଦେଶର ମୋଟ ଜିଡ଼ିପିର ୩.୩%ରେ ରଖିବା ନେଇ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ମାତ୍ର ଏହା ପ୍ରାୟ ୩.୭% ଛୁଇଁବ ବୋଲି ମୁଡିସ୍ ଆକଳନରେ ପ୍ରକାଶ କରିଛି।

### ସୁଧ ହାର ହ୍ରାସ କଲେ ୬ ବ୍ୟାଙ୍କ

**ନୂଆଦିଲ୍ଲୀ,୧୦-୧୦:** ଦେଶର ୬ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସେମାନଙ୍କ ସୁଧହାରକୁ ୦.୨୫% ହ୍ରାସ କରିଛନ୍ତି। ଏହା ମଧ୍ୟରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମେତ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ, ବ୍ୟାଙ୍କ ଅଫ ମହାରାଷ୍ଟ୍ର ଭଳି ବ୍ୟାଙ୍କ ରହିଛନ୍ତି। ନିକଟରେ ରିଜର୍ଭ ବ୍ୟାଙ୍କ ଏହାର ରେପୋ ହ୍ରାସ କରିବା ପରେ ବ୍ୟାଙ୍କଗୁଡିକ ଏଭଳି ନିଷ୍ପତ୍ତି ନେଇଛନ୍ତି। ବ୍ୟାଙ୍କଗୁଡିକର ଏହି ନିଷ୍ପତ୍ତି ଫଳରେ ହୋମ, ଅଟୋମୋବାଇଲ ଏବଂ ଅନ୍ୟ ଋଣ ଶସ୍ତା ହୋଇଛି। ନଭେମ୍ବର ୧ ପରଠାରୁ ରେପୋ ସଂଯୋଗୀ ଋଣ ପ୍ରଦାନ ବ୍ୟବସ୍ଥା କରାଯାଇଥିବା ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

# ଜିଏସ୍‌ଟି ରାଜସ୍ୱ ବୃଦ୍ଧି ପାଇଁ ସରକାରଙ୍କ ଯୋଜନା

**ନୂଆଦିଲ୍ଲୀ,୧୦-୧୦**

କିଛି ମାସ ହେବ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ବାବଦକୁ ଆଦାୟ ହେଉଥିବା ଟିକସ ଧାର୍ଯ୍ୟ ଲକ୍ଷ୍ୟଠାରୁ କମ୍ ରହୁଛି। ଏହା ସରକାରଙ୍କ ଲାଗି ଚିନ୍ତାର କାରଣ ପାଲଟିଛି। ପରୋକ୍ଷ ଟିକସ ସଂଗ୍ରହ କିଭଳି ବଢିବ ସେ ନେଇ ସରକାରଙ୍କ ପକ୍ଷରୁ ଯୋଜନା ଧାର୍ଯ୍ୟ ହୋଇଛି। ଜିଏସ୍‌ଟି ରାଜସ୍ୱ ବଢାଇବା ଲାଗି ସରକାର ଏକ ନୂଆ କମିଟି ଗଠନ କରିଛନ୍ତି। ପରୋକ୍ଷ ଟିକସ ବୃଦ୍ଧି ଏବଂ ଟିକସ ପ୍ରଶାସନ ପ୍ରସଙ୍ଗ ନେଇ ବିଭିନ୍ନ ପଦକ୍ଷେପ ଉପରେ ଏହି କମିଟି ସରକାରଙ୍କୁ ପ୍ରସ୍ତାବ ହେବ। ପରୋକ୍ଷ ଟିକସ କ୍ଷେତ୍ରରେ ବିସ୍ତୃତ ସଂସ୍କାର ଉପରେ କମିଟି ବିଚାର କରିବ। ଏହା ଦ୍ୱାରା କମିଟି ଏକ ନିଷ୍କର୍ଷରେ ପହଞ୍ଚିବା ସହ ସରକାରଙ୍କୁ ପ୍ରସ୍ତାବ ରଖିବ ବୋଲି ସରକାରୀ ଅର୍ଡରରେ କୁହାଯାଇଛି।

ସାମଗ୍ରୀ ଓ ସେବା ଟିକସ ବ୍ୟବସ୍ଥାରେ ସିଷ୍ଟମେଟିକ ପରିବର୍ତ୍ତନ, ଚେକ୍ ଆଣ୍ଡ ବାଲାନ୍ସ, ବ୍ୟବସ୍ଥାର ଅପବ୍ୟବହାର, ସ୍ୱେଚ୍ଛାକୃତ ଭାବେ ଅନୁପାଳନ ବଢାଇବା ଭଳି ବିଭିନ୍ନ ଦିଗକୁ କମିଟି ବିଚାର କରିବ। ଟିକସ ପରିସର ବଢାଇବା ଦିଗରେ କେଉଁ ସବୁ ପଦକ୍ଷେପ ନିଆଯିବା ଆବଶ୍ୟକ ତାକୁ ମଧ କମିଟି ତର୍ଜମା କରିବା ସହ ମତ ରଖିବ। ଏହାବାଦ ଆବଶ୍ୟକ ହେଲେ କୌଣସି ଆଇନରେ ପରିବର୍ତ୍ତନ, ଅନୁପାଳନ ମନିଟରିଂ, ଟିକସ ଠକେଇ ରୋକିବା, ଉନ୍ନତ ଡାଟା ଆନାଲିଟିକ୍ସ, ଜିଏସ୍‌ଟିରେ ଉନ୍ନତ ପ୍ରଶାସନିକ ବ୍ୟବସ୍ଥା ଉପରେ ମଧ ବିଚାର କରାଯିବ। କମିଟି ୧୫ ଦିନ ମଧ୍ୟରେ ଏହାର ପ୍ରଥମ ରିପୋର୍ଟ ଜିଏସ୍‌ଟି କାଉନସିଲ ସଚିବାଳୟକୁ ପ୍ରଦାନ କରିବା ନେଇ ଯୋଜନା ରହିଛି।



■ ଗଠନ ହେଲା ନୂଆ କମିଟି
■ ୧୫ ଦିନରେ ପ୍ରଥମ ରିପୋର୍ଟ ଦେବ କମିଟି
■ ଜିଏସ୍‌ଟିର ବିଭିନ୍ନ ପ୍ରସଙ୍ଗ ଉପରେ ବିଚାର ହେବ

ସେପ୍ଟେମ୍ବର ମାସରେ ଜିଏସ୍‌ଟି ସଂଗ୍ରହ ୧୯ ମାସର ସର୍ବନିମ୍ନ ସ୍ତର ୯୧,୯୧୬ କୋଟି ଟଙ୍କାକୁ ଖସିଛି। ଲଗାତର ଭାବେ ଦୁଇ ମାସ ଲାଗି ଜିଏସ୍‌ଟି ସଂଗ୍ରହ ପରିମାଣ କମିଛି। ଅର୍ଥବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ସରକାର କର୍ପୋରେଟ ଟିକସ ହ୍ରାସ କରିଛନ୍ତି। ଏହା ଦ୍ୱାରା ରାଜକୋଷକୁ ୧.୪୫ ଲକ୍ଷ କୋଟି ଟଙ୍କା କ୍ଷତି ହେବ। ସରକାର ଗଠନ କରିଥିବା ପ୍ୟାନେଲରେ ମହାରାଷ୍ଟ୍ର, ତାମିଲନାଡୁ, ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ଏବଂ ପଞ୍ଜାବର ଜିଏସ୍‌ଟି କମିଶନରଙ୍କ ସମେତ ଜିଏସ୍‌ଟି ପ୍ରିନ୍ସପାଲ କମିଶନର ଏବଂ ରାଜସ୍ୱ ସଚିବ ରହିବେ। ପ୍ୟାନେଲରେ ଯୋଗଦେବା କିମ୍ବା ଲିଖିତ ଆକାରରେ ମତାମତ ଦେବାକୁ ରାଜ୍ୟଗୁଡିକୁ କୁହାଯାଇଛି।

### ମୂଳ କମ୍ପାନୀର ବ୍ରାଣ୍ଡ ନାମ, ଲୋଗୋ ବ୍ୟବହାର ଉପରେ ଲାଗିପାରେ ଟିକସ

ଦେଶର କେତେକ ବଡ କମ୍ପାନୀ ଓ ବିଦେଶୀ ବ୍ୟାଙ୍କଗୁଡିକ ଏବେ ଟିକସ ଅଧିକାରୀଙ୍କ ନଜରରେ । ଏମାନେ ସହାୟକ କମ୍ପାନୀ ଏବଂ ଭାରତୀୟ ୟୁନିଟଗୁଡିକୁ ମୂଳ କମ୍ପାନୀର ବ୍ରାଣ୍ଡ ନାମ ତଥା ଲୋଗୋ ବ୍ୟବହାର କରିବା ଲାଗି ଅନୁମତି ଦେଉଛନ୍ତି। ଏଭଳି କ୍ଷେତ୍ରରେ ବ୍ରାଣ୍ଡ ନାଁ ଏବଂ ଲୋଗୋର ମୂଲ୍ୟାଙ୍କନ କରିବା ଲାଗି ମୂଳ କମ୍ପାନୀଙ୍କୁ ପରୋକ୍ଷ ଟିକସ ବିଭାଗ ପକ୍ଷରୁ କୁହାଯାଇଛି। ସହାୟକ କମ୍ପାନୀ ଏବଂ ଗ୍ରୁପ କମ୍ପାନୀଠାରୁ ଦେୟ ସଂଗ୍ରହ କରି ଏହା ଉପରେ ୧୮% ଜିଏସ୍‌ଟି ପ୍ରଦାନ କରିବାକୁ ପରୋକ୍ଷ ଟିକସ ବିଭାଗ ପକ୍ଷରୁ କୁହାଯାଇଛି।

# ଫର୍ଟିସର ପୂର୍ବ ପ୍ରମୋଟର ଶିବିନ୍ଦର ସିଂ ଗିରଫ

**ନୂଆଦିଲ୍ଲୀ,୧୦-୧୦**

ଫର୍ଟିସ ହେଲ୍‌ଥ କେୟାରର ପୂର୍ବତନ ପ୍ରମୋଟର ଶିବିନ୍ଦର ସିଂଙ୍କୁ ଦିଲ୍ଲୀ ପୋଲିସର ଅର୍ଥନୈତିକ ଅପରାଧ ଶାଖା ଗୁରୁବାର ଗିରଫ କରିଛି। ଠକେଇ ଏବଂ ଅର୍ଥ ହେରଫେର ମାମଲାରେ ଶିବିନ୍ଦରଙ୍କ ସମେତ ଅନ୍ୟ ତିନି ଜଣ ଗିରଫ ହୋଇଥିବା ପୋଲିସ ପକ୍ଷରୁ ସୂଚନା ରହିଛି। ଏଠାକାର ମନ୍ଦିର ମାର୍ଗ ପୋଲିସ ଷ୍ଟେଶନରେ ଜେରା ପାଇଁ ଆସିଥିବା ବେଳେ ସେମାନଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ଅନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ସୁନୀଲ ଗଡୱାନି, କବି ଅରୋରା ଏବଂ ଅନୀଲ ସକ୍ସେନା ରହିଛନ୍ତି। ଆଇପିସିର ଧାରା ୪୦୯ ଏବଂ ୪୨୦ ଆଧାରରେ ସେମାନଙ୍କୁ ଗିରଫ କରାଯାଇଛି। ଡିସେମ୍ବର ୨୦୧୮ରେ ରେଲିଗାରେ ଫିନଭେଷ୍ଟ ଲିମିଟେଡ ପକ୍ଷରୁ ସିଂ ଭ୍ରାତା ଏବଂ ଶୀର୍ଷ ମ୍ୟାନେଜମେଣ୍ଟ ବିରୋଧରେ ଏକ ଅଭିଯୋଗ ହୋଇଥିଲା। ଦିଲ୍ଲୀ ପୋଲିସର ଅର୍ଥନୈତିକ ଅପରାଧ ଶାଖା ଏହି ମାମଲାର ତଦନ୍ତ କରୁଛି।



■ ବିଏସ୍‌ଏନ୍‌ଏଲ୍-ଏମ୍‌ଟିଏନ୍‌ଏଲ୍ କର୍ମଚାରୀଙ୍କ ଧର୍ମଘଟ ଚେତାବନୀ

# ମିଳିନି ଅଗଷ୍ଟ-ସେପ୍ଟେମ୍ବର ବେତନ

**ନୂଆଦିଲ୍ଲୀ,୧୦-୧୦**

ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍‌ଏନ୍‌ଏଲ୍) ଏବଂ ମହାନଗର ଟେଲିକମ୍ ନିଗମ (ଏମ୍‌ଟିଏନ୍‌ଏଲ୍)ର କର୍ମଚାରୀ ସଂଘ ପକ୍ଷରୁ ଦୀପାବଳି ପରେ ଦେଶବ୍ୟାପୀ ଧର୍ମଘଟ ନେଇ ଚେତାବନୀ ଦିଆଯାଇଛି। କର୍ମଚାରୀଙ୍କୁ ଅଗଷ୍ଟ ଏବଂ ସେପ୍ଟେମ୍ବର ମାସ ଦରମା ମିଳି ନ ଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବେତନ ଶୀଘ୍ର ନ ମିଳିଲେ କର୍ମଚାରୀମାନେ ଧର୍ମଘଟକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ ଗଣମାଧ୍ୟମକୁ ସୂଚନା ରହିଛି। ଦାବି ଉପରେ ଶୀଘ୍ର ବିଚାର କରାନ ଗଲେ ସଂଘ ହାତବାନ୍ଧି ବସିବ ନାହିଁ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସାମ୍ନାରେ ମଧ ଧର୍ମଘଟ କରାଯିବ ବୋଲି ଏମ୍‌ଟିଏନ୍‌ଏଲ୍ ଫୋରମ ଆଣ୍ଡ ଆସୋସିଏଶନ ଆବାହକ ଧରମ ରାଜ ସିଂ କହିଛନ୍ତି। କମ୍ପାନୀର ପୁନରୁଦ୍ଧାର ନେଇ ସରକାର ରଖିଥିବା ଯୋଜନା ସମ୍ପର୍କରେ ସଂଘ ବୁଝିବାକୁ ଚାହୁଁଛି ବୋଲି ବିଏସ୍‌ଏନ୍‌ଏଲ୍ ସଂଘର ନେତା କେ. ସେବାଷ୍ଟିଆନ କହିଛନ୍ତି। ଧର୍ମଘଟରେ ସଂଘ ସାମିଲ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି।

ବିଏସ୍‌ଏନ୍‌ଏଲ୍‌ର ପୁନରୁଦ୍ଧାର ନେଇ ଟେଲିକମ୍ ମନ୍ତ୍ରଣାଳୟ ଏକ ଯୋଜନା ରଖିଥିବା ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଏସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଆଲୋଚନା କରାଯାଇଛି। ଏକ ରିପୋର୍ଟ ମୁତାବକ ମୁମ୍ବାଇ ଏବଂ ନୂଆଦିଲ୍ଲୀରେ କର୍ମଚାରୀମାନେ ଚଳିତମାସ ୧୬ ମଧ୍ୟାହ୍ନରେ ହରତାଳ କରିବେ। ପେମେଣ୍ଟ ପ୍ରସଙ୍ଗ ବାଦ ଅବସର ବୟସ ୬୦ ବର୍ଷକୁ ବୃଦ୍ଧି ଏବଂ ୨ ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନୀ ମିଶ୍ରଣକୁ କର୍ମଚାରୀ ବିରୋଧ କରୁଛନ୍ତି।

### ବିଏସ୍‌ଏନ୍‌ଏଲ୍ ବନ୍ଦ ହେବା ଖବର ଗୁଜବ

ବିଏସ୍‌ଏନ୍‌ଏଲ୍ ବନ୍ଦ ହେବା ନେଇ ଏକ ଖବର ପ୍ରେସ ମିଡିଆ ଏବଂ ସୋସିଆଲ ମିଡିଆରେ ପ୍ରକାଶ ପାଇଛି। ଏହାକୁ ନେଇ ବିଏସ୍‌ଏନ୍‌ଏଲ୍ ଓଡ଼ିଶା ଶାଖା ମହାପ୍ରବନ୍ଧକ ଉଦୟ ଶଙ୍କର ପଣ୍ଡା ପ୍ରତିକ୍ରିୟା ରଖିଛନ୍ତି। ଏହି ଖବର ସମ୍ପୂର୍ଣ୍ଣ ମିଥ୍ୟା ଏବଂ ନିରାଧାର ବୋଲି ସେ କହିଛନ୍ତି। ସରକାର ଏଭଳି କିଛି ଆଭିମୁଖ୍ୟ କିମ୍ବା ପ୍ରସ୍ତାବ ରଖି ନାହାନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି। କେତେଜଣ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ବିଏସ୍‌ଏନ୍‌ଏଲ୍ ବିରୋଧରେ ଅପପ୍ରଚାର କରି କମ୍ପାନୀର ଗ୍ରାହକଙ୍କୁ ହାତେଇବାକୁ ଷଡଯନ୍ତ୍ର କରିଥିବା ସେ ପ୍ରକାଶ କରିଛନ୍ତି। ଏଭଳି ପ୍ରସଙ୍ଗ ପ୍ରତି ଧ୍ୟାନ ନ ଦେବାକୁ କମ୍ପାନୀ ପକ୍ଷରୁ କୁହାଯାଇଛି। କମ୍ପାନୀ ଏହାର ଗ୍ରାହକଙ୍କୁ ସୁଲଭ ଦରରେ ସେବା ଯୋଗାଣ ନେଇ ପ୍ରତିଶ୍ରୁତିବଦ୍ଧ ବୋଲି ପଣ୍ଡା କହିଛନ୍ତି।





**OFFICE OF THE EXECUTIVE ENGINEER**
**RURAL WORKS DIVISION NO-II, KEONJHAR**
**'e' Procurement Notice for Building Works** No. 420-O
**Identification No. Online NCB-02/2019-20**

1. Name of the Work : 7 Nos. Building Work
2. Total Number of Work : 7 Nos.
3. Estimated Cost : Rs. 7.44 Lakhs to 20.54 Lakhs
4. Class of Contractor : "D", "C" & "B"
5. Period of Completion : 6 (Six) Calendar Months Sl. No. 1 to 7
6. Other Details

| Procurement Officer | Bid Identification No. | Availability of Tender online for bidding | | Date & Time for Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer R.W. Divn. No-II, Keonjhar | Building Works Online N.C.B. 02/2019-20 | Dt. 15.10.19 at 11.00 AM | Dt. 23.10.19 upto 3.00 PM | Dt. 25.10.19 at 11.00 A.M. |

Further details can be seen from the website www.tenderorissa.gov.in
25093/11/0002/1920 **Sd./- Executive Engineer, R.W. Divn, No-II, Keonjhar**

**GOVERNMENT OF ODISHA** No. 426-O
**OFFICE OF THE ENGINEER-IN-CHIEF**
**RURAL WORKS : BHUBANESWAR**
Lr.No.25072 dt 04.10.2019
**"e" Procurement Notice for bridge works in Odisha**
**(Online-2 (Lumpsum-Bridge) / 2019-20)**

1. Name of the work : Construction of HL Bridge over river Mahanadi at 1st km on Mancheswar village to Dhabaleswar Pitha road with both side approaches in the district of Cuttack.
2. Total No. of works : 01 (One ) no
3. Estimated cost : Rs 1945.95 lakh
4. Class of contractor : Super Class
5. Period of completion : 24 calendar months
6. Other details :

| Procurement Officer | Bid identification No | No. of bridge works | Availability of tender online for bidding | |
|---|---|---|---|---|
| | | | From | To |
| Engineer-in-Chief, Rural Works, Odisha, Bhubaneswar | Online-2 (Lumpsum-Bridge) /2019-20 | 01 (One) no | 17.10.2019 at 11.00 AM | 02.11.2019 Up to 3.00 PM |

Other details can be seen in the bidding documents, which is available in website www.tendersorissa.gov.in
25123/11/0008/1920 **Sd/- Engineer-in-Chief ,Rural Works Odisha, Bhubaneswar**

**ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି**
**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର**
**Odisha Rural Development & Marketing Society**
*creating competence and values in rural Odisha*
Panchayati Raj and DW Department, Government of Odisha
ORMAS BHUBANESWAR
No. CAD-455

No - 2718/19 Date- 10/10/2019
**ADMN- 54/2019**

**INVITATION FOR TENDER FOR HIRING OF TRAVEL AGENCY FOR PROVIDING VEHICLE FOR MONTHLY HIRING AND ON CALL BASIS TO ODISHA RURAL DEVELOPMENT & MARKETING SOCIETY**

Sealed tenders are invited in the prescribed format from registered travel agencies having valid GST certificate for providing (i) **"Hiring of vehicle Monthly"** and (ii) **"Hiring of vehicle on call basis"** to be deployed under ORMAS, Bhubaneswar. The details of the terms and conditions of the above services can be downloaded from www.ormas.org. The interested agencies are advised to submit two separate sealed envelopes super scribing "Technical Bid and " Financial Bid. Both sealed envelopes must be kept in a sealed third envelope super-scribing **"Tender for Hiring of Travel Agency for providing hiring Vehicles on Monthly & Call Basis"** to the office of the Chief Executive Officer, Odisha Rural Development & Marketing Society (ORMAS), SIRD Campus, Unit-VIII, Bhubaneswar-751012 by **23.10.2019 (01.00 P.M.)**. The Tender shall be opened on the same date at **4 P.M.** in ORMAS Conference Hall. In case of any Addendum/ Clarification/ Corrigendum/ Extension regarding this tender call notice, the same will be published in the above website. Authority reserves the right to accept or reject any tender, and to cancel the procurement process at any time prior to the award of contract, without assigning any reason thereof.

19004/11/0002/1920 **Chief Executive Officer, ORMAS, Bhubaneswar**

See Career Appointment on every Wednesday & Saturday

**DIRECTORATE OF MEDICAL EDUCATION & TRAINING, ODISHA**
**WALK-IN INTERVIEW FOR ASST. PROF. ANAESTHESIOLOGY & TBCD AT- SCB MC, CUTTACK**
**No. 14528 dt. 09.10.2019**

No. 394-E: Eligible candidates are invited to Walk-in-interview for recruitment for the posts of Asst. Prof. on contractual / deployment basis in Govt. Medical Colleges of the state. The details of Posts, Mode of recruitment, Remuneration, Qualification etc. is available in the website of DMET, Odisha i.e. www.dmetodisha.gov.in in recruitment of Govt. Medical Colleges Section.

**Sd./- Director of Medical Education & Training, Odisha (I/C)**
10016/11/0030/1920

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A **ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨**

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 13 ରେ ପ୍ଲଟ୍ ନଂ 13-4F/1677 ଟିକୁ ବିନୋଦ କୁମାର ଧନୁକା, ପିତା – ରାମଅବତାର ଧନୁକା, ସା – ନିମସାହି, ପୋ – ବକ୍ସିବଜାର, ଥା – ପୁରୀଘାଟ, ଜିଲ୍ଲା – କଟକଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ବିନୋଦ କୁମାର ଧନୁକାଙ୍କ ମୃତ୍ୟୁପରେ ତାଙ୍କର ନ୍ୟାୟିକ ଉତ୍ତରାଧିକାରୀ ୧. ରିକି ଧନୁକା (ପତ୍ନୀ) ୨. ମିହିର ଧନୁକା (ପୁତ୍ର) ୩. ରୋନକ ଧନୁକା (ପୁତ୍ର) ଉକ୍ତ ପ୍ଲଟଟିକୁ ଉତ୍ତରାଧିକାରୀ ସୂତ୍ରରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର 15 (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।
**ସଚିବ**

**BHUBANESWAR DEVELOPMENT AUTHORITY**
Akash Shova Building, Sachivalaya Marg, Bhubaneswar-751001
visit us at: http://www.bda.gov.in/

**No. 731/EM/BDA** **Date. 09.10.2019**

**EXPRESSION OF INTEREST**

**Expression of interest for Empanelment of Agency for "Civil Development Work of various Parks & Roads in Bhubaneswar Development Authority Plan Area"**

Bhubaneswar Development Authority invites **Expression of Interest** for Selection of Agency/Firm/Contractor having valid Registration Certificate of Firms/GSTIN/PAN/EPF/ESI & Valid Labour License for empanelment of Agency for "Civil Development Work of various Parks & Roads in Bhubaneswar Development Authority Plan Area". "The EOI Documents will be available from **14/10/2019 to 24/10/2019.** The EOI documents can either be downloaded from **http://bda.gov.in/** or can be collected from Office of the Executive Engineer Division No. I & III, BDA, Bhubaneswar on payment of **Rs.6000/- (Rupees six thousand) (Non refundable)** + GST on normal working hours (from 10.00 A.M. to 5.00 P.M.). The Last date of submission of bids is **25/10/2019.** The opening of the bid documents will be held on **26.10.2019 at 12.30 P.M.** Please refer to EOI documents for further details.

*Sd/-*
**Chief Engineer-Cum- Engineer Member, Bhubaneswar Development Authority**

**Directorate of Mines**
**Steel & Mines Department**
**Government of Odisha**
**Email: directormines1@orissaminerals.gov.in**
**Date: October 04, 2019**

**Notice Inviting Tender**

**"Invitation of bids for grant of Mining Lease for Iron Ore and Manganese Minerals"**

**No.14-G:-** In exercise of the powers conferred by Section 10 (B) of the Mines and Minerals (Development and Regulation) Act, I957 and in accordance with the Mineral (Auction) Rules, 2015 as amended from time to time notified thereunder, the Government of Odisha has identified 10 (ten) Minerals Blocks (7 (Seven) blocks of Iron Ore and 3 (Three) blocks of Iron Ore and Manganese) for electronic auction and hereby invites tenders for the purposes of grant of Mining Lease. The Government of Odisha reserves the Thakurani Iron Ore Block, Jaribahal Iron Ore Block, Roida II Iron Ore Block, Narayanposhi Iron Ore & Manganese Block and Ganua Iron Ore Block for Specified End Use.

Accordingly, financial bids are invited in digital format only and technical bids are invited both in digital and physical format from eligible bidders.

Eligibility conditions, date and time for participating in the electronic auction are provided in the Tender Document. Detailed Tender Documents alongwith timelines, notifications, updates and other details for the e-auction process for the mineral blocks are available in electronic form only and can be downloaded from the website of MSTC Limited:

**(https://www.mstcecommerce.com/auctionhome/mlcl/index.jsp).**

Interested and eligible bidders can register themselves on the above website. On successful registration, eligible bidders will obtain login ID and password necessary for participation in the e-auction process. Model Tender Document and Mineral Block Summary are available free of cost on the website of MSTC Limited.

**(https://www.mstcecommerce.com/auctionhome/mlcl/index.jsp).**

Last date for purchase of Tender Document after payment of a tender fee on website of e-auction platform provider is Friday, November 15, 2019 and the last date for submission of the bid is Monday, November 18, 2019 on or before 12.00 Noon (IST).

**List of Mineral Blocks for Auction**

| Sl. No. | Block Name | Mineral | Type of Concession | Tender Fee (In. Rs) |
|---|---|---|---|---|
| 1 | Nuagaon Iron Ore Block | Iron Ore | Mining Lease | 5,00,000 |
| 2 | Thakurani Iron Ore Block | Iron Ore | Mining Lease | 5,00,000 |
| 3 | Siljora- Kalimati Iron Ore & Manganese Block | Iron Ore & Manganese | Mining Lease | 5,00,000 |
| 4 | Jilling- Langalota Iron Ore Block | Iron Ore | Mining Lease | 5,00,000 |
| 5 | Jaribahal Iron Ore Block | Iron Ore | | 5,00,000 |
| 6 | Roida II Iron Ore Block | Iron Ore | Mining Lease | 5,00,000 |
| 7 | Jururi Iron Ore Block | Iron Ore | Mining Lease | 5,00,000 |
| 8 | Narayanposhi Iron Ore & Manganese Block | Iron Ore & Manganese | Mining Lease | 5,00,000 |
| 9 | Mahulsukha Iron Ore & Manganese Block | Iron Ore & Manganese | Mining Lease | 5,00,000 |
| 10 | Ganua Iron Ore Block | Iron Ore | Mining Lease | 5,00,000 |

30004/11/0007/1920 **Sd./-Director of Mines, Odisha, Bhubaneswar**

ଧରିତ୍ରୀ
DHARITRI
ଶୁକ୍ରବାର, ଅକ୍ଟୋବର ୧୧, ୨୦୧୯





"୨୦୨୮ ଅଲିମ୍ପିକ୍ସରେ ଭାରତ ଯଦି ପଦକ ତାଲିକାର ଟପ୍-୧୦ରେ ରହି ନ ପାରିଲା ତା'ହେଲେ କ୍ରୀଡ଼ାମନ୍ତ୍ରୀ ଭାବେ ମୁଁ ବିଫଳ ହୋଇଛି।
–କିରନ ରିଜିଜୁ, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ

"ଭାରତୀୟ ଫୁଟ୍‌ବଲ ଦଳର ଫରୱାର୍ଡ ଲାଇନ୍ ସୁନୀଲ ଛେତ୍ରୀଙ୍କ ଉପରେ ଅଧିକ ନିର୍ଭର କରୁଛି। ଅନ୍ୟ ଖେଳାଳି ଆଗକୁ ଆସି ଗୋଲସ୍କୋର କରିବା ଦରକାର।
–ବାଇଚୁଙ୍ଗ ଭୂଟିଆ, ପୂର୍ବତନ ଭାରତୀୟ ଫୁଟ୍‌ବଲ ଅଧିନାୟକ



## ସଂକ୍ଷେପରେ

### ରାମେଶ୍ୱର ସ୍ପୋର୍ଟିଂ ବିଜୟୀ




ଭୁବନେଶ୍ୱର,୧୦।୧୦(କ୍ରୀଡ଼ା ପ୍ରତିନିଧି): ଗଡ଼େଶ୍ୱର ସ୍ପୋର୍ଟ୍ସ ଆସୋସିଏଶନ ଓ ଗ୍ରୀନ୍ସ କ୍ରିକେଟ ଏମାଡେମୀର ମିଳିତ ଆନୁକୂଲ୍ୟରେ ଚାଲିଥିବା ଗଡ଼େଶ୍ୱର ତ୍ରି ଦଳୀୟ କ୍ରିକେଟ ସିରିଜର ଗୁରୁବାର ଅନୁଷ୍ଠିତ ଲିଗ୍ ମ୍ୟାଚରେ ରାମେଶ୍ୱର ସ୍ପୋର୍ଟିଂ ବିଜୟ ହାସଲ କରିଛି। ଫାଇନାଲରେ ପ୍ରବେଶ କରି ସାରିଥିବା ରାମେଶ୍ୱର ୩୭ ରନରେ ଟାଉନ୍ କ୍ଲବକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ୪୦ ଓଭରରେ ୯ ଉଇକେଟ ହରାଇ ୧୩୮ ରନ କରିଥିଲା। ଦଳ ପକ୍ଷରୁ ଆଶୁତୋଷ ସାହୁ ସର୍ବାଧିକ ୫୮ ଓ ଆଦିତ୍ୟ ଜେନା ୨୧ ରନ କରିଥିଲେ। ପ୍ରତିପକ୍ଷ ଦଳର ସାଗର ମୁଳିଆ ସର୍ବାଧିକ ୪ଟି ଏବଂ ଦୁର୍ଗା ପ୍ରସାଦ ପ୍ରଧାନ ୩ଟି ଉଇକେଟ ନେଇଥିଲେ। ୧୩୯ ରନ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଟାଉନ୍ କ୍ଲବ ୩୫.୩ ଓଭରରେ ୧୦୧ ରନକରି ଅଲଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ସାଗର ମୁଳିଆ ସର୍ବାଧିକ ୩୨ ରନ କରିବାକୁ ସକ୍ଷମ ହୋଇଥିଲେ। ରାମେଶ୍ୱର ବୋଲରଙ୍କ ମଧ୍ୟରେ ଶୁଭ୍ରକାନ୍ତ ପରିଡ଼ା ୫ ଉଇକେଟ ସଫଳତା ପାଇଥିବାବେଳେ ଆଶୁତୋଷ ସାହୁ ୨ଟି ଉଇକେଟ ନେଇଥିଲେ। ଆକର୍ଷଣୀୟ ବୋଲିଂ ପାଇଁ ଶୁଭ୍ରକାନ୍ତ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

### ଡୋପିଂ ଅଭିଯୋଗରୁ ଇଣ୍ଟାନନ ମୁକ୍ତ

ବ୍ୟାଙ୍କକ୍,୧୦।୧୦(ଏଏଫ୍‌ପି)- ପୂର୍ବତନ ବ୍ୟାଡମିଣ୍ଟନ ବିଶ୍ୱ ଚାମ୍ପିୟନ ରଚାନକ ଇଣ୍ଟାନନ ଡୋପିଂ ଅଭିଯୋଗରୁ ମୁକ୍ତ ହୋଇଛନ୍ତି। ଫଳରେ ସେ ଆସନ୍ତା ବର୍ଷ ଟୋକିଓ ଆୟୋଜନ ହେବାକୁ ଥିବା ୨୦୨୦ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ନେଇ ପଥ ପରିଷ୍କାର ହୋଇଛି। ଚଳିତ ବର୍ଷ ପ୍ରାରମ୍ଭରେ ଆଣ୍ଟି ଡୋପିଂ ରେଗୁଲେଶନ ଅନୁସାରେ ବିଶ୍ୱର ଏହି ୫ ନମ୍ବର ମହିଳା ଖେଳାଳି ନିୟମ ଉଲ୍ଲଂଘନ କରିଥିଲେ ବୋଲି କୁହାଯାଇଥିଲା। ତାଙ୍କ ନମୁନାରେ ଅତିକମ୍ ପରିମାଣର ନିଷିଦ୍ଧ କ୍ଲିନ୍‌ବୁଟେରୋଲ ମିଳିଥିଲା ବୋଲି କୁହାଯାଇଛି। ସେ ଏକ ରେଷ୍ଟୁରାଣ୍ଟରେ ମାଂସ ଖାଇଥିଲେ ଓ ଏଥିପାଇଁ ତାଙ୍କ ନମୁନାରେ ଏହି ପଦାର୍ଥ ମିଳିଥିଲା। ଅଜାଣତରେ ସେ ଏକ ଛୋଟିଆ ଭୁଲ କରିଥିଲେ। ତାଙ୍କୁ ଦୋଷମୁକ୍ତ କରାଯାଇଥିବାରୁ ଥାଇଲାଣ୍ଡ ବ୍ୟାଡମିଣ୍ଟନ ଆସୋସିଏଶନ ଖୁସି ମନାଇଛି।

### କ୍ୱାର୍ଟରରେ ଜୋକୋଭିଚ୍, ଫେଡରର

ସାଂଘାଇ,୧୦।୧୦(ଏଏଫ୍‌ପି)- ନୋଭାକ ଜୋକୋଭିଚ୍ ଓ ୨୦ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ରୋଜର ଫେଡରର ଏଠାରେ ଚାଲିଥିବା ସାଂଘାଇ ମାଷ୍ଟର୍ସ ଟେନିସ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ନମ୍ବର ୱାନ ଜୋକୋଭିଚ୍ ୭-୫, ୬-୩ ସେଟ୍‌ରେ ଆମେରିକାର ଜନ ଇସ୍ନରଙ୍କୁ ହରାଇ ଦେଇଛନ୍ତି। ଡିଫେଣ୍ଡିଂ ଚାମ୍ପିୟନଙ୍କୁ ମ୍ୟାଚ୍ ଜିତିବା ପାଇଁ ୭୪ ମିନିଟ୍ ଲାଗିଥିଲା। ପରବର୍ତ୍ତୀ ରାଉଣ୍ଡରେ ଷ୍ଟିଫାନସ ତ୍‌ସିତସିପାସ କିମ୍ବା ପୋଲାଣ୍ଡର ହବର୍ଟ ହୁର୍କାଜଙ୍କୁ ଭେଟିବେ। ଅନ୍ୟ ଏକ ପ୍ରିକ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ୩୮ ବର୍ଷୀୟ ସୁଇଜରଲାଣ୍ଡ ଷ୍ଟାର ଫେଡରର ୭-୬ (୯/୭), ୬-୪ ସେଟ୍‌ରେ ଡେଭିଡ୍ ଗଫିନଙ୍କୁ ହରାଇ ଦେଇଛନ୍ତି।

# ଅଗ୍ରୱାଲଙ୍କ ଶତକ: ଭାରତ ୨୭୩/୩

ପୁଣେ, ୧୦।୧୦




**ସର୍ବାଧିକ ଟେଷ୍ଟରେ ନେତୃତ୍ୱ ନେଇଥିବା ଭାରତୀୟ**

- ୬୦: ମହେନ୍ଦ୍ର ସିଂ ଧୋନୀ (୨୭ ବିଜୟ)
- ୫୦: ବିରାଟ କୋହଲି(୨୯ ବିଜୟ)*
- ୪୯: ସୌରଭ ଗାଙ୍ଗୁଲି(୨୧ ବିଜୟ)
- ୪୭: ସୁନୀଲ ଗାଭାସ୍କର(୯ ବିଜୟ)
- ୪୭: ମହମ୍ମଦ ଆଜାରୁଦ୍ଦିନ(୧୪ ବିଜୟ)
- ୪୦: ମନସୁର ଅଲୀ ଖାଁ ପଟୌଦୀ(୯ ବିଜୟ)

(କେବଳ ଅଷ୍ଟ୍ରେଲିଆର ଷ୍ଟିଭ୍ ୱ(୩୬ଟି) ଓ ରିକି ପଣ୍ଟିଂ(୩୪) ଅଧିନାୟକ ଭାବେ ୪୯ ଟେଷ୍ଟରୁ ବିରାଟ କୋହଲି(୨୯)ଙ୍କ ଅପେକ୍ଷା ଅଧିକ ମ୍ୟାଚରେ ବିଜୟ ହାସଲ କରିଛନ୍ତି)।

ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହୋଇଛି ଭାରତ-ଦକ୍ଷିଣ ଆଫ୍ରିକା ଦ୍ୱିତୀୟ କ୍ରିକେଟ ଟେଷ୍ଟ। ମୟଙ୍କ ଅଗ୍ରୱାଲଙ୍କ ଶତକ ଏବଂ ଅଧିନାୟକ ବିରାଟ କୋହଲି ଓ ଚେତେଶ୍ୱର ପୂଜାରାଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ପ୍ରଥମ ଦିବସ ଖେଳ ଶେଷସୁଦ୍ଧା ୩ ଉଇକେଟ ହରାଇ ୨୭୩ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ କୋହଲି ୬୩ ଓ ଅଜିଙ୍କ୍ୟ ରାହାନେ ୧୮ ରନକରି ଅପରାଜିତ ରହିଛନ୍ତି।

ନିଜ ଅଧିନାୟକ କ୍ୟାରିୟରର ୫୦ତମ ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ବିରାଟ। ପ୍ରଥମ ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରିଥିବା ରୋହିତ ଏଠାରେ ମାତ୍ର ୧୪ ରନ କରି ଆଉଟ ହେବାରୁ ଭାରତ ୨୫ ରନରେ ପ୍ରଥମ ଉଇକେଟ ହରାଇଥିଲା। ମାତ୍ର ବିଶାଖାପାଟଣାରେ ନିଜ ଟେଷ୍ଟ ଜୀବନର ପ୍ରଥମ ଶତକକୁ ଦ୍ୱିଶତକରେ ପରିଣତ କରିଥିବା ମୟଙ୍କ ଅଗ୍ରୱାଲ ଏଠାରେ ମଧ୍ୟ ଖେଳିଥିଲେ ଆଉ ଏକ ଦର୍ଶନୀୟ ଇନିଂସ। ସେ ଆଫ୍ରିକୀୟ ବୋଲରଙ୍କୁ ସଫଳ ମୁକାବିଲା କରି ହାସଲ କରିଥିଲେ କ୍ୟାରିୟରର ଦ୍ୱିତୀୟ ଶତକ। ଅପେକ୍ଷାକୃତ ଧିମା ଖେଳିଥିବା ଏହି ଭାରତୀୟ ଓପନର ୧୧୨ ବଲ୍‌ରୁ ଅର୍ଦ୍ଧଶତକ ଏବଂ ୧୮୩ ବଲ୍‌ରୁ ଶତକ(୧୦୦ ରନ) ପୂରଣ କରିଥିଲେ। ୧୯୫ ବଲ୍‌ରୁ ୧୬ ଚୌକା ଓ ୨ ଛକା ସହ ୧୦୮ ରନ କରି ଆଉଟ ହୋଇଥିବା ମୟଙ୍କ ଦ୍ୱିତୀୟ ଉଇକେଟ ଯୋଡ଼ିରେ ଚେତେଶ୍ୱର ପୂଜାରାଙ୍କ ସହ ଶତକୀୟ ଭାଗୀଦାରି ଗଢ଼ି ଭାରତ ପାଇଁ ବଡ଼ ସ୍କୋରର ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ମୟଙ୍କ ଓ ପୂଜାରାଙ୍କ ଯୋଡ଼ିରୁ ୧୩୮ ରନ ସଂଗୃହୀତ ହେବାପରେ ଦକ୍ଷିଣ ଆଫ୍ରିକାକୁ ବ୍ରେକ୍ ଥ୍ରୁ ଦେଇଥିଲେ କାଗିଶୋ ରାବାଡା। ନିର୍ଭରଯୋଗ୍ୟ ପୂଜାରା ୧୧୨ ବଲ୍‌ରୁ ୯ ଚୌକା ଓ ୧ ଛକା ସହାୟତାରେ ୫୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ପ୍ରଥମ ଦିବସର ପ୍ରଥମ ୧ ଘଣ୍ଟା ଅଗ୍ରୱାଲଙ୍କ ପାଇଁ ସଂଘର୍ଷର ସମୟ ଥିଲା। ସେ ରାବାଡା ଓ ଭେର୍ନନ ଫିଲାଣ୍ଡରଙ୍କୁ ସର୍ତକତାର ସହ ମୁକାବିଲା କରି ତୃତୀୟ ସିମରଙ୍କୁ ଅପେକ୍ଷା କରିଥିଲେ। ଏନରିଚ୍ ନର୍ଜେ ବୋଲିଂ ଦାୟିତ୍ୱ ପାଇବା ପରେ ସେ ହାତଖୋଲା ଶଟ୍ ଖେଳି ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥିଲେ। ପୂଜାରାଙ୍କ ପରେ କୋହଲି କ୍ରିଜରେ ଯୋଗଦେଇ ସ୍ୱାଭାବିକ ଢଙ୍ଗରେ ବ୍ୟାଟିଂ କରି ସ୍କୋରକୁ ଆଗେଇ ନେଇଥିଲେ। ଫାଫ୍ ଡୁପ୍ଲେସି ୬ ଜଣ ବୋଲରଙ୍କୁ ଲଗାଇଥିଲେ ହେଁ ରାବାଡାଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଆଫ୍ରିକୀୟ ବୋଲର ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଉପରେ ପ୍ରଭାବ ପକାଇ ପାରି ନ ଥିଲେ। ରାବାଡା ୩ଟି ଯାକ ଉଇକେଟ ନେଇଥିଲେ। ଫିଲାଣ୍ଡର ମାପଚୁପ ବୋଲିଂ କରିଥିଲେ ହେଁ ଉଇକେଟ ପାଇ ନ ଥିଲେ। ୧୦୫ ବଲ୍ ଖେଳିଥିବା କୋହଲି ନିଜ ଇନିଂସ ମଧ୍ୟରେ ୧୦ ଚୌକା ମାରିଥିବାବେଳେ ରାହାନେ ଧିମା ବ୍ୟାଟିଂ କରି ୭୦ ବଲ୍ ଖେଳି ମାତ୍ର ୩ ଚୌକା ମାରିବାକୁ ସକ୍ଷମ ହୋଇଥିଲେ। ଅସମାପ୍ତ ୪ର୍ଥ ଉଇକେଟ ଯୋଡ଼ିରେ ଏ ଦୁହେଁ ୭୫ ରନ କରିଛନ୍ତି। ଆଲୋକ ଅଭାବ ଯୋଗୁ ଖେଳକୁ ୮୫.୧ ଓଭରରେ ବନ୍ଦ କରି ଦିଆ ଯାଇଥିଲା। ପ୍ରଥମ ଟେଷ୍ଟ ଜିତି ଭାରତ ୧-୦ରେ ସିରିଜ ଅଗ୍ରଣୀ ହାସଲ କରିଛି। ଦ୍ୱିତୀୟ ଟେଷ୍ଟରେ ଭାରତ ଗୋଟିଏ ପରିବର୍ତ୍ତନ ସହ ପଡ଼ିଆକୁ ଓହ୍ଲାଇଛି। ବ୍ୟାଟ୍ସମ୍ୟାନ ହନୁମା ବିହାରୀଙ୍କ ସ୍ଥାନରେ ଦ୍ରୁତ ବୋଲର ଉମେଶ ଯାଦବଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଛି। ସେହିପରି ଦକ୍ଷିଣ ଆଫ୍ରିକା ଦଳରେ ଅଫ୍‌ସ୍ପିନର ଡାନି ପିଏଡଙ୍କ ସ୍ଥାନରେ ପେସର ଏନରିଚ୍ ନର୍ଜେଙ୍କୁ ନିଆ ଯାଇଛି।

**ସ୍କୋର ବୋର୍ଡ**

ମୟଙ୍କ-କ-ଡୁପ୍ଲେସି-ବୋ-ରାବାଡା-୧୦୮
ରୋହିତ-କ-ଡିକକ୍-ବୋ-ରାବାଡା-୧୪
ପୂଜାରା-କ-ଡୁପ୍ଲେସି-ବୋ-ରାବାଡା-୫୮
କୋହଲି-ନଟଆଉଟ-୬୩
ରାହାନେ-ନଟଆଉଟ-୧୮
ଅତିରିକ୍ତ-୧୨
ମୋଟ(୩ ଉଇକେଟ, ୮୫.୧ ଓଭର) ୨୭୩।
ଉଇକେଟ ପତନ:୧/୨୫, ୨/୧୬୩, ୩/୧୯୮।
ବୋଲିଂ(ଦକ୍ଷିଣ ଆଫ୍ରିକା)
ଭେର୍ନନ ଫିଲାଣ୍ଡର ୧୭-୫-୩୭-୦
କାଗିଶୋ ରାବାଡା ୧୮.୧-୨-୪୮-୩
ଏନରିଚ୍ ନର୍ଜେ ୧୩-୩-୬୦-୦
କେଶବ ମହାରାଜ ୨୯-୮-୮୯-୦
ସେନୁରାନ ମୁଥୁସାମୀ ୬-୧-୨୨-୦
ଡିନ୍ ଏଲଗାର ୨-୦-୧୧-୦।

### ସେହ୍ୱାଗଙ୍କ ସମକକ୍ଷ ହେଲେ ମୟଙ୍କ

ଭାରତୀୟ ଓପନର ମୟଙ୍କ ଅଗ୍ରୱାଲ ଏବେ ଫୁଲ ଫର୍ମରେ ଅଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟରେ ଦ୍ୱିଶତକ ଲଗାଇଥିବା ମୟଙ୍କ ଦ୍ୱିତୀୟ ମ୍ୟାଚ୍‌ରେ ୧୦୮ ରନ୍‌ର ଶତକୀୟ ଇନିଂସ ଖେଳିଛନ୍ତି। ପ୍ରଥମ ଇନିଂସର ୫୬ତମ ଓଭରରେ ଭର୍ନନ ଫିଲାଣ୍ଡରଙ୍କ ବଲକୁ ଚୌକା ଲଗାଇ କ୍ୟାରିୟରର ଦ୍ୱିତୀୟ ଶତକ ହାସଲ କରିଛନ୍ତି। ୧୮୩ ବଲର ସମ୍ମୁଖୀନ ହୋଇଥିବା ୨୮ ବର୍ଷୀୟ ବ୍ୟାଟ୍ସମ୍ୟାନ ୧୬ ଚୌକା ଓ ୨ ଛକା ଲଗାଇଥିଲେ। ଭାଇଜାଗଠାରେ କ୍ୟାରିୟରର ପ୍ରଥମ ଓ ସର୍ବାଧିକ ୨୧୫ ରନ୍ କରିଥିଲେ। ଏଥିସହିତ ମୟଙ୍କ ପୂର୍ବତନ ବିସ୍ଫୋରକ ଓପନର ବୀରେନ୍ଦ୍ର ସେହ୍ୱାଗଙ୍କ ସମକକ୍ଷ ହୋଇଛନ୍ତି। ସେହ୍ୱାଗ ୨୦୦୯-୧୦ ସିଜନରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟରେ କ୍ରମାଗତ ଶତକ ଲଗାଇଥିଲେ। ଏଭଳି ସଫଳତା ପାଇଁ ମୟଙ୍କଙ୍କୁ ବିସିସିଆଇ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛି।

### ବିସିସିଆଇ ଏଜିଏମ୍ ୮ ରାଜ୍ୟ ଆସୋସିଏଶନ ଭାଗ ନେଇପାରିବେନି

ନୂଆଦିଲ୍ଲୀ,୧୦।୧୦(ପି.ଟି.)

ମୁମ୍ବାଇରେ ଚଳିତ ମାସ ୨୩ରେ ଆୟୋଜନ ହେବାକୁ ଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ ଦେଶର ୮ଟି ରାଜ୍ୟ ଆସୋସିଏଶନ ଅଂଶଗ୍ରହଣ କରିପାରିବେନି। ମୋଟ ୩୮ଟି ରାଜ୍ୟ ୟୁନିଟ୍‌ରୁ ୮ଟିକୁ ଏହି ବୈଠକକୁ ବାରଣ କରାଯାଇଛି ବୋଲି କୁହାଯାଇଛି। ସମ୍ପୃକ୍ତ ଆସୋସିଏଶନଗୁଡ଼ିକ ସମ୍ବିଧାନ ସଂଶୋଧନ କରି ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବିସିସିଆଇ ନିର୍ବାଚନ ଅଧିକାରୀ ଏନ୍. ଗୋପାଳସ୍ୱାମୀ ଅନ୍ତିମ ନିର୍ବାଚନୀ ସୂଚୀ ପ୍ରକାଶ କରିବା ପରେ ଏଜିଏମ୍‌ରେ କେଉଁମାନେ ଅଂଶଗ୍ରହଣ କରିବେ ତାହା ସ୍ପଷ୍ଟ ହୋଇଛି।

ମଣିପୁର, ଉତ୍ତର ପ୍ରଦେଶ, ହରିୟାଣା, ତାମିଲନାଡୁ, ମହାରାଷ୍ଟ୍ର, ରେଲୱେ, ସର୍ଭିସେସ ଓ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିକୁ ବାରଣ କରାଯାଇଛି। ଏଜିଏମ୍‌ରେ ଯଦି ନିର୍ବାଚନ ହୁଏ ତେବେ ଏହି ୟୁନିଟ୍‌ଗୁଡ଼ିକୁ ମତଦାନ କରିବାର ଅଧିକାର ମିଳିବନି। ପ୍ଲେୟାର୍ସ ଆସୋସିଏଶନ ଗଠନ କରିପାରି ନ ଥିବାରୁ ୩ ସରକାରୀ ସଂସ୍ଥାକୁ ବାରଣ କରାଯାଇଛି।

ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ତରଫରୁ ପ୍ରତିନିଧିତ୍ୱ କରିବେ। ଗାଙ୍ଗୁଲି ସିଏବିର ଅଧ୍ୟକ୍ଷ ରହିଛନ୍ତି। ସେହିପରି ଅନ୍ୟତମ ପୂର୍ବତନ ଅଧିନାୟକ ମହମ୍ମଦ ଆଜାରୁଦ୍ଦିନ ହାଇଦ୍ରାବାଦ କ୍ରିକେଟ ଆସୋସିଏଶନ (ଏଚ୍‌ସିଏ) ତରଫରୁ ଏଜିଏମ୍‌ରେ ପ୍ରତିନିଧିତ୍ୱ କରିବେ। ସେହିପରି ରଜତ ଶର୍ମା (ଦିଲ୍ଲୀ), ଜୟ ଶାହା (ସୌରାଷ୍ଟ୍ର), ଅରୁଣ ସିଂ ଧୁମାଲ (ହିମାଚଳ ପ୍ରଦେଶ) ଓ ବ୍ରିଜେଶ ପଟେଲ (କର୍ଣାଟକ ତରଫରୁ ) ଅନ୍ୟ ପ୍ରତିନିଧିଙ୍କ ସହ ବୈଠକରେ ପ୍ରତିନିଧିତ୍ୱ କରିବେ।

### ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍

# ୧୦୦ ମି. ସେମିରେ ଦୂତୀ, ଅମିୟ

ଭୁବନେଶ୍ୱର, ୧୦।୧୦(କ୍ରୀଡ଼ା ପ୍ରତିନିଧି) ରାଞ୍ଚିରେ ଗୁରୁବାରଠାରୁ ଆରମ୍ଭ ହୋଇଛି ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୫୯ତମ ସଂସ୍କରଣ। ପ୍ରଥମ ଦିବସରେ ଅନୁଷ୍ଠିତ ୧୦୦ ମିଟର ରେସ୍‌ରେ ଓଡ଼ିଶାର ଦୁଇ ତାରକା ଆଥଲେଟ୍ ଦୂତୀ ଚାନ୍ଦ ଓ ଅମିୟ କୁମାର ମଲିକ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ହିଟ ନଂ- ୩ରେ ରେସ୍ କରିଥିବା ସ୍ପ୍ରିଣ୍ଟ କୁଇନ୍ ଦୂତୀ ୧୧.୫୫ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ଟାଇମିଂ କ୍ଷେତ୍ରରେ ସେ କେବଳ ନିଜ ହିଟ୍‌ରେ ନୁହେଁ ୪ଟି ହିଟ୍‌ରେ ଭାଗ ନେଇଥିବା ୨୩ ପ୍ରତିଯୋଗୀଙ୍କୁ ପଛରେ ପକାଇଦେବାରେ ସକ୍ଷମ ହୋଇଛନ୍ତି। ଏହା ଏକ ଓପନ ପ୍ରତିଯୋଗିତା ହୋଇଥିବାରୁ ଦେଶ ବାହାରୁ ପ୍ରତିଯୋଗୀ ମଧ୍ୟ ଅଂଶଗ୍ରହଣ କରିଛନ୍ତି। ପ୍ରଦର୍ଶନରେ ମୁଁ ଖୁସି ଅଛି। ସେମିଫାଇନାଲ ଓ ଫାଇନାଲ ବେଳକୁ ଟାଇମିଂରେ ଅଧିକ ଉନ୍ନତି ଆଣିବାକୁ ଆଶା ରଖିଛି ବୋଲି ଜାତୀୟ ରେକର୍ଡର ଅଧିକାରିଣୀ ଦୂତୀ ପ୍ରକାଶ କରିଛନ୍ତି। ସେହିପରି ବେଶ୍ କିଛିଦିନ ଟ୍ରାକ୍‌ରୁ ଦୂରରେ ରହିଥିବା ଅମିୟ ପୁଣି ଚମକ ଦେଖାଇବା ଆରମ୍ଭ କରିଛନ୍ତି। ଜାତୀୟ ରେକର୍ଡର ଅଧିକାରୀ ଅମିୟ ହିଟ୍ ନଂ-୬ରେ ଦୌଡ଼ି ୧୦.୫୦ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଶୁକ୍ରବାର ସେମିଫାଇନାଲ ଓ ଫାଇନାଲ ଅନୁଷ୍ଠିତ ହେବ।



ରେସ୍ ଅବସରରେ ଦୂତୀ ଚାନ୍ଦ (ଡାହାଣ)।

# ଆଶ୍ରିତାଙ୍କୁ ବିବାହ କରିବେ ମନୀଷ ପାଣ୍ଡେ

ବେଙ୍ଗାଲୁରୁ,୧୦।୧୦

ଭାରତୀୟ ଦଳର ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ମନୀଷ ପାଣ୍ଡେ ନିଜ ଜୀବନସାଥୀ ପାଇଯାଇଛନ୍ତି। ଭାରତୀୟ ଦଳରେ ନିୟମିତ ସ୍ଥାନ ପାଉ ନ ଥିବା ବ୍ୟାଟ୍ସମ୍ୟାନ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ଆଶ୍ରିତା ସେଟ୍ଟିଙ୍କୁ ବିବାହ କରିବାକୁ ଯାଉଛନ୍ତି। ଏହି ବିବାହ ଆସନ୍ତା ଡିସେମ୍ବର ୨ ତାରିଖରେ ମୁମ୍ବାଇଠାରେ ହେବ। କର୍ନାଟକ ଦଳର ଅଧିନାୟକ ପାଣ୍ଡେ ଏବେ ବିଜୟ ହଜାରେ ଟ୍ରଫିରେ ଖେଳୁଛନ୍ତି। ଦୁହେଁ ଦୀର୍ଘଦିନ ହେଲା ରିଲେଶନଶିପ୍‌ରେ ଥିଲେ। କିନ୍ତୁ କଦାପି ଏହାକୁ ସ୍ୱୀକାର କରି ନ ଥିଲେ। ୨୬ ବର୍ଷୀୟା ଆଶ୍ରିତା ଦକ୍ଷିଣ ଭାରତରେ ଜଣେ ଜଣାଶୁଣା ଅଭିନେତ୍ରୀ। ସେ ଇନ୍ଦ୍ରଜିତ୍, ଉଧାୟମ ଏନ୍‌ଏଚ୍୪ ଭଳି ସଫଳ ଫିଲ୍ମରେ ଅଭିନୟ କରିସାରିଛନ୍ତି। ମିଳିଥିବା ସୂଚନା ମୁତାବକ, ଦୁଇଦିନିଆ ବିବାହ କାର୍ଯ୍ୟକ୍ରମରେ ବନ୍ଧୁ ଓ ସମ୍ପର୍କୀୟ ଯୋଗଦେବେ। ଏଥିରେ କିଛି ଖେଳାଳି ମଧ୍ୟ ସାମିଲ ହୋଇପାରନ୍ତି। ଉଲ୍ଲେଖଥାଉ କି, କର୍ନାଟକ ବ୍ୟାଟ୍ସମ୍ୟାନ ପ୍ରଥମ ଭାରତୀୟ ଭାବେ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଶତକ ଲଗାଇଥିଲେ।



ମନୀଷ ପାଣ୍ଡେ



ଆଶ୍ରିତା ସେଟ୍ଟି

# ଓଡ଼ିଶାରୁ ଭାଗନେବେ ୩୫ ସ୍କେଟର

**ସିବିଏସଇ ଜୋନାଲ ସ୍କେଟିଂ**

ଭୁବନେଶ୍ୱର, ୧୦।୧୦(କ୍ରୀଡ଼ା ପ୍ରତିନିଧି) ଛତିଶଗଡ଼ର ରାୟପୁରଠାରେ ସିବିଏସଇ ଜୋନାଲ ସ୍କେଟିଂ ଚାମ୍ପିୟନଶିପ୍ ଚଳିତମାସ ୧୨ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ (ଓଆରଏସଏ) ସହ ଅନୁବନ୍ଧିତ ବିଭିନ୍ନ ଜିଲା ଏବଂ ସିବିଏସଇ ସ୍କୁଲରୁ ୩୫ ପ୍ରତିଯୋଗୀ ଭାଗ ନେବାପାଇଁ ମନୋନୀତ ହୋଇଛନ୍ତି। ପ୍ରତିଯୋଗୀମାନଙ୍କୁ ଗୁରୁବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଆସୋସିଏଶନ ପକ୍ଷରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇ ଉତ୍ସାହିତ କରାଯାଇଛି। ଆଗାମୀ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ପ୍ରତିଯୋଗୀମାନେ ହେଲେ ଆର୍ଯ୍ୟନ ନାୟକ, ଖୁସି ଅଗ୍ରୱାଲ, ଆଦିତ୍ୟ ନାୟକ, ଆର୍ଯ୍ୟନ ସାହୁ, ହ୍ରିଶିତା ନାଗର, ତନୁଶ୍ରୀ ଚୌଧାରୀ, ଆଦର୍ଶ ଜୟସ୍ୱାଲ, ଅର୍ମାନ ସୁବୁଦ୍ଧି, ପ୍ରୀତିଶ୍ ଆର୍ଯ୍ୟନ, ଆଦିଶ୍ରୀ ପ୍ରିୟଦର୍ଶିନୀ, କୌସ୍ତୁଭ ପଟ୍ଟନାୟକ, ଅନିଶ ତ୍ରିପାଠୀ, କମଲେଶ ସାହୁ, ସୃଷ୍ଟି ଶ', ଆୟୁଷ୍ମାନ ପାତ୍ରୋଲ, ବି.ପି. ଆର୍ଯ୍ୟନ, ଗୁରଲିନ କୌର, ବଂଶିକା ଟିକ୍ମାନି, ନିଭେଶ ବଳ, ଅଂଶୁମାନ ପରମାଣିକ, ଅନିଶ୍ ପଟ୍ଟନାୟକ, କୃପା ଦୋଶି, ସ୍ୱୟମ ସିଦ୍ଧ ଗିରି, ପ୍ରଭୁ ସମ୍ପତ, ଆରାଧ୍ୟା ମଞ୍ଜରୀ ଦେବୀ, ଅରିନ୍ଦମ ସାମଲ, ପ୍ରତ୍ୟୁଷ ମହାଲିଙ୍ଗ, ଦେବଜିତ ସ୍ୱାଇଁ, ପ୍ରତୀକ ଅର୍ନବ, ଲକ୍ଷ ଅଗ୍ରୱାଲ, ଭିଭାନ ଟିକ୍ମାନି, ସତଭିକ୍ ରାୟ ସାମନ୍ତ, ରିୟାନ ମହାନ୍ତି ଓ ପକଳ ଅନୁଷ୍କା। ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ଆସୋସିଏଶନର ପୃଷ୍ଠପୋଷକ ଇନ୍ଦ୍ରଜିତ ସିଂ, ସମ୍ପାଦକ ପାର୍ଥସାରଥି ଜେନା, କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ ବିଷୋୟୀ, ସୌମଣି ପାତ୍ର, ଅର୍ଚ୍ଚନା ମିଶ୍ର, ସଦସ୍ୟ ରାଜେଶ ପ୍ରଧାନ, ପ୍ରବୀଣ ବିଷୋୟୀ, ସୁଶାନ୍ତ ସାହୁ ଓ ସୌମ୍ୟ ଜୟସିଂ ପ୍ରମୁଖ ଉପସ୍ଥିତ ଥିଲେ।




ସିବିଏସଇ ଜୋନାଲ ସ୍କେଟିଂ ଚାମ୍ପିୟନଶିପ୍‌ରେ ଭାଗନେବାକୁ ମନୋନୀତ ହୋଇଥିବା ଓଡ଼ିଶା ଦଳର ଖେଳାଳିମାନେ କର୍ମକର୍ତ୍ତାଙ୍କ ଗହଣରେ।

# ଜିଏସ୍ ଲକ୍ଷ୍ମୀ ପ୍ରଥମ ମହିଳା ରେଫରି

ଦୁବାଇ, ୧୦।୧୦



ପ୍ରଥମ ମହିଳା ରେଫରୀ ଭାବେ ଭାରତର ଜି.ଏସ୍. ଲକ୍ଷ୍ମୀ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଇଭେଣ୍ଟରେ ମ୍ୟାଚ୍ ପରିଚାଳନା କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ପରିଚାଳନା ଲାଗି ଆଇସିସି ପକ୍ଷରୁ ଗୁରୁବାର ଅଫିସିଆଲଙ୍କ ତାଲିକା ପ୍ରକାଶ ପାଇଛି। ଯେଉଁଥିରେ ନ୍ୟୁଜିଲାଣ୍ଡର ପ୍ରାକ୍ତନ ଅଧିନାୟକ ଜେଫ୍ କ୍ରୋଙ୍କ ସମେତ ଭାରତର ଲକ୍ଷ୍ମୀ ଓ ଦକ୍ଷିଣ ଆଫ୍ରିକାର ଜିହର୍ଦ୍ଧ ପିନର ସ୍ଥାନ ପାଇଛନ୍ତି। ତିନୋଟି ଆଇସିସି ଟି୨୦ ବିଶ୍ୱକପ୍‌କୁ ମିଶାଇ କ୍ରୋ ବର୍ତ୍ତମାନ ସୁଦ୍ଧା ୪୮୮ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଅଫିସିଆଲ ଭାବେ ଦାୟିତ୍ୱ ତୁଲାଇ ସାରିଛନ୍ତି। ଟି୨୦ ବିଶ୍ୱକପ୍‌ର ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଅକ୍ଟୋବର ୧୮ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ୟୁଏଇରେ ଅନୁଷ୍ଠିତ ହେବ। ଏଥିଲାଗି ୧୨ ଜଣିଆ ଅମ୍ପାୟର ତାଲିକା ମଧ୍ୟ ପ୍ରକାଶ ପାଇଛି। ଏଥିରେ ଭାରତର ସୁନ୍ଦରାମ ରବି ମଧ୍ୟ ରହିଛନ୍ତି।

ଯୋଗ୍ୟତା ପର୍ଯ୍ୟାୟର ପ୍ରଥମ ଦିବସରେ ଆବୁଧାବିର ଜାୟେଦ ଷ୍ଟାଡିୟମରେ ହଂକଂ ଓ ଆୟର୍ଲାଣ୍ଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିରେ ଲକ୍ଷ୍ମୀ ମ୍ୟାଚ୍ ଅଫିସିଆଲ ଦାୟିତ୍ୱ ତୁଲାଇବେ। ସେହିଭଳି ରବି ଓ ସାମ୍ ନୋଗାଜସ୍କି ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିବେ। ଏଠାରେ ଉଲ୍ଲେଖଯୋଗ୍ୟ, ୫୧ ବର୍ଷୀୟା ଆନ୍ଧ୍ରପ୍ରଦେଶ ନିବାସୀ ଲକ୍ଷ୍ମୀ ଭାରତୀୟ ଘରୋଇ କ୍ରିକେଟ୍‌ର ଜଣେ ପୂର୍ବତନ ଖେଳାଳି। ଆଇସିସିର ମ୍ୟାଚ୍ ରେଫରି ପ୍ୟାନେଲରେ ସ୍ଥାନ ପାଇବାରେ ସେ ପ୍ରଥମ ମହିଳା ଅଫିସିଆଲ ଥିଲେ।

# ଟୋକିଓ ଅଲିମ୍ପିକ୍ସ ପ୍ରଥମଥର ପାଇଁ ଭାରତକୁ ଆତିଥ୍ୟ ଗୃହ ମିଳିବ

ନୂଆଦିଲ୍ଲୀ,୧୦।୧୦ (ପି.ଟି): ଆସନ୍ତା ବର୍ଷ ଆୟୋଜନ ହେବାକୁ ଥିବା ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତକୁ ପ୍ରଥମ ଥର ପାଇଁ ହସ୍‌ପିଟାଲିଟି ହାଉସ ବା ଆତିଥ୍ୟ ଗୃହ ମିଳିବ। ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଓ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଗୁରୁବାର ଏହାର ନିର୍ମାଣ ସଂକ୍ରାନ୍ତରେ ସହଭାଗିତା ନେଇ ଘୋଷଣା କରିଛନ୍ତି।

ଅଲିମ୍ପିକ୍ସରେ ଅଂଶଗ୍ରହଣ କରୁଥିବା ବହୁ ଦେଶ ସେମାନଙ୍କର ନିଜ ଆତିଥ୍ୟ ଗୃହ ରହିଥାଏ। ତେବେ ଭାରତକୁ ଏବେ ପ୍ରଥମଥର ପାଇଁ ଏହି ସୁଯୋଗ ମିଳିଛି। ଅଲିମ୍ପିକ୍ସ ଅବସରରେ ଏହା ଦ୍ୱାରା ଭାରତ ନିଜର ଐତିହ୍ୟ ଓ ସଂସ୍କୃତି ପ୍ରଚାର ପ୍ରସାର କରିବାର ସୁଯୋଗ ପାଇବ। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଆଇଓଏ ଅଧ୍ୟକ୍ଷ ନରିନ୍ଦର ବାତ୍ରା ଓ ସାଧାରଣ ସମ୍ପାଦକ ରାଜୀବ ମେହେଟ୍ଟାଙ୍କ ଉପସ୍ଥିତିରେ ଇଣ୍ଡିଆ ହାଉସ୍‌ର ଅଫିସିଆଲ ଲୋଗୋ ଉନ୍ମୋଚନ କରିଥିଲେ। ୨୦୨୦ ଅଲିମ୍ପିକ୍ସରେ ଇଣ୍ଡିଆ ହାଉସ୍ ଏକ ଅଦ୍‌ଭୁତ ତଥା ଅସାଧାରଣ ଅବଧାରଣା ବୋଲି ରିଜିଜୁ କହିଛନ୍ତି। ଟୋକିଓ ଗେମ୍ସରେ ଏହା ଭାରତର ବିଚାରକୁ ବିଶ୍ୱ ଦରବାରରେ ପରିଚିତ କରାଇବ। ଆସନ୍ତା ବର୍ଷ ଜୁଲାଇରେ ଏହା କାର୍ଯ୍ୟକ୍ଷମ ହେବ। ୨,୨୦୦ ବର୍ଗ ମିଟର ସ୍ଥାନ ଉପରେ ଅଲିମ୍ପିକ୍ସ ଗେମ୍ସ ଭିଲେଜକୁ ଲାଗି ଏହା ନିର୍ମାଣ କରାଯିବ। ଅଲିମ୍ପିକ୍ସରେ ଭାରତର ଅଂଶଗ୍ରହଣର ୧୦୦ ବର୍ଷ ପୂର୍ତ୍ତି ପାଳନ କରାଯାଇଥିବା ବେଳେ ଏହି ଆତିଥ୍ୟ ଗୃହ ବେଶ୍ ଗୁରୁତ୍ୱ ବହନ କରୁଛି। ଭାରତୀୟ ଆଥଲେଟଙ୍କ ପାଇଁ ଏହା ଘରୋଇ ପରିବେଶ ସୃଷ୍ଟି କରିବ ବୋଲି ବାତ୍ରା କହିଛନ୍ତି। ଏଠାରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ବିଭିନ୍ନ ବ୍ରାଣ୍ଡର ଷ୍ଟଲ୍ ରହିବ ଓ ଏଥିରେ ବିଭିନ୍ନ ଜିନିଷ ବିକ୍ରି ହେବ। ଏଠାରେ ଏକ ମିଡିଆ ସେଣ୍ଟର ମଧ ସ୍ଥାପନ କରାଯିବ। ଭାରତୀୟ ଅଲିମ୍ପିଆନଙ୍କ ପାଇଁ ଏକ ଆଥଲେଟିକ ଲଙ୍ଗ୍ ସ୍ଥାପନ ମଧ କରାଯିବ। ଏଥିରେ ଚିକିତ୍ସା ସମ୍ବନ୍ଧୀୟ ସୁବିଧା ସୁଯୋଗ ସମେତ ଖାଦ୍ୟ ମଧ ମିଳିବ। ଏଠାରେ ୱାଚ୍ ପାର୍ଟି ସମେତ ମେଡାଲ ସେଲିବ୍ରେଶନର ଆୟୋଜନ କରାଯିବ। ଭାରତୀୟ ଆଥଲେଟଙ୍କ ସହ ମିଟ୍ ଆଣ୍ଡ ଗ୍ରୀଟ ଅର୍ଥାତ ସିଧାସଳଖ ଭାବର ଆଦାନପ୍ରଦାନ କରାଯିବାର ବ୍ୟବସ୍ଥା ଗ୍ରହଣ କରାଯିବ।



“ଦ୍ରୁତ ବୋଲରମାନେ ଭାରତୀୟ କ୍ରିକେଟର ଛବିରେ ପରିବର୍ତ୍ତନ ଆଣିଛନ୍ତି। ଏଭଳି ବୋଲିଂ ଆଟାକ୍ ଆମେ କେବେ ଦେଖି ନ ଥିଲୁ କି ଚିନ୍ତା ମଧ କରି ନ ଥିଲୁ।
–କପିଳ ଦେବ, ପୂର୍ବତନ ଭାରତୀୟ ଅଧିନାୟକ



“ଲଗାତର ଦୁଇଟି ଶତକ ହାସଲ କରିଥିବାରୁ ବହୁତ ଖୁସି ଅନୁଭବ କରୁଛି। ଦକ୍ଷିଣ ଆଫ୍ରିକା ଉପରେ ଚାପ ପକାଇବା ପାଇଁ ୪୫୦–୫୦୦ ଏକ ଭଲ ସ୍କୋର ହେବ।
–ମୟଙ୍କ ଅଗ୍ରୱାଲ, ଭାରତୀୟ କ୍ରିକେଟର୍

# ଲିପିକାଙ୍କ ମାଉଣ୍ଟ ଏଲବ୍ରୁସ ଆରୋହଣ

ଭୁବନେଶ୍ୱର, ୧୦।୧୦(କ୍ରୀଡ଼ା ପ୍ରତିନିଧି)

ୟୁରୋପ ମହାଦେଶର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଲବ୍ରୁସ(୫,୬୪୨ ମିଟର/୧୮,୫୧୦ ଫୁଟ)କୁ ସଫଳତାର ସହ ଆରୋହଣ କରିଛନ୍ତି ଓଡ଼ିଶାର ଲିପିକା ସେଟ୍। ଏହି ସଫଳତା ସହ ବରଗଡ଼ର ଲିପିକା ରାଜ୍ୟରେ ଦୁଃସାହସିକ କ୍ରୀଡ଼ାକୁ କ୍ୟାରିୟର କରିବାକୁ ଚାହୁଁଥିବା ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଓଡ଼ିଶାର ଅନ୍ୟତମ ଉଦୀୟମାନ ପର୍ବତାରୋହୀଭାବେ ପରିଚିତ ଲିପିକା ହେଉଛନ୍ତି ମା ଅନସୂୟା ସେଟ୍ ଓ ବାପା ଲକ୍ଷ୍ମଣ ସେଟ୍‌ଙ୍କର ଦ୍ୱିତୀୟ କନ୍ୟା। ସେପ୍ଟେମ୍ବର ୨୮ରୁ ଅଭିଯାନରେ ବାହାରିଥିବା ଲିପିକା ଗତ ୫ ତାରିଖରେ ସଫଳତାର ସହ ମାଉଣ୍ଟ ଏଲବ୍ରୁସ୍‌ର ଶିଖରରେ ପହଞ୍ଚିଥିଲେ। ଏହି ଅଭିଯାନରେ ବିଭିନ୍ନ ଦେଶରୁ ପର୍ବତାରୋହୀମାନେ ଭାଗ ନେଇଥିଲେ। ଲିପିକା ପ୍ରଥମେ ବେସ୍ କ୍ୟାମ୍ପ ଏବଂ ଶରୀରକୁ ପାରିପାର୍ଶ୍ୱିକ ପରିବେଶ ସହିତ ଖାପ ଖୁଆଇବା ପରେ ଚଳିତମାସ ୫ ତାରିଖରେ ରୁଷିଆ ସମୟ ରାତି ୧ଟା ସମୟରେ ଆଡଭାନ୍ସ ବେସ୍ କ୍ୟାମ୍ପ ଛାଡ଼ି ଅନ୍ତିମ ଆରୋହଣରେ ବାହାରିଥିଲେ। ସେହିଦିନ ରୁଷୀୟ ସମୟ ପୂର୍ବାହ୍ନ ୯ଟାରେ ସେ ମାଉଣ୍ଟ ଏଲବ୍ରୁସ ଶିଖରରେ ପହଞ୍ଚି ଜାତୀୟ ପତାକା ଉଡ଼ାଇଥିଲେ। ୮ ତାରିଖରେ ସମ୍ପୂର୍ଣ୍ଣ ଅଭିଯାନ ଶେଷ ହୋଇଥିଲା।

ଲିପିକାଙ୍କ ସଫଳ ଆରୋହଣ ପଛରେ ଅନ୍ୟତମ ପର୍ବତାରୋହୀ ନୃସିଂହ ସାହୁଙ୍କର ଅନେକ ଅବଦାନ ରହିଛି। ଲିପିକାଙ୍କୁ ନୃସିଂହ ଏଲବ୍ରୁସ ଆରୋହଣ ପାଇଁ ଆବଶ୍ୟକ କୌଶଳ ଶିଖାଇବା ସହ ମନୋବଳ ବଢ଼ାଇଥିଲେ। ନୃସିଂହଙ୍କ କହିବା ଅନୁସାରେ, ଲିପିକା ଆଡଭାନ୍ସ ବେସ୍ କ୍ୟାମ୍ପରେ ପହଞ୍ଚିବା ପରେ ଏବଂ ଆକ୍ଲିମାଇଟେଜେଶନ ପ୍ରୋସେସରୁ ଫେରିବାପରେ ମଛର ଚାଲିକୁ ନେଇ ତାଙ୍କ ଗାଇଡ୍ ସଚେତନ କରାଇଥିଲେ। ଏହା ଲିପିକାଙ୍କ ସଫଳ ଆରୋହଣ ପାଇଁ ବିପଦ ସୃଷ୍ଟି କରିବ ବୋଲି ସେ ଦର୍ଶାଇଥିଲେ। ମାତ୍ର ଲିପିକା ଚାପର ବଶବର୍ତ୍ତୀ ନ ହୋଇ ୫ ତାରିଖ ସକାଳେ ସମସ୍ତ ସହଯୋଗୀଙ୍କୁ ପଛରେ ପକାଇ ୧ ଘଣ୍ଟା ପୂର୍ବରୁ ଆରୋହଣ ଶେଷ କରି ବେସ୍ କ୍ୟାମ୍ପକୁ ଫେରି ଆସିଥିଲେ। ଏହା କେବଳ ଜଣେ ଦୃଢ଼ ମନୋବଳ ସମ୍ପନ୍ନ ପର୍ବତାରୋହୀ ପକ୍ଷରେ ସମ୍ଭବ ବୋଲି ନୃସିଂହ ସୂଚନା ଦେଇଛନ୍ତି। ଲିପିକା ଶୁକ୍ରବାର ସକାଳ ୧୧ଟା ସମୟରେ ଭୁବନେଶ୍ୱର ଫେରିବା କାର୍ଯ୍ୟକ୍ରମ ରହିଛି।

ପ୍ରକାଶ ଯୋଗ୍ୟ ଯେ, ଲିପିକା ପୂର୍ବରୁ ୨୦୧୮ରେ ଆଫ୍ରିକା ମହାଦେଶର ସର୍ବୋଚ୍ଚ ଶୃଙ୍ଗ କିଲିମାଞ୍ଜାରୋ(୫,୮୯୫ ମିଟର)କୁ ସଫଳତାର ସହ ଆରୋହଣ କରିଥିଲେ। ମାଉଣ୍ଟ ଏଲବ୍ରୁସ ଆରୋହଣ ପାଇଁ ତାଙ୍କୁ ବରଗଡ଼ ଜିଲାର ବିକାଶ ଇନ୍‌ଷ୍ଟିଚ୍ୟୁଟ ୫୦,୦୦୦ ଟଙ୍କାର ଆର୍ଥିକ ସହାୟତା ଦେଇଥିବାବେଳେ ଏସିଆ ପାସିଫିକ୍ ହାବିଟାଟ୍ ସୋସାଇଟି (ଏପିଏଚଏସ) ଓଡ଼ିଶାର ସେକ୍ରେଟାରି ଜେନେରାଲ ଡ. ୱିଲିୟମ ହେନେଜ ଆର୍ଥିକ ସହାୟତା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ନିଜର ଏହି ସଫଳତା ପାଇଁ ଲିପିକା ଦାଦା ଦିବାକର ମାଝି ଏବଂ ମାଉସୀ ଦମୟନ୍ତୀ ବାଗ୍‌ଙ୍କୁ ମଧ ଶ୍ରେୟ ଦେଇଛନ୍ତି। ଆଗାମୀ ଡିସେମ୍ବର ୨୫ରେ ସେ ଦକ୍ଷିଣ ଆମେରିକା ମହାଦେଶର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଆକଙ୍କଗୁଆ (୬,୯୬୨ ମିଟର) ଆରୋହଣ ପାଇଁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ପାଖାପାଖି ୧୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ସେ ଆକଳନ କରୁଛନ୍ତି। ‘‘ରାଜ୍ୟରେ ପର୍ବତାରୋହୀଙ୍କ ନିକଟରେ ଆବଶ୍ୟକ ସରଞ୍ଜାମ ନ ଥିବାରୁ ଆରୋହଣ ସମୟରେ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ପ୍ରକୃତ ପର୍ବତାରୋହୀଙ୍କୁ ଚିହ୍ନଟ କରାଯାଇ ରାଜ୍ୟ ସରକାର ସରଞ୍ଜାମ ଯୋଗାଇ ଦେଲେ ସେମାନେ ଉପକୃତ ହେବା ସହ ରାଜ୍ୟ ପାଇଁ ଅଧିକ ଗୌରବ ଆଣିପାରିବେ’’ ବୋଲି ଲିପିକା ପ୍ରକାଶ କରିଛନ୍ତି।



ମାଉଣ୍ଟ ଏଲବ୍ରୁସ ଆରୋହଣ ପରେ ଓଡ଼ିଶାର ଲିପିକା ସେଟ୍।

# ଓଡ଼ିଶାର ଦ୍ୱିତୀୟ ପରାଜୟ

କଟକ ଅଫିସ,୧୦।୧୦

ଭଦୋଦରାର ଜିଏସ୍‌ଏଫ୍‌ସି କ୍ରିକେଟ ଗ୍ରାଉଣ୍ଡରେ ଗୁରୁବାର ଅନୁଷ୍ଠିତ ବିଜୟ ହଜାରେ ଟ୍ରଫିର ଏକ ମ୍ୟାଚ୍‌ରେ ଓଡ଼ିଶା ୬୩ ରନରେ ଦିଲ୍ଲୀଠାରୁ ପରାସ୍ତ ହୋଇଛି। ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ଏକମାତ୍ର ଖେଳାଳି ଭାବେ ସଂଘର୍ଷପୂର୍ଣ୍ଣ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ବେଳେ ଅନ୍ୟ ସମସ୍ତ ବ୍ୟାଟ୍ସମ୍ୟାନ ବିଫଳ ହୋଇଛନ୍ତି। ଦିଲ୍ଲୀ ପକ୍ଷରୁ ଧାର୍ଯ୍ୟ ୩୦୦ରନର ବିଜୟଲକ୍ଷ୍ୟକୁ ପିଛା କରି ଓଡ଼ିଶା ୮ ଉଇକେଟ ହରାଇ ୨୩୬ରନ କରିବାକୁ ସକ୍ଷମ ହୋଇଥିଲା। ୭ଟି ମ୍ୟାଚରୁ ୧୪ ପଏଣ୍ଟ ସହ ଓଡ଼ିଶା ଟେବୁଲର ୮ମ ସ୍ଥାନକୁ ଖସିଛି। ୧୨ ତାରିଖରେ ବିଦର୍ଭ ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ।

ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ୍ ଜିତି ଦିଲ୍ଲୀ ଦଳକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ । ଧ୍ରୁବ ସୋରେଙ୍କ ନେତୃତ୍ୱାଧୀନ ଦିଲ୍ଲୀ ୩୧ରନରେ ଓପନର କୁଣ୍ୱର ବିଧୁରୀ(୧୨)ଙ୍କ ଉଇକେଟ ହରାଇଥିଲା। ପେସବୋଲର ସୂର୍ଯ୍ୟକାନ୍ତ ପ୍ରଧାନ କୁଣ୍ୱରଙ୍କୁ ଉଇକେଟ କିପର ସୁଜିତ ଲେଙ୍କାଙ୍କ ହାତରେ କ୍ୟାଚ କରାଇ ଦଳକୁ ପ୍ରଥମ ସଫଳତା ଦେଇଥିଲେ। ପ୍ରଥମ ଉଇକେଟ ପତନ ପରେ ଦିଲ୍ଲୀ ଚମତ୍କାର ବ୍ୟାଟିଂ କରିଥିଲା। ମଧ୍ୟକ୍ରମର ସମସ୍ତ ବ୍ୟାଟ୍ସମ୍ୟାନ ଧୂଆଁଧାର ଇନିଂସ ଖେଳିଥିଲେ। ଓପନର ହିତେନ ଦଲାଲ ୪୫, ଅନୁଜ ରାୱତ ୬୯, ଅଧିନାୟକ ଧ୍ରୁବ ୫୧, ନୀତୀଶ ରାଣା ୫୬ରନ କରିଥିବା ବେଳେ ୨୭ବଲରୁ ୪୬ରନର ଆକର୍ଷଣୀୟ ଇନିଂସ ଖେଳିଥିଲେ ଲଳିତ ଯାଦବ। ୬ ଉଇକେଟ ହରାଇ ଦିଲ୍ଲୀ ୨୯୯ରନ ସଂଗ୍ରହ କରିଥିଲା। ସୂର୍ଯ୍ୟକାନ୍ତ ପ୍ରଧାନ ୩ଟି, ଦୀପକ ବେହେରା ଗୋଟିଏ ଓ ପପୁ ରାୟ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଅଧିନାୟକ ଧ୍ରୁବଙ୍କୁ ପପୁ ହିଟ ଉଇକେଟ କରାଇଥିଲେ । ୩୦୦ରନର ବିଜୟ ଲକ୍ଷ୍ୟ ରଖି ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ୮ରନରେ ଓପନର ଶାନ୍ତନୁ ମିଶ୍ରଙ୍କ ଉଇକେଟ ହରାଇଥିଲା । ଶାନ୍ତନୁ ଖାତା ଖୋଲିବା ପୂର୍ବରୁ ନବଦୀପ ସାଇନିଙ୍କ ବଲରେ ଏଲବିଡବ୍ଲ୍ୟୁ ହୋଇଥିଲେ। ଅନ୍ୟତମ ଓପନର ସନ୍ଦୀପ ପଟ୍ଟନାୟକ ଓ ଅଧିନାୟକ ଶୁଭ୍ରାଂଶୁ ଦ୍ୱିତୀୟ ଉଇକେଟରେ ୭୩ରନର ଭାଗୀଦାରି ସୃଷ୍ଟି କରିଥିଲେ। ସନ୍ଦୀପ ୨୮ରନରେ ବାମହାତୀ ଅର୍ଥୋଡକ୍ସ ମନନ ଶର୍ମାଙ୍କ ଶିକାର ପାଲଟିଥିଲେ। ପରେ କ୍ରିଜକୁ ଆସିଥିବା ଅଭିଷେକ ଯାଦବ ୧ରନରେ ପୱନ ନେଗୀଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ୮୬ରନରେ ଓଡ଼ିଶା ୩ଟି ଉଇକେଟ ହରାଇଥିଲା। ଶୁଭ୍ରାଂଶୁ ଓ ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାର ସତର୍କତାର ସହ ବ୍ୟାଟିଂ ଜାରି ରଖି ଦଳୀୟସ୍କୋର ୧୦୦ ଅତିକ୍ରମ କରାଇଥିଲେ। ୪୫ବଲରୁ ଅର୍ଦ୍ଧଶତକ ପୂରଣ କରିଥିବା ଶୁଭ୍ରାଂଶୁ ୭୭ରନରେ ନୀତୀଶ ରାଣାଙ୍କ ଦ୍ୱାରା ଆଉଟ ହେବା ପରେ ଓଡ଼ିଶା ବିଜୟ ଲକ୍ଷ୍ୟ ଠାରୁ ଦୂରେଇବା ଆରମ୍ଭ କରିଥିଲା। ଲିଷ୍ଟ–ଏ ଫର୍ମାଟରେ ଶୁଭ୍ରାଂଶୁଙ୍କର ଏହା ଦ୍ୱିତୀୟ ଅର୍ଦ୍ଧଶତକ ଥିଲା। ଗୋବିନ୍ଦ ପୋଦ୍ଦାର ୨୩, ସୁଜିତ ଲେଙ୍କା ୨, ଦୀପକ ବେହେରା ୧, ସୂର୍ଯ୍ୟକାନ୍ତ ପ୍ରଧାନ ୮ରନରେ ପ୍ୟାଭିଲିୟନ ଫେରିଥିଲେ। ଅଲରାଉଣ୍ଡର ଅଭିଷେକ ରାଉତ ୩୨ରନରେ ଓ ରାଜେଶ ମହାନ୍ତି ୩୯ରନରେ ଅପରାଜିତ ଥିଲେ। ଦିଲ୍ଲୀ ପକ୍ଷରୁ ମନନ ଶର୍ମା ସର୍ବାଧିକ ୩ଟି ଓ ନୀତୀଶ ରାଣା ୨ଟି ଉଇକେଟ ନେଇଥିଲେ।

# ରୋମାଞ୍ଚକର ମ୍ୟାଚ୍‌ରେ ହାରିଲା ଓଡ଼ିଶା

କଟକ ଅଫିସ,୧୦।୧୦: ଗୁଆହାଟୀର ଜଜେସ ଫିଲ୍ଡରେ ଗୁରୁବାର ଅନୁଷ୍ଠିତ ଭିନୁ ମଙ୍କଡ ଟ୍ରଫିର ଏକ ମ୍ୟାଚ୍‌ରେ ଓଡ଼ିଶା ୩ ଉଇକେଟରେ ହିମାଚଳ ପ୍ରଦେଶଠାରୁ ପରାସ୍ତ ହୋଇଛି । ମ୍ୟାଚ୍‌ଟି ରୋମାଞ୍ଚକର ସ୍ଥିତିରେ ଶେଷ ହୋଇଥିଲା। ହିମାଚଳ ପ୍ରଦେଶ ଅଧିନାୟକ ହର୍ଷ ଜମୱାଲ(୪୯ରନ) ଅପରାଜିତ ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ଟସ୍ ଜିତି ଓଡ଼ିଶା ପ୍ରଥମେ ବ୍ୟାଟିଂ କରିଥିଲା। ୧୬ରନରେ ୩ଟି ଉଇକେଟ ହରାଇ ଓଡ଼ିଶା ସଙ୍କଟରେ ପଡ଼ିଥିବା ବେଳେ ଅଧିନାୟକ ଅନୀଲ ପରିଡ଼ା ୫୩ରନ ସଂଗ୍ରହ କରିବା ଯୋଗୁଁ ଦଳ ୧୦୦ରନ୍ ଅତିକ୍ରମ କରିବାକୁ ସକ୍ଷମ ହୋଇଥିଲା। ସୁମନ କୁମାର ଦାସ ଓ ପଙ୍କଜ ସେନାପତି ୨୨ରନ ଲେଖାଏ କରିଥିଲେ। ହିମାଚଳ ପ୍ରଦେଶର ରୋହିତ ଠାକୁର ଓ ୟୁତିଶ ଜାମୱାଲ ଯଥାକ୍ରମେ ୪ଟି ଓ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ବିଜୟ ଲକ୍ଷ୍ୟ ମାତ୍ର ୧୨୪ରନ ଥିବା ବେଳେ ହିମାଚଳପ୍ରଦେଶ ୬୧ରନରେ ୫ଜଣ ବ୍ୟାଟ୍ସମ୍ୟାନଙ୍କୁ ହରାଇ ସଂଘର୍ଷ କରିଥିଲା। ତେବେ ଅଧିନାୟକ ହର୍ଷ କ୍ରିଜରେ ତିଷ୍ଠି ରହି ଦଳକୁ ଖେଳ ଶେଷ ହେବାର ଗୋଟିଏ ବଲ ପୂର୍ବରୁ ଜିତାଇଥିଲେ।

# ସେମିରେ ମେରୀକମ୍

ଉଲାନ– ଉଡେ, ୧୦।୧୦(ପି.ଟି.)

ଏଠାରେ ଚାଲିଥିବା ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପ୍‌ରେ ଅଭିଜ୍ଞ ତାରକା ମେରୀକମ୍‌ଙ୍କ ସମେତ ୪ ଭାରତୀୟ ସେମିରେ ପ୍ରବେଶ କରିଛନ୍ତି। ଫଳରେ ଭାରତୀୟ ବକ୍ସରମାନେ ୪ଟି ପଦକ ନିଶ୍ଚିତ କରିଛନ୍ତି। ଏଥିସହିତ ମେରୀକମ୍ କ୍ୟାରିୟର ଅଷ୍ଟମ ବିଶ୍ୱ ଚାମ୍ପିୟନଶିପ ପଦକ ନିଶ୍ଚିତ କରିଛନ୍ତି ଓ ବିଶ୍ୱ ଚାମ୍ପିୟନଶିପ୍ ଇତିହାସରେ ଶ୍ରେଷ୍ଠ ମହିଳା ବକ୍ସର ଭାବେ ନିଜ ସ୍ଥାନକୁ ଆହୁରି ଦୃଢ଼ କରିଛନ୍ତି। ଗୋଟିଏ ଦିନର ବିଶ୍ରାମ ପରେ ସେ ଶୁକ୍ରବାର ସେମିଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ସେମିରେ ସେ ତୁର୍କୀର ବୁସେନାଜ କାକିରୋଗଲୁଙ୍କୁ ଭେଟିବେ। ୟୁରୋପିଆନ ଚାମ୍ପିୟନ ବୁସେନାଜ କ୍ୱାର୍ଟର ଫାଇନାଲରେ ଚାଇନାର କାଇ ଜୋଙ୍ଗଜୁଙ୍କୁ ହରାଇ ସେମିରେ ପ୍ରବେଶ କରିଛନ୍ତି।

ଗୁରୁବାର ମେରୀକମ୍ କଲମ୍ବିଆର ଭାଲେନ୍ସିଆ ଭିକ୍ଟୋରିଆଙ୍କୁ ୫–୦ ଭର୍ଡିକ୍ଟରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ ସେ ୬ଥର ବିଶ୍ୱ ଚାମ୍ପିୟନଶିପ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଥରେ ରୌପ୍ୟ ପଦକ ଜିତିଥିଲେ। ତେବେ ଏହି ସଂସ୍କରଣରେ ସେ ପ୍ରଥମଥର ପାଇଁ ୫୧ କେ.ଜି. ବର୍ଗରେ ପଦକ ନିଶ୍ଚିତ କରିଛନ୍ତି। ଏହାକୁ ବାଦ୍ ଦେଲେ ସେ ୨୦୧୨ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ସେ ୫ଟି ଏସିଆନ ଟାଇଟଲ ସହ ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚଳିତ ବର୍ଷ ସେ ଗୁଆହାଟୀରେ ଅନୁଷ୍ଠିତ ଇଣ୍ଡିଆ ଓପନ୍‌ରେ ସ୍ୱର୍ଣ୍ଣ ଓ ଇଣ୍ଡୋନେସିଆରେ ଅନୁଷ୍ଠିତ ପ୍ରେସିଡେଣ୍ଟ୍ସ କପ୍‌ରେ ମଧ ସ୍ୱର୍ଣ୍ଣ ପଦକ ଜିତିଥିଲେ।

ଅନ୍ୟତମ ଭାରତୀୟ ମହିଳା ବକ୍ସର ଷଷ୍ଠ ସିଡ ମଞ୍ଜୁ ରାନୀ ୪୮ ଓ ଯମୁନା ବୋରୋ ୫୪ କେ.ଜି. ବର୍ଗରେ ପଦାର୍ପଣ କରି ସେମିକୁ ଉଠିଛନ୍ତି। ଗତବର୍ଷର ବ୍ରୋଞ୍ଜ ପଦକ ବିଜୟିନୀ ତଥା ତୃତୀୟ ସିଡ ଲୋଭଲିନା ବୋରଗୋହେନ ୬୯ କେ.ଜି. ବର୍ଗରେ ସେମି ଫାଇନାଲକୁ ପ୍ରବେଶ କରିଛନ୍ତି। ରାନୀ ଟପ୍ ସିଡ ତଥା ଗତ ସଂସ୍କରଣର ବ୍ରୋଞ୍ଜ ପଦକ ବିଜୟିନୀ ଦକ୍ଷିଣ କୋରିଆର କିମ୍ ହ୍ୱାଙ୍ଗ୍ ମିଙ୍କୁ ୪–୧ରେ ପରାସ୍ତ କରିଥିବା ବେଳେ ବୋରୋ ଜର୍ମାନୀର ଉରସୁଲା ଗୋଟଲୋବଙ୍କୁ ୪–୧ରେ ହରାଇ ଅଗ୍ରଗତି କରିଛନ୍ତି। ଅନ୍ୟପଟେ ବୋରଗୋହେନ ୪–୧ରେ ପୋଲାଣ୍ଡର ଷଷ୍ଠ ସିଡ୍ କାରୋଲିନା କୋସଜେଓ୍ୱସ୍କାଙ୍କୁ ହରାଇ ସେମିକୁ ଉଠିଛନ୍ତି।

ପଦକ ନିଶ୍ଚିତ କରିଥିବାରୁ ମୁଁ ବହୁତ ଖୁସୀ। ତେବେ ଫାଇନାଲକୁ ଉଠିବା ଲକ୍ଷ୍ୟରେ ରହିଛି ବୋଲି ୩୬ ବର୍ଷୀୟା ମେରୀକମ୍ କହିଛନ୍ତି। ସେମିରେ ରାନୀ ଥାଇଲାଣ୍ଡର ଚୁଥାମାଥ ରକସାତଙ୍କୁ ଭେଟିବେ। ଚୁଥାମାଥ ପଞ୍ଚମ ସିଡ୍ ୟୁଲିୟାନୋଭା ଆସେନୋଭାଙ୍କୁ ଭେଟିବେ। ସେହିପରି ବୋରୋ ଟପ୍ ସିଡ ତଥା ପୂର୍ବତନ ଏସିଆନ ଗେମ୍ସ ବ୍ରୋଞ୍ଜ ପଦକ ବିଜୟିନୀ ଚାଇନିଜ ତାଇପେଇର ହୁଆଙ୍ଗ ସିଆଓ– ୱେନଙ୍କୁ ଭେଟିବେ। ସେହିପରି ବୋରଗୋହେନ ସେମିରେ ଚାଇନାର ୟାଙ୍ଗ ଲିଓଙ୍କୁ ଭେଟିବେ। ତେବେ ଦୁଇଥର ବ୍ରୋଞ୍ଜ୍ ପଦକ ଜିତିଥିବା କବିତା ଚହଲ + ୮୧ କେ.ଜି.ରେ ବେଲାରୁଷର କାଟସିଅରିନା କାଭାଲେଭାଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି।


ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପ


# ମନେ ପଡ଼ନ୍ତି

## ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମ ନିବାସ ଅଗ୍ରୱାଲ
ତିରୋଧାନ: ତା.୩୦।୦୯।୨୦୧୯ (ସୋମବାର)
ଗଙ୍ଗାଶ୍ରାଦ୍ଧ: ତା.୧୨।୧୦।୨୦୧୯ (ଶନିବାର)
ସ୍ଥାନ: ଗୌରୀ କଲ୍ୟାଣ ମଣ୍ଡପ, ସୋହେଲା (ଜିଲ୍ଲା: ବରଗଡ)
ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ବନ୍ଧୁ, ବାନ୍ଧବ ଯୋଗଦେବାକୁ ଅନୁରୋଧ।
ବିନୀତ:
ବଜରଂଗ ଅଗ୍ରୱାଲ, ପୱନ ଅଗ୍ରୱାଲ, ସଜନ ଅଗ୍ରୱାଲ, ମୁକେଶ ଅଗ୍ରୱାଲ, ଗୀତେଶ ଅଗ୍ରୱାଲ
ଧ–୧୪୭୦୮

## ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଭାସ୍କର ଚନ୍ଦ୍ର ମହାନ୍ତି
କୋଡବରୁଆଁ, ଚରମ୍ପା, ଭଦ୍ରକ
ଆବିର୍ଭାବ: ୧୯୩୧
ତିରୋଧାନ: ୧୧।୧୦।୨୦୧୮
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ:
ମା– ଅହଲ୍ୟା ମହାନ୍ତି, ପୁଅ– ପ୍ରଦୀପ ମହାନ୍ତି, ବିଶ୍ୱଜିତ୍ ମହାନ୍ତି, ସଞ୍ଜୀବ ମହାନ୍ତି ।
ଧ–୧୪୭୦୭

## ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାଜେନ୍ଦ୍ର ପ୍ରତିହାରୀ
ପାଣ୍ଡବ ନଗର, ଟଙ୍କପାଣି ରୋଡ, ଭୁବନେଶ୍ୱର
ତିରୋଧାନ: ୦୧।୧୦।୨୦୧୯ (ମଙ୍ଗଳବାର)
ଆପଣଙ୍କର (ତୋର) ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ଶ୍ରଦ୍ଧାଞ୍ଜଳି ।
ଶୋକସନ୍ତପ୍ତ
1996 ବ୍ୟାଚର ବନ୍ଧୁଗଣ, ପୂର୍ଣ୍ଣାଙ୍ଗ ଶିକ୍ଷା ଅନୁଷ୍ଠାନ, କେଦାରଗୌରୀ, ଓଲ୍‌ଡ ଟାଉନ୍, ଭୁବନେଶ୍ୱର
ଧ–୬୭୨୩୮

## OBITUARY



✓ Dr. Brajabandhu Mohapatra
Behera Sahi, Nayapalli, Bhubaneswar
Born: September, 1938
Attained Sivaloka Prapti on : 30.09.2019
Leaving behind a grieving band of family members.
Mourning Members:
Smt. Shanti Mohapatra
Nandanandan, Sasmita, Rutupurna
Subhendra, Mani, Tani, Kiku, Rimi
Friends and relatives
ଧ–୧୪୬୬୨

## ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ସୁଦାମ ସାଥୁଆ
ମହୁଲପଡା, ଜଗନ୍ନାଥ ପ୍ରସାଦ, ନୟାଗଡ
ଆପଣଙ୍କର ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ମୁନା, ଟୁନା, ଅଜୟ, ଶୁଶି, ସୋନୁ, ମାମା, ଗୁନ, ରିନା, ବନ୍ଧୁ ଓ ପରିବାରବର୍ଗ।
ଧ–୬୬୯୭୬

## ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



✓ କୁନ୍ତଳା ବେହେରା
ସ୍ୱାମୀ - ✓ ଇଂ.ଦୈତ୍ୟାରୀ ବେହେରା
୨୧୨୦, କହ୍ନା ଏରିଆ, ସବରସାହି ଲେନ୍, ଭୁବନେଶ୍ୱର
ଆବିର୍ଭାବ : ୦୧.୧୨.୧୯୩୦
ତିରୋଧାନ : ୨୭.୧୦.୨୦୧୨
ଆଜି ଆପଣଙ୍କର ସପ୍ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମ୍ଳାନ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ବନ୍ଧୁ ଓ ପରିବାରବର୍ଗ
ଧ–୧୪୭୦୬

## DISTRICT OFFICE, BALASORE

(Establishment Section)

No.375 Date: 09.10.2019

**ADVERTISEMENT**

Applications are invited from the eligible retired Govt. Revenue Supervisors, Revenue Inspectors, Asst. Revenue Inspectors & Amins in the prescribed format for filling up of the vacant posts of RS/ RI/ ARI & Amins of this District on contractual basis, which should be reach to the undersigned on or before 24.10.2019 by 05.00 P.M. through Regd. Post / Speed post.

The detailed of the application forms, eligibility criteria for the above posts, list of documents to be attached with the application forms may be downloaded from the official website of Balasore District i.e. www.baleswar.nic.in

Sd./-
COLLECTOR, BALASORE

## THE ODISHA STATE CO-OPERATIVE MILK PRODUCERS' FEDERATION LIMITED

omfed
www.omfed.com
D/2, Sahid Nagar, Bhubaneswar, Pin-751007, Odisha
Ph.: 0674-2540273, 2546030, 2544576, Tele Fax : 0674-2540974, E-mail : omfed@yahoo.com

**Tender for Transportation of Skim Milk Powder**

Sealed tenders are invited from the Bank approved transporter under two bids system for the transportation of SMP from various location of Tamilnadu to the different location of Odisha. The tender document along with details can be downloaded from website www.omfed.com. Any corrigendum, updates etc. relating to this notice shall be published in OMFED's website only. The Federation reserves the right to reject any or all the tenders without assigning any reason thereof.

Managing Director

## ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ସୁନ୍ଦରଗଡ଼

DISTRICT RURAL DEVELOPMENT AGENCY, SUNDARGARH

**NOTICE INVITING TENDERS FOR ELECTRICAL SYSTEM IMPROVEMENT WORKS**

No.2533 / DRDA-BGJY Dated the 10th October, 2019

**Bid Identification No. Off Line /DRDASNG-BGJY / BSVY-01/2019-2020**

The Collector, Sundargarh on behalf of Government of Odisha inviting Tenders in OFF-LINE mode from the eligible ELBO registered Electrical HT Contractors/Firms/ Manufacturers/ Suppliers/ Proprietors/ Agencies for 21 Nos. of Electrical System Improvement Works to be taken up in all the 17 blocks, 03 Municipalities and Rourkela Municipal Corporation of Sundargarh district under Biju Gram Jyoti Yojana (BGJY) & Biju Saharanchal Vidyutikaran Yojana (BSVY). The approximate requirement of quantities along with specifications of System Improvement Works to be required along with scope of works have been given in the DTCN of this Tender. For details about the scope of works, eligibility criteria and documents to be required for submission along with tender documents, please visit Sundargarh District Official website "www.sundargarh.nic.in". The tender documents are to be available in the said website w.e.f. 11.10.2019 to 28.10.2019. The last date of submission of bids in Off Line mode by Registered/ Speed Post only is 28.10.2019 (up to 5.30 PM).

Sd./- COLLECTOR, SUNDARGARH

## GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
SUBARNAREKHA IRRIGATION CIRCLE,
AT/PO:- LAXMIPOSI, DIST:-MAYURBHANJ

No. 289-A

Government of Odisha "e" PROCUREMENT NOTICE
Bid Identification No. -01- /19-20 of SE-SIC, Laxmiposi

| | | |
|---|---|---|
| i | Name of Work | "Construction of 3.00M Fall at RD 90m and 3.50M Fall at RD 135m including Sectioning of Escape Channel offtaking at RD5200M (LHS) of Subarnarekha Main Canal." |
| ii | Estimated Cost (Lakh) | Rs. 301.75 Lakh |
| iii | Period of Completion | 11(Eleven) Calendar Months |
| iv | Date & Time of availability of bid document in the portal | 17.10.2019 at 10 A.M. |
| v | Last date/time for receipt of bid in the portal | 01.11.2019 up to 5.00 PM. |
| vi | Name & Address of the O.I.T | Superintending Engineer, Subarnarekha Irrigation Circle, Laxmiposi, Mayurbhanj |

Further details can be seen from the e-Procurement Portal "https://tendersodisha.gov.in".

32120/11/0001/1920

Sd./- Superintending Engineer,
Subarnarekha Irrigation Circle, Laxmiposi

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

**କେନ୍ଦ୍ରାପଡା ଅଫିସ, ୧୦।୧୦**

ସହରର କଜଳାସ୍ଥିତ ନିମାଇଁ ଚରଣ ମାନସିକ ନ୍ୟୂନତା ସଂସ୍ଥାନ ପରିସରରେ କେନ୍ଦ୍ରାପଡା ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଗୁରୁବାର ପାଳନ କରାଯାଇଛି । ଏହି ଉପଲକ୍ଷେ ଜିଲା ଦୌରାଜଜ୍ ବାସୁଦେବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ସମ୍ମାନିତ ଅତିଥି ଭାବେ ସିଭିଲ ଜଜ୍ ଜ୍ଞାନରଞ୍ଜନ ପଟ୍ଟନାୟକ, ଏସଡିଜେଏମ ଦିଗବିଜୟ ଦାସ, ସିଡିଏମଓ ଡା. ଉର୍ମିଳା ମିଶ୍ର, ପୌରନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଉଦୟନାଥ ଜେନା, ଏଡିଏମଓ ଡା. ମିର୍ଜା ବାବର ବେଗ ଯୋଗ ଦେଇଥିଲେ । ଅତିଥିମାନେ ମାନସିକ ରୋଗୀଙ୍କ ଚିକିତ୍ସା, ଆଇନଗତ ସହାୟତା ପ୍ରଦାନ ଓ ଭିନ୍ନକ୍ଷମମାନଙ୍କ ଉନ୍ନତି ପାଇଁ ସାମାଜିକ ସହଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହ ଭିନ୍ନକ୍ଷମଙ୍କ ପାଇଁ ଥିବା ସରକାରଙ୍କ କଲ୍ୟାଣକାରୀ ଯୋଜନା, ଶିଶୁ, ମହିଳା ଓ ଯୁବବର୍ଗଙ୍କ ମାନସିକ ସ୍ୱାସ୍ଥ୍ୟ କିପରି ସୁସ୍ଥ ରହିବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଜିଲା ଆଇନସେବା ପ୍ରାଧିକରଣ ସଚିବ ମଳୟ କୁମାର ପ୍ରଧାନ, ଅନୁଷ୍ଠାନର ଅଧ୍ୟକ୍ଷ ସ୍ୱପ୍ନାଂଶୁ ଦାସ ଏହାକୁ ପରିଚାଳନା କରିଥିଲେ । ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି ଦିବସ ପାଳିତ ହୋଇଯାଇଛି । ସିଡିଏମଓ ଡା. ଉର୍ମିଳା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏଡିଏମଓ ଡା. ବେଗ, ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ନାୟକ, ଡା. ମୁରଲୀଧର ପାଢ଼ୀ, ଶିକ୍ଷାବିତ ପୀତବାସ ପଣ୍ଡା, ସୋମାପୁଷ୍ପା ମିଶ୍ର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରତି ଗୁରୁବାର ଏହିପରି ରୋଗୀଙ୍କ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବସ୍ଥା ଥିବା ଏଠାରେ ସୂଚନା ଦିଆଯାଇଥିଲା ।

## ୫ କିଗ୍ରା ଗଞ୍ଜେଇ ଜବତ, ଜଣେ ଗିରଫ

**ପଟ୍ଟାମୁଣ୍ଡାଇ, ୧୦।୧୦ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ସାନଜରିଆ ପଞ୍ଚାୟତସ୍ଥିତ ବୋଧଗାଁରେ ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ଓ କେନ୍ଦ୍ରାପଡ଼ା ଜିଲା ପୋଲିସ ମିଳିତ ଭାବେ ଚଢ଼ାଉ କରି ସଞ୍ଜୟ ଜେନାଙ୍କ ଘରୁ ୫ କି.ଗ୍ରା. ୧୦୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ପୋଲିସ ୧୨୩/୧୯ନଂ.ରେ ଏକ ମାମଲା ରୁଜୁ କରିବା ସହ ସଞ୍ଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପଟ୍ଟାମୁଣ୍ଡାଇ ସବ୍-ଇନ୍ସପେକ୍ଟର ଅଂଶୁମାନ ଜେନା ସୂଚନା ଦେଇଛନ୍ତି । ତେବେ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ଏକ ମଠରୁ ଗଞ୍ଜେଇ ଆଣିଥାନ୍ତି ବୋଲି ସଞ୍ଜୟ କହିଛନ୍ତି ।

# ୪୨ ହାବିଲଦାର ମେଜରଙ୍କ ପଦୋନ୍ନତି

**କଟକ ଅଫିସ, ୧୦।୧୦**

ରାଜ୍ୟର ବିଭିନ୍ନ ଜିଲାରେ କାର୍ଯ୍ୟରତ ୪୨ଜଣ ହାବିଲଦାର ମେଜରଙ୍କୁ ଡ୍ରିଲ୍ ସବ୍-ଇନ୍ସପେକ୍ଟର ପଦବୀକୁ ପଦୋନ୍ନତି ଦିଆଯାଇଛି । ଗୁରୁବାର ଏ ନେଇ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ଡିଜିପି ବିଜୟ କୁମାର ଶର୍ମାଙ୍କ ଅନୁମୋଦନ କ୍ରମେ ଓଡ଼ିଶା ପୋଲିସ କେନ୍ଦ୍ରୀୟ ମନୋନୟନ ବୋର୍ଡ ଏହି ପଦୋନ୍ନତିକୁ ସ୍ୱୀକୃତି ପ୍ରଦାନ କରିଛି । ପଦୋନ୍ନତି ପାଇଥିବା ହାବିଲଦାର ମେଜର ହେଲେ ସହଦେବ ସେଠୀ, ବୃନ୍ଦାବନ ଦଳାଇ, ନୀଳକଣ୍ଠ ଦିଗଲ, ତ୍ରିଲୋଚନ ସେଠୀ, ବନମାଳୀ ବେହେରା, ଗୋପାଳ ସେଠୀ, ପ୍ରଫୁଲ୍ଲ ଚନ୍ଦ୍ର ସେଠୀ, ପିଟର କିଶୋର ବେକ୍, ଅର୍ଜୁନ ନାଏକ, ପବିତ୍ର ମୋହନ ନାଏକ, ସୀମାଚଳ ଦାଶ, ପରମାନନ୍ଦ ବିଶୋଇ, ଦେବେନ୍ଦ୍ର କୁମାର ଜେନା, ଘନଶ୍ୟାମ ଆଚାର୍ଯ୍ୟ, ବିଜୟ କୁମାର ଆଚାର୍ଯ୍ୟ, ପଞ୍ଚାନନ ସାହୁ, ପ୍ରାଣବନ୍ଧୁ ସେଠୀ, ଶୁଭ୍ରାନ୍ତ ମହାନନ୍ଦିଆ, ପାଣୁଆ ବେହେରା, କ୍ଷେତ୍ରବାସୀ ସାହୁ, ନଗେନ୍ଦ୍ର ନାଥ ମହାନ୍ତି, ରଜନୀକାନ୍ତ ଚୌଧୁରୀ, ଦିଗେନ୍ଦ୍ର ତ୍ରିପାଠୀ, ଚତୁର୍ଭୁଜ ସାହୁ, ନାରାୟଣ ସାବତ, ଭିକାରି ଚନ୍ଦ୍ର ପଣ୍ଡା, ରବୀନ୍ଦ୍ର କୁମାର ମହାନ୍ତି, ଅଭିମନ୍ୟୁ ଖଡାଙ୍ଗା, ଦାଶରଥି ବର୍ମା, ଧନେଶ୍ୱର ଦାଶ, ସତ୍ୟବ୍ରତ ମହାକୁଡ଼, ଅନ୍ନଦା ଶଙ୍କର ସାହୁ, ନବକିଶୋର ଦାସ, ମହମ୍ମଦ ଶମିମ୍, ଲଳିତ ମୋହନ ଉଦୟସିଂ, ଚୈତନ୍ୟ ସେଠୀ, ମଞ୍ଜନ ଲାକ୍ରା, ପାଓଲସ ସଏ, ଡମ୍ବରୁଧର ମୁଣ୍ଡା, ସାୟୁନ କେରକେଟା, କିଶୋର ଚନ୍ଦ୍ର ପ୍ରଧାନ ଓ ମୋହନ ଚନ୍ଦ୍ର ମଲ୍ଲିକ ।







## ଜୁଆଣିଆରୁ ସଶସ୍ତ୍ର ଡକାୟତି ଘଟଣା, ଆଉ ୨ ଗିରଫ

**ଆଳି,୧୦।୧୦(ଡି.ଏନ.ଏ)**

ଆଳି ଥାନା ଅଧୀନ ଜୁଆଣିଆ ଗ୍ରାମରୁ ହୋଇଥିବା ସଶସ୍ତ୍ର ଡକାୟତି ଘଟଣାରେ ପୋଲିସ ବୁଧବାର ରାତିରେ ଆଉ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଆଳି ଥାନା ଅଧୀନ ପତ୍ରପୁର ଗ୍ରାମର ଅଭିରାମ ବିଶ୍ୱାଳଙ୍କ ପୁଅ ସୁନିଲ ବିଶ୍ୱାଳ(୨୪) ଓ ବଡମଙ୍ଗ ଶୁଭକାନ୍ତ ରାଉତଙ୍କ ପୁଅ ବିଜୟ ରାଉତ(୨୫) । ଗୁରୁବାର ଉଭୟଙ୍କ ଜାମିନ ନାମଞ୍ଜୁର ହେବାକୁ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଗତ ୨୮ ତାରିଖ ରାତିରେ ଜୁଆଣିଆ ଗ୍ରାମର ନବଘନ ପରିଡ଼ାଙ୍କ ଘରେ ୬ରୁ ଉର୍ଦ୍ଧ୍ୱ ଦୁର୍ବୃତ୍ତ ପଶି ପରିବାର ଲୋକଙ୍କୁ ଆକ୍ରମଣ କରି ସୁନା ଗହଣା, ଟଙ୍କା ଆଦି ନେଇଯାଇଥିଲେ । ତେବେ ସେଠାରୁ ଫେରାର ହୋଇଯାଉଥିବା ବେଳେ କେନ୍ଦ୍ରାପଡ଼ା ଭିଜିଲାନ୍ସ ଅଫିସ୍ ସମ୍ମୁଖରେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ପୋଲିସ ଏନ୍‌କାଉଣ୍ଟର କରିଥିଲା । ଅନ୍ୟମାନେ ଫେରାର ହୋଇଯାଇଥିଲେ । ଏହି ଘଟଣାରେ ଜୁଆଣିଆ ତଥା ଆଖପାଖ ଅଞ୍ଚଳର କେହି ସମ୍ପୃକ୍ତ ଥିବା ସନ୍ଦେହ କରି ତଦନ୍ତ ଚଳାଇଥିଲା ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

## ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳର ଖବରଦାତା ସମ୍ମିଳନୀ
# ‘ଫେକ୍ ଆଇଡି କରି ହିନ୍ଦୁ ଯୁବତୀଙ୍କୁ ଫସାଉଛନ୍ତି ସଂଖ୍ୟାଲଘୁ ଯୁବକ’

**ବରୀ,୧୦।୧୦(ସ୍ୱ.ପ୍ର)**

ବରୀ ବ୍ଲକ ମିଳିମିଳାପୁର, ଉଦୟପୁର ଗ୍ରାମର ସଂଖ୍ୟାଲଘୁ ସମ୍ପ୍ରଦାୟର ଦୁଇଜଣ ଯୁବକ ଫେସ୍‌ବୁକ୍‌ରେ ହିନ୍ଦୁ ଯୁବକ ନାମରେ ଦୁଇଟି ଫେକ୍ ଆଇଡି ଖୋଲି ହିନ୍ଦୁ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ସ୍ଥାପନ କରୁଥିବା ଓ ପରେ ସେମାନଙ୍କୁ ଅପହରଣ କରି ବ୍ଲାକମେଲିଂ କରୁଥିବା ନେଇ ଅଭିଯୋଗ ହୋଇଛି। ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ବୁଧବାର ସନ୍ଧ୍ୟାରେ ବରୀ ମାଉଣ୍ଡସ୍ଥିତ ଡାକବଙ୍ଗଳା ପରିସରରେ ଖବରଦାତା ସମ୍ମିଳନୀ କରାଯାଇ ଏ ସମ୍ପର୍କରେ କୁହାଯାଇଛି। ସମ୍ପୃକ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟର ୨ ଯୁବକଙ୍କ ମଧ୍ୟରୁ ଜଣେ ସ୍ଥାନୀୟ ଅଲ୍ଲୀପୁର ଗ୍ରାମର ଏକ ହିନ୍ଦୁ ପରିବାର ସହିତ ସମ୍ପର୍କ ଯୋଡ଼ିଥିଲେ। ଏହାପରେ ତାଙ୍କ ଘରକୁ ଯିବାଆସିବା କରିବା ସହିତ ତାଙ୍କ ଝିଅ ସହିତ ପ୍ରେମ ସମ୍ପର୍କ ସ୍ଥାପନ କରିଥିବା ବରୀ ଥାନାରେ ଅଭିଯୋଗ ହୋଇଛି। ଏପରିକି ସମ୍ପୃକ୍ତ ଯୁବକ ବିବାହିତ ଓ ତାଙ୍କର ୨ଟି ସନ୍ତାନ ଥିବା ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ କୁହାଯାଇଛି। ମାତ୍ର ଏନେଇ ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଜିଲା ଆରକ୍ଷୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ବିଶ୍ୱ ହିନ୍ଦୁ ପରିଷଦର କାର୍ଯ୍ୟକାରୀ ସଭାପତି ଅକ୍ଷୟ ବଳ, ଯାଜପୁର ଜିଲା ସଂଯୋଜକ ସମୀର କୁମାର ନାୟକ, ବଜରଙ୍ଗ ଦଳର କେନ୍ଦ୍ରପଡ଼ା ବିଭାଗ ପ୍ରମୁଖ ଅରବିନ୍ଦ ଦାସ, ଦେବୀ ପାଣି ପ୍ରମୁଖ ପ୍ରକାଶ କରିଛନ୍ତି।

## ■ ଇମାମି ସିମେଣ୍ଟ କାରଖାନାରେ ନିଯୁକ୍ତି, ପ୍ରଦୂଷଣ ପ୍ରସଙ୍ଗ
# ତ୍ରିପାକ୍ଷିକ ଆଲୋଚନା ବିଫଳ

■ଅନୁପସ୍ଥିତ ରହିଲେ ଇମାମି ଅଧିକାରୀ
■୧୪ରେ ପୁଣି ବସିବ ବୈଠକ

**ଯାଜପୁର ଅଫିସ/କଳିଙ୍ଗନଗର (ଡି.ଏନ୍.ଏ.),୧୦।୧୦**

କଳିଙ୍ଗନଗରରେ ସିମେଣ୍ଟ କାରଖାନାର ଆଗମନ ପରେ ପ୍ରଦୂଷଣ ସମସ୍ୟା ଉତ୍କଟ ହୋଇଛି। ଇମାମି ସିମେଣ୍ଟ କାରଖାନା ଉତ୍ପାଦନକ୍ଷମ ହେବା ପରେ ଆଖପାଖ ଅଞ୍ଚଳବାସୀ ସିମେଣ୍ଟ ଗୁଣ୍ଡରେ ରୁନ୍ଧି ହେଉଛନ୍ତି। ଏଭଳିସ୍ଥିତିରେ ଜମିହରାଙ୍କୁ ଯୋଗ୍ୟତା ଅନୁଯାୟୀ ସ୍ଥାୟୀ ନିଯୁକ୍ତି ଓ ପ୍ରଭାବିତ ଗ୍ରାମବାସୀଙ୍କୁ ଠିକାଦାରଙ୍କ ନିକଟରେ ଠିକା ଶ୍ରମିକ ଭାବେ ନିଯୁକ୍ତି ଦାବି ନେଇ ମାନତିରା ଗ୍ରାମବାସୀ ଅଣ୍ଟା ଭିଡ଼ିଛନ୍ତି। ଏହି ମର୍ମରେ ଇମାମି ସିମେଣ୍ଟ କାରଖାନାର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ବୁଧବାର ଏକ ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ ସହ ଧାରଣା ଦିଆଯାଇଥିଲା। ତେବେ ଗୁରୁବାର ଏନେଇ ଏଡିଏମ୍‌ଙ୍କ କାର୍ଯ୍ୟାଳୟରେ ଆଲୋଚନା କରାଯିବାକୁ ନିଷ୍ପତ୍ତି ହେବା ପରେ ଧାରଣା ହଟିଥିଲା। ସେହି କ୍ରମରେ ଗୁରୁବାର କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଭାବିତ ଗ୍ରାମବାସୀଙ୍କ ପ୍ରତିନିଧି ପହଞ୍ଚିଥିଲେ ସୁଦ୍ଧା ଇମାମି ସିମେଣ୍ଟ କାରଖାନା କର୍ତ୍ତୃପକ୍ଷଙ୍କ ଅନୁପସ୍ଥିତ କାରଣରୁ ଆଲୋଚନା ବିଫଳ ହୋଇଛି। ଆସନ୍ତା ୧୪ତାରିଖରେ ପରବର୍ତ୍ତି ବୈଠକ କରିବାକୁ ନିଷ୍ପତ୍ତି ହୋଇଛି। ମେସର୍ସ ଇମାମି ସିମେଣ୍ଟ ଲିମିଟେଡ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳ ଦାସମାନିଆଠାରେ ସିମେଣ୍ଟ ଗ୍ରାଇଣ୍ଡିଂ ମିଲ୍ ପ୍ରତିଷ୍ଠା ହୋଇଛି। ଏଥିପାଇଁ ସମୁଦାୟ ୭୦.୫୦ଏକର ଜମି ଲିଜ୍ ସୂତ୍ରରେ ନିଆଯାଇଛି। ଏଥିରେ ୬୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କ ଜମି ଯାଇଛି । ବର୍ଷକୁ ୨.୦ ମିଲିୟନ ଟନ୍ ପୋର୍ଟଲ୍ୟାଣ୍ଡ ପୋଯୋଲୋନା ସିମେଣ୍ଟ(ପିପିସି), ପୋର୍ଟଲ୍ୟାଣ୍ଡ ଧାତୁ ଖାଦ(ପିଏସ୍‌ସି) ଏବଂ ସାଧାରଣ ପୋର୍ଟଲ୍ୟାଣ୍ଡ ସିମେଣ୍ଟ(ଓପିସି) ଉତ୍ପାଦନ ଆରମ୍ଭ କରିଛି। ଏହି ପ୍ରକଳ୍ପର ସମୁଦାୟ ମୂଲ୍ୟ ୪୦୧କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ ହୋଇଥିଲା। ପ୍ରକଳ୍ପର ନିର୍ମାଣ ଅବଧି ସମୟରେ ପ୍ରାୟ ୪୫୦ ଜଣ କର୍ମଚାରୀ ନିୟୋଜିତ ହେବେ ଏବଂ ୫୮ଜଣ ସ୍ଥାୟୀ କର୍ମଚାରୀ ନିଯୁକ୍ତି ପାଇବେ ବୋଲି ଜନଶୁଣାଣିରେ ଘୋଷଣା କରାଯାଇଥିଲା। ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥା, ଜଳ ପ୍ରଦୂଷଣ, ବୃତ୍ତିଗତ ସ୍ୱାସ୍ଥ୍ୟ, ପରିବେଶୀୟ ପରିମାପ ଓ ସବୁଜ ବଳୟର ଉନ୍ନତିକରଣ ପାଇଁ ପ୍ରାୟ ୧୩ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ଦର୍ଶାଯାଇଥିଲା । ଏହାସହ ଶିକ୍ଷା, ପାନୀୟଜଳ, ସଡକ ସୁବିଧା, ସ୍ୱାସ୍ଥ୍ୟ ଆଦି ଯୋଜନାରେ ୨୦୦୫ କୋଟି ଟଙ୍କା ଖର୍ଚ୍ଚ କରିବ ବୋଲି ଜନଶୁଣାଣିରେ କୁହାଯାଇଥିଲା । କିନ୍ତୁ ଏହିସବୁ ଏବେ ଧୂଆଁବାଣ ହୋଇଛି। ମାନତିରା ଗ୍ରାମର ଲୋକଙ୍କ ଅଭିଯୋଗ ଅନୁସାରେ ପ୍ରଭାବିତ ଓ କ୍ଷତିଗ୍ରସ୍ତ ଲୋକଙ୍କୁ ଉପଯୁକ୍ତ ନିଯୁକ୍ତି ମିଳିନାହିଁ । କାରଖାନା କର୍ତ୍ତୃପକ୍ଷଙ୍କ ସହ ନିଯୁକ୍ତି ଦେବା ନିମନ୍ତେ ଚୁକ୍ତିପତ୍ର ସ୍ୱାକ୍ଷରିତ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କୁ ନିଯୁକ୍ତି ଦିଆଯାଇନାହିଁ। ମିଥ୍ୟା ପ୍ରତିଶ୍ରୁତି ବାରମ୍ବାର ଦିଆଯାଉଛି। ପ୍ରଦୂଷଣ ପାଇଁ ଆବଶ୍ୟକ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରି ନ ଥିବାରୁ ଗ୍ରାମର କୁଅ ଓ ପୋଖରୀଗୁଡ଼ିକରେ ବିଭିନ୍ନ ରାସାୟନିକ ପଦାର୍ଥ ପଡି ପାଣି ବ୍ୟବହାର ଅନୁପଯୋଗୀ ହୋଇଛି । କାରଖାନା ପରିସରରୁ ବର୍ଷା ଜଳ ଓ ଛିଣ୍ଡା ଅଖା ଚାଷ ଜମିକୁ ପ୍ରଭାବିତ କରୁଛି । ଧାନ ଉତ୍ପାଦନ ଠିକ ଭାବେ ହେଉନାହିଁ। ଜମିହରା ଏବଂ ଗ୍ରାମବାସୀଙ୍କୁ ପ୍ରକଳ୍ପରେ ଠିକା କାର୍ଯ୍ୟ ଦିଆଯାଉନାହିଁ । ମେଡିକାଲ ପରୀକ୍ଷା, ମାନତିରା ଗ୍ରାମକୁ ପୌଷ୍ୟ ଗ୍ରାମ ଭାବେ ଗ୍ରହଣ କରିବା, ଗ୍ରାମ୍ୟ ରାସ୍ତାରେ ଆଲୋକ ବ୍ୟବସ୍ଥା, ମହିଳାମାନଙ୍କ ପାଇଁ ସିଲାଇ କେନ୍ଦ୍ର ଓ କମ୍ୟୁନିଟି ସେଣ୍ଟର ସ୍ଥାପନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ହେଲେ ଜିଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ଦାବିଗୁଡିକୁ ଉପେକ୍ଷା କରି କେତେକ ପ୍ରଭାବଶାଳୀ ରାଜନେତାଙ୍କ ଇଙ୍ଗିତରେ କାର୍ଯ୍ୟ କରୁଛନ୍ତି । ଫଳରେ ପ୍ରଭାବିତ ଅଞ୍ଚଳବାସୀଙ୍କ ମଧ୍ୟରେ ପୁଞ୍ଜିଭୂତ ଅସନ୍ତୋଷ ଆନ୍ଦୋଳନର ରୂପ ନେଉଛି । ଏହିସବୁ ଦାବିଗୁଡିକ ଉପରେ ଗୁରୁବାର କଳିଙ୍ଗନଗର ଏଡିଏମ କାର୍ଯ୍ୟାଳୟରେ ଏକ ବୈଠକ କରିବାକୁ ନିଷ୍ପତ୍ତି ହୋଇଥିଲେ ହେଁ ଇମାମି କର୍ତ୍ତୃପକ୍ଷ ଅନୁପସ୍ଥିତ ରହିବାରୁ ପରବର୍ତ୍ତି ବୈଠକକୁ ୧୪ ତାରିଖକୁ ସ୍ଥିର ହୋଇଛି । ଗୁରୁବାର ବୈଠକରେ ପ୍ରଶାସନ ପକ୍ଷରୁ ଏଡିଏମ୍ ସନ୍ତୋଷ କୁମାର ମିଶ୍ର, କଳିଙ୍ଗନଗର ଅତିରିକ୍ତ ଏସ୍‌ପି ରାଜକିଶୋର ଦୋରା ଓ ଯଖପୁରା ଆଇଆଇସି ଲକ୍ଷ୍ମଣ କୁମାର ଦଣ୍ଡସେନା ଏବଂ ଗ୍ରାମବାସୀଙ୍କ ପକ୍ଷରୁ କିଶୁଚରଣ ସିଂ, ରମେଶ ଚନ୍ଦ୍ର ସିଂ, ସୁନୀଲ କୁମାର ସାମଲ, ସନ୍ତୋଷ କୁମାର ନାୟକ ଓ ପ୍ରଭାସ କୁମାର ସିଂ ଉପସ୍ଥିତ ଥିଲେ ।


କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକ ।

## ୧୭ରେ ଜିଓ ବିରୋଧରେ ବିକ୍ଷୋଭ

**ଯାଜପୁର ଟାଉନ,୧୦।୧୦(ଡିଏନଏ)**

ଜିଓ ଓ ଟ୍ରାଇର ମନମାନି ନିଷ୍ପତ୍ତି ନେଇ ଓଡ଼ିଶା ନାଗରିକ ସୁରକ୍ଷା ସଂଗ୍ରାମ ମହାମଞ୍ଚ ପକ୍ଷରୁ ପ୍ରତ୍ୟେକ ଜିଲା ସଦର ମହକୁମାରେ ଆସନ୍ତା ୧୭ତାରିଖ ଏକ ବିକ୍ଷୋଭ ପ୍ରଦର୍ଶନ କରାଯିବା ପାଇଁ ମହାମଞ୍ଚର ରାଜ୍ୟ ସଂଯୋଜକ ପଦ୍ମାକର ଗୁରୁ ଘୋଷଣା କରିଛନ୍ତି। ଗୁରୁବାର ସ୍ଥାନୀୟ ଅଫିସର୍ସ କ୍ଲବ ପରିସରରେ ଏକ ଖବରଦାତା ସମ୍ମିଳନୀ କରି ଜିଓର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା କହିଥିଲେ। ଜାଗୋ ଗ୍ରାହଗ ଜାଗୋ ଆହ୍ୱାନ ଦେଇ ପ୍ରତି ଜିଲା ସଦର ମହକୁମାରେ ଜିଓ ଓ ଟ୍ରାଇ ବିରୋଧରେ ୧୭ତାରିଖ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ରାଜଧାନୀରେ ମଧ୍ୟ ଏକ ବଡ଼ଧରଣ ବିକ୍ଷୋଭ କରାଯିବ ବୋଲି ଗୁରୁ ପ୍ରକାଶ କରିଛନ୍ତି । ଜିଓ କର୍ତ୍ତୃପକ୍ଷ ଅଚାନକ ଭାବେ ଜିଓ ନେଟୱାର୍କରୁ ଅନ୍ୟ ନେଟ୍‌ୱାର୍କକୁ କଲ୍ ପ୍ରତି ମିନିଟ୍ ପିଛା ୬ପଇସା ଗଣିବାକୁ ପଡ଼ିବ ବୋଲି ଘୋଷଣା କରିଛନ୍ତି। ଯାହାକି ଦେଶର କୋଟି କୋଟି ଜିଓ ଗ୍ରାହକଙ୍କ ପ୍ରତି ଏହା ଚରମ ଧୋକା ଓ ପ୍ରତାରଣା ବୋଲି ରାଜ୍ୟ ସଂଯୋଜକ ଗୁରୁ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବିଏସ୍‌ଏନ୍‌ଏଲ୍ ୪ଜି ସେବା ଲୋକଙ୍କୁ ସୁବିଧାରେ ଯୋଗାଇବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ହୋଇଛି।


**ପୂର୍ବ ତଟ ରେଳପଥ**

**ଭୁବନେଶ୍ୱର ଷ୍ଟେସନ ଠାରେ ପେ ଆଣ୍ଡ୍ ୟୁଜ୍ ଶୌଚାଳୟ ଗୁଡ଼ିକର ପରିଚାଳନା ଏବଂ ରକ୍ଷଣାବେକ୍ଷଣ**

ସଂ. SDCM/KUR/Pay & Use Toilet/BBS (PF.1&6)/2019, ତା: 03.10.2019

**ବିବରଣୀ :** ଭୁବନେଶ୍ୱର ରେଳ ଷ୍ଟେସନ ଠାରେ ପ୍ଲାଟ୍‌ଫର୍ମ ନଂ. 1 ଏବଂ 6 ସ୍ଥିତ "ପେ ଆଣ୍ଡ୍ ୟୁଜ୍ ଶୌଚାଳୟ" ର ପରିଚାଳନା ଏବଂ ରକ୍ଷଣାବେକ୍ଷଣ। **ଶୌଚାଳୟ:** 08 ସଂଖ୍ୟକ (ପ୍ଲାଟ୍‌ଫର୍ମ 1ରେ 04 ଟି ଏବଂ ପ୍ଲାଟ୍‌ଫର୍ମ 6 ରେ 04 ଟି), **ସ୍ନାନ ସୁବିଧା :** ପ୍ଲାଟ୍‌ଫର୍ମ 6ରେ 04 ଟି, **ପରିସ୍ରାଗାର :** ପ୍ଲାଟ୍‌ଫର୍ମ 6 ରେ 07 ଟି (ପୁରୁଷଙ୍କ ପାଇଁ - 04 ଟି ଏବଂ ମହିଳାଙ୍କ ପାଇଁ - 03 ଟି)।

**05 ବର୍ଷ ପାଇଁ ମୋଟ୍ ସଂରକ୍ଷଣ ମୂଲ୍ୟ (ଟଙ୍କାରେ) :** 23,78,580.00, **EMD :** ₹ 2,37,900.00, **ଟେଣ୍ଡର କାଗଜପତ୍ରର ମୂଲ୍ୟ :** ₹ 3,540.00, **କାର୍ଯ୍ୟ ସମାପ୍ତିର ଅବଧି:** 05 (ପାଞ୍ଚ) ବର୍ଷ।

**ଟେଣ୍ଡର ଖୋଲା ହେବାର ତାରିଖ ଓ ସମୟ :** 20.11.2019 ର 1600 ଘଟିକା।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ)/ ଖୋର୍ଦ୍ଧା ରୋଡ୍

PR-420/K/19-20


## ■ ପର୍ଯ୍ୟଟନ ପର୍ବ ଅବସରରେ ଭଜନ କାର୍ଯ୍ୟକ୍ରମ
# ‘ପର୍ଯ୍ୟଟନ ସହ ଆର୍ଥିକ ବିକାଶ ଜଡ଼ିତ’

**ଯାଜପୁର ଟାଉନ,୧୦।୧୦(ଡିଏନଏ)**

ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟନ ପର୍ବ ପାଳିତ ହୋଇଛି । ଗୁରୁବାର ପୂର୍ବାହ୍ନରେ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ପର୍ବ ପାଳନ ଅବସରରେ ଏକ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଉଦ୍‌ଘାଟନ କରି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା ପର୍ଯ୍ୟଟନର ବିକାଶ ଯେ କୌଣସି ଅଞ୍ଚଳ ପାଇଁ ଏକ ଗୌରବର କଥା ବୋଲି କହିଥିଲେ। ପର୍ଯ୍ୟଟନ ସହ ଆର୍ଥିକ ବିକାଶ ଜଡିତ। ତେଣୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲା ଭଳି କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ଏବଂ ପର୍ଯ୍ୟଟନ ସ୍ଥଳଗୁଡିକୁ ଆକର୍ଷଣୀୟ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଭାରପ୍ରାପ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ପର୍ଯ୍ୟଟନ କ୍ଷେତ୍ରଗୁଡିକରେ ସ୍ୱଚ୍ଛତା, ସୁସ୍ଥ ପରିବେଶ ଓ ସୁରକ୍ଷା ବ୍ୟବସ୍ଥା ପ୍ରତି ଅଧିକ ଯତ୍ନବାନ ହେଲେ ଏହା ପର୍ଯଟକଙ୍କ ଆଗମନକୁ ଅଧିକ ସୁଗମ କରିବ। ଭଜନ ସମାରୋହ ମାଧ୍ୟମରେ ସମ୍ପୃକ୍ତ ଅଞ୍ଚଳଗୁଡିକର କଳାକାରଙ୍କ ପ୍ରତିଭା ଲୋକ ଲୋଚନକୁ ଆସିପାରିବ ବୋଲି କହିଥିଲେ। ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଭଜନ ଏକ ସାତ୍ତ୍ୱିକ ଓ ଭକ୍ତିମୟ ପରିବେଶ ସୃଷ୍ଟି କରିବା ସହିତ ନୂଆ ପ୍ରତିଭାବାନ କଳାକାରଙ୍କୁ ସୁଯୋଗ ମିଳିବ ବୋଲି କହିଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପର୍ଯ୍ୟଟନ ଅଧିକାରୀ ନୀରୋଜ କୁମାର ସାହୁ ଅତିଥିଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପର୍ଯ୍ୟଟନ ପର୍ବ ଅବସରରେ ଅନୁଷ୍ଠିତ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଛାତ୍ରୀ ଏଲିଜା ପ୍ରିୟଦର୍ଶିନୀ, ଦ୍ୱିତୀୟ ଅର୍ପିତା ପ୍ରିୟଦର୍ଶିନୀ ଓ ତୃତୀୟ ଇପସିତା ମିଶ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପର୍ଯ୍ୟଟନ ବିଭାଗର କର୍ମଚାରୀ ଅମର ପ୍ରସାଦ ଜେନା, ଦୟାନିଧି ବେହେରା, ବଂଶୀଧର ସେଠୀ, ସୁଶାନ୍ତ ଗୋଚ୍ଛାୟତ, ଅଜିତ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।


ପର୍ଯ୍ୟଟନ ପର୍ବ ପାଳନ ଅବସରରେ ମଞ୍ଚରେ ଉପସ୍ଥିତ ଅତିଥି ।

# ଟ୍ରାଫିକ ଥାନାଧିକାରିଣୀଙ୍କୁ ଟେକାମାଡ଼ ଘଟଣା: ଦୁଇ କୋର୍ଟ ଚାଲାଣ

**ଚଣ୍ଡିଖୋଲ,୧୦।୧୦(ଡି.ଏନ.ଏ)**

ଚଣ୍ଡିଖୋଲ ଟ୍ରାଫିକ ଥାନାଧିକାରିଣୀ ବିଜୟିନୀ ମଲ୍ଲଙ୍କୁ ମଙ୍ଗଳବାର ରାତିରେ ଢେଲା ମାଡ଼ କରିଥିବା ଅଭିଯୋଗରେ ବଡ଼ଚଣା ପୋଲିସ ଗୁରୁବାର ଦୁଇଜଣଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ପଞ୍ଚାୟତ ମିଲତନଗର ବସ୍ତିର ସେକ ରିଜୁଆନ ଅଲ୍ଲୀ ଓ ସେକ ସରିଫୁଲ୍ଲା ହକ୍। ପ୍ରକାଶ ଯେ, ଦଶହରା ରାତିରେ ଚଣ୍ଡିଖୋଲ ଟ୍ରାଫିକ ଥାନାଧିକାରିଣୀ ଦୁର୍ଗା ମଣ୍ଡପଠାରୁ ୩ଶହ ମିଟର ଦୂରରେ ଗାଡ଼ି ଯାଞ୍ଚ କରୁଥିଲେ। ଫଳରେ ମା'ଙ୍କୁ ଦର୍ଶନ କରିବାକୁ ଯାଉଥିବା ଲୋକଙ୍କ ମଧ୍ୟରୁ ଅନେକ ହଟହଟା ହୋଇ ଜରିମାନା ଗଣିଥିଲେ। ଏହି ସମୟରେ ସେକ ରିଜୁଆନ ଓ ସେକ ସରିଫୁଲ୍ଲା ଏକ ବାଇକ୍‌ରେ ଆସି ଧରାପଡ଼ିଥିଲେ। ସେମାନଙ୍କ ବିରୋଧରେ ଜରିମାନା କଟା ଯାଇଥିଲା। ତେଣୁ ଯାଞ୍ଚ ଦାୟିତ୍ୱରେ ଥିବା କେତେଜଣ କର୍ମଚାରୀ ଉଭୟଙ୍କୁ ଗାଳିଗୁଲଜ କରିଥିଲେ। ଏହାର କିଛି ସମୟ ପରେ ଏକ ଢେଲା ଆସି ଟ୍ରାଫିକ ଥାନାଧିକାରିଣୀଙ୍କ ମୁଣ୍ଡରେ ବାଜିଥିଲା। ସେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ଏହାପରେ ଥାନା ତରଫରୁ ବଡ଼ଚଣା ଥାନାରେ ଏକ ମାମଲା (ନଂ.୨୨୮/୧୯) ରୁଜୁ ହେଲା ପରେ ଉଭୟଙ୍କୁ ବୁଧବାର ପୋଲିସ ଆଣି ଅଟକ ରଖିଥିଲା। ଗୁରୁବାର ସେମାନଙ୍କୁ ପୋଲିସ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିବା ପରେ ସେମାନଙ୍କର ଜାମିନ ନାମଞ୍ଜୁର ହେବାରୁ ରଗଡ଼ି ସବଜେଲକୁ ପଠାଇ ଦିଆ ଯାଇଛି।

# ଦୁର୍ନୀତି, ଅନିୟମିତତାର ଗନ୍ତାଘର ମନ୍ଦାରୀ

**ବରୀ,୧୦।୧୦(ସ୍ୱ.ପ୍ର)**

**ମନ୍ଦାରୀ ପଞ୍ଚାୟତ**

■ତଦନ୍ତ ଆଳରେ ପ୍ରଶାସନ ଅନିୟମିତତାକୁ ଚାପି ଦେଉଥିବା ଅଭିଯୋଗ

ଯାଜପୁର ଜିଲା ବରୀ ବ୍ଲକ ମନ୍ଦାରୀ ପଞ୍ଚାୟତ ୪ଟି ରାଜସ୍ୱ ଗ୍ରାମ ଓ ୧୨ଟି ୱାର୍ଡକୁ ନେଇ ଗଠିତ। ୨୦୧୭ ପଞ୍ଚାୟତ ନିର୍ବାଚନ ପରଠାରୁ ଏହି ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହେଉଥିବା ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟରେ ମଧ୍ୟ ଅଭିଯୋଗ ହୋଇଛି। ତଦନ୍ତ ନାଁରେ ପ୍ରଶାସନ ଅନିୟମିତତାକୁ ଚାପି ଦେଉଥିବା ଗ୍ରାମବାସୀଙ୍କ ପକ୍ଷରୁ ଚିତ୍ତରଞ୍ଜନ ଜେନା, ଶ୍ରୀକାନ୍ତ ଜେନା, ନିର୍ମଳ ଜେନା, ଭରତ ମଲ୍ଲିକ୍, ସୁରଥ ଜେନା, କମଳାକାନ୍ତ ମହାରଣା, ଉପେନ୍ଦ୍ର ଜେନା ପ୍ରମୁଖ ପ୍ରକାଶ କରିଛନ୍ତି। ଏନେଇ ଗୁରୁବାର ରାଜ୍ୟ ପଞ୍ଚାୟତିରାଜ ବିଭାଗ ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିବା ଅଭିଯୋଗକାରୀମାନେ କହିଛନ୍ତି। ତଦନ୍ତ କରାଯାଇ ଅନିୟମିତତାକୁ ଲୋକଲୋଚନକୁ ନ ଆଣିଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଜଣାଯାଇଛି ଯେ, ପ୍ରକୃତ ହିତାଧିକାରୀଙ୍କୁ ଏହି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ମିଳୁନାହିଁ। ଦୋ ମହଲା, ତିନି ମହଲା କୋଠା ଥିବା ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ମିଳୁଥିବା କାଗଜକଲମରେ ଦର୍ଶାଯାଇଛି। ଗୃହ ନ କରି କୋଠାଘରକୁ ଦେଖାଇ ବିଲ୍ ହଡ଼ପ କରିନିଆଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ମୀରା ବେୱା, ବୁଧ ଯେନା, ବାନାମ୍ବର ମଲ୍ଲିକ୍, ନୃସିଂହ ଦାସ, ଗୌତମ ମଲ୍ଲିକ୍, ଅଲେଖ ଜେନା, ଆର୍ତ୍ତବନ୍ଧୁ ଜେନା, ଶ୍ରୀକାନ୍ତ ମଲ୍ଲିକ୍, ପାଣ୍ଡବ ବେହେରା, ଦେବ ମଲ୍ଲିକ୍ ପ୍ରମୁଖ ହିତାଧିକାରୀ ହୋଇଥିଲାବେଳେ ଏମାନଙ୍କୁ ତାଲିକାରୁ କାଟି ଦିଆଯାଇଛି। ଫଳରେ ପ୍ରକୃତ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଆର୍‌ଡି ରାସ୍ତା ପାଖରୁ ଗଉରା ସାହି ପର୍ଯ୍ୟନ୍ତ ନକ୍ସାରେ ରାସ୍ତା ରହିଥିଲାବେଳେ ୧୦୦ମିଟର ରାସ୍ତାକୁ ଢଳେଇ କରାଯାଉ ନାହିଁ। ଏନେଇ ଗ୍ରାମବାସୀଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି। ୨୦୦୯ରୁ ନିର୍ମାଣଧୀନ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଅଦ୍ୟାବଧି ନିର୍ମାଣ ଚାଲିଛି। ଏଥିରେ ୨୬ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଥିଲାବେଳେ ଏହି ସେବା କେନ୍ଦ୍ର ଏଯାବତ୍ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ପଞ୍ଚାୟତ କାର୍ଯ୍ୟାଳୟ ଦିନଟିଏ ଖୋଲାଯାଉ ନାହିଁ। ସରପଞ୍ଚଙ୍କ ଘରେ ପଞ୍ଚାୟତ କାର୍ଯ୍ୟାଳୟ ଚାଲୁଥିବା ଅଭିଯୋଗ ହୋଇଛି। ପଲ୍ଲୀ ସଭା, ଗ୍ରାମ ସଭା କାଗଜ କଲମରେ ହେଉଛି। ପଞ୍ଚାୟତକୁ ଆସୁଥିବା ଉନ୍ନୟନ କାର୍ଯ୍ୟ ନାଁରେ ଦଳୀୟ ଭିତ୍ତିରେ ଅର୍ଥ ହଡ଼ପ ହୋଇଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଲାଞ୍ଚ ନ ଦେଲେ କୌଣସି କାର୍ଯ୍ୟ ହେଉ ନ ଥିବା ଅଭିଯୋଗ ହୋଇଛି। କୃଷି ସେବା ସମବାୟ ସମିତିକୁ ୧୯୯୫ ମସିହାରେ ଦୁର୍ବୃତ୍ତମାନେ ପୋଡ଼ି ଦେଇଥିଲାବେଳେ ଏଯାବତ୍ କୋର୍ଟରେ ଉକ୍ତ ମାମଲା ବିଚାରାଧୀନ ରହିଛି। ଏହି କାର୍ଯ୍ୟାଳୟ ଏବେ ଭଗ୍ନାବସ୍ଥାରେ ପଡ଼ି ରହିଛି। ଗୁହାଳ ଯୋଜନାରେ ପାତରଅନ୍ତର କରାଯାଇ ଅର୍ଥ ହଡ଼ପ କରି ନିଆଯାଇଛି। ଏସବୁକୁ ତଦନ୍ତ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ସରପଞ୍ଚ କବିତା ପଣ୍ଡାଙ୍କୁ ପଚାରିବାରୁ ଅଭିଯୋଗଗୁଡ଼ିକରେ ସତ୍ୟତା ନାହିଁ ବୋଲି କହିଛନ୍ତି। ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ପଚାରିବାରୁ ଅଭିଯୋଗ ମିଳିଛି, ତଦନ୍ତ କରାଯିବ ବୋଲି କହିଛନ୍ତି।


CLASSIFIED DISPLAY

ଏମିତ ପାଠ ପଢନ୍ତୁ ଯେଉଁ ପାଠ ଆପଣଙ୍କୁ ରୋଜଗାରକ୍ଷମ କରିପାରିବ
Bhava Institute Of Medical Science & Research
ରେ ଖୋଲିଛି ସମ୍ପୂର୍ଣ୍ଣ ରୋଜଗାରକ୍ଷମ ପାଠ୍ୟକ୍ରମ
DIPLOMA PROGRAMME: GNM (Nursing), ANM (Nursing), DMRT (X-Ray), DMLT (Pathology) — ELIGIBILITY : +2 PASS
CERTIFICATE PROGRAMME: MEDICAL LAB TECH., X-RAY TECH, O.T TECH, WARD TECH, DIALYSIS TECH — ELIGIBILITY : MATRIC PASS
ପାରା ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୨୯ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15,
Phone : 0674 - 2553122, 9040009727, 8456845313 (M)

ଶ୍ରବଣ ସମସ୍ୟା?
Free Hearing Check-up Camp (Going on at all Audizone Centres)
Exchange Offer ■ EMI Facility ■ Attractive Discount
ଶ୍ରବଣ ଯନ୍ତ୍ର DIGITAL HEARING AID
signia Life sounds brilliant. SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY (ISO 9001 : 2015 CERTIFIED) Estd.2000
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

ବଶୀକରଣ କବଚ
ପଞ୍ଚଧାତୁରେ ନିର୍ମିତ ସ୍ୱର୍ଣ୍ଣପଲିଶ୍ ଯୁକ୍ତ "ସିଦ୍ଧ ବଶୀକରଣ କବଚ"କୁ ପିନ୍ଧିବା ଦ୍ୱାରା ପଥରମନା ସ୍ତ୍ରୀ-ପୁରୁଷ, ଅଧିକାରୀ, ବ୍ୟବସାୟୀ, ଶତ୍ରୁ ସମସ୍ତେ ଆପଣଙ୍କ ଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କ ଇଚ୍ଛା ଅନୁଯାୟୀ କାମ କରିବେ। ବ୍ୟବସାୟରେ ସଫଳତା, ମନପସନ୍ଦ ବିବାହ, ପ୍ରେମ ଓ ମଧୁର ସମ୍ପର୍କ ପାଇଁ "ସିଦ୍ଧ ବଶୀକରଣ କବଚ" କୁ ଘରେ ବସି ମାତ୍ର ₹630/- ରେ ମଗାନ୍ତୁ। ଏବେ ହିଁ ଅର୍ଡର କରନ୍ତୁ ଏବଂ ଡେଲିଭରୀ ମିଳିବା ପରେ ପେମେଣ୍ଟ କରନ୍ତୁ ।
୧୦ ବର୍ଷ ଧରି ଲକ୍ଷାଧିକ ସନ୍ତୁଷ୍ଟ ଓ ସୁଖୀ ଲୋକଙ୍କ ବିଶ୍ୱାସର ପ୍ରତୀକ
VEDANG SANSTHAN 9312010073
RZG-95A, MAHAVIR ENCLAVE, NEW DELHI-110045
ଅର୍ଡର କରନ୍ତୁ- ସକାଳ ୫ରୁ ରାତି ୫ ଘଟିକା ପର୍ଯ୍ୟନ୍ତ।

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

ଘରେ ଘରେ ପରିଚିତ ସୁଗନ୍ଧ ବାସ୍ନା ସହ ସମସ୍ତଙ୍କର ପ୍ରିୟ
ଗୁପ୍ତଗଙ୍ଗା ଅଗରବତୀ
ଓଡିଶାର No.1 ଅଗରବତୀ
ଆମ କମ୍ପାନିରୁ ଅଗରବତୀ ମେସିନ କିଣି ମାସକୁ ୧୫ ରୁ ୨୦ ହଜାର ଟଙ୍କା ରୋଜଗାର କରନ୍ତୁ
M/S RADHAMADHAB INDUSTIES, KEONJHAR MOB : 9937608757



ପ୍ରାତଃ କାଳରେ ଦୀର୍ଘ ସମୟ ପ୍ରାର୍ଥନାରେ ବସି ସୁଦ୍ଧା ଦିବସଯାକ ମିଥ୍ୟା,
ହିଂସା ଓ କୃପାର ବଶବର୍ତ୍ତୀ ହେବା ବ୍ୟକ୍ତି ପ୍ରଭୁଭକ୍ତ ହୋଇପାରେ ନାହିଁ।
- ସାମବେଦ



## ସଂକ୍ଷେପରେ

### ଜିଲାପାଳଙ୍କ ଲିଖିତ ଭଜନ ସିଡ଼ୀ ଉନ୍ମୋଚିତ

**ଯାଜପୁର ଟାଉନ,୧୦।୧୦(ଡିଏନଏ):** ପବିତ୍ର ବିଜୟା ଦଶମୀ ଅବସରରେ ମା' ବିରଜାଙ୍କ ଉପରେ ଆଧାରିତ 'ଦ୍ୱିଭୁଜା ମା' ବିରଜା' ସିଡୀ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂନ୍ୟତୋୟା ପ୍ରଡକସନ ନିବେଦିତ ଏହି ଭକ୍ତିପୂର୍ଣ୍ଣ ଭଜନ ଆଲବମର ସମସ୍ତ ଗୀତ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ରଚନା କରିଛନ୍ତି। ଉନ୍ମୋଚନ ଉତ୍ସବରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଶାର ଆଗଧାଡିର କଣ୍ଠଶିଳ୍ପୀ ତଥା ଏହି ଆଲବମର କଣ୍ଠଶିଳ୍ପୀ ଅସୀମା ପଣ୍ଡା, ଶ୍ରୀଚରଣ ମହାନ୍ତି, ମାନସୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ରାଷ୍ଟ୍ରୀୟ ସେବା ଯୋଜନା ଶିବିର ଉଦ୍‌ଘାଟିତ

**ଧର୍ମଶାଳା,୧୦।୧୦(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଉତ୍ତରପ୍ରତାପ ପଞ୍ଚାୟତ ନରସିଂହପୁରସ୍ଥିତ ଦଧିବାମନ ଜୀଉ ସଂସ୍କୃତ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ସେବା ଯୋଜନାର ବିଶେଷ ସେବା ଶିବିର ଉଦ୍‌ଘାଟିତ ହୋଇଯାଇଛି। ୭ ଦିନ ବ୍ୟାପୀ ହେବାକୁ ଥିବା ଏହି ଶିବିରକୁ କଲେଜ ଅଧକ୍ଷ କୃଷ୍ଣଚନ୍ଦ୍ର ପାତ୍ର ଉଦ୍‌ଘାଟନ କରଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ସେବାକ୍ଷେତ୍ରରେ ନିୟୋଜିତ ହେବାକୁ ପରାମର୍ଶ ଦେଇଥିଲେ। ଶିବିରରେ ସ୍ୱଚ୍ଛଭାରତ ଅଭିଯାନ, ଚାରାରୋପଣ, ମିଣ୍ଟ୍ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ, ସ୍ୱାସ୍ଥ୍ୟ ପରୀକ୍ଷା, ସ୍ୱାସ୍ଥ୍ୟ ସଚେତନତା, ଗାନ୍ଧୀଙ୍କ ନୀତି ଆଦର୍ଶ ସମ୍ବନ୍ଧରେ ପ୍ରବନ୍ଧ, ବକ୍ତୃତାମାଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପାତ୍ର ସୂଚନା ଦେଇଛନ୍ତି। ପ୍ରାକ୍ତନ ସମିତି ସଭ୍ୟ ଭାଗ୍ୟଧର ସେଠୀ, ଅଧାପିକା ସୁଜାତା ଦାସ, ମନ୍ଦାକିନୀ ରାଉତ, ପ୍ରମିଳା ଦାଶ, ଗିରିଧାରୀ ପଣ୍ଡା, ସୁରେଶ ଚନ୍ଦ୍ର ଲେଙ୍କା, ପ୍ରଶାନ୍ତ କୁମାର ପଣ୍ଡା, ଅକ୍ଷୟ ତରାଇ ଓ ଉଦୟ ତରାଇ ପ୍ରମୁଖ ଯୋଗ ଦେଇ ବିଭିନ୍ନ ଯୋଜନା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଅଲଣୀ ସାହୁ ପାଟଣାର ମାକୁଆଁଶ ମଙ୍ଗଳା ୟୁଥ୍ କ୍ଲବ ଓ ନରସିଂହପୁରର ବିବେକାନନ୍ଦ ଯୁବକ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଗୌରିଶଙ୍କର ମିଶ୍ର ଶିବିର ପରିଚାଳନା କରିଥିଲେ।

### ବିଭିନ୍ନ ସ୍ଥାନରେ ମା'ଙ୍କ ଭସାଣି ଉତ୍ସବ

**ଧର୍ମଶାଳା,୧୦।୧୦(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ମା' ଦୁର୍ଗାଙ୍କ ଭସାଣି ଉତ୍ସବ ପାଳିତ ହୋଇଛି। ଏ ନେଇ ସନ୍ଧ୍ୟାରେ ବିଭିନ୍ନ ପୂଜା କମିଟି କର୍ତ୍ତା ବିଭିନ୍ନ ବାଦ୍ୟଯନ୍ତ୍ର ଓ ବାଣରେ ଫୁଟାଇ ମସ୍‌ଗୁଲ୍ ହୋଇଥିଲେ। ବ୍ଲକର ଜାରକା ବଜାର, ଧର୍ମଶାଳା ବଜାର, ସାରୋଇ, ଆରୁହା, ଚାନ୍ଦମୋହିନୀ, ଉତ୍ତରପ୍ରତାପ, ଜଳେଶ୍ୱରପୁର, ନୀଳକଣ୍ଠପୁର, କାଏମା, ମର୍ଜିତାପୁର, ଜେନାପୁର, ମୁକୁନ୍ଦପୁର, ବଳରାମପୁର ତଳଗଡଠାରେ ନିକଟସ୍ଥ ନଦୀ ଓ ପୋଖରୀମାନଙ୍କରେ ବିସର୍ଜନ କରାଯାଇଥିଲା। ଭସାଣିକୁ ଶାନ୍ତି ଶୃଙ୍ଖଳାରେ ସମାପନ କରିବା ପାଇଁ ବିଭିନ୍ନ ପୂଜା କମିଟି ଓ ପୋଲିସ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଚଳିତ ବର୍ଷ ପାଗ ଅନୁକୂଳ ଥିବାରୁ ମଣ୍ଡପଗୁଡିକରେ ପ୍ରବଳ ଜନସମାବେଶ ହୋଇଥିଲା।

# ନିଲାମ ଘାଟରୁ ବେଆଇନ ବାଲି ଚାଲାଣ

**ରସୁଲପୁର,୧୦।୧୦(ଡି.ଏନ୍.ଏ.)**



ରସୁଲପୁର ତହସିଲ ଅଧିନରେ ଥିବା ବ୍ରାହ୍ମଣୀ ନଦୀର ଅଧିକାଂଶ ନିଲାମ ବାଲି ଘାଟରେ ପାଣି ପଶି ଯାଇଛି। ତେଣୁ ବାଲି ଉତ୍ତୋଳନ ଓ ପରିବହନ ସାମୟିକ ବନ୍ଦ ରହିଛି। ଏହି ସୁଯୋଗରେ ବାଲି ମାଫିଆମାନେ ନଦୀ ଗର୍ଭରେ ଥିବା ଉଚ୍ଚା ଓ କୁଦ ସ୍ଥାନକୁ ଟାର୍ଗେଟ କରିଛନ୍ତି। ବିଶେଷକରି ରସୁଲପୁର ବ୍ଲକ ଅନ୍ତର୍ଗତ ରାଜେନ୍ଦ୍ରପୁର ପଞ୍ଚାୟତର ବ୍ରାହ୍ମଣୀ ନଦୀରେ ଚାଲିଥିବା ରଣେଶ୍ୱରୀ ନିଲାମ ବାଲିଘାଟରୁ ବେଆଇନ ଭାବରେ ବାଲି ପରିବହନ ହେଉଥିବା ଅଭିଯୋଗ ହେଉଛି। ଆଉ ଏହି ଘାଟରୁ ଉଠାଯାଇଥିବା ଫଟୋରୁ ଅଭିଯୋଗର ସତ୍ୟତା ସ୍ପଷ୍ଟ ଭାବେ ପ୍ରମାଣିତ ହୋଇଯାଉଛି। ଲିଜ୍‌ଧାରୀ ଘାଟ ପରିଚାଳନାରେ ଆଇନକୁ ଖୋଲାଖୋଲି ଭାବରେ ଉଲ୍ଲଂଘନ କରୁଛନ୍ତି। ଏଠାରେ ବାଲି ଉତ୍ତୋଳନକାରୀମାନେ ଆବଶ୍ୟକ ଠାରୁ ଅଧିକ, ଅନୁମତି ନ ଥିବା ଯନ୍ତ୍ରାଂଶ ଓ ଭାରିଯାନ ସବୁ ବ୍ୟବହାର କରି ବାଲି ଉତ୍ତୋଳନ କରୁଛନ୍ତି। ଏଦିଗରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁ ନ ଥିବାରୁ ବାଲି ଚାଲାଣକାରୀମାନେ ମାଲେମାଲ ହେଉଥିବାବେଳେ ସରକାରୀ ରାଜସ୍ୱ ଆଦାୟ ବାଟବଣା ହୋଇଯାଇଛି। ବେଆଇନ ବାଲି ଉତ୍ତୋଳନକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସାଧାରଣରେ ଦାବି ହେଉଛି।

ଘଟଣାରୁ ପ୍ରକାଶ ଯେ, ୨୦୧୬-୧୭ ଆର୍ଥିକ ବର୍ଷରେ ରସୁଲପୁର ତହସିଲ ପକ୍ଷରୁ ରଣେଶ୍ୱରୀ ଘାଟକୁ ନିଲାମ ଦିଆଯାଇଛି। ଲଘୁ ଖଣିଜ ସମ୍ପଦ ଉତ୍ତୋଳନ ନିୟମ ଆଧାରରେ ବାଲି ଉତ୍ତୋଳନ କରିବାକୁ ନେଇ ଲିଜ୍‌ଧାରୀ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ବାଲି ପରିବହନରେ ଛୋଟ ଗାଡ଼ି ଯଥା ଟ୍ରାକ୍ଟର, ଟାଟା ଏସିଇ, ୪୦୭, ମିନିଟ୍ରକ ଆଦି ବ୍ୟବହାର କରାଯିବ। ଉକ୍ତ ଗାଡ଼ିକୁ ବାଲି ବୋଝେଇ କରିବା ପାଇଁ ଶ୍ରମିକଙ୍କୁ ନିଯୁକ୍ତି ଦିଆଯିବ। ଏଦିଗରେ କୌଣସି ମେଶିନ ବ୍ୟବହାର କରାଯିବ ନାହିଁ। ଏପରି କି ଆବଶ୍ୟକତାଠାରୁ ଅଧିକ ଗଭୀର ପର୍ଯ୍ୟନ୍ତ ବାଲି ଖୋଳା ଯାଇପାରିବ ନାହିଁ। ମାତ୍ର ଏଠାରେ ଏସବୁ ନିୟମକୁ ଖୋଲାଖୋଲି ଭାବରେ ଉଲ୍ଲଂଘନ କରାଯାଉଛି। ଲିଜ୍‌ଧାରୀ ସ୍ଥାନୀୟ ଅଞ୍ଚଳର କେତେକ ମାଫିଆଙ୍କୁ ଡାଲକରି ବାଲିଘାଟରେ ବ୍ୟବହୃତ ଗାଡ଼ିକୁ ବାଲି ବୋଝେଇ କରିବା ପାଇଁ ଜେସିବି ମେଶିନ ବ୍ୟବହାର କରୁଛନ୍ତି। ଛୋଟ ଗାଡ଼ି ବଦଳରେ ହାଇୱା ଓ ୧୦ଚକିଆ ଟ୍ରକ ବ୍ୟବହାର କରୁଛନ୍ତି। ଆବଶ୍ୟକତାଠାରୁ ଅଧିକ ବାଲି ପରିବହନ କରୁଛନ୍ତି। ତହସିଲ ପକ୍ଷରୁ ଚିହ୍ନଟ କରାଯାଇଥିବା ଅଞ୍ଚଳକୁ ଛାଡ଼ିଦେଇ ଯଥେଷ୍ଟ ଅଧିକ ଅଞ୍ଚଳକୁ ଅକ୍ତିଆର କରି ବାଲି ଉଠାଯାଉଛି। ଭାରିଯାନ ଚଳାଚଳ ଦ୍ୱାରା ଗ୍ରାମ୍ୟ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁଛି। ବଡ଼ ଗାଡ଼ିଗୁଡ଼ିକ ଗାଁ ରାସ୍ତାରେ ବେପରୁଆ ଭାବରେ ଗାଡ଼ି ଚାଳନା କରିବା ଦ୍ୱାରା ଧନ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି କରୁଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି। ଉକ୍ତ ବେଆଇନ ବାଲି ଚାଲାଣକୁ ରୋକିବା ପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ତହସିଲଦାରଙ୍କୁ ଅବଗତ କରାଇଛନ୍ତି। ମାତ୍ର ଏ ପର୍ଯ୍ୟନ୍ତ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଇ ପାରି ନାହିଁ। ଏ ସମ୍ପର୍କରେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କୁ ପଚାରିବାରେ ସେ ଏସଂକ୍ରାନ୍ତରେ ତାଙ୍କ ନିକଟକୁ କେତେକ ଅଭିଯୋଗ ହୋଇଥିବା କଥାକୁ ସ୍ୱୀକାର କରିବା ସହ ଘଟଣାସ୍ଥଳ ପରିଦର୍ଶନ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

### ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ

**ଧର୍ମଶାଳା,୧୦।୧୦(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ଗୋପବନ୍ଧୁ ଛକଠାରେ ବୁଧବାର ଗୋପବନ୍ଧୁଙ୍କ ୧୪୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଗୋପବନ୍ଧୁ ଜୟନ୍ତୀ କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଅଧକ୍ଷ କିଶାନ ପଣ୍ଡା ଅଧକ୍ଷତା କରିଥିଲେ। ଅତିଥିଭାବେ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ, କାଙ୍ଗାଳି ଚରଣ ପଣ୍ଡା, ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ କୁମାର ଶତପଥୀ, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ, ତ୍ରିଲୋଚନ ବିଶ୍ୱାଳ, ଦୁର୍ଗାପ୍ରସନ୍ନ ଦାସ ଓ କୃଷକ ନେତା ବସନ୍ତ ପରିଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କମିଟି ସଭାପତି ଅଖିଳ କୁମାର ସ୍ୱାଇଁଙ୍କ ପରିଚାଳନାରେ ପୂର୍ବତନ ସରପଞ୍ଚ କିଶୋରୀ ରାଉତ, କନକ ମଲିକ, ସନ୍ତୋଷ କୁମାର ଜେନା, ପଦ୍ମନାଭ ଭାବି, ମନୋଜ ରାଉଳ, ମୁସ୍ତାକ ହବିବ ଓ ନକୁଳ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜୟ କୁମାର ନାୟକ ଅତିଥି ପରିଚୟ ପ୍ରଦାନ, ସାମାଜିକ କର୍ମୀ ଦେବବ୍ରତ ରାଉତ ସ୍ୱାଗତ ଭାଷଣ ଓ ଯୁବନେତା ସଞ୍ଜୟ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

## ଅନନ୍ୟାର ବାର୍ଷିକୋତ୍ସବ, ବିଜୟା ମିଳନ ସଭା

**ଯାଜପୁର ଟାଉନ,୧୦।୧୦(ଡିଏନଏ)**



ଅନନ୍ୟା ବକ୍ତୃତାମାଳା ଓ ବିଜୟା ମିଳନ ଉତ୍ସବରେ ଉପସ୍ଥିତ ଅତିଥି।

ଅନନ୍ୟା ସାହିତ୍ୟ ସଂସଦ ତରଫରୁ ତ୍ରିଦିବସୀୟ ଅନନ୍ୟା ବକ୍ତୃତାମାଳା ଓ ବିଜୟା ମିଳନ ଉତ୍ସବ ବିରଜା ରଥଦାଣ୍ଡରେ ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ବରିଷ୍ଠ ସଦସ୍ୟ ତଥା ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନା ପ୍ରଦୀପ ପ୍ରଜ୍ୱଳନ କରି ମା' ବିରଜାଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। ସଙ୍ଗଠନ ସମ୍ପାଦକ ହୃଷିକେଶ ପତି ସ୍ତୋତ୍ରପାଠ କରିଥିଲେ। ଉପସଭାପତି ବିଭୂତି ଭୂଷଣ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ କାହ୍ନୁଚରଣ ମିଶ୍ର ଅନନ୍ୟାର ବର୍ଷ ତମାମ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପାଠ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଗାଳ୍ପିକ ସୂର୍ଯ୍ୟମଣି ଖୁଣ୍ଟିଆ ମା' ବିରଜାଙ୍କ କୃପା ଲାଭ କରିବାକୁ ସମସ୍ତେ ତା' ପୀଠକୁ ଆସିବା ନିହାତି ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟା ସଂଯୁକ୍ତା ମହାପାତ୍ର ଓ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷାବିତ୍ ବିଶ୍ୱମ୍ଭର ମିଶ୍ର ଅନନ୍ୟାର ଏଇ ୨୮ବର୍ଷଧରି ନିରବଚ୍ଛିନ୍ନ ପ୍ରୟାସର ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଶିଶୁ ମଙ୍ଗଳ କେନ୍ଦ୍ରର ବରିଷ୍ଠ ସଦସ୍ୟ ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ଅନନ୍ୟା ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ସାଂସ୍କୃତିକ ବିପ୍ଳବର ଏକ ସମ୍ମିଶ୍ରଣ ଧାରା ବୋଲି ବକ୍ତବ୍ୟ ରଖିଥିଲେ। କବି ସମ୍ମିଳନୀ ଓ କବିତା ପାଠୋତ୍ସବକୁ ଆଇନଜୀବୀ ମନୋଜ ନାଥ, ଜିତେନ୍ଦ୍ର ବେହେରା ଓ ଲକ୍ଷ୍ମୀପ୍ରିୟା ରାଉତରାୟ ସଂଯୋଜନା କରିଥିଲେ। ବ୍ୟଙ୍ଗ କବି ବାଇଧର ମାଝୀ, ରବୀନ୍ଦ୍ର କୁମାର ମହାରଣା, ସୁଭାଷ ମହାପାତ୍ର, ମାନସୀ କଲ୍ଲୋଳିନୀ ମିଶ୍ର, ପ୍ରଭାତ ମଲ୍ଲିକ, ରାମଚନ୍ଦ୍ର ଦାଶ, ଅଧିକାରୀ ନବକିଶୋର ଦାସ ପ୍ରମୁଖ ସହଯୋଗ କରିଥିଲେ। ସାଂସ୍କୃତିକ ସମ୍ପାଦକ ପାଣ୍ଡବ ଚରଣ ସାହୁ ମଞ୍ଚ ପରିଚାଳନା କରିଥିଲେ। ନୃତ୍ୟାଙ୍ଗନା ଶ୍ରୀୟା ମହାନ୍ତି ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଅଧାପକ ପୂର୍ଣ୍ଣଚନ୍ଦ୍ର ସାମଲ ଧନ୍ୟବାଦ ଦେଇଥିଲେ।

### ଆର୍‌ଏସ୍‌ଏସ୍ ପକ୍ଷରୁ ବିଜୟା ଦଶମୀ

**ଯାଜପୁର ଅଫିସ,୧୦।୧୦**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଯାଜପୁର ଜିଲା ପକ୍ଷରୁ ଯାଜପୁର ରୋଡ଼ସ୍ଥିତ ମଧୁସୂଦନ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ବିଜୟା ଦଶମୀ ଉତ୍ସବ ପାଳିତ ହୋଇଛି। ବାଲେଶ୍ୱର ବିଭାଗର ସହ ବିଭାଗ ସଂଘ ଚାଳକ କାମପାଳ ସାହୁ, ଯାଜପୁର ଜିଲା ସଂଘଚାଳକ ଭଗବାନ ଚରଣ ପଣ୍ଡା ଯୋଗ ଦେଇଥିଲେ। ଏଥିରେ ଯାଜପୁର ଜିଲା କାର୍ଯ୍ୟବାହ ବରୁଣ ବନଛୋର କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଅତିଥି ଓ ଅଧିକାରୀମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପୂର୍ବକ୍ଷେତ୍ରର କ୍ଷେତ୍ର ଧର୍ମଜାଗରଣ ପ୍ରମୁଖ ବିନୟ କୁମାର ଭୂୟାଁ ମୁଖ୍ୟବକ୍ତା ଭାବରେ ସ୍ୱୟଂସହାୟକଙ୍କୁ ମାର୍ଗ ଦର୍ଶନ କରାଇଥିଲେ। ସହଜିଲା ସଂଘଚାଳକ ବଟକୃଷ୍ଣ ଜେନା, ନଗର ସଙ୍ଘଚାଳକ ରବିନାରାୟଣ ରାଉତ, ସହ ଜିଲା କାର୍ଯ୍ୟବାହ ଅମୀୟ ସାମଲ, ଜିଲା ଶାରିରୀକ ପ୍ରମୁଖ ତପନ କୁମାର ମହାନ୍ତ, ନଗର କାର୍ଯ୍ୟବାହ ସୁକାନ୍ତ ରଥ ପ୍ରମୁଖ ସହଯୋଗ କରିଥିଲେ।

### ୧୬ବର୍ଷରୁ କମ୍ କ୍ରିକେଟ ପାଇଁ ସୋହେଲ ଖାଁ ମନୋନୀତ

**ରସୁଲପୁର, ୧୦।୧୦ (ଡି.ଏନ୍.ଏ.)**



ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ସ୍ଥିତ ମିର୍ଜାପୁର ଗ୍ରାମର ମହମ୍ମଦ ସୋହେଲ ଖାଁ ୧୬ବର୍ଷରୁ କମ୍ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଅଫ ଇଣ୍ଡିଆ ଆନକୂଲ୍ୟରେ ଅନୁଷ୍ଠିତ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି-୨୦୧୯-୨୦ ପୂର୍ବାଞ୍ଚଳ ଜୋନ୍ ପାଇଁ ଶେଷ ୧୧ତମ ଖେଳାଳିତାଲିକାରେ ସୋହେଲଙ୍କ ନାଁ ସାମିଲ ହୋଇଛି। ତାଙ୍କର ଏହି ସଫଳତାକୁ ନେଇ ଯାଜପୁର ଜିଲାର କ୍ରିକେଟ ପ୍ରେମୀ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି। ଜିଲା କ୍ରିକେଟ ଆସୋସିଏଶନର ସଭାପତି ସଭାପତି ଯଯାତି କେଶରୀ ଦାସ, ସମ୍ପାଦକ ଜ୍ଞାନଚାନ୍ଦ ଦାସ ଓ ଅନ୍ୟକର୍ମକର୍ତ୍ତାଗଣ, କ୍ରିକେଟ ଖେଳାଳି ଓ ପ୍ରେମୀଗଣ, ସମ୍ପର୍କୀୟଙ୍କ ନିକଟରୁ ଶୁଭେଚ୍ଛାର ସୁଅ ଛୁଟି ଆସିଛି। ସମସ୍ତେ ସୋହେଲର ସଫଳତା କାମନା କରିଛନ୍ତି। ଚଳିତ ମାସ ୧୧ତାରିଖ ଦିନ ଜୋନସ୍ତରୀୟ ମ୍ୟାଚ ଖେଳାଯିବ। କଟକସ୍ଥିତ ବିଡ଼ାନାସୀ କ୍ରିକେଟ ଗ୍ରାଉଣ୍ଡରେ ଦୁଇଟି ମ୍ୟାଚ ବିହାର ଓ ତ୍ରିପୁରା ବିପକ୍ଷରେ ଖେଳାଯିବ। ଏହି ଦୁଇ ମ୍ୟାଚ ପାଇଁ ଖେଳାଳି ତାଲିକାରେ ସୋହେଲଙ୍କ ନାଁ ମଧ୍ୟ ସାମିଲ ହୋଇଛି। ସେ ଓଡ଼ିଶା ଦଳରେ ଜଣେ ଅଲରାଉଣ୍ଡର ଭାବରେ ସ୍ଥାନ ପାଇଛନ୍ତି।

## ଟାଟା ପରିବାର ବୃତ୍ତି ଯୋଜନାର ସମୀକ୍ଷା ବୈଠକ

**ଡୁବୁରୀ,୧୦।୧୦(ଡି.ଏନ୍.ଏ.)**

କଳିଙ୍ଗନଗରସ୍ଥିତ ଟାଟା କାରଖାନା ଯୋଗୁ ବିସ୍ଥାପିତ ହୋଇଥିବା ପରିବାର ପାଇଁ ୨୦୦୭ରୁ କାର୍ଯ୍ୟକାରୀ ହେଉଥିବା ଟାଟା ପରିବାର ବୃତ୍ତି ଯୋଜନାର ସଫଳତା ନେଇ ଗୁରୁବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗନଗର ଟାଟା ଷ୍ଟିଲ ପରିସରରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଟାଟା ଷ୍ଟିଲ କଳିଙ୍ଗନଗରର ମହାପ୍ରବନ୍ଧକ ଆର୍. ଆର୍. ଶତପଥୀ, କର୍ପୋରେଟ କମ୍ୟୁନିକେଶନର ବରିଷ୍ଠ ପରିଚାଳକ ବିଷ୍ଣୁ ପ୍ରସାଦ ଦାସଙ୍କ ସହ ବହୁ ଅଧିକାରୀ ଯୋଗଦେଇଥିଲେ। ଏହି ଯୋଜନାରେ ମେଧାବୀ ଛାତ୍ରୀଛାତ୍ର, ଡିଗ୍ରୀ, ଡିପ୍ଲୋମା ଇଞ୍ଜିନିୟରିଂ, ମେଡ଼ିକାଲ ଓ ଏମ୍‌ବିବିଏସ୍ ପାଇଁ ଆର୍ଥିକ ସହାୟତା ମାଧ୍ୟମରେ ବିସ୍ଥାପିତ ପରିବାର ପିଲାଙ୍କ ଦକ୍ଷତା ବିକାଶ ସହିତ ସେମାନଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ହେଉଛି ଉକ୍ତ ବୃତ୍ତିର ମୂଳ ଲକ୍ଷ୍ୟ। ୨୦୦୬ ଓଡ଼ିଶା ପୁନର୍ବାସ ଓ ଥଇଥାନ ନୀତି ଓ ୨୦୦୫ କଳିଙ୍ଗନଗର ପୁନର୍ବାସ ଓ ଥଇଥାନ ପ୍ରତିଶ୍ରୁତିଠାରୁ ଉକ୍ତ ଯୋଜନାରେ ଅଧିକ ସହାୟତା ପ୍ରଦାନ କରାଯାଉଛି। ଏହି ଯୋଜନାରେ ବିଭିନ୍ନ ସ୍ୱୀକୃତୀ ପ୍ରାପ୍ତ ଅନୁଷ୍ଠାନରେ ବି-ଟେକ୍, ଏମ୍‌ବିବିଏସ୍, ଏମ୍‌ବିଏ ଓ ଡିପ୍ଲୋମା ଇଞ୍ଜିନିୟରିଂ ଭଳି ପାଠ୍ୟକ୍ରମରେ ଅଧ୍ୟୟନ ପାଇଁ ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ କରାଯିବ। ଅଧ୍ୟୟନରେ ପ୍ରଦର୍ଶନ ଭଲ ରହିଲେ ଟାଟାଷ୍ଟିଲ ପକ୍ଷରୁ ଛାତ୍ରୀଛାତ୍ରଙ୍କ ୟୁଟ୍ୟୁଶନ ଫିସ୍ ଓ ହଷ୍ଟେଲ ଖର୍ଚ୍ଚ ମଧ୍ୟ ବହନ କରାଯିବାର ଯୋଜନା ରହିଛି। ୨୦୦୭ରୁ ଟାଟାଷ୍ଟିଲ ପକ୍ଷରୁ ବିସ୍ଥାପିତ ପରିବାରର ୨୨୨ ଜଣ ଛାତ୍ରୀଛାତ୍ରଙ୍କୁ ଉକ୍ତବୃତ୍ତି ପ୍ରଦାନ କରାଯାଇଛି। ଏଥି ମଧ୍ୟରେ ଜଣେ ଏମ୍‌ବିବିଏସ୍, ୪୦ ଜଣ ଇଞ୍ଜିନିୟରିଂ ଗ୍ରାଜୁଏଟ୍, ୧୭୩ ଡିପ୍ଲୋମା ଓ ୪ ଜଣ ଏମ୍‌ବିଏ ଗ୍ରାଜୁଏଟ୍ ଅନ୍ତର୍ଭୁକ୍ତ। ଅଧିକାଂଶ ବି-ଟେକ୍ ଇଞ୍ଜିନିୟରିଂ ଛାତ୍ରୀଛାତ୍ର ଟାଟାଷ୍ଟିଲ ପରିବାରବୃତ୍ତିଅନ୍ତର୍ଗତ ନିଜ ଡିପ୍ଲୋମା ମଧ୍ୟ ସମାପ୍ତ କରିଛନ୍ତି। ଆଗାମୀ ଦିନରେ ଏହାର ଆହୁରି ସୁଦୂର ପ୍ରସାରୀ ପ୍ରଭାବ ଅନୁଭୂତ ହେବ ବୋଲି ଟାଟା ଷ୍ଟିଲ ପକ୍ଷରୁ କୁହାଯାଇଛି।

## ଜାତୀୟ ଡାକ ସପ୍ତାହ ଅନୁଷ୍ଠିତ

**ଯାଜପୁର ଟାଉନ,୧୦।୧୦(ଡିଏନଏ):** ଯାଜପୁର ମୁଖ୍ୟ ଡାକଘର ପରିସରରେ ବିଶ୍ୱ ଡାକ ଦିବସ ଅବସରରେ ଜାତୀୟ ଡାକ ସପ୍ତାହର ପ୍ରଥମ ଦିବସ ବୁଧବାର ମୁଖ୍ୟ ଡାକପାଳଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡାକପାଳ ସଂଘମିତ୍ରା ମହାପାତ୍ର ଅଧକ୍ଷତା କରି ମୁଖ୍ୟ ଡାକଘରେ ପୋଷ୍ଟାଲ ବ୍ୟାଙ୍କ, ଡାକ ଜୀବନବୀମା, ଆଧାରକେନ୍ଦ୍ର, ପାସ୍‌ପୋର୍ଟ ସେବା ଆଦି କାର୍ଯ୍ୟ କରାଯାଉଥିବା ଦର୍ଶାଇଥିଲେ। ଏହି ସେବା ପାଇଁ ଅଧିକ ସ୍ଥାନର ଆବଶ୍ୟକତା ରହିଥିବା ଓ ତୃତୀୟ ମହଲା ନିର୍ମାଣ କରାଯାଇ ଡାକଘରର ସମ୍ପ୍ରସାରଣ କରାଯିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଡାକ ସପ୍ତାହର ବିଭିନ୍ନ ଦିବସରେ ସଞ୍ଚୟ ଦିବସ, ଡାକ ଜୀବନ ବୀମା ଦିବସ, ନୂତନ ଡାକ ଟିକଟ ସଂଗ୍ରହ, ବ୍ୟବସାୟୀ ଦିବସ, ଡାକ ସରବରାହ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଆଦି କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଡାକପାଳ ମହାପାତ୍ର ସୂଚନା ଦେଇଥିଲେ। ବୈଠକରେ ସଦସ୍ୟ ଅକ୍ଷୟ ଦାସ, ଆନନ୍ଦ ଚନ୍ଦ୍ର ସାହୁ, ସେଖ୍ ଇସ୍‌ମାଇଲ ପ୍ରମୁଖ ଯୋଗ ଦେଇଥିଲେ।

## ଶହୀଦଙ୍କୁ ଜିଲା ପ୍ରଶାସନର ଶ୍ରଦ୍ଧାଞ୍ଜଳି



ଜିଲା ପ୍ରଶାସନ ପକ୍ଷରୁ ଶହୀଦଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଉଛି।

**ଯାଜପୁର ଟାଉନ,୧୦।୧୦(ଡିଏନଏ)**

ଆସାମ୍ ରାଇଫଲ୍ସ ୮ମ ବାଟାଲିୟନ ମିଜୋରାମ୍ ସିରଚିପ୍ ଜିଲା ଚୀନ ସୀମାରେ ଗନ୍‌ମ୍ୟାନ ଭାବେ କାର୍ଯ୍ୟରତ ଥିବା ପ୍ରବୀର କୁମାର ନାୟକ(୩୮)ଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ଶହୀଦ୍ ପ୍ରବୀରଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କ ନିଜ ଗ୍ରାମରେ ବୁଧବାର ଅପରାହ୍ନରେ ସତ୍କାର କରାଯାଇଛି। ପ୍ରବୀର ହେଉଛନ୍ତି ଯାଜପୁର ବ୍ଲକ କଚେରୀ ଗ୍ରାମର ସ୍ୱର୍ଗତ ଦିବାକର ନାୟକଙ୍କର ପୁତ୍ର। ତାଙ୍କର ଦୁଇଟି ଝିଅ (୫ ଓ ୩ବର୍ଷ) ଓ ୫ଭାଇ ବୋଲି ଜଣାପଡ଼ିଛି। ୩ଭାଇ ଦେଶ ସେବାରେ କାର୍ଯ୍ୟରତ। ପ୍ରବୀର ଚୀନ ସୀମାରେ ପହରା ଦେଉଥିବା ସମୟରେ ଅତ୍ୟଧିକ ଥଣ୍ଡା ଯୋଗୁ ତାଙ୍କର ହୃଦ୍‌ଘାତ ହୋଇଥିବା ଜଣାପଡ଼ିଛି। ଶହୀଦ ପ୍ରବୀର ପାର୍ଥିବ ଶରୀରକୁ ଏକ ବିଶାଳ ଶୋଭାଯାତ୍ରାରେ ବରୁହାଁଠାରୁ ତାଙ୍କ ଘର ପର୍ଯ୍ୟନ୍ତ ନିଆଯାଇଥିଲା। ବହୁ ସଂଖ୍ୟକ ଗ୍ରାମବାସୀ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିବାବେଳେ ଭାରପ୍ରାପ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜୟରାମ ଶତପଥି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ବିଡିଓ ସୌରଭ ଚକ୍ରବର୍ତ୍ତୀ, ବ୍ଲକ ଅଧକ୍ଷ ପ୍ରଦୀପ ନାୟକ, ଉପର ବରୁହାଁ ସରପଞ୍ଚ ନନ୍ଦ କିଶୋର ସାହୁ, ସିମିଳିଆ ସରପଞ୍ଚ ପରେଶ ବିଶ୍ୱାଳ, ଗଣେଶ ମହାକୁଡ଼, ବ୍ରଜ କିଶୋର ବାରିକ୍, ପୂର୍ବତନ ପୌରପାଳ ଭବପ୍ରସାଦ ଦାସ, ଭବପ୍ରସାଦ ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଘରେ ପହଞ୍ଚି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### ରାବଣ ପୋଡ଼ି, ଆତସବାଜି ପ୍ରତିଯୋଗିତା

## ୨୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ

**କୋରେଇ,୧୦।୧୦(ସ୍ୱ.ପ୍ର)**



ରାବଣପୋଡ଼ି ମହୋତ୍ସବରେ ମଞ୍ଚାସୀନ ଅତିଥି।

ଶାରଦୀୟ ଦୁର୍ଗାପୂଜା ଅବସରରେ କୋରେଇ ବ୍ଲକର ଶଙ୍ଖଚିଲାଠାରେ ୫୩ତମ ଦୁର୍ଗାପୂଜା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ କମିଟି ପକ୍ଷରୁ ବୁଧବାର ୨୮ତମ ରାବଣ ପୋଡି ଓ ଆତସବାଜୀ ପ୍ରତିଯୋଗିତା ହୋଇଥିଲା। ଦଶହରା ପରଦିନ ବୁଧବାର ମହୋତ୍ସବର ମୁଖ୍ୟ ଆକର୍ଷଣ ରାବଣ ପୋଡ଼ି ମହୋତ୍ସବ ମହା ଆଡମ୍ବରରେ ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ମା' ଦୁର୍ଗାଙ୍କ ମଣ୍ଡପରେ ନିର୍ମିତ ହୋଇଥିବା ହନୁମାନ, ରାମ ଓ ଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ଶୋଭାଯାତ୍ରାରେ ଅଣାଯାଇ ସଭାସ୍ଥଳ ନିକଟରେ ରଖାଯାଇଥିଲା। ପରେ ଏହି ଅବସରରେ ଆୟୋଜିତ ସଭାରେ ସଭାପତି କୃଷ୍ଣଚନ୍ଦ୍ର ସାହୁ(ଖ)ଙ୍କ ଅଧକ୍ଷତାରେ କରିଥିଲେ। ମୁଖ୍ୟ ଅତିଥି ବ୍ୟାସନଗର ସାମାଜିକ କର୍ମୀ ତପନ କୁମାର ସାହୁ ସୁଇଚ୍ ମାରି ଆତସବାଜି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଚାରକଭାବେ ଶିକ୍ଷାବିତ ବିଷ୍ଣୁଚରଣ ସାହୁ ଓ ବିନୋଦବିହାରୀ ସାହୁ ରହିଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ କଳିଙ୍ଗନଗର ପଲିଟେକନିକର ଚେୟାରମ୍ୟାନ ଆଲେକ୍‌ଜାଣ୍ଡାର ଦାସ, ଅନ୍ୟତମ ଅତିଥିଭାବେ ଅରୁଣ କୁମାର ବିଶ୍ୱାଳ, କୃଷ୍ଣଚନ୍ଦ୍ର ଦାସ ଓ ଚକ୍ରଧର ଦାସ ପ୍ରମୁଖ ଯୋଗ ଦେଇଥିଲେ। ନନ୍ଦକିଶୋର ମହାକୁଡ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ସମ୍ପାଦକ ଦିଲୀପ କୁମାର ସାହୁ ବିବରଣୀ ପାଠ କରିଥିଲେ। ଆତସବାଜୀ ପ୍ରତିଯୋଗିତାରେ ବିଚାରକ ଭାବେ ଅଶୋକ କୁମାର ପଣ୍ଡା, ରଘୁନାଇ ସାହୁ ଓ ବିନୋଦ ବିହାରି ଦାସ ଯୋଗ ଦେଇଥିଲେ। ଆତସବାଜୀ ପ୍ରତିଯୋଗିତା ପରେ ବିଦ୍ୟୁତ୍ ଖଚିତ ରାମ ଓ ରାବଣ ଯୁଦ୍ଧ ହୋଇଥିଲା। ମୁଖ୍ୟ ଅତିଥି ପରିଡା ୪୦ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ପୋଡ଼ି କରିଥିଲେ। ଏହାପରେ ଆତସବାଜିରେ ବିଭିନ୍ନ ଜିଲାରୁ ଯୋଗ ଦେଇଥିବା ପ୍ରତିଯୋଗୀ ମନୋଜ ଜେନା (ବଖାଣପୁର-ଯାଜପୁର), ନାରାୟଣ ଜେନା (ବୈତରଣୀରୋଡ଼), ମାଧବ ଜେନା (କେନ୍ଦୁଝର), ପୀତାମ୍ବର ଜେନା (ଶାଳବଣି) ପ୍ରମୁଖ ପ୍ରଥମ, ୨ୟ, ତୃତୀୟ ଓ ୪ର୍ଥସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କମିଟି ପକ୍ଷରୁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନା ଓ ବିଦ୍ୟୁତ ଖଚିତ ରାବଣ କାରିଗର ଶେଷଦେବ ପାଢୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ରଘୁନାଥ ସାହୁ, ସମୀର କୁମାର ସାହୁ, ନିରଞ୍ଜନ ମହଲା, ଜିତେନ୍ଦ୍ର ସାହୁ, ଭଗବାନ ମଲ୍ଲିକ, ଶିଶିର ସାହୁ, ଗୋକୁଳାନନ୍ଦ ଦାସ, ବଟକୃଷ୍ଣ ସାହୁ, ସୁଶାନ୍ତ ଗୁରୁ, ଶୌରଭ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ରାବଣ ପୋଡ଼ି ଉତ୍ସବରେ ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଯୋଗ ଦେଇଥିଲେ। ଜିତେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ମା'ଦୁର୍ଗାଙ୍କ ମୃଣ୍ମୟ ପ୍ରତିମାକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଇଥିଲା।



ପ୍ରତ୍ୟେକ ମହତ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ଜଣାପଡ଼େ।
- ବ୍ୟାସକବି ଫକୀରମୋହନ ସେନାପତି



## ସଂକ୍ଷେପରେ

### ଗୋପବନ୍ଧୁ ଜୟନ୍ତୀ ପାଳିତ

**ଜେନାପୁର,୧୦।୧୦(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁରସ୍ଥିତ ଉତ୍କଳ ମଣି ସେବା ସଙ୍ଗଠନ ପକ୍ଷରୁ ବୁଧବାର ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ଜେନାପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଙ୍ଗଠନର ସଭାପତି କ୍ଷେତ୍ରବାସୀ ରାଉତ, ସମ୍ପାଦକ ସୁଶାନ୍ତ କୁମାର ଖଟୁଆ, ସମାଜିକ କର୍ମୀ ଦୁର୍ଯ୍ୟୋଧନ ଦୋରା, ମଧୁସୂଦନ ପଟ୍ଟନାୟକ, ନିର୍ମାଲ୍ୟ ପ୍ରଧାନ, କୁଲୁ ବରାଳ, ରଘୁନାଥ ଶତପଥୀଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ପ୍ରଥମେ ବିଦ୍ୟାଳୟ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଆୟୋଜିତ ସଭାରେ ଅତିଥିମାନେ ଯୋଗଦେଇ ପଣ୍ଡିତ ଉତ୍କଳ ମଣିଙ୍କ ଜୀବନୀ ଉପରେ ଗୁଣଗାନ କରିଥିଲେ। ପୂର୍ବ ଅନୁଷ୍ଠିତ ହୋଇଥିବା ଆନ୍ତଃ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସଙ୍ଗଠନ ପକ୍ଷରୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ଶେଷରେ ସାମାଜିକ କର୍ମୀ ମହେଶ୍ୱର ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

■ ଜମି ଅଧିଗ୍ରହଣରେ ଅନିୟମିତତା

# ନିଯୁକ୍ତି, କ୍ଷତିପୂରଣ ଅପେକ୍ଷାରେ ଜମିହରା

**ଯାଜପୁର ଅଫିସ,୧୦।୧୦**

ରାଜ୍ୟ ସରକାରଙ୍କ ଦ୍ରୁତ ଶିଳ୍ପାୟନ ପ୍ରକ୍ରିୟାରେ ଯାଜପୁର ଜିଲା କଳିଙ୍ଗନଗରରେ ନବେ ଦଶକରେ ବହୁ ପରିମାଣରେ ସରକାରୀ ଓ ସାଧାରଣ ପ୍ରଜାଙ୍କ ଜମି ଅଧିଗ୍ରହଣ କରାଯାଇଛି। ସେହି ସମୟରେ ସାଧାରଣ ପ୍ରଜାଙ୍କ ଜମିର ମୂଲ୍ୟ କମ୍ ଆକଳନ କରାଯାଇଥିଲା। ବହୁ ଦାବି ପରେ ଶାରଦ-୨ କିସମ ଜମିର ମୂଲ୍ୟ ୧ଲକ୍ଷ ୫୭ ହଜାର ଟଙ୍କା ଓ ପତିତ ଜମିର ମୂଲ୍ୟ ଏକର ପ୍ରତି ୧ଲକ୍ଷ ଟଙ୍କା ମାତ୍ର ହିସାବରେ ଚାଷୀ ପାଉଛନ୍ତି। ଏହିକ୍ରମରେ ଇଡ୍‌କୋ ଜରିଆରେ କେବଳ କଳିଙ୍ଗନଗର ଶିଳ୍ପାଞ୍ଚଳ ପାଇଁ ୯ହଜାରରୁ ଊର୍ଦ୍ଧ୍ୱ ଏକର ଜମି ଆବଣ୍ଟନ କରାଯାଇଛି। ଲୋକଙ୍କ ଜମିରେ ବଡ଼ ବଡ଼ ଶିଳ୍ପ କାରଖାନା ପ୍ରତିଷ୍ଠା ହୋଇଛି। କିନ୍ତୁ ଜମିହରାମାନେ ସର୍ବହରା ହୋଇ ନିଯୁକ୍ତି କିମ୍ବା ଅତିରିକ୍ତ କ୍ଷତିପୂରଣ ପାଇଁ ବାରଦୁଆର ହୋଇ ଅନଶନ, ଧାରଣା, ଆନ୍ଦୋଳନ କରୁଥିଲେ ବି ସରକାର କର୍ଣ୍ଣପାତ କରୁ ନାହାନ୍ତି । ଲକ୍ଷେରୁ ଦେଢ ଲକ୍ଷ ଟଙ୍କା ମଧ୍ୟରେ ସମ୍ପୃକ୍ତ ଶିଳ୍ପ କମ୍ପାନୀ ଅତିରିକ୍ତ ସହାୟତା ପ୍ରଦାନ କରି ନିଜର କାର୍ଯ୍ୟ ସମ୍ପାଦନ କରିଛନ୍ତି ମାତ୍ର । ଯାହାକି କଳିଙ୍ଗନଗର ଅଞ୍ଚଳରେ ଜମି ହରାଇଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷର କାରଣ ହୋଇଛି।

ସରକାରୀ ବ୍ୟବସ୍ଥାରେ ଅସହାୟ ଲୋକେ ମଧ୍ୟ ପ୍ରତିବାଦ ନ କରି କ୍ଷତିପୂରଣ ବାବଦକୁ ଯାହା ମିଳିଛି ତାହା ଗ୍ରହଣ କରିଛନ୍ତି। ଏହି ପ୍ରକ୍ରିୟାରେ ସରକାରୀ କଳ କେବେହେଲେ ଜମିର ମୂଲ୍ୟ ଆକଳନ ଓ କ୍ଷତିପୂରଣ ପରିମାଣ ଅନୁମୋଦନରେ ଲୋକଙ୍କ ପ୍ରତି ଅନ୍ୟାୟ ହେଉଛି କି ବୋଲି ଦୁଇଥର ଚିନ୍ତା କରିଥିବାର ନଜୀର ନାହିଁ। ରାଜ୍ୟର ଅନ୍ୟ ଶିଳ୍ପାଞ୍ଚଳଗୁଡ଼ିକରେ ରୟତମାନେ ଜମିର କ୍ଷତିପୂରଣ ବାବଦକୁ ଏକର ପ୍ରତି ୧୦ଲକ୍ଷ ୮୨ହଜାର ଟଙ୍କା ପାଇଛନ୍ତି। ସମ୍ବଲପୁର ଜିଲାରେ ଏହାର ଉଦାହରଣ ରହିଛି। କିନ୍ତୁ କଳିଙ୍ଗନଗର ଶିଳ୍ପାଞ୍ଚଳର

**କଳିଙ୍ଗନଗର ଶିଳ୍ପାଞ୍ଚଳ**

■ଅଶାନ୍ତି ବଳବତ୍ତର, ସରକାରୀ ପଦକ୍ଷେପ ନୈରାଶ୍ୟଜନକ

ନୀଳାଚଳ ଇସ୍ପାତ ନିଗମ ଜମି ଅଧିଗ୍ରହଣ ବେଳେ ଏକର ପିଛା ମାତ୍ର ୫୨ହଜାର ଟଙ୍କା ଦେଇଥିଲା। ଏହାପରେ ୨୦୦୬-୦୭ ସଂଶୋଧିତ ଆଇନରେ ୪୮ ହଜାର ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଗଲା। ଅର୍ଥାତ ଏକର ପିଛା ମୋଟ ୧ଲକ୍ଷ ଟଙ୍କା ମିଳିଥିଲା। ମାତ୍ର ଏକର ପିଛା ଆହୁରି ୪ ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ରାଶି ପ୍ରଦାନ କରିବାକୁ ନୀଳାଚଳ ବାସଚ୍ୟୁତ କମିଟି ଦାବି କରି ଆସୁଛି। ଏହବାଦ ଜମି ହରାଇଥିବା ବିସ୍ଥାପିତଙ୍କୁ ବଂଶାନୁକ୍ରମେ ନିଯୁକ୍ତି, ସରକାରୀ ଜମିକୁ ୨୦ ବର୍ଷରୁ ଊର୍ଦ୍ଧ୍ୱ ଜବରଦଖଲ ହୋଇଥିବା ଜମିକୁ ଭୂ-ଅର୍ଜନ ଆଇନ ୧୮୯୪ରେ ଅନ୍ତର୍ଭୁକ୍ତ କରାଯାଇ ଏକର ପିଛା ୫ଲକ୍ଷ ଟଙ୍କା ଅନୁକମ୍ପା ରାଶି ଯୋଗାଇ ଦେବାକୁ ଦାବି ହେଉଛି। ଏହାକୁ ମଧ୍ୟ କୌଣସି ସରକାରୀ ଅଧିକାରୀ ଶୁଣିବାକୁ ନାରାଜ। ଦାନଗଦୀ ବ୍ଲକ ଇମାମି ସିମେଣ୍ଟ କାରଖାନାରେ ମଧ୍ୟ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଜମିହରା ପରିବାରବର୍ଗଙ୍କୁ ଉପଯୁକ୍ତ ନିଯୁକ୍ତି ମିଳୁନାହିଁ କି ଆବଶ୍ୟକ ଅନୁକମ୍ପା ରାଶି ଦେବାରେ କମ୍ପାନୀ କୁନ୍ଥୁ କୁନ୍ଥୁ ହେଉଛି। ଟାଟା ଷ୍ଟିଲ, ମେସ୍କୋ ଷ୍ଟିଲ, ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ, ମୈଥାନ ପ୍ରଭୃତି କାରଖାନା ପ୍ରତିଷ୍ଠା କ୍ଷେତ୍ରରେ ମଧ୍ୟ ଆଦିବାସୀ ଓ ସାଧାରଣ ଲୋକଙ୍କ ଜମିକୁ ଭୁଆଁ ବୁଲାଇ ଅଧିଗ୍ରହଣ କରି ଆବଶ୍ୟକ କ୍ଷତିପୂରଣ ଦେବାରେ ସରକାର ବିଫଳ ହୋଇଛି। ଜୋର ଜବରଦସ୍ତି ଜମି ଅଧିଗ୍ରହଣ ପାଇଁ କଳିଙ୍ଗନଗର ଆଦିବାସୀଙ୍କୁ ବନ୍ଧୁକ ମୁନରେ ହତ୍ୟା ଭଳି ଘଟଣା ଦେଖିବାକୁ ମିଳିଛି। ଯେଉଁ କେତେକ ନେତା ଓ ପ୍ରଭାବଶାଳୀ ଲୋକ ଜମି ଅଧିଗ୍ରହଣକୁ ସେତେବେଳେ ସମର୍ଥନ କରିଥିଲେ ସେମାନେ କୋଟିପତି ହୋଇଥିବାବେଳେ ଜମିହରାମାନେ ସର୍ବହରା ହୋଇଛନ୍ତି। ଏହାବାଦ ନବେ ଦଶକରେ ଜିଲାରେ ଜମି ଅଧିଗ୍ରହଣ କରାଯିବ ଏବଂ ଶିଳ୍ପ ପ୍ରତିଷ୍ଠା ହେବ ସଂକ୍ରାନ୍ତୀୟ ଖବର ଆଦିବାସୀମାନେ ଜାଣି ନ ଥିଲେ। ନିର୍ଦ୍ଦିଷ୍ଟ ଅଞ୍ଚଳର ଜମି ଚିହ୍ନଟ କରାଯିବା ସମ୍ପୃକ୍ତ ଅଞ୍ଚଳର ରୟତମାନେ ଜାଣିବା ପୂର୍ବରୁ କିଛି ପ୍ରଶାସନିକ ଅଧିକାରୀ ଓ ଜମି ଦଲାଲ ତାହା ଜାଣିପାରିଥିଲେ । ସେମାନେ ନିରୀହ ଆଦିବାସୀ ଓ ଗରିବ ଲୋକଙ୍କଠାରୁ କମ ଦରରେ ଜମି କ୍ରୟ କରି ଅଧିଗ୍ରହଣବେଳେ ଅଧିକ ପରିମାଣରେ କ୍ଷତିପୂରଣ ପାଇ ଲାଭବାନ ହୋଇଛନ୍ତି । ଦାନଗଦୀ ବ୍ଲକ ଚାନ୍ଦିଆ ଏବଂ ସୁକିନ୍ଦା ବ୍ଲକ ବାରଗାଡ଼ିଆ ଓ ସାରଙ୍ଗପୁର ଗ୍ରାମ ପଞ୍ଚାୟତର ଅଧିକାଂଶ ଆଦିବାସୀ ରୟତ ଏହି ପ୍ରବଞ୍ଚନାର ଶିକାର ହୋଇଛନ୍ତି। ତେବେ ଏସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି ଆର ଆଣ୍ଡ ଆର ପଲିସି ଅନୁସାରେ ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛି । ଏଥିରେ କୌଣସି ପ୍ରକାର ଅନିୟମିତତା ହେଉ ନାହିଁ ବୋଲି କହିଛନ୍ତି।

## ଗ୍ୟାସ୍ ଲିକ୍‌ରୁ ଜଳିଗଲା ୪ ବଖରା

**ବିଞ୍ଝାରପୁର,୧୦।୧୦(ଡି.ଏନ.ଏ)**

ବିଞ୍ଝାରପୁର ଥାନା ଅନ୍ତର୍ଗତ କପିଳା ପଞ୍ଚାୟତ ଗୁହାଳି ଗ୍ରାମରେ ଗୁରୁବାର ମଧ୍ୟାହ୍ନ ସମୟରେ ଗ୍ୟାସ ଟାଙ୍କି ଲିକ୍ କରି ୪ବଖରା ଘର ଜଳି ପୋଡ଼ି ପାଉଁଶ ହୋଇଯାଇଛି। ଖବର ମୁତାବକ କପିଳା ପଞ୍ଚାୟତ ଗୁହାଳି ଗ୍ରାମର ନୟନ ମଲ୍ଲିକଙ୍କ ଘରେ ଏହି ଅଗ୍ନିକାଣ୍ଡ ଘଟିଥିଲା । ରୋଷେଇ କରୁଥିବା ବେଳେ ରନ୍ଧନ ଗ୍ୟାସ ସିଲିଣ୍ଡର ପାଇପ ଲିକ୍ କରିଥିଲା। ଚାହୁଁଚାହୁଁ ଏହି ପାଇପରୁ ନିଆଁ ନିର୍ଗତ ହୋଇ ଘରର ବିଭିନ୍ନ ଆସବାବ ପତ୍ର ଜଳିଥିଲା। ଅଗ୍ନିକାଣ୍ଡରେ ନୟନଙ୍କ ୪ ବଖରା ଘର ଜଳି ପୋଡି ପାଉଁଶ ହୋଇଛି। ଖବର ପାଇ ବିଞ୍ଝାରପୁର ଅଗ୍ନିଶମ ବାହିନୀ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଘରର ସମସ୍ତ ଆସବାବ ପତ୍ର ଓ ଘରକରଣା ସାମଗ୍ରୀ ଜଳି ଯାଇଥିଲା। ଅଗ୍ନିକାଣ୍ଡ ପରେ ନୟନଙ୍କ ପରିବାର ଏବେ ବେସାହାରା ହୋଇପଡ଼ିଛି। ଏହି ଅଗ୍ନିବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବଡ଼ଚଣା କଂଗ୍ରେସ ପକ୍ଷରୁ ଉତ୍କଳମଣିଙ୍କ ଜୟନ୍ତୀ

**ବାଲିଚନ୍ଦ୍ରପୁର,୧୦।୧୦(ସ୍ୱ.ପ୍ର.):** ବଡ଼ଚଣା କଂଗ୍ରେସ କମିଟି ପକ୍ଷରୁ ବୁଧବାର ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୨ତମ ଜୟନ୍ତୀ ନଳାପୁରଠାରେ ପାଳିତ ହୋଇଯାଇଛି। ଜୋନ୍ କଂଗ୍ରେସ ସଭାପତି ସେକ୍ ରିଆସତ୍ ଅଲ୍ଲିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କଂଗ୍ରେସ ନେତା ଅଜୟ୍ କୁମାର ସାମଲ ଯୋଗଦେଇଥିଲେ। ସମିତି ସଭ୍ୟ ଖଗେଶ୍ୱର ବେହେରା, ସେକ୍ ଅବଦୁଲ ମଜି, ସରୋଜ କୁମାର ଜେନା, ଚାନ୍ଦ ଖାଁ, ଅଶୋକ କୁମାର ରାଉତ, ସେକ୍ ସଇଫୁଲା ଖାଁ, ସୁବ୍ରତ ସାମଲଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ଶେଷରେ ସଞ୍ଜୟ୍ କର ଧନ୍ୟବାଦ ଦେଇଥିଲେ।

■ ନିର୍ବାଚନରେ ବ୍ୟାନର ଛିଣ୍ଡା ପ୍ରସଙ୍ଗ

## ହୋମଗାର୍ଡଙ୍କୁ ବିଜେଡି ନେତାଙ୍କ ଧମକ

**ଯାଜପୁର ଅଫିସ,୧୦।୧୦**

ଯାଜପୁର ଜିଲା ବରୀ-ରାମଚନ୍ଦ୍ରପୁର ଥାନାରେ ଗତ ସାଧାରଣ ନିର୍ବାଚନରେ ବ୍ୟାନର ଛିଣ୍ଡାଇବା ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳର କେତେକ ବିଜେଡି ନେତା ଜଣେ କର୍ତ୍ତବ୍ୟରତ ହୋମଗାର୍ଡଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହିମର୍ମରେ ହୋମଗାର୍ଡ ରଞ୍ଜନ କୁମାର ମଲ୍ଲିକ ବରୀ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ, ଗତ ସାଧାରଣ ନିର୍ବାଚନ ସମୟରେ ହୋମଗାର୍ଡ ମଲ୍ଲିକ ୧ ନମ୍ବର ଫ୍ଲାଇଙ୍ଗ ସ୍କ୍ୱାର୍ଡ ଗାଡ଼ିରେ ଥିଲେ । ସେହି ଗାଡ଼ିରେ ଜଣେ ମାଜିଷ୍ଟ୍ରେଟ, ଜଣେ ଅଫିସର, ୨ଜଣ ଓଏସିଏଫ୍ ଓ ଜଣେ ଡ୍ରାଇଭର ମଧ୍ୟ ଡ୍ୟୁଟିରେ ଥିଲେ। ଯାହାବି କାର୍ଯ୍ୟ କରାଯାଉଥିଲା ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶରେ ହେଉଥିଲା। ସେହି ସମୟରେ ବିଜେଡିର କେତେକ ନେତା ବ୍ୟାନର ଛିଣ୍ଡାଉଥିବା କହି ହୋମଗାର୍ଡଙ୍କୁ ଫୋନ୍‌ରେ ଗାଳିଗୁଲଜ କରିଥିଲେ। ଏ ସଂକ୍ରାନ୍ତରେ ସେ ଆଇଆଇସି ଓ ମାଜିଷ୍ଟ୍ରେଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ସେହି ଡ୍ୟୁଟିରୁ ତାଙ୍କୁ ବାହାର କରି ଦିଆଯାଇଥିଲା। ସେହି ପୂର୍ବ ଘଟଣାକୁ କେନ୍ଦ୍ର କରି ଗୁରୁବାର ଅପରାହ୍ନ ୧ଟା ସମୟରେ ଥାନା ରାସ୍ତାରେ ଜଣେ ସାକ୍ଷୀଙ୍କୁ ଥାନାକୁ ନେଇ ଯାଉଥିବାବେଳେ ହୋମଗାର୍ଡ ମଲ୍ଲିକଙ୍କୁ କେତେକ ବିଜେଡି ନେତା ଅସଭ୍ୟ ଭାଷାରେ ଗାଳିଗୁଲଜ କରିବାସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ବୋଲି ଥାନାରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବରୀ ଥାନାଧିକାରୀ ମାର୍କଣ୍ଡ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ହୋମଗାର୍ଡ ମଲ୍ଲିକ ଏକ ଅଭିଯୋଗ ଆଣିଛନ୍ତି। ସେ ସଂକ୍ରାନ୍ତରେ ତଦନ୍ତ ଚାଲିଛି। ତଦନ୍ତ ଆଧାରରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**ଥାନାରେ ମାମଲା**

## ମଦ ଜବତ, ଜଣେ ଗିରଫ

**ଧର୍ମଶାଳା,୧୦।୧୦(ଡି.ଏନ୍.ଏ.)**

ଧର୍ମଶାଳା ଥାନା ଅନ୍ତର୍ଗତ ବିରିବାଟି ଗ୍ରାମରେ ବୁଧବାର ବେଆଇନ ମଦ କାରବାରରେ ସମ୍ପୃକ୍ତ ଜଣେ ବ୍ୟବସାୟୀଙ୍କୁ ପୋଲିସ ଗିରଫ କରିଛି। ଏଥିସହ ୧୦ ଲିଟର ମଦ ଜବତ କରିଛି। ସେ ହେଲେ ବିରିବାଟି ଗ୍ରାମର ରଘୁନାଥ ମଲିକ। ଏ ନେଇ ପୋଲିସ ଏକ ମାମଲା (ନଂ. ୪୬୩/୧୯) ରୁଜୁକରି ଗୁରୁବାର ରଘୁନାଥଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି। ଚୋରାମଦ ବିକ୍ରି କରୁଥିବା ଖବର ପାଇ ଧର୍ମଶାଳା ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

## ବୃକ୍ଷରୋପଣ ବଞ୍ଚାଇବ ସମାଜ



କପିଳ ପଞ୍ଚାୟତ ସରପଞ୍ଚ ଚାରାରୋପଣ କରୁଛନ୍ତି।

**ବିଞ୍ଝାରପୁର,୧୦।୧୦(ଡି.ଏନ୍.ଏ)**

ପବିତ୍ର ଦଶହରା ଅବସରରେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କପିଳା ପଞ୍ଚାୟତରେ ଶ୍ରୀଶ୍ରୀ ଜଗନ୍ନାଥ କଳା ସଂସ୍କୃତି ସଙ୍କୀର୍ତ୍ତନ ସେବା ବିକାଶ ଆନୁକୁଲ୍ୟରେ ବ୍ୟାପକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଶ୍ରୀଶ୍ରୀ ଜଗନ୍ନାଥ କଳା ସଂସ୍କୃତି ସଙ୍କୀର୍ତ୍ତନ ସେବା ପରିଷଦର ଜିଲା ସଭାପତି ବାବା କୃତିବାସ ମହାରାଜଙ୍କ ତତ୍ତ୍ୱାବଧାନରେ ହୋଇଥିବାବେଳେ ମୁଖ୍ୟ ଅତିଥିରୂପେ ସ୍ଥାନୀୟ ସରପଞ୍ଚ ମାଧବୀ ଲତା ଦାଶ ଯୋଗଦେଇ ହରିନାମ ସଂସାରର ସବୁ କ୍ଳେଶ ହରଣ କରୁଥିଲାବେଳେ ବ୍ୟାପକ ବୃକ୍ଷରୋପଣ ହି ସଂସାର ବିବିଧତାକୁ ବଞ୍ଚାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପରିଷଦର ଉପଦେଷ୍ଟା ଅର୍ଜୁନ ଚରଣ ପଣ୍ଡା, ମହେନ୍ଦ୍ର ମଲ୍ଲିକ, ବିଭୁରଞ୍ଜନ ନାୟକ, ଜିଲା ସଂଯୋଜକ ବିରଞ୍ଚି ପୋଥାଳ, ବ୍ଲକ ସଭାପତି ଶ୍ୟାମ ସୁନ୍ଦର ଦାଶ, ପ୍ରମୋଦ ସାହୁ, ସମ୍ବାରୀ ମଲ୍ଲିକ, ଭରତ ଚନ୍ଦ୍ର ବେହେରା,ବିଜୟ କୁମାର ନାୟକ, ଗଦାଧର ମଲ୍ଲିକ, ପିତାମ୍ବର ଯେନା, ଓ ଜିଲା ମହିଳା କମିଟି ସଭାନେତ୍ରୀ ଉମା ମଲ୍ଲିକ ସମେତ ଶ୍ରୀଶ୍ରୀ ଜଗନ୍ନାଥ କଳା ସଂସ୍କୃତି ସଙ୍କୀର୍ତ୍ତନ ସେବା ପରିଷଦର ଶତାଧିକ ସଦସ୍ୟ ପ୍ରମୁଖ ସାମିଲ ରହି କପିଳା ପଞ୍ଚାୟତ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷ ରୋପଣ କରିଥିଲେ।

ଜିଲା ହ୍ୟାଣ୍ଡବଲ୍ ଆସୋସିଏଶନର ରୌପ୍ୟ ଜୟନ୍ତୀ

## 'ରାଜ୍ୟସ୍ତରୀୟ ପ୍ରଚାରପ୍ରସାର ଆବଶ୍ୟକ'

**ଛତିଆ,୧୦।୧୦(ଡି.ଏନ୍.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆସ୍ଥିତ ହାଡ଼ିଦାସ ମହାବିଦ୍ୟାଳୟ ପରିସରରେ ଗୁରୁବାର ଯାଜପୁର ଜିଲା ହ୍ୟାଣ୍ଡବଲ ଆସୋସିଏଶନର ରୋପ୍ୟ ଜୟନ୍ତୀ ପାଳିତ ହୋଇଛି। ତିନିଦିନ ଧରି ହେବାକୁ ଥିବା ଏହି ଜୟନ୍ତୀର ପ୍ରଥମ ଦିବସର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟକ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତ ବେହେରା ଯୋଗଦେଇ ହ୍ୟାଣ୍ଡବଲ ଖେଳକୁ ରାଜ୍ୟସ୍ତରରେ ପ୍ରଚାରପ୍ରସାର କରାଗଲେ ଏହି ଖେଳର ବିକାଶ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ଖେଳରେ ଜାତିପ୍ରଥା ଦୂର କରାଯାଉ। ଜାତିପ୍ରଥା ଦୂର କରାଗଲେ କ୍ରିକେଟ ଖେଳ ଭଳି ହ୍ୟାଣ୍ଡବଲ ଖେଳ ମଧ୍ୟ ବିଶ୍ୱସ୍ତରରେ ପ୍ରତିଷ୍ଠିତ ହୋଇପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ହ୍ୟାଣ୍ଡବଲ ଖେଳରେ ଛତିଆ ଅଞ୍ଚଳର ଯୁବକ ବିପ୍ଳବ ବିଶ୍ୱାଳ ଆଜି ସାରା ରାଜ୍ୟରେ ଛତିଆ ପାଇଁ ଗୌରବ ଆଣିଥିବାରୁ ତାଙ୍କୁ ପ୍ରଥମେ ସ୍ୱାଗତ କରିଥିଲେ।

**ବିବାହ ପ୍ରତିଶ୍ରୁତି ଦେଇ ଅପହରଣ ମାମଲା**

## ଅପହୃତା ନାବାଳିକା ତେଲେଙ୍ଗାନାରୁ ଉଦ୍ଧାର

**ରସୁଲପୁର,୧୦।୧୦(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ବନ୍ଧଡିହ ପଞ୍ଚାୟତ ସାହାପଡ଼ା ଗ୍ରାମର ଯୁକ୍ତ ୨ରେ ପଢୁଥିବା ଜନୈକା ଛାତ୍ରୀ(୧୭)ଙ୍କୁ ଗତ ମାସ ୨୩ତାରିଖରେ ଅପହରଣ ହୋଇଥିଲା। ଅପହରଣର ୧୭ଦିନ ପରେ ବ୍ରହ୍ମବରଦା ଫାଣ୍ଡି ପୋଲିସ ଅପହୃତା ଓ ଅପହରଣକାରୀଙ୍କୁ ତେଲେଙ୍ଗାନାରୁ ଉଦ୍ଧାର କରି ଧର୍ମଶାଳା ଥାନାରେ ଅଟକ ରଖି ପଚରା ଉଚୁରା ଜାରି ରଖିଛି। ଶୁକ୍ରବାର ଉଭୟଙ୍କ ଡାକ୍ତରୀ ମାଇନା କରିବା ସହ ସିଆରପିସି ଦଫା ୧୬୪ ବଳରେ ମାଜିଷ୍ଟ୍ରେଟଙ୍କ ନିକଟରେ ଅପହୃତା ନାବାଳିକାଙ୍କ ବୟାନ ରେକର୍ଡ କରାଯିବ। ଏଥିସହିତ ଅଭିଯୁକ୍ତ ଯୁବକଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଫାଣ୍ଡି ଅଧିକାରୀ ପରମାନନ୍ଦ ସେଠୀ ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ ଧର୍ମଶାଳା ବ୍ଲକ ଅରାବଳ ପଞ୍ଚାୟତ ବଡନହଙ୍ଗା ଗ୍ରାମର ମାନସ ମଲିକ(୨୪) ନାମକ ଜଣେ ଯୁବକ ଉକ୍ତ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଅପହରଣ କରିନେଇଥିଲେ। ଏପରି କି ନାବାଳିକାଙ୍କୁ ତେଲେଙ୍ଗାନାର କେଦାପାଲ୍ଲୀ ଜିଲାରେ ନେଇ ରଖିଥିଲେ। ଏସମ୍ପର୍କରେ ନାବାଳିକାଙ୍କ ପରିବାର ପକ୍ଷରୁ ୨୬ତାରିଖରେ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଅଧାର କରି ପୋଲିସ ଏକ ଅପହରଣ ମାମଲା(ନଂ. ୪୨୫/୧୯) ରୁଜୁ କରି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଥିଲା। ପରେ ଅଭିଯୁକ୍ତ ମାନସ ବ୍ୟବହାର କରୁଥିବା ମୋବାଇଲକୁ ଟ୍ରାକିଂ କରି ସେ ତେଲେଙ୍ଗାନାରେ ରହୁଥିବା ଜାଣିବାକୁ ମିଳିଥିଲା। ଉକ୍ତସୂଚନା ଆଧାରରେ ପୋଲିସ ଗତ ମଙ୍ଗଳବାର କେଦାପଲ୍ଲୀ ଯାଇ ମାନସ ଏକ ହୋଟଲରେ ରୋଷୟା ଭାବରେ କାର୍ଯ୍ୟ କରୁଥିବା ଜଣାପଡ଼ିଥିଲା। ପୋଲିସ ଉକ୍ତ ହୋଟେଲରେ ପହଞ୍ଚି ମାନସଙ୍କୁ ଧରିବା ପରେ ସେ ପୋଲିସ ନିକଟରେ ସବୁ କଥା ସ୍ୱୀକାର କରିଥିଲେ। ପରେ ଉଭୟ ମାନସ ଏବଂ ନାବାଳିକାଙ୍କୁ ଓଡ଼ିଶା ଆଣିଥିଲା।

## ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କଲେ ଏସ୍‌ପି

**ଯାଜପୁର ଟାଉନ,୧୦।୧୦(ଡିଏନଏ)**

ରାଜ୍ୟ ସରକାର ଗତ ୨ ତାରିଖରେ ମୋ ସରକାର ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନାରେ ସାଧାରଣ ଲୋକ କିପରି ବିଭିନ୍ନ ସରକାରୀ ଅନୁଷ୍ଠାନଗୁଡିକ ମାଗଣାରେ ସେବା ପାଇପାରିବେ ସେ ନେଇ ୫-ଟି ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ଯୋଜନାଗୁଡିକରେ ଦଲାଲିରାଜ୍‌କୁ ଉଚ୍ଛେଦ କରିବା ସହିତ ସିଧାସଳଖ ସରକାରୀ ସେବା ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଯାଜପୁର ଏସ୍‌ପି ଚରଣ ସିଂ ମୀନା ଅଚାନକ ଯାଜପୁର ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ଏଠାରେ ମୋ ସରକାର କାର୍ଯ୍ୟକ୍ରମ ଠିକ୍ ଭାବେ ହେଉଛି କି ନାହିଁ ଏବଂ ମେଡିକାଲରୁ ଦଲାଲ ଓ ମେଡିସିନ୍ ରିପ୍ରେଜେଣ୍ଟେଟିଭ୍ ହଟୁଛନ୍ତି କି ନାହିଁ ଏହାର ଯାଞ୍ଚ କରିଛନ୍ତି ଏସ୍‌ପି ମୀନା। ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତୀ ବିଭାଗ, ଶିଶୁ ବିଭାଗ ସମେତ ବିଭିନ୍ନ ୱାର୍ଡଗୁଡିକ ବୁଲି ସାଧାରଣ ରୋଗୀଙ୍କୁ ସେମାନଙ୍କ ସମସ୍ୟା ପଚାରି ବୁଝିବା ସହିତ ମାଗଣା ଔଷଧ କିମ୍ବା ଲମ୍ବା ଲାଇନ୍‌ରେ ଥିବା ରୋଗୀଙ୍କୁ ଦଲାଲ ପ୍ରଭାବିତ କରୁଛନ୍ତି କି ନାହିଁ ତାହା ପଚାରି ବୁଝିଥିଲେ। କୌଣସି ଦଲାଲ ବା ମଧ୍ୟସ୍ଥ ହଇରାଣ ହରକତ କଲେ ପୋଲିସର ସହାୟତା ନଂ ୧୦୦ ରେ କିମ୍ବା ସ୍ଥାନୀୟ ପୋଲିସ୍‌କୁ ସୂଚନା ଦେବାକୁ ଏସ୍‌ପି ମୀନା ରୋଗୀଙ୍କୁ ସଚେତନ କରାଇଛନ୍ତି। ଏହି ପରିଦର୍ଶନ ସମୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଯାଜପୁର ଥାନାଧିକାରୀ ଆଶିଷ କୁମାର ସାହୁ ଉପସ୍ଥିତ ଥିଲେ। ତେବେ ଏସ୍‌ପିଙ୍କର ଏପରି ଅଚାନକ ପରିଦର୍ଶନରେ ପୂର୍ବରୁ ମେଡିକାଲ ପରିସରରେ ଥିବା ଦଲାଲ ଓ ରିପ୍ରେଜେଣ୍ଟେଟିଭ୍ ମହଲରେ ଆତଙ୍କ ଖେଳିଯାଇଥିବା ବେଳେ ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ଚିକିତ୍ସିତ ହେଉଥିବା ବହୁ ମହିଳା ରୋଗୀ ଚିକିତ୍ସାଳୟର ବିଭିନ୍ନ ଅବ୍ୟବସ୍ଥା ସମ୍ପର୍କରେ ଅଭିଯୋଗ କରିଥିବା ଦେଖାଯାଇଥିଲା।





ଏସ୍‌ପି ଚରଣ ସିଂ ମୀନା ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ସହ ଆଲୋଚନା କରୁଛନ୍ତି।

■ ରସୁଲପୁର ଗସ୍ତରେ ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ସଚିବ

## ଅପହଞ୍ଚ ପଞ୍ଚାୟତରେ ସଚିବଙ୍କ ପଡ଼ିଲାନି ଦୃଷ୍ଟି

**ରସୁଲପୁର,୧୦।୧୦(ଡି.ଏନ୍.ଏ.)**

ରସୁଲପୁର ବ୍ଲକକୁ ଗୁରୁବାର ଅପରାହ୍ନରେ ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ସଚିବ ସତ୍ୟନାରାୟଣ ଦାଶ ଗସ୍ତରେ ଆସି ଫେରି ଯାଇଛନ୍ତି । ସେ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ସମୀକ୍ଷା କରିବା ସହ ବିଭିନ୍ନ ନଥିପତ୍ର ଯାଞ୍ଚ କରିଥିଲେ। ଏହି ଅବସରରେ ସେ ବ୍ଲକର ମୁଗୁପାଳ, ନରସିଂହପୁର, ରାଜେନ୍ଦ୍ରପୁର ପଞ୍ଚାୟତକୁ ପରିଦର୍ଶନରେ ଯାଇଥିଲେ। ବିଶେଷକରି ପଞ୍ଚାୟତର ପାନୀୟଜଳ ପ୍ରକଳ୍ପ, ସ୍ୱଚ୍ଛତା ମିଶନ କାର୍ଯ୍ୟକାରୀତାର ସ୍ଥିତି ପରଖିଥିଲେ। ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ସରକାରଙ୍କ ଘୋଷଣା ମୁତାବକ ପ୍ରତ୍ୟେକ ମାସରେ ସଚିବମାନେ ଜିଲାଗସ୍ତରେ ଆସି ଗାଁକୁ ଯିବେ। ତୃଣମୂଳସ୍ତରରେ ହୋଇଥିବା ଉନ୍ନୟନକାର୍ଯ୍ୟର ସ୍ଥିତି ସମ୍ପର୍କରେ ସମୀକ୍ଷା କରିବେ। ଏହିକ୍ରମରେ ସଂସ୍କୃତି ଓ ପର୍ଯ୍ୟଟନ ସଚିବ ମୋନା ଶର୍ମା, ପୂର୍ବତନ ଯୋଗାଣ ସଚିବ ବୀର ବିକ୍ରମ ଯାଦବ, ବୟନ ଶିଳ୍ପ ସଚିବ ଶୋଭାଶର୍ମା ପ୍ରମୁଖ ପୂର୍ବରୁ ଏହି ବ୍ଲକ ଗସ୍ତରରେ ଆସି ଜାତୀୟ ରାଜପଥ ପାର୍ଶ୍ୱସ୍ଥ ପଞ୍ଚାୟତ ପରିଦର୍ଶନ କରି ଫେରି ଯାଇଛନ୍ତି। ଗୁରୁବାର ଗସ୍ତରେ ଆସିଥିବା ଅତିରିକ୍ତ ସଚିବ ଦାଶ ପୁରୁଣା ଦୋଷକୁ ଦୋହରାଇବାକୁ ଭୁଲି ନାହାନ୍ତି। ସେ ମଧ୍ୟ ତାଙ୍କ ଗସ୍ତ କାଳରେ ରାଜପଥ ପାର୍ଶ୍ୱସ୍ଥ ପଞ୍ଚାୟତର ଉନ୍ନୟନ କାର୍ଯ୍ୟକୁ ସମୀକ୍ଷା କରିବାରେ ସାମିଲ କରିଥିବା ଘଟଣାରୁ ଏହା ସ୍ପଷ୍ଟ ହୋଇଛି। ବିଭାଗୀୟ ସଚିବ ଓ ଉଚ୍ଚ ପଦସ୍ଥ ଅଧିକାରୀମାନେ ବ୍ଲକର ଅପହଞ୍ଚ ପଞ୍ଚାୟତ ଭାବରେ ଜଣାଶୁଣା ବ୍ରହ୍ମବରଦା, ବନ୍ଧଡିହ, ଲକ୍ଷ୍ମୀନଗର, ଟିକରପଡା, ଶ୍ରୀବନ୍ତପୁର ଆଦି ପଞ୍ଚାୟତରେ ସଚିବମାନଙ୍କ ପାଦ ପଡୁନାହିଁ। ଫଳରେ ବ୍ଲକର ବାସ୍ତବ ବିକାଶ ଚିତ୍ର ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଉଛି। ଏବେ ବି ସେ ସବୁ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ରହିଛି । ତେବେ ବ୍ଲକ ଆଖପାଖ ଅଞ୍ଚଳର କେତେକ ସଫଳ ପଞ୍ଚାୟତର ରିପୋର୍ଟକାର୍ଡକୁ ନେଇ ବ୍ଲକର ସାମଗ୍ରିକ ବିକାଶର ରିପୋର୍ଟ ଭାବରେ ଗ୍ରହଣ କରାଯିବା ଘଟଣାକୁ ବୁଦ୍ଧିଜୀବୀଙ୍କ ମହଲରେ ନାପସନ୍ଦ କରାଯାଇଛି। ଅତିରିକ୍ତ ସଚିବ ଦାଶଙ୍କ ସହ ଜିଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ, ରସୁଲପୁର ବିଡିଓ ଉମାକାନ୍ତ ପରିଡା, ଏବିଡିଓ ଅସିତ୍ କୁମାର ପାତ୍ର, ଗ୍ରାମ୍ୟପାନୀୟ ଜଳଯୋଗାଣ ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ସାହୁ, ଗ୍ରାମପଞ୍ଚାୟତ ଅଧିକାରିଣୀ ଦିବ୍ୟକାନ୍ତି ମିଶ୍ର, ବ୍ଲକ ସହକାରୀ ଯନ୍ତ୍ରୀ ଯତିନ୍ଦ୍ର ମୋହନ ସ୍ୱାଇଁ, ଯନ୍ତ୍ରୀ ଅନିତା ପ୍ରଧାନ, ସ୍ମୃତିରେଖା ଧଡ଼ା ପ୍ରମୁଖ ଯୋଗଦେଇଥିଲେ। ଅତିରିକ୍ତ ସଚିବ ଦାଶ ପୂର୍ବାହ୍ନରେ ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ବ୍ଲକକୁ ପରିଦର୍ଶନରେ ଯାଇଥିଲେ। ଉକ୍ତ ବ୍ଲକରେ ସେ ପାନୀୟ ଜଳ ପ୍ରକଳ୍ପ, ପାଇଖାନା, ପୋଖରୀ ପୁନଃରୁଦ୍ଧାର, ସୌରଚାଳିତ ପାଣି ପ୍ରକଳ୍ପ, ବିଦ୍ୟାଳୟ ଗୃହ ନିର୍ମାଣ ଆଦିକୁ ବୁଲି ଦେଖିଥିଲେ ।



ରସୁଲପୁର ବ୍ଲକରେ ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ସଚିବ ସତ୍ୟନାରାୟଣ ଦାଶ ଓ ଅନ୍ୟମାନେ।

**ପାନୀୟଜଳ ପ୍ରକଳ୍ପ, ସ୍ୱଚ୍ଛତା ମିଶନ କାର୍ଯ୍ୟକାରିତାର ସ୍ଥିତି ପରଖିଲେ**

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୧ ଅକ୍ଟୋବର, ୨୦୧୯



# ଗୋରୁଙ୍କୁ ବ୍ୟାପୁଛି ଚର୍ମବିଣ୍ଡି ରୋଗ

ଦଶପଲ୍ଲା,୧୦।୧୦ (ଡି.ଏନ.ଏ.)

ଦଶପଲ୍ଲା ବ୍ଲକର ବିଭିନ୍ନ ସ୍ଥାନରେ ଚର୍ମବିଣ୍ଡି ବସନ୍ତ ରୋଗରେ ଅନେକ ଗୋରୁ ଆକ୍ରାନ୍ତ ଅଛନ୍ତି। ଘୁଗୁଡିପଡା ପଞ୍ଚାୟତର ରାଇମଡା, ଚମ୍ପାଡାଳି, ସିଲିଗାଡି ଓ ଜାନିସାହି ପ୍ରଭୃତି ସ୍ଥାନରେ ଗୋରୁଙ୍କୁ ଏହି ରୋଗ ବ୍ୟାପୁଛି। ଏବେ ଦଶପଲ୍ଲା ଏନ୍ଏସି ଅନ୍ତର୍ଗତ ଖଣ୍ଡପଡା ଅଞ୍ଚଳର କିଛି ଗୋରୁ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏହା ଏକ ଭୂତାଣୁଜନିତ ରୋଗ। ଏଥିରେ ଗୋରୁଙ୍କ ଦେହସାରା ଆବୁ ବାହାରିବା ସହ ଘା' ହୋଇଯାଉଛି। ଏହି ରୋଗରେ ଆକ୍ରାନ୍ତ ଥିବା ପ୍ରାଣୀଙ୍କ ଘା', ରକ୍ତ, ନାଳ, ସିଘାଂଣି ଓ ଶୁକ୍ରରେ ବସୁଥିବା ମଶା, ଡାଉଁଶ ଏବଂ ଟିଙ୍କ ମାଧ୍ୟମରେ ଅନ୍ୟ ପ୍ରାଣୀଙ୍କୁ ବ୍ୟାପିଥାଏ। ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସରିତା ଆନାଶୋଭା ଭେଙ୍ଗରାଙ୍କ କହିବା ଅନୁଯାୟୀ ଏହି ରୋଗ ହେଉଛି ଭୂତାଣୁଜନିତ। ଏଥିପାଇଁ କୌଣସି ପ୍ରତିଷେଧକ ଟିକା ବ୍ୟବସ୍ଥା ନାହିଁ। ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଦ୍ୱାରା ଲୋକଙ୍କୁ ସଚେତନ କରାଯାଉଛି। ଆକ୍ରାନ୍ତ ଥିବା ଗୋରୁଙ୍କଠାରେ ଯେପରି ମଶା, ଡାଉଁଶ କିମ୍ବା ଟିଙ୍କ ନ ଲାଗିବ ସେଥିପାଇଁ ଔଷଧ ଦିଆଯାଉଛି। ଏମାନଙ୍କଠାରୁ ଅନ୍ୟ ଗୋରୁଙ୍କୁ ଅଲଗା ରଖିବା ପାଇଁ ମଧ୍ୟ ସଚେତନ କରାଯାଉଥିବା ସେ କହିଛନ୍ତି।

## ■ ୩ ବରିଷ୍ଠ ଅଧିକାରୀଙ୍କ ନୟାଗଡ଼ ଜିଲା ଗସ୍ତ ଆଜି

# ଅସଜଡ଼ା ଭିତ୍ତିଭୂମି ସଜାଡ଼ିବାକୁ ଉଦ୍ୟମ

ନୟାଗଡ଼ ଅଫିସ,୧୦।୧୦



ନିରାମୟରୁ ଔଷଧ ନେବା ପାଇଁ ଲୋକମାନେ ଲାଇନ୍‌ରେ ଛିଡ଼ା ହୋଇଛନ୍ତି।


ମୁଖ୍ୟ ଚିକିତ୍ସାଳୟ ପରିସରରେ ମରାମତି କରାଯାଉଛି।

ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଉଥିବା ନିଷ୍ପତ୍ତି ତୃଣମୂଳସ୍ତରରେ କିପରି କାର୍ଯ୍ୟକାରୀ ହେଉଛି ତାହାର ତଦାରଖ କରିବା ପାଇଁ ୩ ବରିଷ୍ଠ ଆଇଏଏସ୍ ଅଧିକାରୀ ଶୁକ୍ରବାର ନୟାଗଡ଼ ଜିଲା ଗସ୍ତରେ ଆସୁଛନ୍ତି। ସେମାନେ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫ଟି ବିଭାଗ ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ, ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଓ ଅନ୍ୟ ଜଣେ। ଅପରାହ୍ଣରେ ଅଧିକାରୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ବିଭିନ୍ନ ଯୋଜନାର ଲାଭ ଓ ମିଳୁଥିବା ସୁବିଧାସୁଯୋଗ ବିଷୟରେ ରୋଗୀମାନଙ୍କଠାରୁ ପଚାରି ବୁଝିବେ। ବିଶେଷ କରି 'ମୋ ସରକାର' କାର୍ଯ୍ୟକ୍ରମ ଦ୍ୱାରା ରୋଗୀମାନେ କିପରି ଉପକୃତ ହେଉଛନ୍ତି ତାହାର ତଦାରଖ କରିବେ। ୩ ବରିଷ୍ଠ ଅଧିକାରୀ ଆସୁଥିବା ଖବର ଜଣାପଡ଼ିବା ପରେ ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଅସଜଡ଼ା ଭିତ୍ତିଭୂମି ସଜାଡ଼ିବା ପାଇଁ ଉଦ୍ୟମ କରାଯାଇଛି। ଚିକିତ୍ସାଳୟ ପରିସରରେ ଥିବା ନିରାମୟ କେନ୍ଦ୍ରରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଔଷଧ ପାଇଁ ଘଣ୍ଟା ଘଣ୍ଟା ଧରି ଖରାରେ ଲାଇନ୍‌ରେ ଛିଡ଼ା ହୁଅନ୍ତି। ଏଥିପାଇଁ ଗୁରୁବାର ନିରାମୟ କେନ୍ଦ୍ର ନିକଟରେ ଏକ ର୍‌ୟାମ୍ପ କରାଯାଉଥିବା ଦେଖିବାକୁ ମିଳିଥିଲା। ସେହିଭଳି ଚିକିତ୍ସାଳୟ ପରିସରରେ ଥିବା ଖରାପ ରାସ୍ତା ମରାମତି କରାଯାଇଥିଲା। ନୂଆ ସ୍ଲୋପ କରାଯିବା ସହ ସବୁ ୱାର୍ଡ଼କୁ ସଫା କରାଯାଇଥିଲା। କହିବାକୁ ଗଲେ

### ଜିଲା ମୁଖ୍ୟ ଚିକିତ୍ସାଳୟରେ ଚାଲିଛି ମରାମତି କାମ

ତରବରିଆ ଭାବେ ମେଡ଼ିକାଲର ଅସଜଡା ଭିତ୍ତିଭୂମିକୁ ନବୀକରଣ କରାଯାଉଥିବା ଦେଖାଯାଇଥିଲା। ବିଗତ ଦିନରେ ବିଭିନ୍ନ ଅବ୍ୟବସ୍ଥା ନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ଚର୍ଚ୍ଚାରେ ରହିଆସିଛି। ଯେପରିକି ଓପିଡ଼ିରେ ଡାକ୍ତରମାନେ ଠିକ୍ ସମୟରେ ନ ଆସିବା, ମେଡ଼ିକାଲ୍‌ରେ ରୋଗୀମାନଙ୍କଠାରୁ କର୍ମଚାରୀମାନେ ଟଙ୍କା ଦାବି କରିବା, ରୋଗୀମାନଙ୍କୁ ନିକଟସ୍ଥ ଘରୋଇ ମେଡ଼ିକାଲକୁ ସ୍ଥାନାନ୍ତର କରିବା ଭଳି ବହୁ ଅଭିଯୋଗ ରହିଛି। ଏହାର ସମାଧାନ କରାଗଲେ ରୋଗୀମାନେ ସରକାରୀ ଡାକ୍ତରଖାନା ପ୍ରତି ଆସ୍ଥା ପ୍ରକଟ କରନ୍ତେ ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷରେ ଡାକ୍ତରଖାନାରେ ଦେଖାଦେଉଥିବା ଅବ୍ୟବସ୍ଥା ସମ୍ପର୍କରେ ଲୋକମାନେ ସଚିବମାନଙ୍କ ଆଗରେ ପ୍ରକାଶ କରିବେ ନା କର୍ମଚାରୀମାନେ ଏହାକୁ ଘଣ୍ଟ ଘୋଡ଼ାଇବାକୁ ଚେଷ୍ଟା କରିବେ ତାହାକୁ ନେଇ ଏବେ ଚର୍ଚ୍ଚା ଚାଲିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ମୋ ସରକାର କାର୍ଯ୍ୟକ୍ରମ ଉପରେ କ'ଣ ଫିଡ୍‌ବ୍ୟାକ (ମତାମତ) ରହୁଛି ସେ ବିଷୟରେ ତଦାରଖ କରିବା ପାଇଁ ସଚିବମାନେ ଆସୁଛନ୍ତି। ତରବରିଆ ଭାବେ ର୍‌ୟାମ୍ପ କରାଯିବା ନେଇ ସେ କହିଥିଲେ ଯେ, ମାସେ ତଳେ ଏହା କରିବା ପାଇଁ ପୂର୍ତ୍ତ ବିଭାଗକୁ କୁହାଯାଇଥିଲା। ହେଲେ ଗୁରୁବାର ବିଭାଗ ପକ୍ଷରୁ ଏହି କାର୍ଯ୍ୟ କରାଯାଇଥିଲା।

# ବନମାଳୀପୁର ଟି-୨୦ କ୍ରିକେଟ ଫାଇନାଲରେ ରାମଚନ୍ଦ୍ର କ୍ରିକେଟ କ୍ଲବ

ଭାପୁର,୧୦।୧୦(ଡି.ଏନ୍.ଏ.)

ବନମାଳୀପୁର ଆଞ୍ଚଳିକ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ୩୨ତମ ବାର୍ଷିକ ଚ୍ୟାଲେଞ୍ଜ କପ୍ କ୍ରିକେଟ ଟୁର୍ନାମେଣ୍ଟ ଚାଲୁରହିଛି। ଗୁରୁବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ରାମଚନ୍ଦ୍ର କ୍ରିକେଟ କ୍ଲବ ବଘେଇ ୧୦୩ ରନ୍‌ରେ ପାୱାର ଇଲେଭେନ ବାଙ୍କୋଇକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚରେ ଟସ୍ ଜିତି ରାମଚନ୍ଦ୍ର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ବିନିମୟରେ ୧୮୮ ରନ୍ କରିଥିଲା। ଜବାବରେ ପାୱାର ଇଲେଭେନ ବାଙ୍କୋଇ ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୮୫ ରନ କରିପାରିଥିଲା। ରାମଚନ୍ଦ୍ର କ୍ରିକେଟ କ୍ଲବର ବିଶ୍ୱଜିତ ମହାପାତ୍ର ବ୍ୟାଟିଂରେ ଶତକୀୟ ପାଳି ଖେଳି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଭାରତୀୟ ରେଳବାଇର ଅବସରପ୍ରାପ୍ତ କର୍ମଚାରୀ ରାଧାନାଥ ତ୍ରିପାଠୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚକୁ ପ୍ରଶାନ୍ତ ସେଠୀ ଓ ବିରଞ୍ଚିନାରାୟଣ ପୃଷ୍ଟି ପରିଚାଳନା କରିଥିଲେ। ଶୁକ୍ରବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## ■ ନବନିର୍ମାଣ କୃଷକ ସଂଗଠନ ବୈଠକ

# ରାଷ୍ଟ୍ରୀୟ ସମ୍ମିଳନୀରେ ଯୋଗଦେବାକୁ ଆହ୍ୱାନ


ବୈଠକରେ ଯୋଗଦେଇଥିବା କୃଷକଙ୍କ ସହ ସଙ୍ଗଠନର କର୍ମକର୍ତ୍ତା।

ବୋଲଗଡ଼,୧୦।୧୦(ଡି.ଏନ.ଏ.)

ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ନଭେମ୍ବର ୬ ତାରିଖରେ ଭୁବନେଶ୍ୱର ବରମୁଣ୍ଡାଠାରେ ରାଷ୍ଟ୍ରୀୟ କୃଷକ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ବହୁ ସଂଖ୍ୟାରେ କୃଷକ ଯୋଗଦେବାକୁ ଆହ୍ୱାନ ଦିଆଯାଇଛି। ବୋଲଗଡ଼ ବ୍ଲକ ଅସରଳା ପଞ୍ଚାୟତ ପୁଆଣିଆଠାରେ ଗୁରୁବାର ସଂଗଠନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ଜିଲା ସଂଯୋଜକ ସୁରେଶ କୁମାର ମାନସିଂହଙ୍କ ଆବାହକତ୍ୱରେଏହା ଆୟୋଜିତ ହୋଇଥିଲା। ବୈଠକରେ ନଭେମ୍ବରରେ ଭୁବନେଶ୍ୱରଠାରେ ହେବାକୁ ଥିବା ରାଷ୍ଟ୍ରୀୟ ସମ୍ମିଳନୀରେ ଗାନ୍ଧୀବାଦୀ ସାମାଜିକ କର୍ମୀ ଆନ୍ନା ହଜାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତେଣୁ ବିଭିନ୍ନ ଗ୍ରାମରୁ ବହୁସଂଖ୍ୟାରେ ଚାଷୀ ଯୋଗଦେବାକୁ ସେ ଆହ୍ୱାନ ଦେଇଥିଲେ। ରାଜ୍ୟରେ ମୋଟ ଜନସଂଖ୍ୟାର ଶତକଡା ୭୦ ଭାଗରୁ ଉର୍ଦ୍ଧ୍ୱ ପରିବାର କୃଷି ଉପରେ ନିର୍ଭର କରିଥାନ୍ତି। ତେଣୁ ସେମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ଠିକ୍ ମୂଲ୍ୟ ପ୍ରଦାନ, ଚାଷୀକୁଳକୁ ସରକାରୀ ସ୍ତରରେ ଉଚିତ ସମ୍ମାନ, ସଂଗଠନର ଦାବି ଅନୁସାରେ ପେନ୍‌ସନ ଯୋଗାଇଦେବାକୁ ବୈଠକରେ ମତପ୍ରକାଶ ପାଇଥିଲା।

# ବିଶ୍ୱ ଦୃଷ୍ଟି ଦିବସ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ନୟାଗଡ଼ ଅଫିସ,୧୦।୧୦

ନୟାଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଗୁରୁବାର ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚକ୍ଷୁ ବିଶେଷଜ୍ଞ ଡା. ପ୍ରସନ୍ନ ପ୍ରସାଦ ସାହୁ ଯୋଗଦେଇ ଚଳିତବର୍ଷର ବାର୍ତ୍ତା ଦୃଷ୍ଟି ହିଁ ପ୍ରଥମ ଉପରେ ଆଲୋକପାତ କରିଥିଲେ। ଦୃଷ୍ଟିହୀନଙ୍କ ମଧ୍ୟରୁ ୬୦ ପ୍ରତିଶତ ବ୍ୟକ୍ତି ଅସ୍ତ୍ରୋପଚାର ମାଧ୍ୟମରେ ସୁସ୍ଥ ହେଉଛନ୍ତି ଓ ଏଥିପାଇଁ ଲୋକମାନେ ସଚେତନ ହେବା ଦରକାର ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡ଼ିଏମ୍ଓ (ପିଏଚ୍) ଡା. ନୀଳମାଧବ ମିଶ୍ର, ମାନସିକ ରୋଗ ନିବାରଣ ଅଧିକାରୀ ନୌସଦ ଅଲ୍ଲୀ ଖାଁ ପ୍ରମୁଖ ଯୋଗଦେଇଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ସଞ୍ଚାରଣ ଅଧିକାରୀ ପ୍ରସନ୍ନ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


## ପୂର୍ବ ତଟ ରେଳପଥ

**ଭୁବନେଶ୍ୱର ଷ୍ଟେସନ ଠାରେ ପେ ଆଣ୍ଡ୍ ୟୁଜ୍ ଶୌଚାଳୟ ଗୁଡ଼ିକର ପରିଚାଳନା ଏବଂ ରକ୍ଷଣାବେକ୍ଷଣ**

ସଂ. SDCM/KUR/Pay & Use Toilet/BBS (PF.1&6)/2019, ତା: 03.10.2019

**ବିବରଣୀ :** ଭୁବନେଶ୍ୱର ରେଳ ଷ୍ଟେସନ ଠାରେ ପ୍ଲାଟ୍‌ଫର୍ମ ନଂ. 1 ଏବଂ 6 ସ୍ଥିତ "ପେ ଆଣ୍ଡ ୟୁଜ୍ ଶୌଚାଳୟ" ର ପରିଚାଳନା ଏବଂ ରକ୍ଷଣାବେକ୍ଷଣ। ଶୌଚାଳୟ: 08 ସଂଖ୍ୟକ (ପ୍ଲାଟ୍‌ଫର୍ମ 1ରେ 04 ଟି ଏବଂ ପ୍ଲାଟ୍‌ଫର୍ମ 6 ରେ 04 ଟି), ସ୍ନାନ ସୁବିଧା : ପ୍ଲାଟ୍‌ଫର୍ମ 6ରେ 04 ଟି, ପରିସ୍ରାଗାର : ପ୍ଲାଟ୍‌ଫର୍ମ 6 ରେ 07 ଟି (ପୁରୁଷଙ୍କ ପାଇଁ - 04 ଟି ଏବଂ ମହିଳାଙ୍କ ପାଇଁ - 03 ଟି)।

**05 ବର୍ଷ ପାଇଁ ମୋଟ୍ ସଂରକ୍ଷଣ ମୂଲ୍ୟ (ଟଙ୍କାରେ) :** 23,78,580.00, EMD : ₹ 2,37,900.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 3,540.00, କାର୍ଯ୍ୟ ସମାପ୍ତିର ଅବଧି:05 (ପାଞ୍ଚ) ବର୍ଷ।

**ଟେଣ୍ଡର ଖୋଲା ହେବାର ତାରିଖ ଓ ସମୟ :** 20.11.2019 ର 1600 ଘଟିକା।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡରର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ)/ ଖୋର୍ଦ୍ଧା ରୋଡ଼
PR-420/K/19-20


# ଖଣ୍ଡପଡ଼ାରେ କୁମାର ଉତ୍ସବ

ଖଣ୍ଡପଡ଼ା,୧୦।୧୦(ସ୍ୱ.ପ୍ର.)

ଖଣ୍ଡପଡ଼ା ସହରର ଚନ୍ଦନ ବଜାରରେ ପାଟଚଣ୍ଡୀ ଫ୍ରେଣ୍ଡ୍‌ସ କ୍ଲବ ଆନୁକୂଲ୍ୟରେ ଗୁରୁବାର କୁମାର ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବୈକୁଣ୍ଠ ନାଥ ପଟ୍ଟନାୟକ ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ଅଧ୍ୟାପକ ଜଗଦୀଶ ମହାପାତ୍ର ମୁଖ୍ୟବକ୍ତା ଏବଂ ନବକିଶୋର ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗୁରୁପ୍ରସାଦ ସିଂହସାମନ୍ତ ଉତ୍ସବରେ ପୌରୋହିତ୍ୟ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସରୋଜ କୁମାର ଚୌଧୁରୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୁମାରୀ, କୁମାରମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଯୁବ ସଂଗଠକ ରାଜେଶ କୁମାର ହୋତା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ନୟାଗଡ଼ ଅଫିସ,୧୦।୧୦

ନୟାଗଡ଼ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଗୁରୁବାର ସ୍ଥାନୀୟ ସେବା କାର୍ଯ୍ୟାଳୟ ପରିସରରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଜିଲା ଜଜ୍ ଗୋପାଳ ଚନ୍ଦ୍ର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହିଦିବସ ପାଳନର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଏହାର ଉପକାରିତା, ଆଇନରେ ଥିବା ବିଧିବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମାନସ କୁମାର ପଣ୍ଡା ଯୋଗ ଦେଇ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଆଇନ ଓ ଏହାର ଉପକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ରଞ୍ଜୁଲତା ଲେଙ୍କା, ସବ୍‌ଜଜ୍ ମୁଖାରତ ଜାହିନ୍, ସେବାର ସମ୍ପାଦକ ସଞ୍ଜୟ କୁମାର ସୁବୁଦ୍ଧି, ସାମାଜିକ କର୍ମୀ ଦାମୋଦର ସାହୁ ପ୍ରମୁଖ ଯୋଗଦେଇ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଉପରେ ବକ୍ତବ୍ୟ ରଖିଥିଲେ।

# ଥୁଆବାରି, କୁଶବିଡ଼ାରେ ଶହୀଦ ଦିବସ

ନୟାଗଡ଼ ଅଫିସ/ନୂଆଗାଁ,୧୦।୧୦ (ଡି.ଏନ.ଏ.)

■ ଜିଲାସ୍ତରୀୟ ଅଧିକାରୀ ଯୋଗ ନ ଦେବାରୁ ଅସନ୍ତୋଷ

■ ଥୁଆବାରିକୁ ଆଦର୍ଶ ଗ୍ରାମ ଘୋଷଣା ପାଇଁ ଗ୍ରାମବାସୀଙ୍କ ନିବେଦନ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପାରାଡିପି ପଞ୍ଚାୟତ ଥୁଆବାରି ଗ୍ରାମରେ ଗୁରୁବାର ଶହୀଦ ଦିବସ ପାଳିତ ହୋଇ ଯାଇଛି। ଗ୍ରାମବାସୀଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ନୂଆଗାଁ ବିଡ଼ିଓ ଶିରିୟାଲ ପଟେଲ ଯୋଗଦେଇ ଶହୀଦ୍‌ମାନଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ଗ୍ରାମବାସୀ ଦର୍ଶାଇଥିଲେ, ଥୁଆବାରି ଗ୍ରାମର ଆନନ୍ଦ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଜିଲାର ହଜାର ହଜାର ତଫସିଲଭୁକ୍ତ ଜାତି ଓ ଜନଜାତିର ବ୍ୟକ୍ତିମାନେ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ। ସ୍ୱାଧୀନତା ସଂଗ୍ରାମୀମାନେ ଇଂରେଜମାନେ ରହୁଥିବା ବରକୋଳା ଡାକବଙ୍ଗଳା ଘେରାଉ କରିବା ସହିତ ବଙ୍ଗଳାକୁ ନିଆଁ ଲଗାଇ ଦେଇଥିଲେ। ଟେଲିଫୋନ୍ ତାର କାଟି ପୋଲିସକୁ ମାଡ଼ ମାରିବା ସହ ନୂଆଗାଁ ଥାନାରେ ନିଆଁ ଲଗାଇ ଦେଇଥିଲେ। ଠିକ୍ ଏହି ସମୟରେ ତତ୍କାଳୀନ ଦାରୋଗା ବେଣୁଧର ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ନେତା ଆନନ୍ଦ ଚନ୍ଦ୍ର ସ୍ୱାଇଁଙ୍କ ଉପରକୁ ଗୁଳି ଚାଳନା କରାଯାଇଥିଲା। ହେଲେ ଗୁଳିର ଶିକାର ହୋଇଥିଲେ କୁଶିବିଡ଼ା ଗ୍ରାମର ଶହୀଦ କଷ୍ଟି ଡ଼ାକୁଆ। ତାଙ୍କ ମୃତ୍ୟୁରେ ବିପ୍ଳବୀମାନେ ଭାଙ୍ଗି ନ ପଡି ବିପ୍ଳବ କରିଥିଲେ। ଗାଁର ଭାଗବତ ସ୍ୱାଇଁ, ଆନନ୍ଦ ଚନ୍ଦ୍ର ସ୍ୱାଇଁ, ପ୍ରହଲ୍ଲାଦ ସ୍ୱାଇଁ ଓ ରାମ ସ୍ୱାଇଁଙ୍କ ମୁଣ୍ଡ ବିନିମୟରେ ସରକାର ଘୋଷଣା କରିଥିଲେ ୫ଶହ ଲେଖାଏ ମୁଦ୍ରା। ଇଂରେଜମାନଙ୍କ ବିରୋଧରେ ଲଢେଇ କରି ଦେଶକୁ ରକ୍ଷା କରିଥିବା ଏହି ବୀରସନ୍ତାନଙ୍କ ୭୭ତମ ବଳିଦାନ ଦିବସ ପ୍ରତିବର୍ଷ ତାଙ୍କ ଜନ୍ମ ମାଟିରେ ପାଳିତ ହୋଇଆସୁଛି। ଦେଶ ସ୍ୱାଧୀନତାର ଅନେକ ବର୍ଷ ବିତିଯାଇଥିଲେ ବି ଥୁଆବାରି ସେହିଭଳି ଅବହେଳିତ ହୋଇ ରହିଛି। ଆଜିର ଦିବସରେ ଥୁଆବାରିକୁ ଆଦର୍ଶ ଗ୍ରାମ ଭାବେ ଘୋଷଣା କରିବାକୁ ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ନିକଟରେ ଗ୍ରାମବାସୀ ନିବେଦନ କରିଥିଲେ। ନୂଆଗାଁ ପୋଲିସ ପକ୍ଷରୁ ଶହୀଦମାନଙ୍କୁ ତୋପ ସଲାମୀ ଦିଆଯାଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ନିମନ୍ତ୍ରିତ କରାଯାଇଥିଲେ ମଧ୍ୟ ଜିଲାସ୍ତରୀୟ ଅଧିକାରୀ ନ ଆସିବାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ସେହିପରି ଜାକେଡ଼ା ପଞ୍ଚାୟତ କୁଶବିଡ଼ା ଗ୍ରାମରେ ଶହୀଦ୍ ଦିବସ ପାଳିତ ହୋଇଯାଇଛି। ଜାକେଡା ସରପଞ୍ଚ ତ୍ରିଲୋଚନ ସାହୁ ଓ କୁଶବିଡା ଗ୍ରାମବାସୀଙ୍କ ସହଯୋଗରେ ବୀର ଶହୀଦ୍ କଷ୍ଟି ଡ଼ାକୁଆଙ୍କ ୭୭ତମ ବଳିଦାନ ଦିବସରେ ଗ୍ରାମବାସୀ ସେମାନଙ୍କ ବକ୍ତବ୍ୟ ରଖିଥିଲେ।



ଥୁଆବାରି ଗ୍ରାମରେ ହୋଇଥିବା ଶହୀଦ ସ୍ତମ୍ଭ।


# CLASSIFIED DISPLAY













## MORE SPACE • SAME PRICE

## CLASSIFIED DISPLAY

(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

**For Booking Contact:**

Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166

5% GST Applicable



## ସଂକ୍ଷେପରେ

### ଦୁର୍ଗାମେଢ଼ ଭସାଣି ଉତ୍ସବ

**ବୋଲଗଡ଼,୧୦।୧୦(ଡି.ଏନ.ଏ.):** ବୋଲଗଡ଼ ବ୍ଲକର ବାଙ୍କୋଇ, ବୋଲଗଡ଼, ମାଣିକଗୋଡା, ଧଳାପଥର, ସାଗରଗାଁ, ପିଚୁକୁଳି ଆଦି ସ୍ଥାନରେ ମା' ଦୁର୍ଗାଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହିସବୁ ସ୍ଥାନରେ ପୂଜା ପାଉଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ କରାଯାଇଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ବାଜା, ବାଣ ଓ ପଟୁଆର କରାଯାଇ ମା'ଙ୍କୁ ମେଲାଣି ଦିଆଯାଇଛି।

### ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା
### କର୍ମଚାରୀ ଅନୁପସ୍ଥିତି ନେଇ ଉତ୍ତେଜନା

**ପୁରୀ ଅଫିସ, ୧୦।୧୦-** ଗତ ଗାନ୍ଧୀ ଜୟନ୍ତୀଠାରୁ ରାଜ୍ୟ ସରକାର 'ମୋ ସରକାର' ଯୋଜନା ଆରମ୍ଭ କରିଛନ୍ତି। ସ୍ୱାସ୍ଥ୍ୟସେବାକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଚିକିତ୍ସାଳୟଗୁଡ଼ିକୁ ଏଥିରେ ସାମିଲ କରାଯାଇଛି। ରୋଗୀଙ୍କୁ ଉତ୍ତମ ବ୍ୟବହାର କରିବା ସହ ଆବଶ୍ୟକ ସେବା ଯୋଗାଇବା ଏବଂ କର୍ମଚାରୀମାନେ ଧାର୍ଯ୍ୟ ସମୟରେ ଡ୍ୟୁଟିକୁ ଆସିବା ଉପରେ ଗୁରୁତ୍ୱ ଦିଆଯାଉଛି। ତେବେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଗୁରୁବାର ନିଦାନ ବିଭାଗରେ କର୍ମଚାରୀଙ୍କ ଅନୁପସ୍ଥିତି ନେଇ ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଓପିଡି ସମୟ ଅର୍ଥାତ୍ ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ନିଦାନ ବିଭାଗ ଖୋଲା ରହେ। ତେବେ ଗୁରୁବାର ସକାଳ ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ଏହି ବିଭାଗରେ କୌଣସି କର୍ମଚାରୀଙ୍କ ଦେଖା ନ ଥିଲା। ରକ୍ତ ଓ ମଳମୂତ୍ର ଆଦି ପରୀକ୍ଷା ଲାଗି ବହୁ ରୋଗୀ ସକାଳୁ ଧାଡ଼ିରେ ଅପେକ୍ଷା କରି ରହିଥିଲେ। ଏମାନଙ୍କ ମଧ୍ୟରେ ଛୋଟ ପିଲା, ମହିଳା ଏବଂ ବରିଷ୍ଠ ନାଗରିକ ଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ କେହି କର୍ମଚାରୀ ନ ଆସିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେମାନେ ସେଠାରେ ହୋ ହଲ୍ଲା କରିଥିଲେ। ଫଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା କେତେଜଣ ରୋଗୀ ଗଣମାଧ୍ୟମକୁ କହିଛନ୍ତି। ଏ ସମ୍ପର୍କରେ ସିଡିଏମ୍ଓ ନୀଳକଣ୍ଠ ମିଶ୍ରଙ୍କୁ ପଚାରିବାରେ କହିଛନ୍ତି, 'ମୋ ନିକଟକୁ କୌଣସି ଅଭିଯୋଗ ଆସିନି। ଆସିଲେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ପୋଲିସ ଅଧିକାରୀଙ୍କ ଦକ୍ଷତା ବିକାଶ କର୍ମଶାଳା

**ପୁରୀ ଅଫିସ,୧୦।୧୦-** ପୁରୀ ପୋଲିସ ପକ୍ଷରୁ ରିଜର୍ଭ ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଏସ୍‌ପି ଡା. ଉମାଶଙ୍କର ଦାଶ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ୫-ଟି ସୂତ୍ରକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ସେ କର୍ମଚାରୀମାନଙ୍କୁ କହିଥିଲେ। ଏଥିରେ ପୁରୀ ଜିଲାର ସମସ୍ତ ଥାନା ଅଧିକାରୀ, ବରିଷ୍ଠ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ। ପ୍ରଜାପିତା ବ୍ରହ୍ମକୁମାରୀ ପକ୍ଷରୁ ରବି ବେହେରା, ଡିଏସ୍‌ପି ଜ୍ଞାନ ରଞ୍ଜନ ମହାପାତ୍ର ଏବଂ ଡ. ଗିରିଶ ପ୍ରସାଦ ସ୍ୱାଇଁ ପ୍ରମୁଖ ପୋଲିସ ଅଧିକାରୀମାନଙ୍କୁ ଯୋଗ, ପ୍ରାଣାୟମ, ଧ୍ୟାନ, ଦକ୍ଷତା ବିକାଶ, ବ୍ୟବହାରିକ ଜ୍ଞାନ, କାର୍ଯ୍ୟ କୁଶଳତା ଆଦି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ■ ଖଣ୍ଡପଡ଼ା: ପାନୀୟ ଜଳ ଯୋଗାଣରେ ଅବ୍ୟବସ୍ଥା
# ୪ ଦିନ ହେଲା ମିଳୁନି ପିଇବା ପାଣି

**ଖଣ୍ଡପଡା,୧୦।୧୦ (ସ୍ୱ.ପ୍ର.)**

ଖଣ୍ଡପଡା ସହରବାସୀ ଗତ ୪ଦିନ ହେଲା ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବିଭାଗୀୟ ଯନ୍ତ୍ରୀମାନଙ୍କ ସମନ୍ୱୟର ଅଭାବ ତଥା ଅଣଦେଖା ଯୋଗୁ ସାଧାରଣ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରବାସୀଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିବା ଜଣାପଡ଼ିଛି ।

ଖଣ୍ଡପଡ଼ା ସହରର ୧୩ଟି ୱାର୍ଡର ବାସିନ୍ଦାଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟରେ ବିଭିନ୍ନ ସ୍ଥାନରେ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି। କଣ୍ଟିଲୋ ନିକଟସ୍ଥ ବଡବାଣପୁର ମହାନଦୀ ପଠାରୁ ଖଣ୍ଡପଡ଼ା ଓ ନୟାଗଡ଼ ସହରବାସୀଙ୍କୁ ପାନୀୟ ଜଳ ଯୋଗାଇବା ନିମନ୍ତେ ମେଗା ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି । ଏହି ଯୋଜନାରେ ନୟାଗଡବାସୀଙ୍କୁ ୨୦ ଓ ଖଣ୍ଡପଡା ସହରବାସୀଙ୍କୁ ୧୦ ଲକ୍ଷ ଲିଟର ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା ରହିଥିବା ବେଳେ ଏହାର ବ୍ୟତିକ୍ରମ ଦେଖାଦେଇଛି ଖଣ୍ଡପଡା ସହରାଞ୍ଚଳ ପାଇଁ । ପାଇପ ଲାଇନ ଯୋଗେ ନୟାଗଡ଼ ସହରବାସୀ ନିୟମିତ ପାଣି ପାଉଥିବା ବେଳେ ଖଣ୍ଡପଡ଼ା ସହରବାସୀଙ୍କୁ ଟୋପାଏ ହେଲେ ପାଣି ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ମହାନଦୀରୁ ଖଣ୍ଡପଡ଼ା ସହରବାସୀଙ୍କୁ ପାଇପ ଲାଇନ ଯୋଗେ ଜଳ ଯୋଗାଣ ନିମନ୍ତେ ଓଭରହେଡ ପାଣି ଟାଙ୍କି ଓ ଜଳ ବିଶୋଧନାଗାର ପ୍ରତିଷ୍ଠା କରାଯାଇଛି । ଦୈନିକ ୬୫ ଲକ୍ଷ ଲିଟର ଜଳ ଧାରଣ କ୍ଷମତା ରଖୁଥିବା ଜଳ ବିଶୋଧନାଗାର ଦାୟିତ୍ୱରେ ଥିବା ନୟାଗଡ଼ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀଙ୍କ ଖାମଖିଆଲ ନୀତି ଯୋଗୁ ଖଣ୍ଡପଡା ସହରବାସୀ ମହାନଦୀ ପାଣି ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି । ତେବେ ଏ ସମ୍ପର୍କରେ ଖଣ୍ଡପଡା ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ତ୍ରିଲୋଚନ ବେହେରାଙ୍କୁ ପଚାରିବାରେ ସେ କହିଥିଲେ ବାଣପୁରଠାରେ ଥିବା ଟ୍ରାନ୍ସଫର୍ମରଟି ପୋଡିଯାଇଛି। ତେଣୁ ଗତ ୭ ତାରିଖଠାରୁ ପାଣି ବନ୍ଦ ରହିଥିବା ବେଳେ ଗୁରୁବାର କିଛି ପରିମାଣରେ ପାଣି ଯୋଗାଯାଇଛି । ତେବେ ପାନୀୟ ଜଳ ଯୋଗାଣରେ ଦେଖା ଦେଇଥିବା ଅବ୍ୟବସ୍ଥା ସମ୍ପର୍କରେ ସେ ବିଭାଗୀୟ ନିର୍ବାହୀଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବୋଲି ସୂଚନା ଦେଇଥିଲେ । ନୟାଗଡ ଜିଲା ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଶରତ କୁମାର ନାୟକ ଏହି ଦାୟିତ୍ୱରେ ରହିଥିବା ବେଳେ ଆମକୁ ସେ ଯେତିକି ପାଣି ପ୍ରକଳ୍ପରୁ ଯୋଗାଇବେ ଆମେ ସେତିକି ପାଣି ଖଣ୍ଡପଡା ସହରବାସୀଙ୍କୁ ଯୋଗାଇ ପାରିବୁ ବୋଲି ଯନ୍ତ୍ରୀ ବେହେରା କହିଥିଲେ। ଏ ସମ୍ପର୍କରେ ଶରତ କୁମାର ନାୟକଙ୍କୁ ପଚାରିବାରେ ମୁଁ ଏ ସମ୍ପର୍କରେ କିଛି କହି ପାରିବି ନାହିଁ ବୋଲି କହି ପ୍ରଶ୍ନକୁ ଏଡାଇ ଯାଇଥିଲେ । ସେହିପରି ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀଯନ୍ତ୍ରୀ ସବୁ ଜାଣି କିଛି ନ ଜାଣିବା ନ୍ୟାୟରେ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ପାନୀୟ ଜଳ ଯୋଗାଣରେ ଅବ୍ୟବସ୍ଥାକୁ ନେଇ ଦୈନିକ ଖଣ୍ଡପଡା ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରେ ହୋହଲ୍ଲା, ପାଟିତୁଣ୍ଡ ହେଉଥିବା ନଜରକୁ ଆସିଛି। ସମସ୍ୟାର ଯଥାଶୀଘ୍ର ସମାଧାନ ନ ହେଲେ ସହରବାସୀ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ଆମ୍ବନାଳ ସେତୁର ଆପ୍ରୋଚ ରାସ୍ତା ନିର୍ମାଣ ଦାବି


ନିର୍ମାଣ ହୋଇପାରି ନ ଥିବା ଆପ୍ରୋଚ ରୋଡ୍।

**ଖଣ୍ଡପଡ଼ା,୧୦।୧୦(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରରୁ ଜେଲଖାନା ଛକଦେଇ ନିକଟସ୍ଥ ବନମାଳୀପୁର ଗ୍ରାମକୁ ସଂଯୋଗ କରୁଥିବା ଆମ୍ବନାଳ ଉପରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ସେତୁ ନିର୍ମାଣ ହୋଇଛି। ଉକ୍ତ ସେତୁ କାର୍ଯ୍ୟ ଶେଷ ହେବାର ଇତିମଧ୍ୟରେ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ସେତୁକୁ ସଂଯୋଗ କରୁଥିବା ଉଭୟ ପାର୍ଶ୍ୱ ଆପ୍ରୋଚ ରାସ୍ତା ନିର୍ମାଣରେ ବିଳମ୍ବ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ସେତୁର ଆପ୍ରୋଚ ରାସ୍ତା ନିମନ୍ତେ ଗାର୍ଡୱାଲ ନିର୍ମାଣ କାର୍ଯ୍ୟ ୬ ମାସ ତଳୁ ଶେଷ ହୋଇଛି। ଖଣ୍ଡପଡା ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେତୁ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ ହୋଇଥିବା ଜଣାପଡିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବନ୍ୟପ୍ରାଣୀ ବିଭାଗରୁ ୯୯ ଗାଡ଼ି ମାଲିକଙ୍କୁ ମିଳିଲା ପରିଚୟପତ୍ର


ପରିଚୟପତ୍ର ଗ୍ରହଣ କରିଥିବା ଗାଡ଼ିମାଲିକ ଓ ଚାଳକମାନେ।

**ଗଣିଆ,୧୦।୧୦(ଡି.ଏନ.ଏ.)**

ସାତକୋଶିଆ ବ୍ୟାଘ୍ର ସଂରକ୍ଷଣାଞ୍ଚଳ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଛାମୁଣ୍ଡିଆ ଓ କୁଶଙ୍ଗ ବନାଞ୍ଚଳରେ ଗୁରୁବାର ୯୯ଜଣ ଗାଡି ମାଲିକଙ୍କୁ ବନ୍ୟପ୍ରାଣୀ ବିଭାଗ ତରଫରୁ ପରିଚୟପତ୍ର ପ୍ରଦାନ କରାଯାଇଛି । ଏଥିମଧ୍ୟରୁ ଛାମୁଣ୍ଡିଆ ବନାଞ୍ଚଳରେ ୭୭ ଓ କୁଶଙ୍ଗ ବନାଞ୍ଚଳରେ ୨୨ଜଣ ୩ଚକିଆ ଓ ୪ଚକିଆ ଯାନବାହନର ମାଲିକ ତଥା ଚାଳକଙ୍କୁ ଏହି ପରିଚୟପତ୍ର ପ୍ରଦାନ କରାଯାଇଛି । ଉକ୍ତ ପରିଚୟପତ୍ରରେ ଗାଡି ନମ୍ବର, ମାଲିକଙ୍କ ନାମ ଓ ଠିକଣା ରହିଥିବା ବେଳେ ମହାବଳ ବାଘ ଚିତ୍ରର ଲୋଗ ଥିବା ଷ୍ଟିକର ଗାଡିଗୁଡିକରେ ଲଗାଯାଇଥିଲା । ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା, ଫରେଷ୍ଟର ଗୋଲକ ବିହାରୀ ବେହେରା, ଦୀପ୍ତିରଞ୍ଜନ ଆଚାର୍ଯ୍ୟ, ବ୍ରଜରାଜ ବିଶ୍ୱାଳ, ଗାୟତ୍ରୀ ପରିଡ଼ା ଓ ଫରେଷ୍ଟ ଗାର୍ଡ ରଞ୍ଜିତା ସ୍ୱାଇଁ, ପ୍ରଭାକର ସାହୁ, ପୁଷ୍ପଲତା ପ୍ରଧାନ ଓ କାଳନ୍ଦୀ ଚରଣ ସାଥୁଆ ପ୍ରମୁଖ ଯୋଗଦେଇ ପରିଚୟପତ୍ର ବଣ୍ଟନ କରିଥିଲେ। ତେବେ ସମ୍ପୃକ୍ତ ଗାଡି ଚାଳକମାନଙ୍କୁ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ତରଫରୁ ସ୍ୱତନ୍ତ୍ର ଭାବେ ସବୁଜ ରଙ୍ଗର ବାନିୟନ ପ୍ରଦାନ କରାଯାଇଥିଲା। ଉକ୍ତ ବନାଞ୍ଚଳ ପରିସରରେ ଥିବା ସ୍ଥାନୀୟ ଗାଡିମାଲିକଙ୍କ ଯାନବାହନ ଗୁଡିକ ସୁବିଧାରେ ଚଳପ୍ରଚଳ ନିମିତ ବନ୍ୟପ୍ରାଣୀ ବିଭାଗ ତରଫରୁ ଏହି ପରିଚୟପତ୍ର ପ୍ରଦାନ କରାଯାଇଥିବା ବନାଞ୍ଚଳ ଅଧିକାରୀ କହିଛନ୍ତି । ଅପରପକ୍ଷେ ଅଭୟାରଣ୍ୟ ମଧ୍ୟରେ ଥିବା ତନଖି ଫାଟକଗୁଡିକରେ ଏହା ସ୍ୱତନ୍ତ୍ର ପରିଚୟପତ୍ର ଭାବେ କାର୍ଯ୍ୟକରିବ। ଫଳରେ ଅଭୟାରଣ୍ୟ ମଧ୍ୟରେ ଏହି ପଞ୍ଜୀକୃତ ଗାଡିଗୁଡିକ ଯାତାୟାତ କରିବା ପାଇଁ କୌଣସି ଟିକସ ଦେବାକୁ ପଡିବ ନାହିଁ । ସେହିପରି ଅପରାହ୍ନରେ କୁଶଙ୍ଗ ବନାଞ୍ଚଳ ଅଧିକାରୀ ଅଶୋକ କୁମାର ଦାସ, ସହକାରୀ ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ଭୂତିଆ ଉପସ୍ଥିତ ରହି ୨୨ଜଣ ଗାଡିମାଲିକଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ।

## ବାଙ୍କୋଇରେ ସତ୍ୟନାରାୟଣ ପୂଜା ଉତ୍ସବ

**ବୋଲଗଡ଼,୧୦।୧୦(ଡି.ଏନ.ଏ.)**

ଶାରଦୀୟ ପୂଜା ଅବସରରେ ବୋଲଗଡ଼ ବ୍ଲକ ବାଙ୍କୋଇ କଚେରିବରଠାରେ ଅନୁଷ୍ଠିତ ହୋଇଛି ୩୯ତମ ସତ୍ୟନାରାୟଣ ପୂଜା ଉତ୍ସବ। ଏଥିପାଇଁ ଗୁରୁବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି ବାଦିପାଲା। ଗ୍ରାମର ବରିଷ୍ଠ ଶିକ୍ଷାବିତ୍, ସାମାଜିକ କର୍ମୀ ଓ ଯୁବକ ସଂଘ ପକ୍ଷରୁ ଏହି ଉତ୍ସବ ପ୍ରତିବର୍ଷ ଆୟୋଜିତ ହେଉଛି। ରବିବାର ରାତି ପର୍ଯ୍ୟନ୍ତ ଏହା ଚାଲୁରହିବ ବୋଲି ଆୟୋଜକଙ୍କ ପକ୍ଷରୁ ଶିକ୍ଷାବିତ୍ ଜୟକୃଷ୍ଣ ଫତେସିଂହ ସୂଚନା ଦେଇଛନ୍ତି। କଟକ ଜିଲା ଗୋପୀନାଥପୁର ଶାସନର ଗାୟକ ଗୁଣନିଧି ବସନ୍ତ କୁମାର ମିଶ୍ର ଓ ପୁରୀ ଜିଲା ବ୍ରହ୍ମଗିରି ପଲ୍ଲୀ ଗ୍ରାମର ଗାୟକ ଭାର୍ଗବ ହିମାଂଶୁ କୁମାର ବରାଳ ବାଦିପାଲା ପରିବେଷଣ କରୁଛନ୍ତି। ଏହାକୁ ଉପଭୋଗ କରିବା ପାଇଁ ବିଭିନ୍ନ ଗ୍ରାମରୁ ବହୁସଂଖ୍ୟାରେ ପାଲାପ୍ରେମୀଙ୍କ ସମାଗମ ହେଉଛି।

## ଭାଇଭଉଣୀଙ୍କୁ ମରଣାନ୍ତକ ଆକ୍ରମଣ: ଜେଲ ଗଲେ ଯୁବକ

**ଖଣ୍ଡପଡା,୧୦।୧୦(ସ୍ୱ.ପ୍ର.)**

ଖଣ୍ଡପଡା ଥାନା ଅଞ୍ଚଳରେ ଦୁର୍ଗାପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଆସିଥିବା ଭାଇ ଭଉଣୀ ୨ଜଣଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ପ୍ରକାଶ ଯେ, ଖଳିସାହି ଦୁର୍ଗା ବଜାର ପୂଜା କମିଟି ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ନିମନ୍ତେ ବୁଧବାର ରାତିରେ ପ୍ରବଳ ଜନସମାଗମ ହୋଇଥିଲା। ନିକଟସ୍ଥ ପୁଆଣିଆଁ ଗ୍ରାମର ଜଣେ ମହିଳା ତାଙ୍କ ଭାଇଙ୍କ ସହ ଦୁର୍ଗାବଜାର ପୂଜା ମଣ୍ଡପ ନିକଟକୁ ଆସିଥିଲେ। ସେଠାରେ ସାମାନ୍ୟ କଥାକୁ କେନ୍ଦ୍ରକରି କିଛି ଯୁବକଙ୍କ ସହ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା । ଫଳରେ ଖଳିସାହି ବଡସାହିର ବାସିନ୍ଦା ପ୍ରମୋଦ କୋଠାଳ ଓ ୫ ଜଣ ସହଯୋଗୀ ସମ୍ପୃକ୍ତ ଯୁବକଙ୍କୁ ପେଲାଠେଲା କରିବା ସହ ମାଡ଼ ମାରିଥିଲେ। ନିକଟରେ ଥିବା ଭଉଣୀ ଏହାର ପ୍ରତିରୋଧ କରିବାରୁ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏଥିସହ ଆକ୍ରମଣକାରୀ ପ୍ରମୋଦ ଏବଂ ସହଯୋଗୀମାନେ ଭାଇ ଭଉଣୀଙ୍କୁ ମାଡମାରି ନିକଟରେ ଥିବା ଏକ ପୋଖରୀ ମଧ୍ୟକୁ ଠେଲିଦେଇଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ବାସିନ୍ଦା ସେମାନଙ୍କୁ ପୋଖରୀ ମଧ୍ୟରୁ ଉଦ୍ଧାର କରିବା ସହ ପରିବାରବର୍ଗଙ୍କୁ ଖବର ଦେଇଥିଲେ । ଏ ନେଇ ସଂପୃକ୍ତ ମହିଳା ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା । ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ପୋଲିସ ପ୍ରମୋଦଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଥିଲା । କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଖଣ୍ଡପଡ଼ା ସବ୍‌ଜେଲକୁ ପଠାଇ ଦିଆଯାଇଥିବା ଜଣାପଡିଛି।

## ଜମିରହିଛି ପାଣି: ଡେଙ୍ଗୁ ଆଶଙ୍କା

### ଜଳ ନିଷ୍କାସନ ବ୍ୟବସ୍ଥା ନାହିଁ

**ଖଣ୍ଡପଡ଼ା,୧୦।୧୦(ସ୍ୱ.ପ୍ର.)**


ବାଳିକା ଉଚ୍ଚ ବିଦ୍ୟାଳୟ ପାର୍ଶ୍ୱରେ ପାଣି ଜମି ରହିଛି।

ଖଣ୍ଡପଡା ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଏପରିସ୍ଥଳେ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ପାର୍ଶ୍ୱରେ ଥିବା ଏକ ବିସ୍ତୀର୍ଣ୍ଣ ଜାଗାରେ ବର୍ଷାଜଳ ମାସ ମାସ ଧରି ଜମି ରହିବା ଯୋଗୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାଜଳ ନିଷ୍କାସନ ନିମନ୍ତେ କୌଣସି ବ୍ୟବସ୍ଥା ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଉକ୍ତ ସ୍ଥାନରେ ବର୍ଷା ଜଳ ଜମି ରହିବା ଯୋଗୁ ଭବିଷ୍ୟତରେ ଡେଙ୍ଗୁ ରୋଗ ବ୍ୟାପିବା ଆଶଙ୍କାରେ ୱାର୍ଡବାସୀ ଆତଙ୍କିତ ହୋଇପଡିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ଏନଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ପିଏଡିଟି ସଦସ୍ୟ ସଚିବ

**ପୁରୀ ଅଫିସ, ୧୦।୧୦**

ନେପାଳସ୍ଥିତ ପଶୁପତିନାଥ ମନ୍ଦିର ପରିଚାଳନା କରୁଥିବା ପଶୁପତିନାଥ ଏରିଆ ଡେଭଲପମେଣ୍ଟ ଟ୍ରଷ୍ଟ (ପିଏଡିଟି)ର ସଦସ୍ୟ ସଚିବ ଡ. ପ୍ରଦୀପ ଢକାଲ ଗୁରୁବାର ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଅପରାହ୍ନ ପ୍ରାୟ ସାଢେ ୪ଟାରେ ଡ. ଢକାଲ ସିଂହଦ୍ୱାରରେ ପହଞ୍ଚିବା ପରେ ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଏହାପରେ ସେ ମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଢା ପରିସର ବୁଲି ଅନ୍ୟାନ୍ୟ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ପ୍ରାୟ ୧ଘଣ୍ଟା ଧରି ସେ ମନ୍ଦିରରେ ବିତାଇଥିଲେ। ଫେରିବା ବେଳେ ଶ୍ରୀମନ୍ଦିର ପ୍ରଶାସନକୁ ଏକ ଶାଳଗ୍ରାମ ପ୍ରଦାନ କରିଥିଲେ। ଏଥିସହ ତାଙ୍କ ସହିତ ଥିବା ପ୍ରଶାସନିକ ଅଧିକାରୀଙ୍କୁ ରୁଦ୍ରାକ୍ଷ ମାଳ ଦେଇଥିଲେ। ସେ ଅଧିକାରୀଙ୍କଠାରୁ ଶ୍ରୀମନ୍ଦିର ପରିଚାଳନା ଓ ସେବାପୂଜା ସମ୍ପର୍କରେ ପଚାରି ବୁଝିବା ସହ ପଶୁପତିନାଥ ମନ୍ଦିରର ପରିଚାଳନା ବିଷୟରେ କହିଥିଲେ।

### ଶ୍ରୀମନ୍ଦିର ପ୍ରଶାସନକୁ ଦେଲେ ଶାଳଗ୍ରାମ


ପିଏଡିଟି ସଦସ୍ୟ ସଚିବ ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି।

## ଖଣ୍ଡପଡ଼ାରେ ଗୋପବନ୍ଧୁ ଜୟନ୍ତୀ

**ଖଣ୍ଡପଡ଼ା,୧୦।୧୦(ସ୍ୱ.ପ୍ର.)**


ଜୟନ୍ତୀ ଉତ୍ସବରେ ଅତିଥିଙ୍କ ସହ ଅନ୍ୟମାନେ।

ଖଣ୍ଡପଡ଼ା ଓମ୍ ସାଇ ଇଣ୍ଟର ନ୍ୟାଶନାଲ ସ୍କୁଲ ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉତ୍ସବ ବୁଧବାର ଅପରାହ୍ନରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ରୋଜାଲିନ ଦାଶଙ୍କ ପୌରୋହିତ୍ୟରେ ଏକ ସଭା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଗିରିଜାଶଙ୍କର ତରାସିଆ ଯୋଗଦେଇ ଗୋପବନ୍ଧୁଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରସମାଜ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପଞ୍ଚାନନ ମିଶ୍ର, ଶିକ୍ଷୟିତ୍ରୀ ମିନତି ମିଶ୍ର, ବିଶ୍ୱ ବନ୍ଦିତା ମିଶ୍ର, ପ୍ରିୟଙ୍କା ଦାସ ପ୍ରମୁଖ ଯୋଗଦେଇଥିଲେ। ଭବାନୀଶଙ୍କର ସିଂହସାମନ୍ତ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଗୋପବନ୍ଧୁଙ୍କ ଜୀବନୀ ସମ୍ପର୍କରେ ଆୟୋଜିତ ବକ୍ତୃତା ଓ ସାଧାରଣଜ୍ଞାନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି କଣ୍ଟିଲୋ ବାଳିକା ପ୍ରାଥମିକ ବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କ ଦ୍ୱାରା ବୁଧବାର ଉତ୍କଳମଣିଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମାନସୀ ମହାରଣା ଗୋପବନ୍ଧୁଙ୍କ ଜୀବନାଦର୍ଶ ସମ୍ବନ୍ଧରେ ଆଲୋକପାତ କରିଥିଲେ।

## ■ ହବିଷିଆଳି ଯୋଜନା: ରହିବେ ୩ ହଜାର ବ୍ରତଧାରୀ
# ୧୩ରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

**ପୁରୀ ଅଫିସ, ୧୦।୧୦**

■ ଶେଷ ପର୍ଯ୍ୟାୟରେ ପ୍ରଶାସନିକ ପ୍ରସ୍ତୁତି

■ ୧୭୨୬ ନାମ ପଞ୍ଜୀକରଣ କଲେଣି

ଶ୍ରୀମନ୍ଦିରରେ ଆରମ୍ଭ ହୋଇଯାଇଛି କାର୍ତ୍ତିକ ମାସ ବାଲ୍ୟଧୂପ ନୀତି। ଆସନ୍ତା ୧୪ ତାରିଖରୁ ଆରମ୍ଭ ହେବ ଧର୍ମ ମାସ କାର୍ତ୍ତିକ। ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କରିବେ ହଜାର ହଜାର ହବିଷିଆଳି। ତେବେ ସରକାର ହବିଷିଆଳି ଯୋଜନାରେ ପ୍ରାୟ ୩ ହଜାର ବ୍ରତଧାରୀଙ୍କ ରହିବା, ଖାଇବା ଏବଂ ଆନୁଷଙ୍ଗିକ ବ୍ୟବସ୍ଥା କରିବେ। ଏଥିପାଇଁ ନାମ ପଞ୍ଜୀକରଣ ଜାରି ରହିଛି। ୧୩ ତାରିଖ ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିବେ। ଏଥିପାଇଁ ରେଳୱେ ଟୁରିଷ୍ଟ କମ୍ପ୍ଲେକ୍ସ ପରିସରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଏ ନେଇ ଗୁରୁବାର ଟାଉନ ହଲ୍‌ରେ ହବିଷିଆଳି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ ବଲୱନ୍ତ ସିଂ ସମୀକ୍ଷା କରି ପ୍ରଶାସନିକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ସୂଚନା ଦେଇଛନ୍ତି।

ଆସନ୍ତା ୧୩ରୁ ନଭେମ୍ବର ୧୨ତାରିଖ ପର୍ଯ୍ୟନ୍ତ ହବିଷିଆଳିଙ୍କ ରହିବା ଲାଗି ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ହୋଇଛି। ବିଗତ କିଛିବର୍ଷ ପରି ଏ ବର୍ଷ ହବିଷିଆଳି ଯୋଜନାରେ ୩ହଜାର ହବିଷିଆଳି ରହିବେ। ୩ଟି ଆଶ୍ରୟସ୍ଥଳ ଅର୍ଥାତ୍ ରେଳୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ୯୦୦, ପୌରସଂସ୍ଥା କଲ୍ୟାଣ ମଣ୍ଡପରେ ୬୦୦ ଏବଂ ନରେନ୍ଦ୍ରକୋଣସ୍ଥିତ ହବିଷିଆଳି କେନ୍ଦ୍ରରେ ୧,୫୦୦ ବ୍ରତଧାରୀଙ୍କୁ ରଖିବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ଗୁରୁବାର ସୁଦ୍ଧା ପୁରୀ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ୧,୭୨୬ ଜଣ ନାମ ପଞ୍ଜୀକରଣ କରିସାରିଛନ୍ତି। ଶୁକ୍ରବାର ପଞ୍ଜୀକରଣର ଶେଷ ଦିବସ ରହିଛି। ରେଳୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ୯୦୦ ଓ କଲ୍ୟାଣ ମଣ୍ଡପରେ ୫୫୦ଜଣ ବ୍ରତଧାରୀଙ୍କୁ ପ୍ରାଥମିକତା ଭିତ୍ତିରେ ରହିବା ଲାଗି ତାଲିକାଭୁକ୍ତ କରାଯାଇ ସେମାନଙ୍କୁ ପରିଚୟପତ୍ର ଦିଆଯାଇଛି। ଏଥିପାଇଁ ୩ଜଣ ସୁପରଭାଇଜିଂ ଅଧିକାରୀ, ୪ଜଣ କୋଅର୍ଡିନେଟିଂ ଅଧିକାରୀ ଏବଂ ୧୨ଜଣ ନୋଡାଲ ଅଫିସରଙ୍କୁ ନିଯୁକ୍ତ କରାଯାଇଛି। ସେମାନଙ୍କୁ ସହାୟତା କରିବା ଲାଗି ପ୍ରାୟ ୪୦ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱ ବଣ୍ଟାଯାଇଛି। ହବିଷିଆଳିମାନଙ୍କ ରହଣି, ପୂଜାର୍ଚ୍ଚନା, ମହାପ୍ରସାଦ ସେବନ, ପାନୀୟଜଳ, ଗରମ ପାଣି, ପୂଜାପିଣ୍ଡି, ଆକାଶଦୀପ, ସିସିଟିଭି, ଆଶୁ ଚିକିତ୍ସା କେନ୍ଦ୍ର, ସୁରକ୍ଷା ଆଦି ବ୍ୟବସ୍ଥା କରାଯାଇଛି। ଯିବା ଆସିବା ପାଇଁ ରେଳୱେ ଟୁରିଷ୍ଟ କମ୍ପ୍ଲେକ୍ସଠାରେ ଦୁଇଟି ବସ୍ ବ୍ୟବସ୍ଥା ହୋଇଛି। ସ୍ନାନ ପାଇଁ ନରେନ୍ଦ୍ର ପୁଷ୍କରିଣୀରେ ସ୍ୱତନ୍ତ୍ର ତୁଠର ବ୍ୟବସ୍ଥା ସହ ଅଗ୍ନିଶମ ଏବଂ ସୁରକ୍ଷା କର୍ମଚାରୀଙ୍କୁ ମୁତୟନ କରାଯିବ। ମନ୍ଦିର ଭିତରେ ସେମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱେଚ୍ଛାସେବୀ ସହଯୋଗ କରିବେ। ପ୍ରତି ହବିଷିଆଳି କେନ୍ଦ୍ରରେ ବିଭିନ୍ନ ପର୍ଯ୍ୟାୟରେ ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିୟୋଜିତ କରାଯିବ। ପ୍ରତ୍ୟେକ ହବିଷିଆଳିଙ୍କ ସମସ୍ତ ବନ୍ଦୋବସ୍ତ ସୁଚାରୁ ରୂପେ କରିବା ପାଇଁ ଜିଲାପାଳ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଏସ୍‌ପି ଉମାଶଙ୍କର ଦାଶ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଉପସ୍ଥିତ ଥିଲେ।